# ନରଦେବତା

-ଦୃଶ୍ୟକାବ୍ୟ-

ଡାକ୍ତର ଅଦ୍ୱୈତଚନ୍ଦ୍ର ମହାନ୍ତି

ଗ୍ରନ୍ଥ ମନ୍ଦିର

# ନର-ଦେବତା

( ପୌରାଣିକ ଦୃଶ୍ୟ କାବ୍ୟ )

ପ୍ରଣେତା

ଡାକ୍ତର ଶ୍ରୀ ଅଦ୍ୱୈତଚନ୍ଦ୍ର ମହାନ୍ତି

ଏଲ୍. ଏମ୍. ପି.

ପ୍ରଥମ ଅଭିନୟ :

ଅନ୍ନପୂର୍ଣ୍ଣା ଥିଏଟର 'ବି' ଗ୍ରୁପ

ପ୍ରକାଶକ—

ଶ୍ରୀ ଅଭିରାମ ମହାପାତ୍ର, ବି.ଏ.

**ଗ୍ରନ୍ଥ ମନ୍ଦିର**

କଟକ-୨ : ବ୍ରହ୍ମପୁର

ମୂଲ୍ୟ ଟ ୩.୨୫

ପ୍ରଥମ ସଂସ୍କରଣ

୧୯୫୯

ମୁଦ୍ରାକର—

ଶ୍ରୀ ହରନାଥ ପ୍ରେସ

କଟକ—୨

# ତୁମେ ଜାଣିବ—

❋

## ସଂଳାପ—

...“କଥା ଦେଇଥିଲ, ରଖିଲନି’
ବ୍ୟଥା ଦେଇଗଲ ମାଗି,
ସଙ୍ଗୀ ନ କଲ, ସଙ୍ଗିନୀ ବୋଲି
ଅଧୁର ରଖିଲ ବାକି ?”...

❋

## ଜନାନ୍ତିକେ—

...“ଅଶ୍ରୁ ନୁହେଁ, ଦୁଃଖୀର ନୟନ ବାହି
ସେତ ଚିରଦିନ ଝରେ,
ଏ’ଯେ ତରଳ ପାବକ, ଅନ୍ତସ୍ଥଳ ଭେଦି
ମୋର ଜୀବନେ ପ୍ରସରେ !”...

❋

## ସ୍ୱଗତ —

...“ଏଇ ଜୀବନର ଯାତ୍ରା-ଶେଷେ
ପଶ୍ଚାତେ ଦେଲେ ଦୃଷ୍ଟି ,
ତୁମ ‘ଅବଶେଷ’ ନାଚଇ ନୟନେ,
ସେଇ ହେଉ ଦିବ୍ୟ ସୃଷ୍ଟି ।।”...

❋

—ନାଟ୍ୟକାର—

## ପ୍ରାରମ୍ଭରୁ............

ଏବେ ଶୁଣାଯାଏ ପୌରାଣିକ ନାଟକ ଏ ଯୁଗରେ ଅଚଳ । ମାତ୍ର ମୋର କଲମ ସେ ଦଗରେ ସଚଳ ହେବାର ଗୋଟାଏ କାରଣ ଥିଲା । ଅନ୍ନପୂର୍ଣ୍ଣା ଥିଏଟର 'ବି' ଗ୍ରୁପ୍‌ର ସ୍ୱତ୍ୱାଧିକାରୀ ବନ୍ଧୁ ଶ୍ରୀ ଲିଙ୍ଗରାଜ ନନ୍ଦଙ୍କର, କ'ଣ ପାଇଁ କେଜାଣି, ପୌରାଣିକ ନାଟକ ପ୍ରତି 'ଝୁଙ୍କ' ହେଲା । ମୋର 'ରାଧିକା' ମଞ୍ଚସ୍ଥ କରାଇସାରି ଆଉ ଖଣ୍ଡିଏ ପୌରାଣିକ ନାଟକ ପାଇଁ ସେ 'ଜିଦ୍' ଧରିଲେ । ଲେଖିଲି 'ନରଦେବତା' । 'ନରଦେବତା' ସଚଳ ହେଲା କି ଅଚଳ ହେଲା—ସେ ବିଚାରର ଦେଶବାସୀ କରି ସାରିଚନ୍ତି । 'ନରଦେବତା' ମନ୍ଦ ସୃଷ୍ଟି ବୋଲି କେହି କହି ନାହାନ୍ତି ଏଯାଏଁ ।

'ଗ୍ରନ୍ଥମନ୍ଦିର' ଦ୍ୱାରା 'ନରଦେବତା' ଏବେ ମୁଦ୍ରିତ ଓ ପ୍ରକାଶିତ ହେଲା । ମାତ୍ର ସେତିକି ତା'ର ପ୍ରକାଶର ଇତିହାସ ନୁହେଁ । ମୋର ଜୀବନର ସର୍ବାଧିକ ମର୍ମନ୍ତୁଦ ମୁହୂର୍ତ୍ତିରେ ବନ୍ଧୁ ଶ୍ରୀ ଶ୍ରୀଧର ମହାପାତ୍ର ( ଗ୍ରନ୍ଥମନ୍ଦିର ) ମୋଠାରୁ କେବଳ 'ନରଦେବତା'ର ପାଣ୍ଡୁଲିପି ନୁହେଁ—ମୋର ଗଭୀରତମ ଶ୍ରଦ୍ଧା ଓ କୃତଜ୍ଞତା ମଧ୍ୟ ନେଇ ଯାଇଥିଲେ—ସେ ବନ୍ଧୁତାର ପ୍ରକାଶ ଏ ପୁସ୍ତକ ପ୍ରକାଶଠାରୁ ବଳି ଶ୍ରେୟସ୍କର ।

ବହୁବର୍ଷ ତଳେ ବଙ୍ଗଳାରୁ ଅନୂଦିତ "କିରାର୍ଜୁନ" ନାଟକରେ ମୁଁ ଅର୍ଜୁନ ଭୂମିକାରେ ଅଭିନୟ କରିଥିଲି ଓ ସେ ନାଟକାଭିନୟରେ ନିର୍ଦ୍ଦେଶ ଦେଇଥିଲି । ତହିଁର ଗୋଟିଏ ଦୁଇଟି ଦୃଶ୍ୟ ଯୋଜନାର ଛାୟା, ଖୁବ୍ ଅଳ୍ପ ହେଲେ ବି, 'ନରଦେବତା'ରେ ପଡ଼ିଛି—ଏହା ସ୍ୱୀକାର୍ଯ୍ୟ ।

ଆଉ ଟିକିଏ କହିଦିଏ—'ନରଦେବତା' ଦୃଶ୍ୟ-କାବ୍ୟ, ଘଟଣାର ଅଲୌକିକତା ରହିବା ଉଚିତ କି ନୁହେଁ କହୁନାହିଁ—ମାତ୍ର ଏଥିରେ ରହିଛି । ମୋର ମନେହୁଏ ପୁରାଣର ବର୍ଣ୍ଣନା ପ୍ରକାରେ ପୌରାଣିକ ଆଖ୍ୟାନର ଘଟନା ଗୁଡ଼ିକ ସହିତ ଆମର ସାକ୍ଷାତ୍ ବା ନିକଟ ପରିଚୟ ନଥିବାରୁ ଓ ସେସବୁ ଘଟଣା ସ୍ୱର୍ଗ—ମର୍ତ୍ତ୍ୟ—ପାତାଳ ଆଦି ଆମ ଅଦେଖା ଅଞ୍ଚଳମାନଙ୍କରେ ଘଟି ଥିବାରୁ ନାଟ୍ୟକାର କଳ୍ପନାର ଆଶ୍ରୟ ନିଏ—ଅଲୌକିକତା ଆପଣା ଛାଏଁ ଫୁଟିଉଠେ । ତେବେ, ସଫଳ ହେବା ଚଳେ । ମୁଁ ସଫଳ ହୋଇଛି ।

ଅମିତ୍ରାକ୍ଷର ଛନ୍ଦ ଭଳି ଛନ୍ଦ—ବଙ୍ଗର ନାଟ୍ୟଗୁରୁ ଗିରୀଶଚନ୍ଦ୍ରଙ୍କ ପରଠାରୁ ଏବଯାଏ—ଯାହା ନାଟକରେ ବ୍ୟବହୃତ ହୋଇ ଆସୁଚି ତାକୁ ପୁଣି **blank verse** କୁହାଯାଉଚି । ସେଇ **blank verse** ମୁଁ ବାଛିଚି "ନର ଦେବତା" ପାଇଁ; କେତେକ ଦୃଶ୍ୟରେ ଗଦ୍ୟ ମଧ୍ୟ ବ୍ୟବହାର କରିଚି । ଭଲ—ମନ୍ଦ ଏବେ ପୁଣି ନିର୍ଦ୍ଧାରଣ କରି ହେଉନାହିଁ—କାରଣ ଅନ୍ନପୂର୍ଣ୍ଣାରେ ମଞ୍ଚସ୍ଥ ହେଲାବେଳେ ଅଜସ୍ର ପ୍ରଶଂସା ତ ଲାଭ କରିଚି ! ଏବେ ପ୍ରକାଶିତ ହେଲା—ପାଠକେ ଏଣି କି କହିବେ । ଇତି ।

ପୁରୀ
ଶିବରାତ୍ରୀ, ୭ । ୩ । ୪୯

ନାଟ୍ୟକ

# ଦୃଶ୍ୟ — ଏକ

## —ହିମାଳୟ ଗିରିଶ୍ରେଣୀ—

ଧ୍ୟାନରତ ଅର୍ଜୁନ । ହଠାତ୍ ବସନ୍ତର ସମାଗମ ହେଲା ପରେ ଚତୁର୍ଦ୍ଦିଗ ଉନ୍ମାଦିତ ହୋଇ ଉଠିଲା । ବୃକ୍ଷଲତା ଫଳପୁଷ୍ପରେ ପୂର୍ଣ୍ଣ ଉଠିଲେ—ଭ୍ରମରର ଗୁଞ୍ଜନ, କୋକିଳର କୁହୁତାନରେ ବନଭୂମି ଭରି ଉଠିଲା । ମଳୟର ହିଲ୍ଲୋଳରେ ନବପଲ୍ଲବାବଳୀ କମ୍ପି ଉଠିଲେ ।

× × × ×

ସ୍ୱର୍ଗର ଅପ୍‌ସରା ଉର୍ବଶୀ ଆବିର୍ଭୂତା ହୋଇ ମଧୁର ଛନ୍ଦରେ ନୃତ୍ୟ ଆରମ୍ଭ କଲେ ।

× × × ×

( ଦେବରାଜ ଇନ୍ଦ୍ରଙ୍କର ପ୍ରବେଶ )

ଇନ୍ଦ୍ର—ଏ କି କରୁଛ ଉର୍ବଶୀ ?
ଏ କି ଭ୍ରମ ?

ଉର୍ବଶୀ—ଭ୍ରମ ! ନା ତ ଦେବେନ୍ଦ୍ର !
ସାଧୁଅଛୁ ଦେବକାର୍ଯ୍ୟ ।
ପାଳୁଅଛୁ ବାସବ-ଆଦେଶ ମାନ ।

ଇନ୍ଦ୍ର—ବାସବ-ଆଦେଶ । ଦେବକାର୍ଯ୍ୟ ।
ନା, ନା, ଉର୍ବଶୀ—
ମହାଭ୍ରମ ଆଚରୁଛ ତୁମେ ।
ଉର୍ବଶୀ—କିବା ଭ୍ରମ ଦେବରାଜ ?
ଏହ୍ନି ତ ସେ ହିମଗିରି ଦେଶ,
ଏହ୍ନି ତ ସେ ଯୋଗମଗ୍ନ ଦୈତ୍ୟେନ୍ଦ୍ର କବରେ ।
ଇନ୍ଦ୍ର—ନା—ନା !
ନୁହେଁ ତ ଏ ଦୈତ୍ୟେନ୍ଦ୍ର କବରେ ।
ନରୋତ୍ତମ ତୃତୀୟ ପାଣ୍ଡବ
ଯୋଗମଗ୍ନ ସମ୍ମୁଖେ ତୁମ୍ଭର ।
ଉର୍ବଶୀ—(ଅର୍ଦ୍ଧସ୍ବଗତ) ନରୋତ୍ତମ ତୃତୀୟ ପାଣ୍ଡବ !—
( ମୁଗ୍ଧନେତ୍ରରେ ଯୋଗମଗ୍ନ ଅର୍ଜୁନଙ୍କୁ ଚାହିଁ ରହିଲେ )
ଇନ୍ଦ୍ର—କି ଲାଗି ରହିଲ ଚାହିଁ ଅପଲକ ନେତ୍ରେ
ଧ୍ୟାନରତ ପାଣ୍ଡବେ ଏସନ ?
ଯାଅ ତ୍ଵରା—
ଅଦୂରେ ଅପେକ୍ଷା କରେ ସାରଥୀ ମାତଲି,
ଲକ୍ଷ୍ୟ ସ୍ଥଳେ ଦେବ ପହଞ୍ଚାଇ ।
ନକର ବିଳମ୍ବ ।
ଉର୍ବଶୀ—ତୃତୀୟ ପାଣ୍ଡବ । ଅର୍ଜୁନ !!—
( ଭୁଲିପାରୁନାହାନ୍ତି ଯେପରି ସେ ମୂର୍ତ୍ତି )
ଇନ୍ଦ୍ର—ହଁ, ହଁ, ତୃତୀୟ ପାଣ୍ଡବ ଅର୍ଜୁନ ।
ଦେଖୁନାହଁ—
ଆଜାନୁଲମ୍ବିତ ବାହୁ, ସୁବିଶାଳ ବକ୍ଷ,

ଗମ୍ଭୀର ମୂରତି, ଅତ—
ଶୌର୍ଯ୍ୟ ବୀର୍ଯ୍ୟ ପ୍ରକାଶକ
ମୁଖ-ପଦ୍ମ ଠାଣି ।
ଚୁହିଁ ଦେଖ—
ନବୀନ ନୀରଦ ଜିଣି କାନ୍ତିର ଝଲକ ।
ଲୁଚି କି ପାରଇ କେବେ କୃଷ୍ଣ-ସଖା ପାର୍ଥ ?

( ଇତ୍ୟବସରେ ଅର୍ଜୁନ ଆଖିମେଲି ଏ ଦୁହିଁଙ୍କୁ ଦେଖି ଚମକି ଉଠିଲେ )

ଅର୍ଜୁନ— କିଏ !
( ଉଠିଆସି ) ନା—ନିରାପଦ ନହଇ ଏ ସ୍ଥାନ !

ଇନ୍ଦ୍ର—ସଂପୂର୍ଣ୍ଣ ନିରାପଦ ଯୋଗି ।
ନାହିଁ ଆଶଙ୍କାର ଲେଶ ।

ଅର୍ଜୁନ—କିଏ ତୁମ୍ଭେ ?
ନିର୍ଜନ ଅରଣ୍ୟମୟ ହିମାଚଳ ଦେଶେ
ସୁନ୍ଦର ସୁଠାମ ବପୁ—କିଏ ତୁମ୍ଭେ ?
ବେଶ ଭୂଷା କହେ ଯେହ୍ନେ
ରାଜକୁଳେ ଜନ୍ମ ତବ;
ସଙ୍ଗେ ପୁଣି ଅନିନ୍ଦ୍ୟ ସୁନ୍ଦରୀ ଏହି
ରମଣୀରତନ ।

( ଉର୍ବଶୀ ଚୁଲିଗଲେ )

ଏ କଣ !
ଅକସ୍ମାତ୍ ଗଲେ ଚୁଲି ?
କଲି ଅପରାଧ ପରି—
ସମ୍ଭ୍ରମ ପାଶୋରି କ୍ଷଣେ
ପ୍ରଶଂସିଲି ରୂପସୀର ରୂପେ ।

ଇନ୍ଦ୍ର—ନ ହୁଅ ଚକିତ ।
କହେ ସତ୍ୟ ଭାଷ; ଶୁଣ,
ସଦାଶିବେ ତୁଷ୍ଟ କରି ଶକ୍ତିଲଭି ଆଗେ
କଠୋର ତପସ୍ୟାରତ
କାଲକେୟ ଦୈତ୍ୟପତି କବଚ ଅଦ୍ରିରେ ।
ଆତଙ୍କିତ ଦେବକୁଳ ।
ଦାନବର ତପୋଭଙ୍ଗ ଲାଗି
ସ୍ୱର୍ଗର ଅପ୍‌ସରାଗଣ ନିୟୋଜିତ ତେଣୁ ।
ଅକସ୍ମାତ୍ ପଥ ଭୁଲି—
ଆଜି ସେ ପ୍ରସଙ୍ଗ ପୁନ ।
ଅର୍ଜୁନ—ପୁନ ! କିଏ ତୁମେ ?—
ନଗଣ୍ୟ ଏ ତୀର୍ଥଗୃହୀ ସନେ
କଳ୍ପନା ତ ପରିହାସ ?
ଭାଗ୍ୟବାନ ସୁପୁରୁଷ ତୁମ୍ଭେ,
ଉଚ୍ଚକୁଳେ ଜନ୍ମ ତବ ହୁଅଇ ପ୍ରତୀତ;
ଇଷ୍ଟସାଧନ-ବ୍ରତୀ ଅଖ୍ୟାତ ଏ ଜନ
ଭ୍ରମେ ବନେ ବନେ—
ତୁମ୍ଭେ ତାରେ ପୁନ ବୋଲି କର ସମ୍ବୋଧନ ।

ଇନ୍ଦ୍ର—ଭସ୍ମ ଦେଇ ଢାଙ୍କିଲେ କି
ଅଗ୍ନିଖଣ୍ଡ ନ ପଡ଼ଇ ଜଣା ?
ବିନୟ ପ୍ରକାଶେ ତବ,
ପ୍ରଚ୍ଛନ୍ନ ରହିବା ଲାଗି ଶତ ଇଚ୍ଛା ଠେଲି
ଫୁଟି ଉଠେ ପରିଚୟ ତବ

ପାଣ୍ଡବ ଫାଲ୍‌ଗୁନୀ ! ମୁହିଁ ଯେ ଜନକ ତବ—
ଦେବେନ୍ଦ୍ର ବାସବ,
ପିତୃ ପାଶେ ପୁତ୍ର ପରିଚୟ ରହିବ କି ଲୁଚି ?
ଅର୍ଜୁନ—ଦେବରାଜ ! କ୍ଷମ ଅପରାଧ,
ବହୁଭାଗ୍ୟ ଫଳେ ଲଭିଲି ଦର୍ଶନ ତବ;
ଜନ୍ମଦାତା ମୋର !
ଘେନ ଏବେ ପ୍ରଣତି ଚରଣେ । **( ପ୍ରଣତ ହେଲେ )**
ଇନ୍ଦ୍ର—କରେ ଆଶୀର୍ବାଦ ।
ଦୁଷ୍କୃତ ଦଳନେ ପଟୁ
କୃଷ୍ଣ-ସଖା ପାର୍ଥ ନାମ ତବ
ହେଉଥିବ ସାର୍ଥକ ଭବେ !
ଅର୍ଜୁନ—ବହୁମାନେ ଘେନିଲି ଆଶିଷ ତବ
ଲଲାଟେ ତିଲକ କରି ।
ଆଜ ସେହି ଦୁଷ୍କର ସାଧନ ଲାଗି
ଶକ୍ତି-ଆହରଣେ ବହୁପଥ ବାହି,
ହିମଗିରି-ତୀର୍ଥଗୁହା ମୁହିଁ,—
ଶକ୍ତିର ଦେବତା ଶିବେ
ତୁଷ୍ଟ କରି ବ୍ରତ ମୋର କରିବି ପାଳନ ।
ଇନ୍ଦ୍ର—ନାହିଁ ଚିନ୍ତା !
ଶିବ, ବିଷ୍ଣୁ, ବ୍ରହ୍ମା ଆଦି ସକଳ ଦେବତା
ଢାଳିବେ ମସ୍ତକେ ତବ ମଙ୍ଗଳ ଆଶିଷ ।
କିଏ ବା ନ ଗୃହେଁ ଭବେ,
ପରିପୂର୍ଣ୍ଣ ଶାନ୍ତି, ଅଭି ଦୁଷ୍କୃତ-ବିନାଶ ?
ନାହିଁ ଚିନ୍ତା ଧନଞ୍ଜୟ !

ଆସ ଏବେ ଯିବା ସ୍ୱର୍ଗପୁରେ ।
ଭାଗ୍ୟବଳେ ଭେଟିଲି ମୁଁ ପୁତ୍ରରତ୍ନେ ମୋର—
ଏ ସୁଯୋଗ ନ ଛାଡ଼ିବି କେବେ ।
ଆସ ବାରେ ଇନ୍ଦ୍ରପୁରୀ କରିବ ଦର୍ଶନ;
ଇନ୍ଦ୍ରାଣୀଙ୍କ ନୁହନ୍ତି ଜନନୀ ତବ ?

**ଅର୍ଜୁନ**—କିଏ କହେ ନୁହନ୍ତି ସେ ?
ଅମରାର ରାଣୀ ସେହୁ ଅମର ବନ୍ଦିତା,
ଜନନୀ ସମ୍ପର୍କି ତାଙ୍କୁ
ଫାଲ୍‌ଗୁନୀ ହୋଇବ ଧନ୍ୟ ।
ଜନ୍ମ ହେବ ସାର୍ଥକ ତାହାର !
**କିନ୍ତୁ,** ବ୍ରତ ମୋର
ପୂରିନି ଏ ଯାଏଁ ଦେବ !
ଅର୍ଦ୍ଧ ପଥେ ତେଜିଲେ ସାଧନା—

**ଇନ୍ଦ୍ର**—ଚିନ୍ତା ନାହିଁ—ଅମ୍ବଜୟୀ ବୀର
କି ଲାଗି ଉଦ୍‌ବିଗ୍ନ ଏତେ ବ୍ରତାଗ୍ରହ ଲାଗି ?
ହୃଦସ୍ଥିତ ବାସୁଦେବ—
କର୍ମଯୋଗୀ ପ୍ରିୟ ସଖା ତବ ।
ତାଙ୍କର ନିର୍ଦ୍ଦେଶେ ଧନେ
କର୍ମ ତବ ହେବ ପରିସ୍ଫୁଟ—
ତୁଷ୍ଟ ହେବେ ସଦାଶିବ,
ତୁଷ୍ଟ ହେବେ ସକଳ ଦେବତା—
ଶକ୍ତିର ସାଧନା ତବ ହୋଇବ ସାର୍ଥକ ।
ଆସ ମୋର ତୁଲେ—

(ଅର୍ଜୁନଙ୍କୁ **ସଂଗରେ ଘେନ ପ୍ରସ୍ଥାନ**)

× × ×

( କିଛିକ୍ଷଣ ପରେ ଧୀରେ ଧୀରେ ଉର୍ବଶୀ ପ୍ରବେଶ କଲେ ଉତ୍ତର ଦିଗରୁ । ଚିନ୍ତିତ ମନରେ ଖଣ୍ଡିଏ ଶୀଳା ଉପରେ ବସି ପଡ଼ିଲେ । )

× × ×

ଉର୍ବଶୀ—ନରୋତ୍ତମ ତୃତୀୟ ପାଣ୍ଡବ !!

× × ×

ଚୂର୍ଣ୍ଣ ହେଲା—ଚୂର୍ଣ୍ଣ ହେଲା
ସତେ ମୋର ଯୌବନର ଦର୍ପ,
ରୂପର ଗୌରବ !

(କାମଦେବଙ୍କର ଆବିର୍ଭାବ)

କାମ—ଉର୍ବଶୀ !
କି କାରଣେ ତୁମ୍ଭେ ଏଥି
ନିର୍ଜ୍ଜନେ ରହିଛ ବସି ?
ଭୁଲିଛ କର୍ତ୍ତବ୍ୟ ?
ବିଳାସ-ସମ୍ଭାର ସାଜି, ମୁଁ ଗୋ ତେଣେ
ରହିଛି ଅପେକ୍ଷି,
ତୁମ୍ଭେ ଅସି—
ଛି, ଛି,—
ଆସ, ଦେବତାଙ୍କ ଇଷ୍ଟସିଦ୍ଧି,
ବାସବ-ଆଦେଶ, ଭୁଲିଲ କି ସବୁ ?
ଦାୟିତ୍ୱ ପାଶୋର ଶେଷେ—

ଉର୍ବଶୀ—ସେ ଦାୟିତ୍ୱ ପାଳନେ ଶକ୍ତି
ନାହିଁ ମୋ କନ୍ଦର୍ପ !
ବୃଥା କଥା—

କାମ—ଏ କି କଥା କହୁଛ ଉର୍ବଶୀ ?
ଦେବେନ୍ଦ୍ର ହୋଇବେ ତୁଷ୍ଟ—
ଦେବତା-ସମୀପେ ତୁମ୍ଭେ
ହେବ ଗୋ ଲାଞ୍ଛିତା !
ଏ କି ହେଲା ଅକସ୍ମାତ୍—
କହ ଗୋ ଏକାନ୍ତେ ମୋତେ ।
ମନୋରାଜ୍ୟେ ଏ କି ବିପର୍ଯ୍ୟୟ—
କି ଲାଗି ଘଟିଲା ତବ ମାନସ-ବିକାର ?
ଭାବୁଅଛ ପରା,
ପାଣ୍ଡବ ଅର୍ଜୁନ ତୁଲେ
ବ୍ୟର୍ଥ ହେଲା ପ୍ରୟାସ ତୁମ୍ଭର ବୋଲି,
ଦାନବ କବଚ ପାଶେ ହେବ ପରାଜିତା ?
ବୃଥା—ବୃଥା ଏ ଆଶଙ୍କା,
ଦାନବ କବଚ ନୁହେଁ
ଆତ୍ମଜୟୀ ବୀର ଧନଞ୍ଜୟ !
ଉର୍ବଶୀ—ଶୁଣ କାମଦେବ !
ଅନ୍ତରେ ବାନ୍ଧିଛୁ ଯେଉଁ ପରାଜୟ-ଗ୍ଲାନି,
ସହସ୍ର ଦାନବ-ଶତ୍ରୁ-ବିଜୟ-ଗୌରବେ
ନ ଲିଭିବ କାଳିମା ତାହାର !
କ୍ଷମା କର ମୋତେ—
ଅଯୋଗ୍ୟା ବିଚାରି ଏବେ
ଅନ୍ୟ କା'ରେ କର ନିୟୋଜିତ ;
ଦେବତାର ଇଷ୍ଟ ହେଉ—
ଦେବରାଜ ହୁଅନ୍ତୁ ନିଶ୍ଚିନ୍ତ !

କାମ—ତାହାହିଁ କର୍ତ୍ତବ୍ୟ ଏବେ ।
ଯାଏ—କାହିଁ'ଛନ୍ତି ରମ୍ଭା, ତିଲୋତ୍ତମା,
ମେନକା ଅପ୍ସରୀ କୁଳ ।
ବିଳମ୍ବ ନ ସହେ—
କବଚ ଲଭିଲେ ସିଦ୍ଧି,
ଦେବତାର ଇଷ୍ଟ ଆଉ କାହିଁବା ସମ୍ଭବ ?
ନା—ନା—ବିଳମ୍ବ ନ ସହେ ଆଉ—

(ଅନ୍ତର୍ଦ୍ଧାନ)

ଉର୍ବଶୀ—ଦେବତାର ଇଷ୍ଟ !!—
ଉର୍ବଶୀର କି ଲଭ ତହିଁରେ ଆଉ ।
କେତେକ ମୁହୂର୍ତ୍ତି ଆଗେ
ଦେବତାର ଇଷ୍ଟ-ଚିନ୍ତା କାମ୍ୟ ଥିଲା ତାର ।
ଏବେ ତାର ହୃଦଭର ବ୍ୟର୍ଥତାର ଗ୍ଲାନି,
ବୁକୁ ଭରି ପରାଜୟ-କଳଙ୍କ-କାଳିମା ।
ଦେବତାର ଇଷ୍ଟ ନୁହେଁ—
ନିଜର ସେ ଇଷ୍ଟଲାଭେ କରିବ ଯତନ ।
ନା—ନା—ସାଧନା,—
କଠୋର ସାଧନା ଫଳେ
ସିଦ୍ଧିଲାଭ କରିବ ନିଶ୍ଚୟ—
ଯୁଗେ ଯୁଗେ ସମ୍ଭବ ଯା କରିଛି ଉର୍ବଶୀ ।
ସାଧନା—ତା ପରେ ସିଦ୍ଧି—
ହାଃ ହାଃ ହାଃ ହାଃ ।

( ପ୍ରସ୍ଥାନ )

# ଦୃଶ୍ୟ — ଦୁଇ

## —କାଳକେୟ ରାଜଧାନୀର ପଥ—

( ତୋଡ଼ ଓ ହସନ୍ତ କଥା କହୁକହୁ ପ୍ରବେଶ କଲେ )

ତୋଡ଼—ମୁଁ କିଛି ବୁଝି ପାରୁନାହିଁ । ମତେ ଗୋଟି ଗୋଟି କରି କହ । ଆଚ୍ଛା, ତେମେ ଜାତିରେ କ'ଣ ? ଦେବତା ?

ହସନ୍ତ—ନା ଆଜ୍ଞା ! ଦେବତାଙ୍କ ପାଖଲୋକ —ମାନେ —ଗନ୍ଧର୍ବ ।

ତୋଡ଼—ମର୍ତ୍ତ୍ୟକୁ କାହିଁକି ଆସିଚ ?

ହସନ୍ତ—କହିଚି ପରା—ପ୍ରତିବାଦ ସ୍ୱରୂପ ! ଅର୍ଥାତ୍ ଦେବତାମାନେ ଯୋଉସବୁ ଅନ୍ୟାୟ ଅବିଚାର କରୁଛନ୍ତି, ସେ ସବୁ ମୋ ଆଖିରେ ଗଲା ନାହିଁ ।

ତୋଡ଼—ଏତେ ଦିନ ତ ଯାଉଥିଲା ?

ହସନ୍ତ—ଏଣିକି ବଳେଇ ପଡ଼ିଲା ଆଜ୍ଞା !

ତୋଡ଼—କ'ଣ ଏମିତି ବଳେଇ ପଡ଼ିଲା ?

ହସନ୍ତ—ସେ କଣ ଦିନ ଅଧିକର କଥା ଯେ, ଏମିତି ଠିଆ ଠିଆ କହି ପକେଇବି ?

ତୋଡ଼—କୋଉ କଥା କହିବ ? ଦେବତାମାନଙ୍କର ଅନ୍ୟାୟ ଅବିଚାର କଥା କ'ଣ ଆମକୁ ଅଜଣା ଅଛି ?

ହସନ୍ତ—ଅଜଣା ରହିବ କୁଆଡ଼ୁ ଆଜ୍ଞା ! ଜଣେଇ ଶୁଣେଇ ପରା ସେମାନେ ଅନ୍ୟାୟ କଲେଣି ଏଣିକି ! ଆଉ କାହିଁକି

ଡରିବେ ? କାହାକୁ ବା ଡରିବେ ? ସେଇ ସମୁଦ୍ର-ମନ୍ଥନ ବେଳୁ ତ ଉପରେ ଉପରେ ସବୁ ଭଲ ଭଲ ଜିନିଷ ତକ ହାତେଇ ନେଇଛନ୍ତି ଯେ—

ତାଡ଼—ହଁ, ଚନ୍ଦ୍ର ନେଲେ, ଲକ୍ଷ୍ମୀ ନେଲେ, ଅମୃତ ବି ନେଲେ—

ବସନ୍ତ—ଐରାବତ ନେଲେ, ଉଚ୍ଚୈଃଶ୍ରବା ନେଲେ, ଇତ୍ୟାଦି ଇତ୍ୟାଦି ଯାହା କିଛି ଭଲ ଭଲ ଜିନିଷ—ସବୁ । ଶେଷକୁ ଭଲ ଫୁଲଟିଏ ଦେଖି ବି ଦିହ ସହିଲା ନାହିଁ ଯେ, ପାରିଜାତ—ପାରିଜାତ ଆଣି—ତାକୁ ବି ନେଲେ—

ତାଡ଼—ଜଣା ଅଛି । ସବୁକଥା ଜଣା ଅଛି ।

ବସନ୍ତ—ବାକୀ ଆପଣମାନେ—ଅର୍ଥାତ୍ ଆପଣମାନଙ୍କର ଏଇ ଦାନବ ଜାତି—ଯାର ବାହୁବଳରେ ସମୁଦ୍ର ମନ୍ଥନ କାମଟି ସୁର୍-ଖୁର୍‌ରେ ସମାଧାନ ହେଲା—ସେହି ଆପଣମାନେ ଆଜି ଦେବତାଙ୍କ ଆଖିରେ ଛୋଟ—ହୀନ—ଅଯୋଗଣ୍ଡ !

ତାଡ଼—କ୍ଷମତା ପାଇଗଲେ ପରି—

ବସନ୍ତ—ହଁ ସେହି କ୍ଷମତା । ଆପଣମାନେ ଲହୁ ଲୁହ ଏକାକାର କଲେ, ସେମାନେ ହେଲେ କ୍ଷମତାଶାଳୀ ! ଏବେ ଉପରେ ଥାଇ ଆଦେଶ ଜାରି କଲେ । ଦଣ୍ଡ ମୁଣ୍ଡର କର୍ତ୍ତା ହେଲେ—ଆପଣମାନଙ୍କୁ ଛୋଟ କରି ଗଣିଲେ । କ୍ଷମତାର ଗର୍ବ ତାଙ୍କ ମନ ଭିତରେ ବସା ବାନ୍ଧିଲା—ତେଣୁ ମନଇଚ୍ଛା ଅବିଚାର କଲେ । ବ୍ୟଭିଚାର କଲେ—ନ୍ୟାୟର ତଣ୍ଟି ଚିପି ମାରିଲେ । ନିଜର ସୁବିଧା ପାଇଁ, ନିଜର ସ୍ୱାର୍ଥସିଦ୍ଧି ପାଇଁ ଯାହା ଇଚ୍ଛା କଲେ ତା କରି ପାରିଲେ—ତାଙ୍କୁ କହିବାକୁ ତ ଆଉ କେହି ରହିଲେ ନାହିଁ !!

ତୋଡ଼ି—କିଏ ଆଉ କହନ୍ତା ବାବା ? ମଣିଷ ଗୁଡ଼ାକତ ତାଙ୍କ ନାଁରେ କାଠ ପଥରକୁ ବି ପୂଜା କଲେ । ବାକୀ ରହିଲା ଆମର ଏଇ ଦୈତ୍ୟ ଜାତିଟା । ହେଲେ ଯୁଗ ଯୁଗ ଧରି ଏଇ ଦୈତ୍ୟ ଜାତି ଉପରେ ଯେମିତି ସବୁ ଦମନ ଚାଲିଛି—ସେଥିରେ—

ହସନ୍ତ—ମୁହଁ ଖୋଲିଲେ ହେଲେ ଦୋଷୀ । ସାଙ୍ଗେ ସାଙ୍ଗେ ଦେବତାମାନେ କହିବେ, "କଣ ହେଲା ! ବିଦ୍ରୋହ କଲ ? ପୃଥିବୀରେ ଅଶାନ୍ତି ସୃଷ୍ଟି କଲ ? ଯାଅ ନାରାୟଣ ! ଯିବଟି ଅବତାର ଧର ।"

ତୋଡ଼ି—( ହସି ହସି ) କହନା—କହନା ବାବା, ସେ ଅବତାର ଧରିବା କଥା ! କଇଁଛ—କୁମ୍ଭୀର ଠୁଁ ଆରମ୍ଭ କରି ଘୁଷୁରି, ହାତୀ ଯାଏ—ଯାହା ମନକୁ ପାଇଲା ଗୋଟାଏ ରୂପଧରି କହିଲେ, "ସେ ଅମୁକ ଅବତାର । ସେ ଅମୁକ ଅବତାର ।" ନ ହେଲା ବେଳକୁ ଜନ୍ତୁ ମଣିଷ ମିଶେଇ ଗୋଟାଏ କିମ୍ଭୂତ କିମାକାର ରୂପ ଧରି—

ହସନ୍ତ—ଓହ୍ଲେଇ ପଡ଼ିଲେ ପୃଥିବୀ ପୃଷ୍ଠରେ, କାରଣ ଆପଣ-ମାନଙ୍କର ହକ୍ ଦାବୀ ପୂରଣ କରି ବସିଲେ ତ କ୍ଷମତା ଉପରେ ଆଞ୍ଚ ଆସିବ । ମନଇଚ୍ଛା କ୍ଷମତା ଜାହିର କରି ପାରିବେ ନାହିଁ । ସେଥିପାଇଁ ଏ ଅପବାଦର ସୃଷ୍ଟି । କଣ ନା—ବିଦ୍ରୋହ ହେଲା, ଅଶାନ୍ତି ହେଲା—ସୃଷ୍ଟି ଧ୍ୱଂସ ହେଲା ।

ତୋଡ଼ି—ହେଲେ, ସେଇ ସବୁ ଅବତାରମାନେ ଏଠି ଆସି ଯୋଉ ଅନ୍ୟାୟ ଅବଚାର କରନ୍ତି—

ହସନ୍ତ—ଗୋଟାଏ କଥାରୁ ଦେଖୁ ନାହାନ୍ତି ଆଜ୍ଞା, ଇନ୍ଦ୍ର ତାଙ୍କ ଗାଦି ମାଡ଼ି ବସିଥିବେ ତ ବସିଥିବେ ! ଆଉ କେହି

ସେଥିପାଇଁ ଚେଷ୍ଟା କଲା ତ ସେ ହେଲା ଦୋଷୀ—ତା ପାଇଁ ବଜ୍ର ଅଛି, ଚକ୍ର ଅଛି, ତ୍ରିଶୂଳ ଅଛି । ଏମିତି ସବୁ ନାନା ଅନ୍ୟାୟ ଅତ୍ୟାଚାର ନିତି-ପ୍ରତି ସ୍ୱର୍ଗରେ ଥାଇ ଦେଖି, ଶୁଣି, ଭୋଗି ନିତାନ୍ତ ଯେତେବେଳେ ମନ ପିତା ହୋଇ ଉଠିଲା— ଛାଡ଼ି ଚାଲି ଆସିଲି ।

ତୋଡ଼—ହେଲେ ଏଇ ଦାନବ ରାଜ୍ୟରେ ତେମେ ଆଶ୍ରୟ ପାଇପାର—ମାନ ଏଠି ତେମେ ଚଳି ପାରିବ ତ ?

ହସନ୍ତ—କାହିଁକି ଚଳି ପାରିବି ନାହିଁ ଆଜ୍ଞା । ମୋର ଆଉ ଦେବତା କ'ଣ, ଦାନବ କ'ଣ ?

ତୋଡ଼—( ଗମ୍ଭୀର ଭାବେ ) ହୁଁ—

ହସନ୍ତ—ଅଚ୍ଛା, ମହାଶୟ । ଆପଣଙ୍କର ମହାରାଜା ଶୁଣିଲି—ଆମ ମହାଦେବଙ୍କର ତପସ୍ୟାରେ ମାତିଚନ୍ତି—?

ତୋଡ଼—ହଁ—

ହସନ୍ତ—ଏଇଟା କାହିଁକି ମୋ ମନକୁ ପାଉନାହିଁ; ପୁଣି ସେଇ ଦେବତାଙ୍କୁ ଖୋସାମତ୍ କାହିଁକି ?

ତୋଡ଼—ଖୋସାମତ ନୁହେଁ, ରୀତିମତ ସାଧନା କରି ବର ଲାଭ କରିବା କଥା । ବୁଝିଲ ବାପ—କୌଣସି ମତେ ଶକ୍ତି ହାସଲ କଲେ ସେଇ ଦେବତାଙ୍କୁ ଫେର୍—

ହସନ୍ତ—ଅଠାଠିକ୍ କରିବା କଥା । ତେବେ ଠିକ୍ ଅଛି, ତେବେ ଠିକ୍ ଅଛି । ଖୁବ୍ ଭଲ ବ୍ୟବସ୍ଥା ।—

ତୋଡ଼—ଶୁଣ ଗନ୍ଧର୍ବ—ତମ ନାଁ'ଟା କଣ କହୁଥିଲଟି ?

ହସନ୍ତ—ହସନ୍ତ ଆଜ୍ଞା—

ତୋଡ଼—ଅର୍ଥାତ୍ ତେମେ ଖାଲି ହସ ?

ହସନ୍ତ—ନାଇଁ ଅଜ୍ଞା, ହସୁଥିଲି; ଖୁବ୍ ହସୁଥିଲି । ହେଲେ, କେଇଦିନ ହବ ଦେଖୁଛି ସେ ହସ ମୋର କମି କମି ଆସୁଚି—

ତୋଡ଼ି—ହଁ, ମନଟା ଭଲ ନରହିଲେ—

ହସନ୍ତ—ଜାଣିଛନ୍ତି ତ ଅଜ୍ଞା ! ସେଥିପାଇଁ ପୂରାପୂରି ହସଟା ଲିଭି ଯିବା ଆଗରୁ ଖସି ପଳେଇ ଆସିଲି । ଏଠି ବେଶ୍ ହସି ପାରିବି ଆଶା କରୁଚି—ହାଃ ହାଃ ହାଃ ହାଃ—ହଁ, କମେ କମେ ବଢ଼େଇଲେ ଚଳିବ—ହାଃ ହାଃ ହାଃ ହାଃ—

ତୋଡ଼ି—ଥାଉ ଥାଉ ହସାହସି କରନା—ହସାହସି କରନା ! ଅଚ୍ଛା ହସବନ୍ତ ! ଏଠି କେମିତି ପେଟ ପୋଷିବ ? କାହିଁକିନା—ଏ ତ ଆଉ ସ୍ୱର୍ଗ ନୁହେଁ—ମର୍ତ୍ତ୍ୟରେ ପେଟଟା ହଉଚି ଅସଲ । କିଛି କାମଦାମ—?

ହସନ୍ତ—ଜଣା ଅଛି ଅଜ୍ଞା—ଜଣା ଅଛି । ଜାତରେ ଗନ୍ଧର୍ବ କି'ନା ।

ତୋଡ଼ି—କ'ଣ ?

ହସନ୍ତ—ଏଇ ନାଚ ବିଦ୍ୟା—ସ୍ୱର୍ଗରେ ପରି ନାଚ ଶିଖଉ ଅମେ ! ଯଦି କହିବେ—

ତୋଡ଼ି—ମୁଁ ଆଉ କ'ଣ କହିବି ? ତେବେ ତମକୁ ଚିରଦିନ ପୋଷିଲି ଭଲି ମୋର ଅବସ୍ଥା ନ ଥିବାରୁ କହିବା କଥା—

ହସନ୍ତ—ଆପଣ କ'ଣ କରିବା ହେଉଚନ୍ତି ଅଜ୍ଞା ?

ତୋଡ଼ି—ଅମେ ରାଜପୁରୀର ଖୋଦ୍ ମାଳି—ପ୍ରତିଦିନ ଫୁଲ ଯୋଗାଉ; ତା ଛଡ଼ା ଯୁକ୍ତି ବୁଦ୍ଧି ହେଲେ—ହେଁ ହେଁ—କମେ କମେ ସବୁ ଜାଣିବ—

ହସନ୍ତ—ଜାଣିବାକୁ ପଡ଼ିବ ଆଜ୍ଞା । ଛାଡ଼ନ୍ତୁ ସେ କଥା । ତେବେ କ'ଣ ଆଶ୍ରୟ ପାଇବ ମାଳି-ମହାଶୟ ?

ଡୋକ୍ରି—( ସେ କଥାରେ କାନ ନ ଦେଇ ଉଦ୍‌ବେଗ୍ନ ଭାବେ ) କୁଆଡ଼େ ଗଲା ଏତେବେଳଯାଏ ଝିଅଟା !!—

ହସନ୍ତ—କ'ଣ କହୁଚନ୍ତି ମାଳି ମହାଶୟ ? ଆପଣଙ୍କ ପାଖେ ଆଶ୍ରୟ ନ ପାଇଲେ ମୋ ଅବସ୍ଥା ବାରଣ୍ଡା-ଧକଡ଼ା ହୋଇଯିବ ।

ଡୋକ୍ରି—ବୁଝିଲ ବାବା—ଘରେ ମୋର କେହି ନାହିଁ । ଗୋଟିଏ ବୋଲି ଝିଅ—

ହସନ୍ତ—ମୁଁ ବ ସେଇ ଗୋଟିଏ ବୋଲି ପୁଅ ହୋଇ ରହିଯାନ୍ତି ଆଜ୍ଞା । (ଚନ୍ଦ୍ରାର ପ୍ରବେଶ ଗୃହେଁ ଦେଇ ଥମକି ଛିଡ଼ାହେଲା)

ଡୋକ୍ରି—ଏଇତ, ଆସିଚୁ ମା ! ରାଜବାଡ଼ୀର ଫୁଲ ଦି'ଟା ଦେଇ ଫେରୁ ଫେରୁ ଏତେ ଡେରି ! କୋଉଠି ଶୋଇପଡ଼ିଥିଲୁ କାଳେ ? ଆ ଯିବା !

ଚନ୍ଦ୍ରା—ବାପା, ସ୍ୟେ କିଏ ?

ହସନ୍ତ—ମୁଁ ହସନ୍ତ ନିଜେ ।

ଚନ୍ଦ୍ରା—ହସିଲ ।

ହସନ୍ତ—ହାଃ ହାଃ ହାଃ ହାଃ—

ଡୋକ୍ରି—ଥାଉ ଥାଉ ବାବା, ଥାଉ । ଆ ମା' ଯିବା—

ଚନ୍ଦ୍ରା—ସ୍ୟେ ଯିବେ ନାହିଁ—?

ହସନ୍ତ—(ଅଳି କଲାଭଳି) ନଉ ନାହାନ୍ତି ଯେ—।

ଚନ୍ଦ୍ରା—କାହିଁକି ନନ୍ଦନା ବାବା ? ହଁ ହଁ ତେମେ ଚାଲ—

ତୋଷ୍ଡ଼—ଶୁଣ୍ ମା । ସେ ଜଣେ ଆଶ୍ରୟପ୍ରାର୍ଥୀ ସ୍ୱର୍ଗ ରାଜ୍ୟର ଲୋକ—ଗନ୍ଧର୍ବ । ସେଙ୍କୁ ଆଶ୍ରୟ ଦେଲେ ରଜାଘର କାଳେ ବିରକ୍ତ ହେବେ ? ଶେଷକୁ ଦାନା ପାଣି ଗଣ୍ଡାକ ଯିବ—

ଚନ୍ଦ୍ରା—( ଗୋଡ଼ ନଚ୍ଚାଇ ଜଗର କଲଭଲ ) ନା ବାବା, ସେଙ୍କ ସାଙ୍ଗରେ ନାଅ—ଅ—ଅ—

ହସନ୍ତ—( ଚନ୍ଦ୍ରାର ଗୋଡ଼ କଚଡ଼ାକୁ ଲକ୍ଷ୍ୟକରି ) ବାଃ ବାଃ—ବେଶ୍ ହବ, ବେଶ୍ ହବ—

ତୋଷ୍ଡ଼—( ବିରକ୍ତ ଭାବେ ) କ'ଣ ବେଶ୍ ହବ ହସବନ୍ତ ?

ହସନ୍ତ—ଗୋଡ଼ର ଗଠନଟି ଯେମିତି, ପତନଟି ବି ସେମିତି—

ତୋଷ୍ଡ଼—କ'ଣ, ନାଚ ?

ଚନ୍ଦ୍ରା—ହଁ ବାବା, ମୁଁ ନାଚ ଶିଖିବି—

ହସନ୍ତ—ମୁଁ ଶିଖେଇ ଦେବି ।

ଚନ୍ଦ୍ରା—ତମକୁ ନାଚ ଆସେ ? ବାଃ ବାଃ ଭଲ ହବ । ଆସ, ତମକୁ ଯିବାକୁ ହବ । ( ହାତଧରି ହସନ୍ତକୁ ଟାଣିଲେ ) ହଁ, ତମକୁ ଯିବାକୁ ହବ—

ତୋଷ୍ଡ଼—ଚନ୍ଦ୍ରା ; ଚନ୍ଦ୍ରା—(ବିରକ୍ତ ହୋଇ )

ଚନ୍ଦ୍ରା—ତେମେ ଆସ ଗନ୍ଧର୍ବ । ନହେଲେ ମତେ ଚୋଲ ମାଡ଼ଲଣି, ମୁଁ ଏଇଠି ଶୋଇ ପଡ଼ିବି । ଆସ—ଆସ—ଆସ— ( ହସନ୍ତକୁ ଟାଣିନେଇ ଚାଲିଗଲେ )

ତୋଷ୍ଡ଼—ଚନ୍ଦ୍ରା ! ଚନ୍ଦ୍ରା !—ଚନ୍ଦ୍ରା !

( ଡାକି ଡାକି ପଛେ ପଛେ ଧାଇଁଗଲେ )

# ଦୃଶ୍ୟ — ତିନି

## —କୈଳାସ ଗିରି—

( ତୁଷାର ଶିଳାର ଆସନରେ ହର ପାର୍ବତୀ—କିଛି ଦୂରରେ ଅନ୍ୟ ଖଣ୍ଡିଏ ଶିଳା ଉପରେ ଦେବରାଜ ଇନ୍ଦ୍ର । )

ପାର୍ବତୀ—ହେ ମହେଶ !
ଶୁଣିଲ ତ ବାସବଙ୍କ କଥା ?
ମୋ ବଚ୍ନରେ
ଦେବତାଙ୍କ ଇଷ୍ଟ-ଚିନ୍ତା
ପ୍ରଥମ କର୍ତ୍ତବ୍ୟ ତବ ।
ମହାଦେବ—ଏ କି ଯୁକ୍ତି କର, କାତ୍ୟାୟିନି !
ଖାଲି ମୁଁ ଦେବତା ବୋଲି,
ଦେବତାର ସ୍ୱାର୍ଥଲାଗି
ଭକ୍ତଜନ-ସାଧନା ଉପେକ୍ଷି
ଅନୁଚିତ କର୍ମେ ହେବି ରତ ?
ଯୁଗେ ଯୁଗେ ନିନ୍ଦିତ ଘୃଣିତ ହେବ
ଶଙ୍କର ଧୂର୍ଜଟୀ ?
ନା—ନା—ଅସମ୍ଭବ ଅନୁରୋଧ ତବ ।
ପାର୍ବତୀ—ଦେବତାଙ୍କ ଦୁଃଖ ଯେବେ
ନ ବୁଝିବ ତୁମ୍ଭେ, ବୁଝିବ କିଏ ସେ ?

ମହାଦେବ—ଭକ୍ତ-ଦୁଃଖ କିଏସେ ବୁଝିବ,
ନ ବୁଝିଲେ ଭକତ-ବତ୍ସଳ ?
ଇନ୍ଦ୍ର—ହେ ଶଙ୍କର !
ନ ଜାଣ କି ତୁମ୍ଭେ,
ଦେବଙ୍କ ପ୍ରସାଦ ଲଭି
ଯୁଗେ ଯୁଗେ ଦୈତ୍ୟଗଣ
ଜାଗିଛନ୍ତି ବିପୁଳ ବିକ୍ରମେ ?
ଦେବକୁଳ ହୋଇଛନ୍ତି ବିପନ୍ନ ?—
ପୀଡ଼ିତ ଲାଞ୍ଛିତ ଯେତେ
ଦେବତାର ଗୌରବ ଗରିମା ?
ନ ଜାଣ କି—
ବାରମ୍ବାର ସ୍ୱର୍ଗ-ମର୍ତ୍ତ୍ୟ-ରସାତଳ-
ଦଶା-ବିପର୍ଯ୍ୟୟ ?—
ଯା'ଲାଗି ବହୁଛ ତୁମ୍ଭେ
ଯୋଗ୍ୟ ପ୍ରତିକାର—
ଧ୍ୱଂସର ସଙ୍କେତ ତୋଳି, ପ୍ରଳୟ ଦେବତା ?
ମହାଦେବ—ଜାଣେ, ଜାଣେ ପୁରନ୍ଦର—
ସବୁ ଜାଣେ ମୁହିଁ ।
ଦେବତା କରଇ ସୃଷ୍ଟି—
ଧାତା ତେଣୁ ନାମ;
ପାଳକ ସେ ବିଷ୍ଣୁ ସ୍ୱୟଂ ଗୋଲକବିହାରୀ;
ଧ୍ୱଂସର ଠାକୁର ବୋଲି
ସକଳେ ବୋଲନ୍ତି ମୋତେ !
ସୃଷ୍ଟିର ଯା' ଭଲ ମନ୍ଦ

ଦେବତା-ଇଂଗିତେ ଚଳେ ।
ଦେବଙ୍କ ନିର୍ଦ୍ଦେଶ ଘେନି
ନିତ୍ୟ ଗୁଳନା କରେ
ସୃଜନ-ରହସ୍ୟ-ରଥ !
କିନ୍ତୁ କହିବା ପାରିବ ଇନ୍ଦ୍ର,
ପାଳକ ତା ସ୍ୱାର୍ଥ ଲାଗି
ପାଳିତର କାତର କାକୁତି-ମୂଳେ
ହାଣିଲେ କୁଠାର—
ଏକାଗ୍ରତା କରିଲେ ଛେଦନ ତାର,
ରହିବ କି ସୃଷ୍ଟି, ଦେବତାର
ମହତ୍ତ୍ୱ-ଗୌରବ ?

ଇନ୍ଦ୍ର—ସବୁ ବୁଝେଁ ସଦାଶିବ !
କିନ୍ତୁ, ଦେବକୁଳ-ଭବିଷ୍ୟତ,
ସ୍ୱର୍ଗର ଶାନ୍ତି ସଂପଦ,
ନିଖିଳର ମଙ୍ଗଳ ଭାବନା
ଅସ୍ଥିର କରଇ ମୋତେ,
କରଇ ଅସ୍ଥିର ଯେତେ ଦେବତାଙ୍କ ଚିତ୍ତ !
କବଚ ଲଭିଲେ ଶକ୍ତ
ନ ରହିବ ସୃଷ୍ଟି—
ନ ରହିବ ଦେବତାର ମହତ୍ତ୍ୱ-ଗୌରବ;
ଭକତ ସକାଶେ ତବ
ଅଧୀର ଆଗ୍ରହ ଯେତେ
ପରିଣତ ହେବ ଶେଷେ ଦିବ୍ୟ ପ୍ରହସନେ ।

ମହାଦେବ—ତଥାପି ମୁଁ ନିରୁପାୟ ଶଚୀପତି ।
ଭକ୍ତର କଠୋର ତପ,
ନିର୍ମଳ ସାଧନା ପାଶେ—
ବିଶ୍ବର ବିତର୍କ ମୋର ସବୁ ପରାଜିତ ।
ହେଉ ସେ ଦେବତା, ଗନ୍ଧର୍ବ, ନର
ଅଥବା ଦାନବ—
ଭକ୍ତ ସେହୁ ମୋର,
ଭକ୍ତି-ଧନେ କିଣା ମୁହିଁ ଭକତର ଦାସ ।

ପାର୍ବତୀ—ଧନ୍ୟ ସେ ଦାନବ,
ଧନ୍ୟ ତାର କଠୋର ସାଧନା—
ଭୋଳାନାଥ ତୁଷ୍ଟ ଯାର ତପେ ।

ମହାଦେବ—କହ ତ ଶଙ୍କର ।
କେମନେ ସେ ଏକାଗ୍ର ସାଧନା ତାର
କରି ଅବହେଳା,
ବ୍ୟର୍ଥ କରି କଠୋର ପ୍ରୟାସ ତାର
ମୂର୍ଖ ସମ, ଜାତି-ସ୍ୱାର୍ଥଲାଗି
କରିବି ବଞ୍ଚିତ ତାରେ ?

ଇନ୍ଦ୍ର—ନିଷ୍ଠ ତ ହୋଇଛ ତେବେ,
ଏକାଗ୍ର ସାଧନା ତାର ହୋଇବ ସଫଳ ?
ସିଦ୍ଧିଲାଭ କରିବ ଦାନବ ?

ମହାଦେବ—ଯେ ଯାଏ କଣ୍ଟକ ଶୂନ୍ୟ
ସାଧନାର ପଥ,
ବାଧାହୀନ ତପସ୍ୟା ତାର ।

ଇନ୍ଦ୍ର—ବାଧା ମୁହିଁ କରିଛି ସୃଜନ,
କଣ୍ଟକ ରୋପିଛି ତାର ସାଧନାର ପଥେ;
କହେ ସତ୍ୟ ଭାଷ—
ବାସବ ରହିନ ସ୍ଥିର, ନୀରବ, ନିଶ୍ଚିନ୍ତ—
ତପୋବିଘ୍ନ ଲାଗି ତାର
ସ୍ୱର୍ଗର ଅପ୍‌ସରାଗଣ ନିୟୋଜିତା ଏବେ ।
ଆସିଥିଲି ଏଥି—

ପାର୍ବତୀ—ସେହି ତ ଉଚିତ ପନ୍ଥା ।
ମୋ ବିଚାରେ—କାମନାର ଦାସ,
ରିପୁର ସେବକ ଦୈତ୍ୟ
ଭୁଲିବ ନାରୀର ରୂପେ—
ରମଣୀ କଟାକ୍ଷ ଜାଲେ
ହୋଇବ ସେ ବନ୍ଦୀ ।
ବ୍ୟର୍ଥ ହେବ ଏକାଗ୍ରତା ତାର,
ଲୁପ୍ତ ହେବ ସାଧନାର
ଫଳଲାଭ ଆଶା—

ଇନ୍ଦ୍ର—ଆଉ ନଥିବ ସେ ଭକ୍ତି-ଧନ ତାର
କିଣିବାକୁ ଭକତବତ୍ସଳ ଶିବେ ! !
କଣ୍ଟକେ ଆହତ କରି
ପରମ ସାଧକେ ତବ—
ହେ ମହାମହିମ ଶିବ !
ନିଷ୍କଣ୍ଟକ କରିବା ସ୍ୱରଗ ମୁହିଁ—

( ପ୍ରସ୍ଥାନ )

ମହାଦେବ—ହାଃ ହାଃ ହାଃ ହାଃ—
ପାର୍ବତୀ—ହସିଲ ଯେ ପ୍ରଭୁ ?
ମହାଦେବ—ବୃଥା ଦର୍ପ ବାସବର—
ବୃଥା ଏହି ଆଡ଼ମ୍ବର,
କଥାର ଗୁରୁତ୍ୱ ।
ପାର୍ବତୀ—ବୃଥା ଦର୍ପ ବାସବର ?
ତୁମେ କି କହୁଛ ତେବେ,
ଏଡ଼ିକି ସେ ଅସ୍ତ୍ରଜୟୀ ନିବାତ କବଚ—
ନ ଭୁଲିବ ରମଣୀର ରୂପର କୁହୁକେ ?
ଲାଳସା ରହିବ ଏଡ଼ି—
ଏକାଗ୍ରତା ନ ହେବ ଶିଥିଳ ତାର ?
ମହାଦେବ—ବିଳମ୍ବ ଘଟିଛି, ଉମା !
ବହୁତ ବିଳମ୍ବ—
ଆଡ଼ମ୍ବର ଆୟୋଜନ
ବ୍ୟର୍ଥ ହେବ ତେଣୁ ।
ଉଗ୍ରତମ ପାରାୟଣ ସାରିଛି ଦାନବ,
ସମାପ୍ତିର ପଥେ ତାର
କଠୋର ସାଧନା—
ସିଦ୍ଧି ଖାଲି କରେ ଆମନ୍ତ୍ରଣ !
ଅପ୍‌ସରାର ରୂପରଙ୍ଗ—ଲାବଣ୍ୟ ବିଳାସେ
ସଂଯମର ବନ୍ଧ ତାର
ତୁଟିବା ପୂର୍ବରୁ—
ମନସ୍କାମ ପୂରିବ ତାହାର,
ତପଃସିଦ୍ଧି ଲଭିବ କବଚ ! ! !

[ ଏତିକିବେଳେ ଅକସ୍ମାତ୍ ଗିରିଶ୍ରେଣୀ ଆନ୍ଦୋଳିତ ହୋଇ ଉଠିଲା—କୈଳାସ ଶିଖର କମ୍ପି ଉଠିଲା—ପ୍ରଭଞ୍ଜନର ଶବ୍ଦ ଶୁଣାଗଲା—ପାର୍ବତୀ ବିଚଳିତା ହୋଇ ଉଠିଲେ । ]

ପାର୍ବତୀ—ଏ କ'ଣ ! ଏ କ'ଣ, ପ୍ରଭୁ ?
ଅକସ୍ମାତ୍ ଏ କି କମ୍ପନ ?
କମ୍ପିତ କୈଳାଶ ଶୃଙ୍ଗ—
ହିମାଚଳ ଗିରିଶ୍ରେଣୀ ବେଗେ ଆନ୍ଦୋଳିତ—
ପ୍ରଳୟ କି ବାହିଲ ଶଙ୍କର ?

ମହାଦେବ—ଆହୁରି ଶୁଣ ଗୋ ଦେବୀ—
ଭକ୍ତର କାତର ଡାକ,
ହିମାଚଳ ବକ୍ଷ ଭେଦି ଉଠେ,
ପାରୁ କି ଗୋ ଅନୁମାନି କିଛି ?

ପାର୍ବତୀ—ଦାନବର ତପଃସିଦ୍ଧି ହୋଇଲା କି ପ୍ରଭୁ ?

ମହାଦେବ—ହାଃ ହାଃ ହାଃ ହାଃ—
ଆଉ କି ମୁଁ ରହିପାରେ ସ୍ଥିର ?
ଏଡ଼ି କି ପାରିବି କହ ଭକତର ଡାକ ?

ପାର୍ବତୀ—ପ୍ରଭୁ ! ପ୍ରଭୁ !
କହିଅଛ ସତ୍ୟ;
ଦେଖିଲି ମୁଁ କଳ୍ପନା ନୟନେ—
ଦାନବର କଠୋର ପ୍ରୟାସ,
ସୁନିର୍ମଳ ତପାଗ୍ନିର—
ଚରାଚରେ ଅପୂର୍ବ ସାଧନା ତାର !
ଧନ୍ୟ ସେ ସାଧକ—

ଅଗାଧ ସଂଯମ ତାର, ସମାଧିସ୍ଥ ମନ ।।
ଅଙ୍ଗେ ଅଙ୍ଗେ ଗଳଇ ରୁଧିର
ନୟନୁ ନିଗିଡ଼ି ପଡ଼େ ଦିବ୍ୟ ଜ୍ୟୋତିଧାର
ତରଳ ପାବକ ସମ ।।।
ବିଳମ୍ବ ନ କର ପ୍ରଭୁ !
ପୂର୍ଣ୍ଣକର, ପୂର୍ଣ୍ଣକର ସଦାଶିବ
ଭକତର ବାଞ୍ଛା ।—

**ମହାଦେବ**—ରେ ଆତ୍ମଜୟୀ ବୀର !
ଭକ୍ତ ମୋର ଦାନବ କବଚ !
ଘେନ ଏହି—
ଅପୂର୍ବ ତୋ ସାଧନାର ଫଳ—
ମହାଶକ୍ତି-ପ୍ରହରଣୀ ଶଙ୍କର ତ୍ରିଶୂଳ ।।
ସମ୍ମାନେ କିଙ୍କର ତୋର,
ଅସମ୍ମାନେ ଫେରିବ ମୋ କରେ ।।।

**( ତଳକୁ ଲକ୍ଷ୍ୟ କରି ଶୂଳ ନିକ୍ଷେପ କଲେ; ପ୍ରଚଣ୍ଡ ଶବ୍ଦ କରି ତୀବ୍ର-ଜ୍ୟୋତି ଝଲସାଇ ଶୂଳ ତଳକୁ ଖସିଲା । )**

**—ହଠାତ୍ ଅନ୍ଧକାର ଭିତରେ ଦୃଶ୍ୟ ପରିବର୍ତ୍ତନ—**

**—ହିମାଳୟର ଅପର ଅଂଶ—**

( ଯୋଗମଗ୍ନ କବଚ )

**କବଚ**—(**ଉଲ୍ଲସିତ ହୋଇ** ) ଶିବ ! ଶିବ !! ଶିବ !!!

**( ହାତ ବଢ଼ାଇ ଶୂଳ ଧାରଣ କଲେ, ଶବ୍ଦ ଥମି ଗଲା । )**

**କବଚ**—ହର ହର ବମ୍ ! ହର ହର ବମ୍ !
ପୂର୍ଣ୍ଣ ମନସ୍କାମ—
ଜୟ ଶମ୍ଭୁ ! ଜୟ ଶମ୍ଭୁ ! ଜୟ ଶମ୍ଭୁ !!!

# ଦୃଶ୍ୟ — ଚାରି

## —ହିମାଳୟ ଗିରିଶ୍ରେଣୀର ଏକପ୍ରାନ୍ତ—

[ ପୂର୍ବ ବର୍ଣ୍ଣିତ ପ୍ରଭଞ୍ଜନର ବେଗ କମି ଆସିଲାଣି । ସ୍ତିମିତ ଆଲୋକରେ ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟର ଚିହ୍ନ ସୁପରିସ୍ଫୁଟ । କେତେଜଣ ଅପ୍ସରା ସେ ପଥ ଦେଇ ଶୀଘ୍ର ଶୀଘ୍ର ଯାଉଥିଲେ । ବିପରୀତ ଦିଗରୁ ଇନ୍ଦ୍ରଙ୍କର ପ୍ରବେଶ । ]

ଇନ୍ଦ୍ର—ଏ କିଏ, କିଏ ତୁମ୍ଭେ—
ମେନକା ?

ମେନକା—ଦେବରାଜ !
କ୍ଷମାକର—କ୍ଷମାକର ଅପରାଧ !

ଇନ୍ଦ୍ର—କ୍ଷମା ! କି ଲାଗି ଏ କ୍ଷମାଭିକ୍ଷା ?
କାହିଁ ବା ଧାଇଁଛ ତୁମ୍ଭେ ?—
ସଙ୍ଗେ କିଏ ?—ରମ୍ଭା—ତିଲୋତ୍ତମା ଆଦି ?
ଅସ୍ଥିର ଦେଖଇ ସର୍ବେ,
ବିପର୍ଯ୍ୟସ୍ତ ପ୍ରକୃତିର ସନେ
ବିପର୍ଯ୍ୟୟ ଘଟିଛି କି ତବ ?
ଭୟାକୁଳ ହୋଇଛ କି ଲାଗି ?

ସକଳେ—ଦେବରାଜ !!

ଇନ୍ଦ୍ର—କହିକି ପାରିବ କେହି,
ଅଳ୍ପକ୍ଷଣେ ଆଗେ କିଲାଗି ଉଠିଲା ଝଡ଼

ବିଶାଳ ତୁଷାର ବପୁ ହିମଗିରିଶ୍ରେଣୀ ?—
ପ୍ରଳୟ ଗର୍ଜନ ତୋଳି
ଆନ୍ଦୋଳିଲା ଦୀର୍ଘ ବନଭୂମି ?
ସକଳେ—ପ୍ରଳୟର ପ୍ରଭଞ୍ଜନ ପ୍ରଭୁ !
ମେନକା—ନା—ନା, ନୁହେଁ ସେ ପ୍ରଳୟ ଦେବରାଜ !
ଓଃ ! କି ଭୀଷଣ ସେ ଦୃଶ୍ୟ !!—
ଇନ୍ଦ୍ର—କେଉଁ ଦୃଶ୍ୟ ମେନକା ?
କହୁ କହୁ ମଧ୍ୟ ପଥେ ହେଲ ଯେ ନୀରବ ?
କି ହୋଇଛି କହ—
କବଚର ତପସ୍ଥଳୀ ଛାଡ଼ି
ଅକସ୍ମାତ୍ ଊର୍ଦ୍ଧ୍ୱଶ୍ୱାସେ ଧାଇଁଛ ଯେ ସର୍ବେ ?
ମେନକା—ପ୍ରଭୁ, ଦେବରାଜ !
କ୍ଷମ ଅପରାଧ !
ଇନ୍ଦ୍ର—ବୁଝିଲି, ବୁଝିଲି ଏବେ—
ଲଙ୍ଘିଛ ଆଦେଶ ମୋର,
ହେଳାଭରେ ଏଡ଼ିଛ କର୍ତ୍ତବ୍ୟ ।
ଏବେ ଛଳନାର ନେଉଛ ଆଶ୍ରୟ ତେଣୁ ?
ଯାଅ—ଦୂର ହୁଅ—
( ଅପ୍‌ସରା ଗଣ ଅଧୋବଦନରେ ଚାଲିଗଲେ )

କାହିଁ ସେ ଉର୍ବଶୀ ଏବେ ?
ସକଳ ଦାୟିତ୍ୱ ତାରେ ଦେଇଛି ମୁଁ ଜାଣି,
ଦେବତାର ଇଷ୍ଟ ପଥେ ହେବନି ସେ ବାଧା—
ଜାଣେ ମୁହିଁ,

କର୍ତ୍ତବ୍ୟ ନିପୁଣ ସେହୁ—
କାର୍ଯ୍ୟୋଦ୍ଧାର କରଥିବ ଭଲେ !
( କାମଦେବଙ୍କର ଅବର୍ତ୍ତିବ )

କାମ—ସତ୍ୟ ଦେବରାଜ । କାର୍ଯ୍ୟୋଦ୍ଧାର—

ଇନ୍ଦ୍ର—( ପୁଲକିତ ହୋଇ ) ହୋଇଛି—ହୋଇଛି କନ୍ଦର୍ପ ?
ଜାଣେ—ଜାଣେ ମୁହିଁ—
କାମକଳା ମନ୍ତ୍ରଦାତା ଦୀକ୍ଷାଗୁରୁ ତୁମ୍ଭେ
ଯୁଗେ ଯୁଗେ ଦେବତାର
ସାଧୁଛ ମଙ୍ଗଳ ।
ଏ କଣ ! କି ହେତୁ ଉଠିଲା କମ୍ପ
ସୁତନୁ-ପଲ୍ଲବ ତବ,
ରକ୍ତାଧରୁ ଲିଭିଗଲା ହାସ,
ଚନ୍ଦ୍ରମୁଖ ହରାଇଲା ଜ୍ୟୋତି ?

କାମ—ଦେବରାଜ !—

ଇନ୍ଦ୍ର—କହ ଖୋଲି, କୁଣ୍ଠିତ କି ଲାଗି ?
କି ହୋଇଛି ମୀନକେତୁ ?

କାମ—କାର୍ଯ୍ୟୋଦ୍ଧାର ହୋଇଛି ଦୈତ୍ୟର,
ନୁହେଁ ଦେବତାର ।
ସିଦ୍ଧିଲାଭ କରିଛି କବଚ;
ତପେ ତୁଷ୍ଟ ସଦାଶିବ
ଶକ୍ତିଶୂଳ ଦାନିଛନ୍ତି ଦୈତ୍ୟରାଜ କରେ ।

ଇନ୍ଦ୍ର—କାମଦେବ ! କାମଦେବ !
ଏ କି ହେଲା ? ଏ କି ହେଲା କହ ?

ଓଃ—କି ଦାରୁଣ ଏ ପରାଜୟ !
ତପଃସିଦ୍ଧ ନିବାତ କବଚ,
ରୁଦ୍ର-ଶକ୍ତି କରଅଛି ଲାଭ !!!
ବ୍ୟର୍ଥ—ବ୍ୟର୍ଥ—ମୋର ସକଳ ପ୍ରୟାସ !
ପଣ୍ଡ କରି ନ ପାରିଲ୍ କାମ,
ଛାର ଏକ ଦୈତ୍ୟର ସାଧନା,
କାମନା-ବହ୍ନିରେ ତାର ଇନ୍ଧନ ଯୋଗାଇ ?
ଧ୍ୱଂସ କରି ନ ପାରିଲ୍ ତପଶ୍ଚର୍ଯ୍ୟା ତାର ?
**କାମ**—ନ ଥିଲା ସୁଯୋଗ କିବା ସମୟ ତା ଲାଗି,
ଉର୍ବଶୀର ଅସ୍ୱୀକାର ପରେ—
**ଇନ୍ଦ୍ର**—ଉର୍ବଶୀର ଅସ୍ୱୀକାର ?
ଆଜ୍ଞା ମୋର କଲା ଅବହେଳା
ଛାର ଏକ ସ୍ୱର୍ଗପୁରୀ-ପାଳିତା ଅପ୍‌ସରୀ ?
ଦେବକୁଳ-ମଙ୍ଗଳ-ସାଧନ-ପଥେ
ଦେଲା ସେହୁ ବାଧା ?
**କାମ**—ବାଧା ସେ ଦେଇନି ଦେବ !
କିନ୍ତୁ ଜାଣ ତ ବାସବ—
ପଥ ଭୁଲି କବଚର ତପସ୍ଥଳୀ ଛାଡ଼ି
ଅର୍ଜୁନର ତପୋବିଘ୍ନ ଲାଗି
ଉଦ୍ୟମିଲା ଯେବେ,
ଭ୍ରଷ୍ଟ ହେଲା କାମ-କଳା—
ବୃଥା ହେଲା ସକଳ ପ୍ରଚେଷ୍ଟା ତାର
କାମଜୟୀ ଅର୍ଜୁନର ତୁଳେ !
ପରାଜୟ-ଗ୍ଲାନି ତାର ଛାଇଲା ଅନ୍ତର,

ଅବସାଦ ଆଣିଦେଲା ମନର ବିକାର ।
ନିବର୍ତ୍ତିଲି ଶେଷେ—
ଇନ୍ଦ୍ର—ଜାଣେ, ଜାଣେ, କାମଦେବ !
ଦେଖିଛୁ ମୁଁ ନିଜେ
ଧ୍ୟାନରତ ଅର୍ଜୁନର ତୁଲେ ତାର
ଗୋପନ କଟାକ୍ଷପାତ ।
ବାଣବିଦ୍ଧା ହରିଣୀ ସମାନ
ଅସ୍ଥିର ଜର୍ଜର ତନୁ;
ଯାଉ, ଯାଉ ସେ ଉର୍ବଶୀ କଥା;
ସୁନ୍ଦରୀ ଅପ୍‌ସରୀ କାହିଁ
ନ ପାଇଲ ଖୋଜି ଆଉ ଅମର ଭୁବନେ ?
ତୁମେ ଯଦି କରିଥାନ୍ତ ଯତ୍ନ—
କାମ—ଯତ୍ନେ କାହିଁ କରନି ତ ହେଲା !
ଉର୍ବଶୀର ଅସ୍ୱୀକାର ପରେ
ରମ୍ଭା ଆଉ ତିଲୋତ୍ତମା ଆଦି
କେତେକ ଅପ୍‌ସରୀ ଘେନି
ସହସା ମିଳିଲି ଯାଇ
ଦାନବର ତପସ୍ଥଳୀଠାରେ;
ମାନ ଦେବରାଜ ! କହୁଅଛୁ ସତ୍ୟ—
ହଜିଲା ସାହସ ମୋର,
ରୂପସୀ ଅପ୍‌ସରୀ ଗଣ ଭୟରେ କାତର,
ମନେ ହେଲା ମହାବେଗେ ପ୍ରଭଞ୍ଜନ
ଆସୁଅଛୁ ମାଡ଼ି ।
ଘୋଟିଗଲା ଅନ୍ଧକାର—

ନ ଦଶିଲା ପଥ ଘାଟ,
ଧରା ସ୍ୱର୍ଗ ବାର ନ ପାରଲ—
ସତ୍ୟ ଦେବରାଜ ! ଦେଖିଲ ସେ ଏକାଗ୍ରତା,
ସକଳ ଇନ୍ଦ୍ରତ୍ୱବିରୋଧୀ ଦାନବର ତପ;
ନ ପାରଲ ଦେବରାଜ,
ପଙ୍କିଳ କାମନା କାହିଁ
ନ ପାଇଲା ପ୍ରବେଶର ପଥ !
ଅକସ୍ମାତ୍ ତ୍ରିଭୁବନ ପ୍ରକମ୍ପିତ କରି
ଦିବ୍ୟ ଜ୍ୟୋତି ପ୍ରସରିଲା ଶୂନ୍ୟ ପଥ ବାହି,
ରୁଦ୍ର-ଶୂଳ ହେଲା ଆବିର୍ଭୂତ !
ଅସହ୍ୟ ଉତ୍ତାପ ତାର ସହି ନ ପାରିଲି,
ସହି ନ ପାରିଲେ ରୂପାଙ୍ଗନା କୁଳ—
'ତ୍ରାହି' 'ତ୍ରାହି' ଡାକ ଛାଡ଼ି କଲେ ପଳାୟନ—
ଇନ୍ଦ୍ର—ଓ ଜାଣେ, ଜାଣେ କାମ ଦେବ, ଦେଖିଛି ସେ ଦୃଶ୍ୟ;
କିନ୍ତୁ ଇନ୍ଦ୍ର କେବେ ନ ରହିବ ସ୍ଥିର !,
ଯାଏ ପିତାମହ ପାଶେ ପରାମର୍ଶ ଲାଗି !
ଶୁଣ କାମଦେବ ! କାହିଁ ସେ ଉର୍ବଶୀ ?
ଦେବ ଶାସ୍ତି—ହଁ, ହଁ—
ଶାସ୍ତି ଦେବ ତାରେ—ଭୀଷଣ ସେ ଶାସ୍ତି ।
ଓଃ ! ଓଃ—ଏ କ'ଣ କାମଦେବ !
ଅକସ୍ମାତ୍ ଏ କି ଉତ୍ତାପ ! !—
ହେଲା ଯେ ଅସହ୍ୟ କମେ !
ନ କର କି ଅନୁଭବ କିଛି ?
ଚାଲ୍ଆସ—ଆସ ଚାଲ ଶୀଘ୍ର— (ପ୍ରସ୍ଥାନ)
(କାମଦେବଙ୍କର ଅନ୍ତର୍ଦ୍ଧାନ)

( ପ୍ରମଥଗଣ ଆଗରେ ଶିବସ୍ତୋତ୍ର ଗାଇ ଗାଇ ଓ ପଛରେ ଶିବଶୂଳ ଧାରଣ କରି ନିବାତ କବଚଙ୍କର ପ୍ରବେଶ )

× × ×

( ଦୂରରୁ ସମବେତ କଣ୍ଠରେ ଦୈତ୍ୟପତି କବଚର ଜୟନାଦ ଶୁଣାଗଲା—କାଲକେୟ ଦୈତ୍ୟମାନଙ୍କ ସଙ୍ଗରେ ଘେନ ଦୈତ୍ୟ ସେନାପତି ସିଂହନାଦର ପ୍ରବେଶ ।)

ସିଂହନାଦ—ଦୈତ୍ୟରାଜ ! ଦୈତ୍ୟରାଜ ! ପ୍ରଭୁ !—

( ସମସ୍ତେ ସାଷ୍ଟାଙ୍ଗ ପ୍ରଣିପାତ ହେଲେ ଦୈତ୍ୟପତି କବଚର ଚରଣ ତଳେ ।)

କବଚ—ଆସିଅଛୁ ସିଂହନାଦ—
ପ୍ରିୟତମ ବନ୍ଧୁ ମୋର କାଲକେୟ ସେନାପତି !
ଦେଖ—ତୁହି ଦେଖ ଆଖି ମେଲି,
ରୁଦ୍ର କୃପାବଳେ
ରୁଦ୍ରଶକ୍ତି କରାୟତ୍ତ ମୋର ।
ତପଃସିଦ୍ଧ ନିବାତ କବଚ !
ଦେବଶ୍ରେଷ୍ଠ ସଦାଶିବ-ଶକ୍ତି-ପ୍ରହରଣ
ଏହି ଦେଖ, କରେ ଧୃତ ମହାଶୂଳ
ଉଗ୍ରତମ ତପସ୍ୟାର ଫଳ ।
ନାହିଁ ଚିନ୍ତା—ନାହିଁ ଭୟ—
ଦୈତ୍ୟକୁଳ ନିରଙ୍କୁଶେ କରିବେ ଶାସନ
ସ୍ୱର୍ଗ-ମର୍ତ୍ତ୍ୟ-ରସାତଳ କରି ପଦାନତ !
ହାଃ ହାଃ ହାଃ ହାଃ—

ସିଂହନାଦ—ନିଜ ରାଜ୍ୟେ ବାହୁଡ଼ନ୍ତୁ ପ୍ରଭୁ !
ଦୈତ୍ୟକୁଳ ଆକୁଳ ଉଦ୍‌ବେଗେ

ପଥ ଚୁହିଁ ରହିଛନ୍ତି ବସି,
ଜାତିର ଦେବତା-ପଦେ ଢାଳିବେ ପ୍ରଣତି ।
ଦୁଃଖ-ନିଶି ହୋଇଛି ପ୍ରଭାତ ଏବେ,
ପ୍ରକାଶିତ ନବ ସୂର୍ଯ୍ୟ
କାଳକେତୁ-ଭାଗ୍ୟାକାଶେ ଆଜି !
ଫେରିଚାଲ—ଫେରିଚାଲ, ପ୍ରଭୁ !
କେତୁ—ସରଳ କର୍ତ୍ତବ୍ୟ ମୋର ସିଂହନାଦ !
ଇଷ୍ଟଦେବ ଆଶୁତୋଷ ଗିରିଜା-ରମଣେ
ପ୍ରଥମ ଦର୍ଶନ ଲାଗି ଅଗ୍ରସର ମୁହିଁ !
ଜୀବନର ମଙ୍ଗଳ ମୁହୂର୍ତ୍ତେ
ଇଷ୍ଟପୂଜା ନ କରି ସାକ୍ଷାତେ
କେମନେ ଫେରିବି କହ
ଆଶୀର୍ବାଦ ଅଭିଶାପେ କରି ପରିଣତ ?
ଚାଲ ସିଂହନାଦ,
ଶୁଭ ଯୋଗେ ଆସିଛ ଯଦ୍ୟପି
ଦର୍ଶନେ ଲଭିବ ଚାଲ
ସତ୍ୟ-ଶିବ-ସୁନ୍ଦର-ପ୍ରସାଦ !

( ସମସ୍ତେ ଶିବସ୍ତୋତ୍ର ଗାଇ ଗାଇ ଚାଲିଗଲେ ।)

# ଦୃଶ୍ୟ—ପାଞ୍ଚ

## ସ୍ୱର୍ଗପୁରୀ—ମନ୍ଦାକିନୀ ତୀରସ୍ଥ ବିଶ୍ରାମ-ହର୍ମ୍ମ୍ୟ

(ଅପର୍ବ ଆଲୋକରେ ଉଦ୍‌ଭାସିତ ଚତୁର୍ଦ୍ଦିଗ—ନଦୀଜଳରେ ଯେପରି ଶତ ଚନ୍ଦ୍ରର କିରଣଚ୍ଛଟା—ଅର୍ଜୁନଙ୍କୁ ପଥ ଦେଖାଇ ଆଣି ସୁବର୍ଣ୍ଣ ନାମକ ଗନ୍ଧର୍ବ ବିଶ୍ରାମ ହର୍ମ୍ମ୍ୟରେ ପ୍ରବେଶିଲେ । )

ସୁବର୍ଣ୍ଣ—କର ଏଥି ବିଶ୍ରାମ ଫାଲଗୁନୀ ।

ଅର୍ଜୁନ—ବିଶ୍ରାମ ! ବିଶ୍ରାମର ଅବସର
କାହିଁ ବା ସୁବର୍ଣ୍ଣ ?
କର୍ତ୍ତବ୍ୟ ରହିଛି ପଡ଼ି—
ମରତେ ଫେରିବି କେବେ
ଏହି ଚିନ୍ତା ମନେ ।

ସୁବର୍ଣ୍ଣ—ଚିନ୍ତା ତେଜ ପାର୍ଥ,
ବାହୁଡ଼ନ୍ତୁ ଦେବରାଜ—

ଅର୍ଜୁନ—ବାହୁଡ଼ିବେ ଦେବରାଜ ?

ସୁବର୍ଣ୍ଣ—ଜାଣନା କି—
ଦେବାଦିଦେବଙ୍କ ସହ
ଗୁରୁତର ପରାମର୍ଶ ଲାଗି
ଯାଇଛନ୍ତି ଦେବରାଜ କୈଳାସ-କନ୍ଦରେ ।

ଅର୍ଜୁନ—କି ପରାମର୍ଶ, ସୁବର୍ଣ୍ଣ ?

ସୁବର୍ଣ୍ଣ—ଗୁରୁତର ପରାମର୍ଶ ।
ମରତେ ମାତିଛି ଏକ ପାଷଣ୍ଡ ଦାନବ
ନାମ ତାର କିସ—ଯାଉଛି ପାଶୋର—
ଅର୍ଜୁନ—ଓହୋ, ଜାଣେ ମୁହିଁ,
ନାମ ତାର ନିବାତ କବଚ ।
ସୁବର୍ଣ୍ଣ—ହଁ, ହଁ, ସେହି ନାମ ତାର,
ଜାଣିଅଛ ତେବେ ?
ଅର୍ଜୁନ—ଶୁଣିଥିଲି ଦେବରାଜ-ମୁଖୁଁ ।
ସୁବର୍ଣ୍ଣ—ସେହି କବଚ ରାକ୍ଷସ
ତୁଷ୍ଟକର ଭୋଳାନାଥେ
ଶକ୍ତିଲାଭ ଲାଗି କରଇ କଠୋର ତପ ।
ଅର୍ଜୁନ—( ମନ୍ଦହସି ) ଶକ୍ତି ଲଭେ ବାଧା କିବା ଅଛି ?
ସୁବର୍ଣ୍ଣ—ଅଛି, ଅଛି ଧନଞ୍ଜୟ—
ଖାଲିକି ଶକତ ?
ପାଷଣ୍ଡର ଇଚ୍ଛା କିବା ଜାଣ ?
ବଳ ଲଭି ଶିବଙ୍କର ବରେ
ସେହି ବଳେ ଦେବରାଜେ ତଡ଼ି
ସ୍ୱର୍ଗେ ହେବ ରାଜା ।
ସେ କାରଣେ ଦେବରାଜ ଯାଇଛନ୍ତି
କୈଳାସ ଭୂଧରେ
ଦେବାଦିଦେବଙ୍କୁ କହି—ଯଦି କିଛି—
ଅର୍ଜୁନ—ନିଷ୍ଫଳ କରିବା ଲାଗି ତପସ୍ୟା ତାହାର ?
ସୁବର୍ଣ୍ଣ—ତା ବିନା ନାହିଁ ତ ଉପାୟ ।

ଅର୍ଜୁନ—କିନ୍ତୁ, ନିରାଶ କରିବେ ଶିବ
ଆପଣା ଭକତ ଜନେ—
ସମ୍ଭବ କି କେବେ ?
ସୁବର୍ଣ୍ଣ—କିଏ ଭକ୍ତ ଧନଞ୍ଜୟ ?
ଘୋର ଏକ ଦାନବରେ ଭକ୍ତ ବୋଲି କହ ?
ଦେବାଦିଦେବ ତ ପୁଣି
ଦେବତାଙ୍କ ସ୍ୱାର୍ଥ ଆଗେ କରିବେ ବିଚାର ।
ଅବଶ୍ୟ, ଅନ୍ୟ ଆୟୋଜନେ
ହୋଇନାହିଁ ତ୍ରୁଟି—
କାମଦେବ ଯାଇଛନ୍ତି ନିଜେ
ବହୁ ବହୁ ଅପ୍‌ସରା ସଙ୍ଗତେ
ନୃତ୍ୟ-ଗୀତ-ରସ-ରଙ୍ଗ ତୋଳି
ଭାଙ୍ଗିବାକୁ ଦାନବର ତପ ।
ଅର୍ଜୁନ—( **ଅନ୍ୟ ମନସ୍କ ଭାବେ** ) ହୁଁ—
ସୁବର୍ଣ୍ଣ—ଚେଷ୍ଟାରେ ତ ହୋଇନାହିଁ ତ୍ରୁଟି,
ତଥାପି—
ଅର୍ଜୁନ—( **ତନ୍ଦ୍ରାର ସ୍ୱପ୍ନ ଛିଣ୍ଡିଗଲା ଯେପରି** ) ଏଁ । ।
କିଛି କହୁଥିଲ ମୋତେ ?
ସୁବର୍ଣ୍ଣ—( **ଅର୍ଜୁନଙ୍କର ଏପରି ଆଚରଣ ବୁଝି ନପାରି** )
ନାଁ ତ । କିଛି ନୁହେଁ ପାର୍ଥ ।
ତୁମେ କର ବିଶ୍ରାମ ଏଥର ।
ନିଏ ମୁଁ ବିଦାୟ ।
(**ଟିକିଏ ଆଗେଇ ପୁଣି ଫେରିଆସି**) ଖୋଲିଦେବି ଗବାକ୍ଷଟା ?
ପାଇବ ସୁଗନ୍ଧ—

ମନୋହାରୀ ପାରିଜାତ ଗନ୍ଧ
ସ୍ବର୍ଗର ଯା ବିଶେଷତ୍ବ ।।

**( ଦୁଇଟି ବାତାୟନ ଥିଲା; ଦୁଇଟିଯାକ ରୁଦ୍ଧ; ସୁବର୍ଣ୍ଣ ଯାଇ ସେଥିଭିତରୁ ଗୋଟିଏ ଖୋଲିଦେଲେ । ସତକୁ ସତ ପାରିଜାତର ଗନ୍ଧରେ କକ୍ଷଟି ମହକି ଉଠିଲା, ଅର୍ଜୁନ ପୁଲକି ଉଠିଲେ ।)**

ଅର୍ଜୁନ—ଅହା ! ଅପୂର୍ବ ସୌରଭ ।।

ସୁବର୍ଣ୍ଣ—ଅପୂର୍ବ ଧନଞ୍ଜୟ—ଅପୂର୍ବ ।।

ଅର୍ଜୁନ—ନିସର୍ଗ ସୁଷମା-ଖଣି
ସ୍ବ[illegible] ପାରିଜାତ ଅପୂର୍ବ ସୌରଭ,
ଧ[illegible]ର-ଜୀବ ମନେ
ଭରିଦ[illegible]ର ନବୀନ ଆସ୍ବାଦ ।।

ସୁବର୍ଣ୍ଣ—ନିଏ ମୁଁ ବିଦାୟ ଏବେ—

ଅର୍ଜୁନ—ଖୋଲିଦିଅ—
ଖୋଲିଦିଅ ଅପର ଗବାକ୍ଷ ଗୋଟି ।
କରେ ମୁଁ ଦର୍ଶନ—
ଟଳ ଟଳ ଲାବଣ୍ୟ ମାଧୁରୀ
ମନ୍ଦାକିନୀ-ଜଳ-ବେଣୀ ଖେଳ,
ତହିଁ ସଙ୍ଗେ ନନ୍ଦନର ପାରିଜାତ-ଗନ୍ଧ
ଅଣେ ଯେଉଁ ମୋହକରୀ
ପ୍ରାଣ-ସଞ୍ଜୀବନୀ,
ମନଭରି କରେ ଉପଭୋଗ ।
ଦିଅ ବାରେ ସୁଯୋଗ ତାହାର ।

ସୁବର୍ଣ୍ଣ—ଶୁଣ ତେବେ ଧନଞ୍ଜୟ !
ତୁମେ ହେଲ ସ୍ୱର୍ଗପୁରେ ବରେଣ୍ୟ ଅତିଥି !
ତୁମ ଇଚ୍ଛା ପୂରଣ ସକାଶେ
ବାଧ୍ୟ ମୁହିଁ—
ରହିଛି ଆଦେଶ ମୋତେ;
ହେଳା କଲେ ହେବି ଅପରାଧୀ ।
କିନ୍ତୁ, ଯେଉଁ ବାତାୟନ ଗୋଟି
ଖୋଲିବାରେ ଦେଉଛ ନିର୍ଦ୍ଦେଶ,
ଇନ୍ଦ୍ରାଣୀଙ୍କ ରହିଛି ବାରଣ,
ଖୋଲିବାରେ ବାଧା ତେଣୁ ।

ଅର୍ଜୁନ—ରହିଛି ବାରଣ ? ଅର୍ଥାତ୍—

ସୁବର୍ଣ୍ଣ—ଅର୍ଥାତ୍, ଶୁଣ, କହେ ସତ୍ୟ,
ନ ଧରିବ ଦୋଷ—
ଖୋଲିଦେଲେ ସେହି ବାତାୟନ ଗୋଟି
ପରିଷ୍କାର ଦିଶିଯିବ ଅପ୍‌ସରୀ ଭବନ;
ହେଉ ପଛେ ସ୍ୱର୍ଗ—
ଲଜ୍ଜାଶୀଳା ଚିରକାଳ ନାରୀ;
କାହାର କି ଅବସ୍ଥା,
କିଏ ଥିବ କେଉଁ ପ୍ରକାରେ—
ଗୋପନୀୟ ନ ହେଲେ ବି
ନୁହେଁ ଶିଷ୍ଟାଚାର ।
ତେଣୁ ଏ ବାରଣ—
ହେଁଃ ହେଁଃ ହେଁଃ—ବୁଝିଲ ତ ?

ଅର୍ଜୁନ—ବୁଝିଲି ସୁବର୍ଣ୍ଣ ।
ନହୁଅ ଚକିତ ତୁମ୍ଭେ;
ଜନନୀ ଇନ୍ଦ୍ରାଣୀଙ୍କ ଆଦେଶ ପାଳିତ ହେଲେ
ଫାଲ୍‌ଗୁନୀ ହୋଇବ ସୁଖୀ ।
ସୁବର୍ଣ୍ଣ—ସେ ତୁମ ମହତ୍ତ୍ୱ ଫାଲ୍‌ଗୁନୀ ।
କିନ୍ତୁ, ମର୍ତ୍ତ୍ୟବାସୀ ବୋଲି,
ଦେବଲୋକ—ନାଥୀ
ସୁନ୍ଦରୀ ଅପ୍ସରା କୁଳ—ଦର୍ଶନ ସୌଭାଗ୍ୟେ
କରିବାରେ ବଞ୍ଚିତ ତୁମ୍ଭଙ୍କୁ
କି ଅବା ଅଛଇ ଯୁକ୍ତି
ମୁଁ ତ ନ ବୁଝଇ ।
ଅର୍ଜୁନ—ଏହି ସେ ଅମରାବତୀ—
ଦେବତାର ପ୍ରିୟ ନିକେତନ ।
ପାରିଜାତ-ସୁରଭିତ
ମଳୟ ହିଲ୍ଲୋଳ ଏଥି ଖେଳା କରେ ନିତି ।
ଶୁଭ୍ର ସ୍ୱଚ୍ଛ ମନ୍ଦାକିନୀ—
ତରଙ୍ଗ-ମୁକୁରେ ଝଲେ ଶାଶ୍ୱତ କୌମୁଦୀ ।
ଅବିଚ୍ଛିନ୍ନ କଳକଣ୍ଠ-କଳଗୀତି ସାଥେ
ମୂଖର ମିଳନ ରଚେ
ମିଳନ ବାଜଣା !
ରୂପଧନ୍ୟା—ରୂପସୀ ଅପ୍‌ସରା ଏଥି
ଚିରନ୍ତନ ମହୋତ୍ସବ ଘେନି
ପରିପୂର୍ଣ୍ଣ ସମ୍ଭୋଗର ଶ୍ରେଷ୍ଠ ଆୟୋଜନ ।
ମାତ୍ର ଜାଣି କି ସୁବର୍ଣ୍ଣ !—

ଜନ୍ମ ମୋର ନଶ୍ୱର ଜଗତେ,
ରହି ରହି ଅତଙ୍କେ ଶିହରେ ମୁହିଁ—
ଜୀବନର ଯାତ୍ରା ପଥେ
ପଥହରା ପଥିକ ସମାନ
ମରଣର ବର୍ତ୍ତିକା ଭଳି ।
ଜାଣ କି ସୁବର୍ଣ୍ଣ ?
ରୋଗ ଶୋକ ଜର୍ଜରିତ ଭଙ୍ଗୁର ଜୀବନେ
ମରିବା ପୂର୍ବରୁ ତାର
ମାନବ ମରଇ ଶତ ସହସ୍ର ମରଣ ।
ବିଦ୍ଧବର ଚରନ୍ତନ
ସମ୍ଭୋଗ ବିଳାସେ ତେଣୁ
କାହିଁ ତାର ଅବସର, କହ ।
ତୁମେ ଅସ, ସୁବର୍ଣ୍ଣ !

ସୁବର୍ଣ୍ଣ—ଆସୁଛି ଅର୍ଜୁନ !
ତୁମେ କର ନିଶ୍ଚିନ୍ତେ ବିଶ୍ରାମ—
ଯଦି ଗୃହିଁ—ଶୋଇପାର ମଞ୍ଚ ।
ଖୋଲି ଥାଉ ବାତାୟନ ଗୋଟି
ପାଉଥିବ ପାରିଜାତ-ଗନ୍ଧ ।
ଅସେ ମୁହିଁ—

( ପ୍ରସ୍ଥାନ )

ଅର୍ଜୁନ—( ହାତଯୋଡ଼ି ) ହେ ପାର୍ଥ ସଖା ହୃଷୀକେଶ !
ପାର୍ଥର ନିୟତି-ସୂତ୍ର କର-ପଦ୍ମେ ତବ,
ତୁମରି ଚରଣ ପ୍ରାନ୍ତେ କର ହେ ଗୃହିତ ।

( ପଲ୍ୟଙ୍କ ଉପରେ ଉପବେଶନ କଲେ—କ୍ରମେ କ୍ରମେ ନିଦ୍ରା ଆସିବାରୁ ଶୋଇ ପଡ଼ିଲେ । )

*　　*　　*　　*

କ୍ରମେ କ୍ରମେ ଆଲୋକ ସ୍ତିମିତ ହୋଇ ଆସିଲା—କିଛି କ୍ଷଣ ପରେ ନେପଥ୍ୟରୁ ସୁମଧୁର ମନ୍ଦ ସଙ୍ଗୀତ ଭାସି ଆସିଲା । ରୁଦ୍ଧ ବାତାୟନଟି ଧୀରେ ଧୀରେ ଖୋଲିଗଲା—ହଠାତ୍ ଜ୍ୟୋସ୍ନାର ଗୋଟାଏ ଜୁଆର ଯେପରି ମାଡ଼ି ଆସି ଶାୟିତ ଅର୍ଜ୍ଜୁନଙ୍କୁ ପ୍ଲାବିତ କରି ଦେଲା । ବାତାୟନର ଅପର ପାର୍ଶ୍ୱରେ ଥାଇ ଉର୍ବଶୀ ପ୍ରଲୁବ୍‌ଧ ଦୃଷ୍ଟିରେ ଥରେ ଅର୍ଜ୍ଜୁନଙ୍କୁ ଗୃହିଁଲେ, ସ୍ମିତ ହାସ୍ୟ କଲେ—ତାଙ୍କର ସେହି କଟାକ୍ଷରେ ଥିଲା ଅନଙ୍ଗର ଫୁଲଶର—ସେ ହାସ୍ୟରେ ଥିଲା କାମନାର ମୋହନ ମନ୍ତ୍ର !······କିଛିକ୍ଷଣ ପରେ ସେହି ସ୍ୱପ୍ନାଲୋକ ପରିବେଷ୍ଟିତ, ପାରିଜାତ ଆମୋଦିତ ରମଣୀୟ ହର୍ମ୍ୟ-ଚତ୍ୱର ଉପରେ ଦେଖା ଦେଲେ ଲାବଣ୍ୟ ଲତିକା ସମା ସୁର-ସୁନ୍ଦରୀ ଉର୍ବଶୀ—ଅଙ୍ଗେ ଅଙ୍ଗେ ଯୌବନର ମୋହନ ବିକାଶ; କୌମୁଦୀର ସ୍ୱପ୍ନିଳ ପରିବେଷ୍ଟନୀ ମଧ୍ୟରେ ସମଗ୍ର ଦୃଶ୍ୟଟି ଗୋଟିଏ ଇନ୍ଦ୍ରଜାଲ ପରି ଦେଖା ଯାଉଥିଲା······

······ସଙ୍ଗୀତର ଛନ୍ଦେ ଛନ୍ଦେ କମ୍ପି ଉଠିଲା ଉର୍ବଶୀର ମାୟାର ପରଶ ବୋଳା ଲୀଳାୟିତ କାୟା·········ନାଚି ଉଠିଲେ ଉର୍ବଶୀ ଅପୂର୍ବ 'ଲାସ୍ୟ ନୃତ୍ୟ' ।·······

ଉର୍ବଶୀ—(ଅର୍ଜ୍ଜୁନଙ୍କ ପାଖକୁ ଯାଇ) ସଖା ! ପ୍ରିୟତମ ! ଉଠ !

( ଅର୍ଜ୍ଜୁନଙ୍କୁ ସ୍ପର୍ଶ କରିବା ପୂର୍ବରୁ ସେ ଚମକି ପଡ଼ି ଉଠି ବସିଲେ 'କିଏ' ବୋଲି କହି; ହଠାତ୍ ତାଙ୍କର ଆଖି ଲାଖି ରହିଲା······!! ଉର୍ବଶୀ ପୁଣି ନୃତ୍ୟ ଆରମ୍ଭ କଲେ—ପ୍ରାପ୍ତି ଆଶାରେ ପୁଲକିତା ହୋଇ ଯେପରି !)

ଅର୍ଜ୍ଜୁନ—କିଏ ? କିଏ ତୁମେ ସୁନ୍ଦରୀ ?

ଉର୍ବଶୀ—ସୁନ୍ଦର-ପ୍ରେମରେ ଯେ ଗୋ,
ପାଗଳିନୀ ସଦା ।
ପ୍ରେମର ପୀୟୁଷଭର
କୁସୁମିତ ଯଉବନେ
ଆଣିଅଛି ଯୁବତୀ ମୁଁ
ତୁମର ସମ୍ଭୋଗ ଲଗି, ଚପଳ ମଧୁପ ।
ଆସ ସଖା ! ଆସ ପ୍ରିୟ !!—
ପ୍ରାଣ ପୂର୍ତ୍ତି କର ଏବେ ମଧୁ ନିଅ ଲୁଟି ।
ଅର୍ଜୁନ—ଏ କଣ !!
ସ୍ୱପନ କି ଦେଖଇ ମୁଁ ଏବେ !—
ଅବା ମୁଁ ଜାଗ୍ରତ !!
ବିଜନ ନିଶୀଥେ ଆଜ
ସୁର-ତରଙ୍ଗିଣୀ ଏହି ମନ୍ଦାକିନୀ ତୀରେ
ମଣିହର୍ମ୍ମ୍ୟ ତଳେ ବସି
ସବ୍ୟସାଚୀ ଦେଖଇ କି ଜାଗ୍ରତ-ସ୍ୱପନ !
ଦକ୍ଷି ଦକ୍ଷି ବସନ୍ତ ପରଶ,
ପାରିଜାତ ସୁରଭି ବିଳାସ,
ଜ୍ୟୋଛନା-ପ୍ଲାବନ ଢେଉ
ଭାସି କି ଆସିଲ ତୁମେ
କୁହୁକିନୀ ବାଳା !—
ଫେନିଲ କାମନା ଧରି ଛଳିବାକୁ ମୋତେ ?
ଉର୍ବଶୀ—ନୁହେଁ କୁହୁକିନୀ ସଖା !—
ଆସିନି ମୁଁ ଛଳି;
ପ୍ରଥମ ଦର୍ଶନ ଦିନୁଁ

ନୟନେ ଲେଖିଛ ଯେବେ
ପ୍ରେମର ଫଗୁଲ ରେଖା—
ବୁକୁରେ ଭରିଛ ମୋର ପରଶ-ବାସନା ।
ଅନ୍ତରେ ପୂଜଇ ତବ
ଅନାଦ୍ୟ ମୂରତି—
ସଙ୍ଗ ସୁଖ କାମନାରେ ପୀଡ଼ିତା ମୁଁ ନିତି ।
ଆସ, ଆସ, ମୋର
ପ୍ରାଣ ପ୍ରିୟତମ ! —
ମଧୁର ଲଗନେ ଦିଅ ମିଳନ-ମାଦକ !

ଅର୍ଜୁନ—ପ୍ରଥମ ଦର୍ଶନ ଦିନୁଁ !!
କିଏ ତୁମେ ?
କେବେ ବା ଦେଖିଲ ମୋତେ
ନିସର୍ଗ-ସୁନ୍ଦରୀ ?—
ସୁନ୍ଦର ଅନ୍ତରେ ତବ ଲାଗିଲା ପରଶ ?

ଉର୍ବଶୀ—ଚିହ୍ନି କି ପାରୁନା ପାର୍ଥ ?
ହିମାଚଳେ ଯୋଗମଗ୍ନ ଥିଲ ଯେତେବେଳେ
ଭାଗ୍ୟବଳେ ଭୁଲି ମୁଁ ସଙ୍କେତ,
ଦାନବ କବଳ ଭୁମେ
ଜର ଜର ତନୁ ଯେଣେ ମୀନକେତୁ-ବାଣେ
ଦେଖିଲି ତୁମକୁ ପ୍ରିୟ—
ଭରିଲା ମାନସ ମୋର,
ସେହି ସେ ମଧୁଲଗନୁ
ମରମେ ରହିଛ ଅଂକା ଚିତ୍ର ଚନ୍ଦସମ !!

ଅର୍ଜୁନ—ମନେ ପଡ଼େ—

ନୀଲମେଘେ ଚଞ୍ଚଳା ଚପଳା ସମ
ଲଭିଥିଲି କ୍ଷଣିକ ଦର୍ଶନ ।
ତୁମ୍ଭେ ତେବେ ସେହି ନାରୀ—
ସାଧନାର ମଧ୍ୟ-ପଥେ ମୋର
ରୂପର ପଶରା ମେଲି
ଧରିଥିଲ ସମ୍ମୁଖେ ମୋହର ?

ଉର୍ବଶୀ—ସେହି ସେ ଅବଳା ମୁହିଁ,
ନିସର୍ଗ ସୁଷମା ନିଧି
ଚିରନବ ଯଉବନୀ ଉର୍ବଶୀ ସୁନ୍ଦରୀ ।

ଅର୍ଜୁନ—( ଚମକି ) ଉର୍ବଶୀ !—
ଦେବଲୋକ ଗରବର ଧନ !
ଅମ୍ଳାନ ଯୌବନେ ଯାର
ସୃଷ୍ଟିର ସୌନ୍ଦର୍ଯ୍ୟ ସାର
ରସେ ବିଭାସିତ ।
ଲୀଳାୟିତ ଗତି ଛନ୍ଦେ
ବିକସିତ କାମନା-କୁସୁମ ।
ଅମର-ବାଞ୍ଛିତା ତୁମେ ଉର୍ବଶୀ ସୁନ୍ଦରୀ ?

ଉର୍ବଶୀ—ସେହି ମୁଁ ଉର୍ବଶୀ ପ୍ରିୟ !
ତବ ପ୍ରେମ-ପାଗଳିନୀ—
ଭିକ୍ଷା ମାଗେ ପ୍ରଣୟ-ସମ୍ଭୋଗ ।

ଅର୍ଜୁନ—ଦେବୀ ! ନ କର ଛଳନା—
କହ ସତ୍ୟ ଫେଡ଼ି
କିବା ସ୍ୱାର୍ଥ ସାଧନ ସକାଶେ

କି ଅବା କାରଣେ କହ ଆସିଅଛ ଏଥି ?
ଧରାର ମାନବ ମୁହିଁ
ଦେବତାର ଚରଣ-ସେବକ !
ନାହିଁ ବୁଝେ ନଗଣ୍ୟ ମାନବ
ଦେବତା, କି ଦେବଲୋକ, ଦେବାସୁର କିଛି,
ସତ୍ୟ ଶିବ ସୁନ୍ଦର ଏ
ସୁର-ଲୋକେ ବସି
ଧ୍ୟାନ କରେ ଦେବତାର ଚରଣ-ପଙ୍କଜ !
ନ ହୁଏ ବିଶ୍ୱାସ ଯେବେ—ରହ କ୍ଷଣେ—
ଦେଖାଏ ମୁଁ ବକ୍ଷର ମୋର
ଅକ୍ଷର ସେ ବନ୍ଧୁ-ପଦ ଲାଗି
ଅନ୍ତର ଉଚ୍ଛୁଳେ ସଦା ଅଶ୍ରୁର ପ୍ଳାବନେ !!
ସେହି ସେ କେଶବ-ନାମେ
କହୁଛି ଶପଥ କରି—
ପ୍ରକାଶ ଅନ୍ତର-କଥା ନ କର ଛଳନା
କହ କେଉଁ ପାପ-ଭାଗୀ
ଦାନବ, ଦେବତା, ନର—
ପୀଡ଼ନେ ଯାହାର ତବ
ସୁନ୍ଦର ଅନ୍ତର-ତଳେ ବେଦନାର କାଳି ?
କହଗୋ ଭାମିନୀ !
ମୁହୂର୍ତ୍ତେ ତୁଳନା କରି ନାରାଚ ଗାଣ୍ଡୀବେ
ଶର ମୂନେ ବାନ୍ଧ ଆଣି
ଦୁର୍ମଦ ଅରାତି—
ଭେଟିବ ଗାଣ୍ଡୀବଧାରୀ ପଦତଳେ ତବ !

ଉର୍ବଶୀ—ପାରବ ? ପାରବ କି ବାନ୍ଧଆଣି ତାକୁ ?
ପାରବ କି ଦଳିବାର
ଗର୍ବ—ଅସ୍ଫାଳନ—?
କହ, କହ ଧନଞ୍ଜୟ !
ଅର୍ଜୁନ—କହେ ସତ୍ୟ ଦେବୀ—
ହେଲେ ଅସମର୍ଥ
ବୃଥା ମୋର ପୌରୁଷର ଗର୍ବ,
ବୃଥା ଏ କାର୍ମୁକଧାରୀ
ପାଣ୍ଡବ ଫାଲ୍‌ଗୁନୀ !
କହ—କିଏ ଶତ୍ରୁ ତବ ଦେବୀ ?
ଉର୍ବଶୀ—ନଜାଣ ଗାଣ୍ଡୀବଧାରୀ
ପାଣ୍ଡବ ଅର୍ଜ୍ଜୁନ—
କିଏ ସେ ଅରାତି ମୋର,
ପୀଡ଼ନେ ଯାହାର
ବକ୍ଷଫାଟି। ଉପତି ନିଃଶ୍ୱାସ—
ମୂର୍ଚ୍ଛିତ ଚେତନା ମୋର, ବିକଳ ଅନ୍ତର ?
ଅର୍ଜୁନ—( ବ୍ୟଗ୍ର ହୋଇ ) କିଏ—କିଏ ଦେବୀ ?
ଉର୍ବଶୀ—( ମନ୍ଦ ହସି ) ଦୁରନ୍ତ ଅରାତି ସେ ଗୋ ମକର କେତନ !
ଫୁଲଶରେ ଜର୍ଜରିତ କରେ
ତନୁମନ ଯଉବନ ମୋର ।

( ପୁଣି ନାଚଲେ )

ଅର୍ଜୁନ—ଓଃ, ଓଃ, ହେ ବାସୁଦେବ !
ଅନ୍ତର ବିହାରୀ କୃଷ୍ଣ !
ଏ କି ପରୀକ୍ଷା କହ ଅଧମ କାଙ୍କରେ ?

ଅତର୍କିତେ କଲୁଷ କଳଙ୍କ ବୋଳି
ପ୍ରିୟ ସଖା ପାର୍ଥେ ତବ
ଦେବ କି ହେ ଦଳି ?

ଉର୍ବଶୀ—ଆସ, ଆସ ମୋର ପ୍ରାଣ ପ୍ରିୟତମ !
ବିଜନ ଏ ମଉନା ରଜନୀ,
ମୁକୁଳା ଜୋଛନା ହସେ ହସାଇ ଦିଗନ୍ତ,
ମଧୁକର-ଆକୁଳିତ
ପାରିଜାତ-ଗନ୍ଧେ ଭରି ପାଗଳ ମରୁତ ।
ମନ୍ଦାକିନୀ ରଚଇ ଗୋ
କଳନାଦେ ମଧୁର ସଂଗୀତ ତହିଁ ।
ଏସନ ସରସ କ୍ଷଣେ—
ଉଦ୍‌ଭିନ୍ନ ଯୌବନ ଘେନି
ଉର୍ବଶୀ ସୁନ୍ଦରୀ ତବ ପ୍ରଣୟ-ପ୍ରାର୍ଥିନୀ ।
ଏହୁ ଦେଖ—ଦେଖ ସଖା—
ମଦନର ରୂପ ସବୁ
ଭ୍ରୂଲ-ଲତା ତଳେ
ତୁମଲାଗି ସାଇତଛି
ସ୍ୱପନ ପ୍ରଲେପ ।
ଅଧରେ ରଖିଛି ଭରି
ଅସରନ୍ତି ସରସ ପୀୟୁଷ ।
ମନଲୋଭା ଉରଜ-କୁସୁମେ
ଗୋପନେ ରଖିଛି ସଞ୍ଚି
ପ୍ରଣୟର ପରାଗ-ମାଧୁରୀ ।।

ଆସ ସଖା ! ଆସ ସୁଖେ
ପୁହାଇବା ନିଶି—
ଅର୍ଜୁନ—ସ୍ତବ୍ଧ ହୁଅ ! ସ୍ତବ୍ଧହୁଅ—
କାମୁକା ରମଣୀ !
ବିସ୍ମିତ କରଇ ମୋତେ ଆଚରଣ ତବ !
ଦେବ ଲୋକେ—
ବସତି କରନ୍ତି ଯହିଁ
ବ୍ରହ୍ମରୂପୀ ନାରାୟଣ ସାତ୍ତ୍ୱିକ ମୂରତି,—
ପାପରୂପୀ ଗରଳ ସଂହାରି
ନୀଳକଣ୍ଠ ଜ୍ୟୋତିର୍ମୟ ଶିବ—
ଧାତା ଯହିଁ ଚତୁର୍ମୁଖ-ପ୍ରକାଶ,
ଇନ୍ଦ୍ର ଆଦି କୋଟି କୋଟି ଦେବଙ୍କ ଗୌରବେ
ଗର୍ବିତ ଯେ ଦେବପୁରୀ—
ତୁମ୍ଭେ ସେହି ଦେବ ଲୋକେ
ଦେବଶ୍ରେଷ୍ଠ ବିଷ୍ଣୁ-ଊରୁ-ସମ୍ଭବା ରୂପସୀ,
ଲଜ୍ଜାହୀନା କାମୁକୀ ସମାନ
ମାନବ-ସମ୍ଭୋଗ ଲାଗି
ବଳାଇଛ ମନ ?
ଛାର ଏହି ଅଙ୍ଗ ସୁଖେ
କହ ତୁମେ ପ୍ରେମ ?
କୁତ୍ସିତ କାମନା ତବ ପ୍ରଣୟ ପ୍ରକାଶ ?
ଉର୍ବଶୀ—ବୁଝିଛି ମୁଁ ପାର୍ଥ !
ମୁଖରେ ଧିକ୍କାର ତବ
ମନେ ମନେ ଅନଙ୍ଗ ଉଦ୍‌ବେଗ !

କାହ୍ନା ଅଜ କର ହେ ବିଳମ୍ବ ?
ବହିଯାଏ କାଳ—
ମଧୁଯାମିନୀ ହୋଇବ ପ୍ରଭାତ ଏବେ,
ରଖି ସେ କଥାର ଛନ୍ଦ
ଭୁଜ-ବନ୍ଧେ ଧରି ଦିଅ ସଖା ।

( ଅକର୍ଷଣେ ଉଦ୍ୟତା )

ଅର୍ଜୁନ—ପାପୀୟସୀ !!—

( ଘୁଞ୍ଚିଗଲେ ଦୂରକୁ )

ଉର୍ବଶୀ—ଅନଙ୍ଗ ଘାରୁଛି ତନୁ,
ରକ୍ଷାକର, କରିଛ ପ୍ରତିଜ୍ଞା—
ବିଷ୍ଣୁ ନାମେ କରିଛ ଶପଥ ।

( ଅର୍ଜୁନ ଟିକିଏ ଶିହରି ଉଠିଲେ )

ହାଃ ହାଃ ହାଃ ହାଃ—
ଆସ୍ଫାଳନ କଲ ଯେ ଗାଣ୍ଡୀବେ—
କାହିଁ ସେ କାର୍ମୁକ ତବ
ବୀର ଶ୍ରେଷ୍ଠ ମାନବ ଫାଲ୍‌ଗୁନୀ ?
ଦମ୍ଭରେ କହିଛ ତ କଥା—
"ବୃଥା ମୋର ପୌରୁଷର ଗର୍ବ
ଶତ୍ରୁ ତବ ନ କଲେ ଦଳନ"—
କାହିଁ ସେ ବଡ଼ିମା ତବ
ନରୋତ୍ତମ ତୃତୀୟ ପାଣ୍ଡବ ?
କଥାର ଗୁରୁତ୍ୱ ଏବେ ପଡ଼ିଅଛି ଧରା ।

ଅର୍ଜୁନ—ଦୂର ହୁଅ ଭୁଜଙ୍ଗିନୀ ।
ପାର୍ଥର ପୁରୁଷକାର
ପରମ-ପୁରୁଷ କୃଷ୍ଣ-ଇଂଗିତେ ଗୁଳିତ,
ଲାଞ୍ଛିତ ନ ହେବ ସେହୁ
ସ୍ୱର ଏକ କାମୁକା ନାରୀର
ତୁଚ୍ଛ ବାକ୍ୟର ପ୍ରହାରେ ।
ଆଜ, ଅଙ୍ଗୀକାର ମୋର ?
ଶୁଣ ପାପୀୟସି !
ପାପର ରକ୍ଷଣେ ଅବା
କାମ-ତୃପ୍ତି ଲାଗି
କାମଜୟୀ ଅର୍ଜୁନର କାର୍ମୁକ ଅଚଳ ।
ଦୂର ହୁଅ ସମ୍ମୁଖୁଁ ମୋହର ।

ଉର୍ବଶୀ—ଦୂର ହେବ ?
ଶୁଣ ତେବେ ପାର୍ଥ— ।
ଶୁଣ ତେବେ କାମଜୟୀ ତୃତୀୟ ପାଣ୍ଡବ ।
ସୁରବାଳା ଉର୍ବଶୀର ପ୍ରେମ
କଲୁଷ କାମନା ଜ୍ଞାନେ
ଧରାର ମାନବ ତୁମେ କରିଛ ଉପେକ୍ଷା,
ବଖାଣିଛ ପୌରୁଷ ଗାରିମା—
ସେହି ତବ ଗର୍ବିତ ପୌରୁଷ
ଉର୍ବଶୀର ଅଭିଶାପେ—

( ଟିକିଏ ଥମିଯାଇ ପରେ ଅଧିକ ଉତ୍ତେଜନା ସହ )

ହଁ, ହଁ—ଦଏ ଅଭିଶାପ,
ବଞ୍ଚିତା ନାରୀର ଘେନ ତୀବ୍ର ଅଭିଶାପ—
ପୌରୁଷ ଲୁଚିବ ତବ
କ୍ଲୀବତ୍ୱ ଲଭିବ ତୁମେ ଗର୍ବିତ ଫାଲ୍‌ଗୁନି;
ଯଥାକାଳେ ଅଭିଶାପ
ହୋଇବ ସାର୍ଥକ—

( ବେଗେ ପ୍ରସ୍ଥାନ )

ଅର୍ଜୁନ—ଓଃ, ହେ କେଶବ—
ହେ କେଶବ, କୃଷ୍ଣ ଅନ୍ତର୍ଯ୍ୟାମୀ ! !
ବ୍ୟର୍ଥ ହେଲ—ବ୍ୟର୍ଥ ହେଲ ବ୍ରତାଗ୍ନିର
ଶକ୍ତିର ସାଧନା ମୋର ! !—

( ମୂର୍ଚ୍ଛିତ ହେଲେ )

# ଦୃଶ୍ୟ—ଛଅ

## —ତୋଡ଼ରର ଗୃହ-ପ୍ରାଙ୍ଗଣ—

( ଦୁଇମାଳ ଘୁଙ୍ଗୁର ଧରି ଚନ୍ଦ୍ରାର ପ୍ରବେଶ )

ଚନ୍ଦ୍ରା—(ନେପଥ୍ୟ ଗୃହଁ ଡାକନ୍ତି) ଆସ ମ, ଘୁଙ୍ଗୁର ଆଣିଲିଣି—

ନେପଥ୍ୟ ହସନ୍ତ—ହଉ, ଘୁଙ୍ଗୁର ବାନ୍ଧ ଗୋଡ଼ରେ, ମୁଁ ଯାଉଛି ।

( ଗୋଡ଼ରେ ଘୁଙ୍ଗୁର ବାନ୍ଧୁ ବାନ୍ଧୁ ଚନ୍ଦ୍ରା ଢୁଳେଇ ପଡ଼ନ୍ତି—ହସନ୍ତ 'ବୋଲ' ଡାକି ଡାକି ପ୍ରବେଶ ।)

ହସନ୍ତ—ତାଧିନ୍ ତା—ତାଧିନ୍ ତା—ତାତା-ଧିନ୍‌ତା—ତାତା-ଧିନ୍‌ତା—

( ବୋଲ ଅନୁସାରେ ସେମିତି ବସି ଢୁଳାଉଥିବା ଅବସ୍ଥାରେ ମଧ୍ୟ ଚନ୍ଦ୍ରାର ଗୋଡ଼ ଠିକ୍ ପଡୁଥାଏ ।)

ହସନ୍ତ—( ହଠାତ୍ ଗୃହଁ ଦେଖିଲେ ଚନ୍ଦ୍ରାର ଏ ଅବସ୍ଥା ) ବାସ୍—ବାସ୍—ବାସ୍ । ( ଦୂରରୁ ତୋଡ଼ ଆସୁଥିବାର ଦେଖିପାରି ) ତାଧିନ୍‌ତା—ତାତା-ଧିନ୍‌ତା—

( ତୋଡ଼ରର ପ୍ରବେଶ )

ତୋଡ଼—ଏ କ'ଣ—ଏ କି ନାଚ ?

ହସନ୍ତ—ଗାନ୍ଧର୍ବ ନାଚ—ପ୍ରଥମ ସୋପାନ ।

ତୋଡ଼—ଯା ପରେ ?

ହସନ୍ତ—ଦ୍ୱିତୀୟ ସୋପାନ, ତା ପରେ ତୃତୀୟ ସୋପାନ—ଏମିତି ଧୀରେ ଧୀରେ ଉନ୍ନତ ଉନ୍ନତ ସବା ଶେଷ ଅର୍ଥାତ୍ ଚତୁର୍ଥ ସୋପାନରେ ଗୋଡ଼ ପଡ଼ିବ—

ଡୋଢ଼—ତା' ଡାରେ ?

ହସନ୍ତ—ତା ପରେ ଆଉ ସୋପାନ ନାହିଁ—ଧୀରେ ଓହ୍ଲେଇ ପଡ଼ିବ ଏକ ପ୍ରକାଣ୍ଡ ଫୁଲ୍ ବଗିଚ୍ଚ ଭିତରକୁ—

ଡୋଢ଼—ଫୁଲ୍ ବଗିଚ୍ଚ ?

ହସନ୍ତ—ଆଜ୍ଞା ହଁ, ଫୁଲବଗିଚ୍ଚ—ମହୁମାଛି, କଳା କୋଇଲି, ପ୍ରଜାପତି ଯୋଡ଼ିଏ ଖାଲି ଗଣ୍ଡା-ଗଣ୍ଡା, ପଣ-ପଣ । ଉପରେ ଥିବେ ଶଶୀ—ତଳେ ଫୁଲ୍ ଶେଯରେ ବସି—

ଡୋଢ଼—କଣ ସବୁ କହୁଚ ମୁଁ କିଛି ବୁଝିପାରୁ ନାହିଁ ।

ହସନ୍ତ—ଠିକ୍ ସମୟରେ ବୁଝିବେ ଆଜ୍ଞା । ତା'ପରେ ସେଇଠି ସେଇ ଫୁଲ୍ ବଗିଚ୍ଚ ଭିତରେ ଆରମ୍ଭ ହେବ—ଗାନ୍ଧର୍ବ ବିବାହ— "ପ୍ରଥମ ସୋପାନ" ।

ଡୋଢ଼—ଏଁ ! ବିବାହ ! କଣ କହୁଚ ହସବନ୍ତ ? ନାଚରୁ ଏକାବେଳକେ ବିବାହ ? ଅର୍ଥାତ୍ ବିବାହ କରିବ ଚନ୍ଦ୍ରା ?

ହସନ୍ତ—ଚନ୍ଦ୍ରା ବିବାହ କରିବ ନାହିଁ, କରିବ ଅପରପକ୍ଷ—

ଡୋଢ଼—ଅର୍ଥାତ୍ ଗନ୍ଧର୍ବ ?

ହସନ୍ତ—ଗନ୍ଧର୍ବ ନୁହେଁ ଆଜ୍ଞା, ଗାନ୍ଧର୍ବ । ଏସବୁ 'ବ୍ୟାକରଣ' ଆପଣମାନଙ୍କର ବୁଝିବାକୁ ଟିକିଏ କଷ୍ଟ ହବ—

ଡୋଢ଼—ଗାନ୍ଧର୍ବ ଫେର୍ କିଏ ?

ହସନ୍ତ—ଏଇ ଯେମିତି ଆମେମାନେ—ଅର୍ଥାତ୍ ମୁଁ—ଗନ୍ଧର୍ବ ହେଇ ଗନ୍ଧର୍ବଙ୍କ ପାଖରେ ନାହିଁ କି ଦେଶରେ ନାହିଁ, କି ସୁଖରେ ନାହିଁ, କି ଦୁଃଖରେ ନାହିଁ—

ଡୋଢ଼—(ଅତିଶୟ ବିସ୍ମୟରେ) ହସବନ୍ତ ! ଶେଷରେ ତୁମେ— ଚନ୍ଦ୍ରାକୁ ?

ବସନ୍ତ—ଆଜ୍ଞା ହଁ—

ଚୋଡ଼—ମାନେ ତୁମେ ଚନ୍ଦ୍ରାକୁ ବିବାହ କରିବାକୁ ଚାହଁ ?

ବସନ୍ତ—ମୁଁ ଚାହେଁ ନାହିଁ ଆଜ୍ଞା —

ଚୋଡ଼—ତେବେ କିଏ ଚନ୍ଦ୍ରା ?

ବସନ୍ତ—ନା —ସେ ବି ନୁହେଁ; ଆପଣ ତାହାହେଲେ କଥାଟାକୁ ଠିକ୍ ଧରି ପାରିଲେ ନାହିଁ ।—

ଚୋଡ଼—( ବିରକ୍ତ ଭାବେ ) ମୋର ଧରି ପାରିବା ଦରକାର ନାହିଁ—

ବସନ୍ତ—ନ ଧରନ୍ତୁ । ମାତ୍ର ସମୟ ହେଲେ ସେ ଅପେ ଅପେ ଧରିଦେବ ।

ଚୋଡ଼—ଯାର ଅର୍ଥ ?—

ବସନ୍ତ—ଅର୍ଥ ହଉଚି—ଗାନ୍ଧର୍ବ ନାଚ ତୃତୀୟ ସୋପାନ ପରେ ଆରମ୍ଭ ହେବ ଗାନ୍ଧର୍ବ ବିବାହ ପ୍ରଥମ ସୋପାନ—ତା' ମନକୁ ଆରମ୍ଭ ହୋଇଯିବ ଆଜ୍ଞା । କାହାରି ଚେଷ୍ଟା ଉପରେ ସେ ନିର୍ଭର କରିବ ନାହିଁ । ତା ପରେ ଦ୍ୱିତୀୟ ସୋପାନ, ତୃତୀୟ ସୋପାନ—ସେମିତି ମନକୁ ମନ ଗଢ଼ି ଗଢ଼ି ଶେଷରେ ପତନ ଓ ମୂର୍ଚ୍ଛା !

ଚୋଡ଼—ଏଁ ! ମୂର୍ଚ୍ଛା ! !—

ବସନ୍ତ—ଆଜ୍ଞା ହଁ, ଯେ ତା ବକ୍ଷ ଉପରେ, ସେ ତା ବକ୍ଷ ଉପରେ—

ଚୋଡ଼—ବୁଝିଲି, 'ଆଲିଙ୍ଗନ' ?

ବସନ୍ତ—ଆଜ୍ଞା ନା, ସେ ସବୁ ବ୍ୟବସ୍ଥା ଆମ ସ୍ୱର୍ଗ ରାଜ୍ୟରେ ନାହିଁ । ତେବେ ମର୍ତ୍ତ୍ୟରେ ଯେମିତି ସବୁ ଘନ ଘନ ଋତୁ ପରିବର୍ତ୍ତନ ଦେଖୁଚି, ଋତୁ ବିଶେଷରେ ସେ ସବୁ ପ୍ରୟୋଗ ହୁଏତ ଏଠି ଦରକାର ହେଇ ପାରେ, ସେଥିପାଇଁ ଚତୁର୍ଥ

ସୋପାନ ଶେଷରେ ଯାଇ ମୁଁ ତାକୁ ପରିଶିଷ୍ଟ ରୂପେ ଖଞ୍ଜି ଦେଇଚି; କ୍ରମେ କ୍ରମେ ସେ କଥା ଆସିବ—

ଚୋଢ଼—ଆସିବା ଦରକାର ନାହିଁ କି ଆମ ଦାନବ ଜାତିଙ୍କି ଏସବୁ ପାଠ ଶିଖେଇବା ବି' ଦରକାର ନାହିଁ । ଚନ୍ଦ୍ରାର ନାଚ ଶିଖିବା ଆଜଠୁଁ—ଏହି ମୁହୂର୍ତ୍ତରୁ ବନ୍ଦ—

ହସନ୍ତ—ଏ ଅବସ୍ଥାରେ ଅସମ୍ଭବ ଆଜ୍ଞା !

ଚୋଢ଼—ତେବେ ବନ୍ଦ ହବନାହିଁ ?

ହସନ୍ତ—ହୋଇପାରେ, ଚତୁର୍ଥ ସୋପାନ ଶେଷକରି ସାରିଲା ପରେ ସ୍ୱତନ୍ତ୍ର ବ୍ୟବସ୍ଥା ରୂପେ ବନ୍ଦ କରାଯାଇପାରେ । ହିଁ, ପରିଶିଷ୍ଟଟା ନ ପଢ଼ିଲେ ଚଳେ—

ଚୋଢ଼—ରଖ ସେ ବାଜେ କଥା । ( ଚନ୍ଦ୍ରାକୁ ) ଚନ୍ଦ୍ରା—ଚନ୍ଦ୍ରା ଉଠ୍—( ଉଠାଇଲେ ଧରି ) ଉଠ୍—ଚାଲ୍, ଘର ଭିତରକୁ ଚାଲ—ଆ—

ଚନ୍ଦ୍ରା—( ଛଡ଼ାହୋଇ ) ଡାକ ମ' ହସନ୍ତ । ବୋଲ୍ ଡାକ—ମୁଁ ନାଚିବି ଯେ—

ଚୋଢ଼—ଚୁପ ହ ! ଚାଲ୍ ଘରଭିତରକୁ—

ଚନ୍ଦ୍ରା—ମୁଁ ନାଚ ଶିଖିବି ନାହିଁ ?

ଚୋଢ଼—ନା, ପୋଡ଼ାମୁହିଁ ! ନାଚ ଶିଖିବୁ କ'ଣ ?—ଏଇ ଗନ୍ଧର୍ବଟା ତତେ ନାଚ ଶିଖଉ ନାହିଁ ଯେ ତତେ ବାହା ହେବାକୁ ଶିଖଉଚି—

ଚନ୍ଦ୍ରା—ସେ କେମିତି ବାହା ହେବେ ବାବା ? ତାଙ୍କର ତ ସ୍ତ୍ରୀ ଅଛନ୍ତି, ମୁଁ ତାଙ୍କୁ ବାହା ହେବି ।

ହସନ୍ତ—( ଖୁସିହୋଇ ) ଦେଖିଲେ, ଦେଖିଲେ ?

ଢୋଢ଼—ଚୁପ୍ କର ତୁମେ । ଶୁଣ ହସବନ୍ତ । ତୁମେ ଏଇ ମୁହୂର୍ତ୍ତିରେ ମୋ ଘର ଛାଡ଼ି ଚାଲିଯାଅ । ମୁଁ ତମକୁ ଆଜ ଆଶ୍ରୟ ଦେଇ ପାରିବି ନାହିଁ । (ଭୀଷଣ ସ୍ୱରେ) ଜାଣ ମୁଁ ଦାନବ ?

ହସନ୍ତ—ଆଜ୍ଞା ହଁ—

ଭଦ୍ରା—ନା—ନା, ତେମେ ରହ । ତେମେ ମତେ ନାଚ ଶିଖେଇବ ଯେ । ଏ କଣ ମ । ଥମିଗଲ କାହିଁକି ? ବୋଲ୍ ଡାକ ମ । ଡାକ ହସନ୍ତ—ମୁଁ ଏଥର ଠିକ୍ ନାଚିବି—

ଢୋଢ଼—ନାଚିବୁ ନାହିଁ, ମରିବୁ ତୁ—

( ଅତ୍ୟଧିକ ବିରକ୍ତ ହୋଇ ଚାଲିଗଲେ )

( ହସନ୍ତ ବୋଲ ଡାକିଲେ, ଭଦ୍ରା ନାଚିଲା—ନାଚ ଶେଷରେ ଭଦ୍ରା ତନ୍ଦ୍ରାଚ୍ଛନ୍ନଭାବେ ହସନ୍ତର ବକ୍ଷ ଉପରେ ଢଳି ପଡ଼ିଲା—ଏଣେ କଟକଟେଇ ଧାଇଁ ଆସିଲେ ଢୋଢ଼, ଭଦ୍ରାକୁ ଟାଣି ଧରି ଘୋଷାରିଲେ । )

ଢୋଢ଼—ଏ କ'ଣ । ଏ କ'ଣ । ଭଦ୍ରା ।

ହସନ୍ତ—ଚତୁର୍ଥ ସୋପାନ ଆରମ୍ଭ ହୋଇଗଲା ଆଜ୍ଞା, ଆରମ୍ଭ ହୋଇଗଲା—

ଢୋଢ଼—ତମ ମୁଣ୍ଡ ହୋଇଗଲା, ତମ ଗଣ୍ଡି ହୋଇଗଲା । ଚାଲିଆ ଘୋଡ଼ାମୁହିଁ ଘର ଭିତରକୁ— । ( ହସନ୍ତକୁ ଲକ୍ଷ୍ୟ କରି ) ଖବରଦାର, ତୁମେ ଆଜ ମୋ ଦୁଆର ମାଡ଼ିବ ନାହିଁ । ତୁମେ ଏଇ ମୁହୂର୍ତ୍ତରେ ମୋ ଘର ଛାଡ଼ି ଚାଲିଯାଅ ।

( ଭଦ୍ରାକୁ ଟାଣିନେଇ ପ୍ରସ୍ଥାନ )

**ବସନ୍ତ**—ହଉ, ହଉ, ଯାଅ । ମାଏ, ଗତି ଖୁବ୍ ଚଞ୍ଚଳ ହଉଚି ତ । ଏତେ ଶୀଘ୍ର ଚତୁର୍ଥ ସୋପାନ ଯାଏ ମାଡ଼ି ଆସିବ ବୋଲି ମୋର ଧାରଣା ନଥିଲା ! ବାକୀ ପରିଶିଷ୍ଟ—( **ହଠାତ୍ ଚିନ୍ତିତ ହୋଇପଡ଼ି** ) ହେଲେ, ମୋର ତ ଗୃହିଣୀ ଅଛନ୍ତି । ବର୍ତ୍ତମାନ କଣ କରାଯାଏ ? ( **ପରେ ଉତ୍ସାହିତ ହୋଇ** ) ନା—ନା ଭୟ ନାହିଁ; ପରିଶିଷ୍ଟଟା ଯାଉ । ଶେଷରେ ଖଣ୍ଡିଏ ଶୁଦ୍ଧିପତ୍ର ଯୋଡ଼ିଦେଲେ ଚଳିଯିବ; ହଁ, ଚଳିଯିବ—ସ୍ୱର୍ଗରେ ଚଳୁଚି, ଆଉ ଯେତେ ମର୍ତ୍ତ୍ୟ ।।।—

( **ବିପରୀତ ଦିଗରେ ପ୍ରସ୍ଥାନ** )

## ଦୃଶ୍ୟ — ସାତ

### —ଅମରାବତୀ—

[ ଭକ୍ତଶ୍ରେଷ୍ଠ ମାନସରେ ଅର୍ଜୁନ ପଦଚାରଣ କରୁଥିଲେ । ଜଣେ କିନ୍ନରୀ ଗୋଟିଏ ସୁବର୍ଣ୍ଣ ଥାଳରେ କିଛି ପାରିଜାତ ଧରି ପ୍ରବେଶକଲା ଓ ତାହା କକ୍ଷ ମଧ୍ୟରେ ରଖିଲା । ଅର୍ଜୁନଙ୍କ ଦୃଷ୍ଟିଲାଭ ଲକ୍ଷ୍ୟକରି ଟିକିଏ ଥକ୍କା ହୋଇ ରହିଯାଇ ଫେରି ଯାଉଥିଲା— ]

( ପଦ ଶବ୍ଦରେ ଅର୍ଜୁନ ଫେରି ଚାହିଁଲେ ।)

ଅର୍ଜୁନ—କିଏ ?

କିନ୍ନରୀ—(ଫେରି) ପାରିଜାତ ମହାଭାଗ !

( ପାରିଜାତ ଥାଳ ଦେଖାଇ ଦେଲା ।)

ଅର୍ଜୁନ—ପାରିଜାତ !

ଏହି ପାରିଜାତ !!
ଐରାବତ, ଚନ୍ଦ୍ର ଆଦି ଅମିତ ସଂପଦ—
ଦେବତାର ଗୌରବ-ପ୍ରତୀକ—
ନୁହଇ ସମ୍ଭବ ବୋଲି ନଶ୍ୱର ଜଗତେ ଯିନା
ମାନବର ଆଖି ଆଗେ
ମେଲିଦଏ ଇନ୍ଦ୍ରଜାଲ, ବୈଚିତ୍ର୍ୟ-ଦର୍ଶନ !
ମନେ ହୁଏ—ସୃଷ୍ଟିର ଦୁର୍ଲଭ ଧନ,
ପବିତ୍ର ଏମାନ !—
ବିମୁଗ୍ଧ ମାନବ ତେଣୁ
ଭକ୍ତିଭରେ ପୂଜାକରେ ତାର !

ଏ କି ମାୟା ତବ ପ୍ରଭୁ—
ସୃଷ୍ଟିର ସମ୍ଭବକାରୀ !
ତୁମ୍ଭ ଇଚ୍ଛା ତୁମ୍ଭେ ଜାଣ ଦୟାମୟ !
କାହୁଁବା ବୁଝିବ କ୍ଷୁଦ୍ର ମାନବ ଫାଲ୍‌ଗୁନୀ ?
କିନ୍ତୁ ଏ କି ରହସ୍ୟ ପ୍ରଭୁ—
ନିବିଡ ସୁନ୍ଦର ଏହୁ ସୁଷମାର ଖଣି
ସୁପବନ ପାରିଜାତେ
ରଖିଛ ଲୁଚାଇ କୀଟ—
ସୁଧା ଭାଣ୍ଡେ ବିଷ ବିନ୍ଦୁ ସମ ?
କି ଉଦ୍ଦେଶ୍ୟେ ପ୍ରଭୁ ?

( ଶଚୀଙ୍କର ପ୍ରବେଶ )

ଶଚୀ—ଏ କ'ଣ ଧନଞ୍ଜୟ !
ପୁଣି ସେହି ଚିନ୍ତା—
ପୁଣି ସେହି ଅନମନା ଭାବ ?
କହ ବୀର ! —
କି ଲାଗି ଏ ଯାଏ ତବ ଅସ୍ଥିର ମାନସ ?
ତୁଚ୍ଛ କଥା ଘେନି କାହିଁ
ଦୁଃଖମୟ କରୁଛ ଜୀବନ ?

ଅର୍ଜୁନ—ଜାଣେ ଗୋ ଇନ୍ଦ୍ରାଣି !
ଅବିରତ ସୁଖ ଯହିଁ କରଇ ବସତି
ଦୁଃଖ, ଶୋକ, ପାପର ସମାଧି'ପରେ
ବିରାଜିତ ସୁରପୁରୀ ବିମଳ ଗୌରବେ—
ବସି ତହିଁ ଧରାର ମାନବ ମୁହିଁ

ଦୁଃଖର ପରଶ ବୋଲି
କଳୁଷିତ କରେ ସିନା ମହତ୍ତ୍ୱ ତାହାର !!
ମାଗଇ ମେଲାଣି ତେଣୁ,
ଦିଅ ଗୋ ଇନ୍ଦ୍ରାଣି ! —
ମରତେ ଚଳିବ ପାର୍ଥ
ସାର୍ଥ କରି ଦୁଃଖ ଶୋକ ଗ୍ଳାନି—
ଅର୍ଜନ ଯା କରିଛି ଅର୍ଜୁନ !
ଶଚୀ—ଜାଣେ ମୁଁ ଅର୍ଜୁନ !
କି ଲାଗି ଅନ୍ତର ତବ ହୁଏ ବିଚଳିତ !
ଉର୍ବଶୀର ଅଭିଶାପ—
କାମୁକା ନାରୀର ସେହି ହୀନ ଆଚରଣ
ଅବିକଳ ମନେ ତବ
କରିଛି ବିକଳ; ବୁଝଇ ମୁଁ ସବୁ—
ଅର୍ଜୁନ—ବ୍ୟର୍ଥ ସେ କରିଛି ଦେବୀ ! ସକଳ ସାଧନା,
ବିଡ଼ମ୍ବିତ ପୌରୁଷ ପାର୍ଥର—
ଧୂଳିସମ ଉଡ଼ାଇଛି ଭବିତବ୍ୟ ତାର !
ଜାଣି କି ଜନନୀ—
ଅର୍ଜୁନର ବୃତାଗ୍ନିର ବାଷ୍ପେ ପରିଣତ ?
ଶଚୀ—ପୁରୁଷ ପ୍ରଧାନ କୃଷ୍ଣ-ସଖା ତୁମେ !
ବିଶୁଦ୍ଧ ସୁବର୍ଣ୍ଣ ସମ ପୌରୁଷ ତୁମ୍ଭର
ଲକ୍ଷଣେ ଦାହନରେ ଝଳି
ଚିରଦିନ ରହିବ ଉଜଳି—
ଅମଳିନ ଭବିତବ୍ୟ ଭାଗ୍ୟ ଲିପି ତବ !

ଅର୍ଜୁନ— ବୃଥା ଏ ସାନ୍ତ୍ୱନା ତବ,
ଦୁର୍ବାର ଏ ଅଭିଶାପ ଶିର'ପରେ ଘେନି
ଫେରବ ସୌରଭହୀନ କୁସୁମ ସମାନ
ମରଧାମେ ସବ୍ୟ-ସାଚୀ ଯେବେ
କୀର୍ତ୍ତି ଦର୍ପ ସାଧନା-ଗୌରବ ତାର
ଲୋକ ମୁଖେ କଣିବ ବିଦ୍ରୂପ !
ଧୂମ ସମ ବ୍ରୀଡାଗ୍ନିର ମିଶିବ ଗଗନେ—

( ଇନ୍ଦ୍ରଙ୍କର ପ୍ରବେଶ )

ଇନ୍ଦ୍ର—କିଏ କହେ ବ୍ରୀଡାଗ୍ନିର
ଧୂମ ସମ ମିଶିବ ଗଗନେ ତବ ?
ତୁମର ଏ ଆତ୍ମଗ୍ଲାନି
ନରୋତ୍ତମ ତୃତୀୟ ପାଣ୍ଡବ ।
ଛି ! ଛି !
ଧରା'ପରେ ଅବତୀର୍ଣ୍ଣ
ନର ରୂପୀ ନାରାୟଣ—
ବାସୁଦେବ ପ୍ରିୟ-ସଖା ତୁମ୍ଭେ,
ବାସବର ପ୍ରିୟ ପୁତ୍ର
ବୀର ସବ୍ୟସାଚୀ,—
ତୁମ୍ଭର ଏ ଆତ୍ମଗ୍ଲାନି, ଅବସନ୍ନ ଭାବ—
ଛାର ଏକ କାମବନ୍ଧା
ରୂପଜୀବୀ ରମଣୀର ତୁଚ୍ଛ ଅଭିଶାପେ ?
କହେ ମୁହିଁ ସୁରେନ୍ଦ୍ର ମଘବା—
ଉର୍ବଶୀର ଅଭିଶାପ
ତୁମ୍ଭ ତୁଲେ ଆଶୀର୍ବାଦେ

ହେବ ପରଣତ ।
ରହବ ଅଜ୍ଞାତବାସେ ବରଷକ ଲଗି
ପଞ୍ଚଭ୍ରାତା ପ୍ରତଶ୍ରୁତ ଦେଇଛ କୌରବେ,
ସେହୁ ଅବସରେ
ଉର୍ବଶୀର ଅଭିଶାପେ
କ୍ଲୀବତ୍ୱ ଅଚର ତୁମ୍ଭେ
'ବୃହନ୍ନଳା' ନାମ ଧେନ
ଛଦ୍ମ ବେଶେ ରହବ ଗୋପନେ,
ନ ଜାଣିବେ କେହୁ,
ବର୍ଷ ଶେଷେ ଶାପ ମୁକ୍ତ ହେବ ମୋର ବରେ ।

ଶଚୀ—ହେଲ ତ ଫାଲ୍‌ଗୁନ, ଏବେ—
ମନେ ଗ୍ଳାନ ରହୁନ'ତ ଆଉ ?

ଅର୍ଜୁନ—ଗ୍ଲାନପୂର୍ଣ୍ଣ ଧରଣୀର ଜୀବ
ଗ୍ଲାନଶୂନ୍ୟ ହେବ ମୁଁ କେସନେ ଦେବୀ ?
ଶାପ-ଭିଗ୍ନ କରଛ ଲଘବ ମୋର
ଦୟାନ୍ତ ବାସବ ଆଜ—
କର୍ମପଥୁ ଘୁଞ୍ଚାଇଛ ବାଧା;
ତବ ସ୍ନେହ କରୁଣାର ପାଶେ
ବନ୍ଦୀ ମୁହିଁ ଚରଦନ,
ସେବକ ଅର୍ଜୁନ ।
ଯୋଗ୍ୟ ପୂଜା ଙ୍କୁର ଅଜାତ ମୋର
ଭକତ-କୁସୁମାଞ୍ଜଳ
ଘେନ ହୃଷ୍ଟ ମନେ—

ଶଚୀ—ଶୁଣ କଥା ।
କରୁଣାର ପରିଚୟ ପାଇଲ ବା କାହିଁ ?
ପିତାର କର୍ତ୍ତବ୍ୟ ମାତ୍ର
ସାଧୁଛନ୍ତି ଦେବେନ୍ଦ୍ର ବାସବ,
ପିତୃସ୍ନେହେ ଅଧିକାର
ନାହିଁକି ତୁମ୍ଭର ?

ଅର୍ଜୁନ—କର ଆଶୀର୍ବାଦ,
ସେହି ଅଧିକାର ଘେନି
ଧନ୍ୟ ହେଉ ଧନଞ୍ଜୟ ।
ପିତାର ଚରଣ ସେବା କର୍ତ୍ତବ୍ୟ ସାଧନେ
ଜୀବନେ ଅଂଜଳି ଦେଇ
ଆନନ୍ଦ-ଗୌରବେ—

( ସୁବର୍ଣ୍ଣର ପ୍ରବେଶ )

ଇନ୍ଦ୍ର—କି ହେଲା ସୁବର୍ଣ୍ଣ ।
କାହିଁ ସେ ଉର୍ବଶୀ ?

ସୁବର୍ଣ୍ଣ—କ୍ଷମା ହେଉ ଅପରାଧ—
କାହିଁ ହେଲେ ନ ପାଇଲି ଖୋଜି ।

ଇନ୍ଦ୍ର—ନ ପାଇଲ ଖୋଜି ?

ଶଚୀ—କି ହେବ ସେ ଉର୍ବଶୀରେ ଖୋଜି ?
ବିଶ୍ୱାସ ଯେ ହରାଇଛି ବାରେ
କର୍ତ୍ତବ୍ୟରେ କରି ଅବହେଳା,
ଇନ୍ଦ୍ରର ଆଦେଶ ଯେହୁ
ହେଳାଭରେ କରିଛି ଅପେକ୍ଷା,

ଦେବତାର ଇଷ୍ଟମୁଖେ ରଚିଲା ଯେ ବାଧା—
ସୁରଲୋକ-କଳଙ୍କ ସେ
କିହେବ ସନ୍ଧାନ ତାରେ ?

ଇନ୍ଦ୍ର—ନ ବୁଝ ଇନ୍ଦ୍ରାଣୀ—
କି ଲାଗି ତା ଅନ୍ବେଷଣେ ପ୍ରୟୋଜନ ମୋର ।
ଶାସ୍ତି ଦେବି ତାରେ ।
ଭବିଷ୍ୟତ ଅଶଙ୍କା ଯେ
ଘୋଟି ଅସେ ଦେବଲୋକେ
ମୂଳେ ତାର ଉର୍ବଶୀର ଅବହେଳା—
ଘୋରତର ଅପରାଧ ।
ଦେବି ଶାସ୍ତି ତାରେ—

ଶଚୀ—ହଁ, ଦୂର କରିଦିଅ ତାରେ;
ସ୍ୱର୍ଗପୁରୀ ତେଜି ଯାଉ କଳଙ୍କିନୀ କାହିଁ
ଫଳ ଭୋଗ କରୁ ତା ପାପର ।
ଦିଅ ତାରେ ଅଭିଶାପ;
କାମକଳା-ପଟୀୟସୀ
ଗର୍ବ ତାର ନୃତ୍ୟ ବିଦ୍ୟା,
ସେହି ନୃତ୍ୟକାଳେ 'ପଦ ତାର
ହୋଇବ ଅଚଳ,
ଭୁଲିଯିବ ଛନ୍ଦ—
ସୁରଲୋକେ ହେବ ସେହୁ ଉପହାସ-ପାତ୍ରୀ ।'

ଇନ୍ଦ୍ର—ଜାଣିକି ଫାଲ୍‌ଗୁନ ।
ପାପୀୟସୀ ଉର୍ବଶୀର ଦୁର୍ବଳତା ଫଳେ
ଗୁରୁ କ୍ଷତି ସହେ ଆଜି ଦେବତା ସମାଜ ?

ଅର୍ଜୁନ—ଜାଣେ ଦେବରାଜ !
ଶିବଶୂଳ ଲଭି କରି ଦୈତ୍ୟେନ୍ଦ୍ର ଜବର
ଅମିତ ଶକତି ଧର ହୋଇଛି ଭୂତଳେ ।

ଇନ୍ଦ୍ର—ଶକ୍ତିର ପରୀକ୍ଷା ସେହୁ
କରିବ ଅଚିରେ
ସୁରପୁରୀ କରି ଆକ୍ରମଣ !
ଦେବତ୍ୱ-ଗୌରବ-ଗର୍ବ
ଧ୍ୱଂସ ଲାଗି କରିବ ପ୍ରୟାସ !

ଅର୍ଜୁନ—ନୁହଇ ବିଚିତ୍ର କିଛି,
ଯୁଗେ ଯୁଗେ ଏହାହିଁ ଘଟିଛି—
ଦୈତ୍ୟ ଜାତି ନବଶକ୍ତି ଲଭି
ଅପଚୟ କରିଛି ଶକ୍ତିର—
କାହିଁ କେବେ ହୋଇନି ସଫଳ !

ଇନ୍ଦ୍ର—ବୃଥା ଏ ପ୍ରବୋଧ ବାକ୍ୟ
ମନର ସାନ୍ତ୍ୱନା !—

ଅର୍ଜୁନ—କିନ୍ତୁ, ମନେ ହୁଏ—
ଏ ଯାଏ ଘଟିନି କିଛି
ଯାଲାଗି ବାସବ ଆଜି ଏଡ଼େ ବିଚଳିତ !

ଇନ୍ଦ୍ର—ଜାଣି ପୁତ୍ର !—
ଦେଖଇ ମୁଁ ମାନସ-ନୟନେ
ମହାନିଶା ଆସଇ ଆବୋରି
ଦେବତାର ଭବିଷ୍ୟତ ପଥେ ।
ଆଖି ଆଗେ ଭାସି ଉଠେ ଯେତେବେଳେ

ଦେବକୁଳ-ଲାଞ୍ଛନା, ନିଗ୍ରହ—
ପରାଜୟ, ପତନର ସକରୁଣ ଛବି ।
କିଏ—କିଏ କାହିଁ ଅଛ,
ଦେବତାର ଗୌରବ-କେତନ
ଧରିବାକୁ ତୋଳି ?
ବଞ୍ଚାଇ ରଖିବ ଅବା
ଦେବକୁଳ-ମହତ୍ତ୍ୱ-ଗରିମା ।

ଶଚୀ—ଅଜ ଦେବନାରୀ-ପବିତ୍ରତା
ଇନ୍ଦ୍ରାଣୀର ସତୀତ୍ୱ-ଗୌରବ ?

ଅର୍ଜୁନ—ଶଙ୍କା ତେଜ ମାତା !
ଧରାବାସୀ, ନର-ଦେହଧାରୀ
ପାଣ୍ଡବ ଅର୍ଜୁନ ସତ୍ୟ,
ନାହିଁ ତାର ଏତେ ବଡ଼ ଦମ୍ଭ
ଗୁରୁ କାର୍ଯ୍ୟେ ଦେବ ପ୍ରତିଶ୍ରୁତି,—
ତଥାପି କହୁଛି ମୁହିଁ
ଦେବତା ପ୍ରସାଦେ ପାର୍ଥ
ଧରାରେ ଗାଣ୍ଡୀବଧାରୀ
ବାହୁଯୁଗେ ବହୁଛି ଶକତି ।
ଦେବ କାର୍ଯ୍ୟେ ହେଲେ ପ୍ରୟୋଜନ—
ଦେବନାରୀ, ମାତୃ-ଜାତି ସମ୍ମାନ ରକ୍ଷଣେ
ଅର୍ଜୁନ ତା ଶେଷ ରକ୍ତ ଦାନି
ଶକ୍ତିର ପରୀକ୍ଷା ଦେବ,
ଢାଳିବ ଜୀବନ ତାର କେଶବ-ନିର୍ଦ୍ଦେଶେ !

ଶଚୀ—ଧନ୍ୟ, ଧନ୍ୟ ତୁମ୍ଭେ,
କୃଷ୍ଣ-ସଖା ନର-ଦେବ ପାର୍ଥ ।
ଏହି ତବ ଉପଯୁକ୍ତ କଥା ।
ଇନ୍ଦ୍ର—କରେ ଆଶୀର୍ବାଦ
ବାହୁଯୁଗେ ଭରୁ ତବ ବିପୁଳ ଶକତି,
ପୁରୁଷ ପୁଙ୍ଗବ ରୂପେ
ପ୍ରତିଷ୍ଠିତ ହୁଅ ଧରା ତଳେ ।
ବୀରତ୍ୱ-ପ୍ରତିଭା ତବ
ଭାସ୍ୱର ସବିତା ସମ
ଯୁଗେ ଯୁଗେ ଶୋଭୁ ଥାଉ ବିଶ୍ୱ ଝଲସାଇ ।
ଅର୍ଜୁନ—ଦଅନ୍ତୁ ମେଲାଣି ତେବେ, .
ଆଶୀର୍ବାଦ ଯୋଗ୍ୟ ତବ
କରେ ମୁଁ ସାଧନା—
ନବଶକ୍ତି କରେ ଆହରଣ ।
(ଇନ୍ଦ୍ର ଓ ଇନ୍ଦ୍ରାଣୀଙ୍କୁ ପ୍ରଣତ ହେଲେ)
ଆଶୀର୍ବାଦ କର ଗୋ ଜନନୀ ।
ନିସର୍ଗ ସୁନ୍ଦର ସ୍ମୃତି—
ସ୍ନେହର ପରଶ ତବ
ଚିରଦିନ ଜାଗରୁକ ରହୁଗୋ ଅନ୍ତରେ;
ସତ୍ୟର ସେବକ ରୂପେ
ବିଶ୍ୱହିତେ ବ୍ରତୀ ହେଉ ପାଣ୍ଡବ ଅର୍ଜୁନ ।
ଶଚୀ—କରେ ଆଶୀର୍ବାଦ ପୁତ୍ର ।
ବିଶ୍ୱର କଲ୍ୟାଣ ଲାଗି
ଦୁଷ୍ଟର ଦଳନେ

ଶକ୍ତି ତୋର ହେଉ ନିଯୋଜିତ—
ଧର୍ମେ ରହୁ ମତି ।
ଇନ୍ଦ୍ର—ଯାଏ ମୁଁ ଇନ୍ଦ୍ରାଣି !
ଅର୍ଜୁନର ଯାତ୍ରା ଲାଗି କରେ ଆୟୋଜନ ।
ଆସ ଧନଞ୍ଜୟ—

**( ଅର୍ଜୁନଙ୍କ ସହ ପ୍ରସ୍ଥାନ )**

**( ଇନ୍ଦ୍ରାଣୀଙ୍କର ବିପରୀତ ଦିଗରେ ପ୍ରସ୍ଥାନ )**

ସୁବର୍ଣ୍ଣ— **( ହଠାତ୍ ସ୍ୱପ୍ନରୁ ଉଠିଲା ପରି, ଚାରିଆଡ଼କୁ ଚାହିଁ )**
ଆରେ ! ଚାଲିଗଲେ ସର୍ବେ ! !
ଭଲ ତ ବିଚାର !
ଆମ୍ଭେ ରହିଅଛୁ ଠିଆ—
ପୃଥିବୀର ଲୋକ ନୁହେଁ,
ରାକ୍ଷସ ବି ନୁହେଁ—
ସ୍ୱର୍ଗପୁର ଅଧିବାସୀ ଜନୈକ ଗନ୍ଧର୍ବ—
ହେଲୁଁ ଏବେ କାହାଁର ଭୃତ୍ୟର
ତଥାପି—ନ ପଚାରି ଥରେ
କଥାରେ ରହିଲ ଭୋଳ
ଧରାର ମନୁଷ୍ୟ ଭୁଲେ;
କଥା ଶେଷେ ଗଲ ଚାଲି
ଯେସନେ କି ଆମ୍ଭେ କେହି ନୁହେଁ,
ଅଛୁ କି ନଅଛୁ, ଜଣା ନ ପଡ଼ିଲା !!
ନା—ନା, ଦେବତା, ଗନ୍ଧର୍ବ ମଧ୍ୟେ
ଏହି ତ ପ୍ରଭେଦ ।

**( ହଠାତ୍ ଉର୍ବଶୀଙ୍କର ପ୍ରବେଶ )**

ଉର୍ବଶୀ—ଏ ପ୍ରଭେଦ ବୁଝିବା ସତ୍ତ୍ୱେ
ଏ ଯାଏ ଗନ୍ଧର୍ବ ଖଟେ ଦେବତାର ପଦେ ।
ଲଜ୍ଜା ନାହିଁ ?
ସୁବର୍ଣ୍ଣ—(କଥା ମୁଅଟର ଭୁସି) କହତ ଉର୍ବଶୀ ।—ତୁମେ କହ—
ତୁମେ ତ ଅମର ଲୋକ, ଅମର ଜାତ—
ଏତେ ଅବହେଳା ।—ଏଁ ।।
ତୁମେ—ତୁମେ ଉର୍ବଶୀ ପୁଣି
ଏଠାରେ କି ହେତୁ ?
( ଭୀତ ହେଲାପରି ଏଣେ ତେଣେ ଗୃହିଁ )
ନାହାନ୍ତି ତ କେହି ଆଖ-ପାଖେ—।।
ଉର୍ବଶୀ—ହାଃ ହାଃ ହାଃ ହାଃ—
ଏହି ଭୀତ ଧେନ
ଦେବତାର ଆଚରଣ କର ଆଲୋଚନା ?
ସୁବର୍ଣ୍ଣ—ଆଲୋଚନା ।।—ନାଁ ତ—
ଛାଡ଼ ସେ ପ୍ରସଙ୍ଗ,
କିନ୍ତୁ—ତୁମେ ଏଥି କି ଲାଗି କହ ତ ?
କେସନେ ପାଇଲ ପଥ ?
ଦେବରାଜେ ଦେଇଥିଲ କହି
ଉର୍ବଶୀରେ ନ ପାଇଲ ଖୋଜି—
ଭଲେ ଭଲେ ତୁଟିଥିଲା କଥା,
ପୁଣି କିମ୍ପା— ?
ଉର୍ବଶୀ—ବୃଥା ଏ ପ୍ରୟାସ ତବ;
ଉର୍ବଶୀରେ ଭୁଲାଇବ କଥାର ଛଟେକେ ?

ସୁବର୍ଣ୍ଣ—ନା—ନା—ଭୁଲଉଛୁ କିଏ ?
କହୁଛ ଯେ ବିପରୀତ କଥା ।
ତୁମେ ବରଂ ଭୁଲ୍ କରି କହୁଅଛ ମୋତେ—
"ଯାଅ ଭୁବି, ବାସବେ କହିବ
ନ ପାଇଲି ଉର୍ବଶୀରେ କାହିଁ ।"
ତୁମରି ସେ ଅନୁରୋଧ ରକ୍ଷି—
ଉର୍ବଶୀ—ଜାଣେ,
ବନ୍ଧୁଜନ ଆଚରଣ କରିଛ ସୁବର୍ଣ୍ଣ,
ଦିଏ ଧନ୍ୟବାଦ ।
ସୁବର୍ଣ୍ଣ—ଧନ୍ୟବାଦ !—ହଁ, ଦେଇପାର ତାହା—
ମନା ନାହିଁ କିଛି ।
କିନ୍ତୁ, ଗୋପନେ ଥିଲ ତ ଲୁଚି
କରିଥିଲ ଭଲ ।
କି ଲାଗି ବା ଆସିଲ ବାହାରି ?
ଉର୍ବଶୀ—(ଅଳଙ୍ଘ୍ୟସ) ଜାଣନା ? କି ଲାଗି ଆସିଲି ଏଥି ?
ଇନ୍ଦ୍ରାଣୀ ଯେ ଦେଲେ ଅଭିଶାପ
ଏତେ ଆଡ଼ମ୍ବରେ ଲମ୍ଫ ଝମ୍ପ ତୋଳି,
ସ୍ୱର୍ଗପୁରୀ ରାଣୀ ସେହୁ,
ଅଭାଗିନୀ ମୁହିଁ ଅମର ବାସିନୀ—
ଉପେକ୍ଷା କି କରିପାରେ ତାରେ ?
ଆସିଲି ମୁଁ ବରିନେବା ତେଣୁ
ସସମ୍ମାନେ ଶଚୀ-ଅଭିଶାପ ।
ସୁବର୍ଣ୍ଣ—ଦେବରାଣୀ ଅଭିଶାପ ଦେଲେ ?
ନା—ନା; କାହୁଁ ବା ଶୁଣିଲ ଏ କଥା ?

ଦେଇଚ ନାହାନ୍ତି ସେହୁ ଅଭିଶାପ କିଛି ।
ଇନ୍ଦ୍ର ବରଂ ଖୋଜୁଥିଲେ—
"କାହିଁ ଗଲା ସେ ଉର୍ବଶୀ ।
ଦେବ ଅଭିଶାପ" ବୋଲି—
ହଁ, କିଏ ମୁହିଁ, ଶୁଣିଛି ଏ କଥା ?

ଉର୍ବଶୀ—ଜାଣେ—ଇନ୍ଦ୍ରାଣୀଙ୍କ ପ୍ରବୋଚନା ଫଳେ ।

ସୁବର୍ଣ୍ଣ—କାହିଁ—ମୁଁ କିନ୍ତୁ ଶୁଣିନି ସେକଥା ।

ଉର୍ବଶୀ—ଶୁଣିଅଛି ମୁହିଁ,
ଗୋପନେ ମୁଁ ଲୁଚିରହି
ଶୁଣିଛି ସକଳ ।

ସୁବର୍ଣ୍ଣ—କିନ୍ତୁ, ଅଭିଶାପ—
ନା—ନା
ଅଭିଶାପ ଦେବା କଥା ଉଠିଥିଲା ଖାଲି,
କେହି ହେଲେ ଦେଇନି ଏ ଯାଏ !
ତୁମେ ଯାଅ—
ଯଦି କେହି ଆସିଯାଏ ଏଣେ,—
ଯାଅ ତୁମେ—

ଉର୍ବଶୀ—ଯାଉଛି ସୁବର୍ଣ୍ଣ ।
କେବଳ ଏ ସ୍ଥାନ ନୁହେଁ—
ଏକାବେଳେ ସ୍ୱର୍ଗପୁରୀ ତେଜି !

ସୁବର୍ଣ୍ଣ—ସ୍ୱର୍ଗପୁରୀ ଛାଡ଼ି !!
ଏ କି କଥା କହୁଛ ଉର୍ବଶୀ !
ରହିବ ତ ତୁମବିନା ସ୍ୱର୍ଗଶିରୀ ଆଉ ?

ଉର୍ବଶୀ—( କୁଟିଳ ହାସ୍ୟସହ ) ସ୍ୱର୍ଗଶିଖୀ ! ହାଃ ହାଃ ହାଃ—
କେସନେ ଉଠିବ ସେ ଶିଖୀ—
କରବି ଯତନ !
ସୁବର୍ଣ୍ଣ—( ଭୀତ ହେଲେ ପଶ୍ଚ ! ) ଉର୍ବଶୀ !!—
ଉର୍ବଶୀ—ନେବି ପ୍ରତିଶୋଧ—
ଇନ୍ଦ୍ରାଣୀର ଅହଙ୍କାର କରିବି ମୁଁ ଚୂର୍ଣ୍ଣ !
ସୁବର୍ଣ୍ଣ—ଏ ତ—ଅତି ବିରାଟ ପ୍ରତିଜ୍ଞା କଥା
କହୁଛ ଉର୍ବଶୀ !—
ଦୁର୍ବୋଧ୍ୟ ଲାଗଇ ମୋତେ;
କିନ୍ତୁ, ଏ ସବୁର କିବା ପ୍ରୟୋଜନ ?
ଅଭିଶାପ ଦେଇନି ତ କେହି,
ଦେବାକୁ କେ' ଆସୁଅଛି ଆସୁ—
ଉର୍ବଶୀ—ସେ ସୁଯୋଗ ଦେବନି ସୁବର୍ଣ୍ଣ !
ତାହିଁ ପୂର୍ବେ ପ୍ରତିଶୋଧ ଲାଗି
କରିବି ବ୍ୟବସ୍ଥା !
ଏହି ଦଣ୍ଡେ ଯିବି ସ୍ୱର୍ଗପୁରୀ ତେଜି;
ଅସିଥିଲି ତବ ସାଥେ
ବାରେକ ସାକ୍ଷାତ୍ ଲାଗି,
ମନକଥା—( ସ୍ମିତ ହାସ୍ୟ କଲେ )
ସୁବର୍ଣ୍ଣ—କହିଯିବ ବୋଲି ? ହେଁଃ ହେଁଃ ହେଁଃ !
ଜାଣେ ଗୋ ଉର୍ବଶୀ—ଜାଣେ—
ମନକଥା ନ କହିଲେ ମୋତେ
କହିବ କାହାକୁ ?
ତୁମର ତ ମନକଥା ଶୁଣି ଶୁଣି ଏଣେ

ନିଜ କଥା ରହିଲି ଅଲୁହା ମୋର ।
ହେଁ ହେଁ ହେଁ—
ସେଥିଲାଗି ନାହିଁ ଚିନ୍ତା ତିଳେ;
ଶୁଭେ ଶୁଭେ ଆସ ଫେରି
କରଇ କାମନା ।
କିନ୍ତୁ, ବୃଥାଟାରେ ଏତେ କଷ୍ଟ
ନେଉଅଛ ବରି—
( ହଠାତ୍ କାହାର ପଦଶବ୍ଦ ବାଣ, ଚମକ ) ଏଁ—
କେହି ଅସୁଅଛି ପରି ।
( ଗୃହଅଡ଼କୁ ଗ୍ରହିଁଲେ )

**ଉର୍ବଶୀ**—ହଉ ତେବେ, ଆସେ ମୁହିଁ,
ହେଲଣି ବିଳମ୍ବ ଅତି;
ଶୁଣି ତେବେ,
ତୁମେ ଯେତ୍ୱେ କାହିଁ ହେଲେ
ନକର ପ୍ରକାଶ, ଗତିବିଧି ମୋର,
କିମ୍ବା ଏହି ପ୍ରତିଜ୍ଞା,—ନା—ନା—
( ସ୍ମିତ ହସି ) ମନକଥା ମୋର ।

**ସୁବର୍ଣ୍ଣ**—ହେଁ ହେଁ ହେଁ—
ମନ କଥା କହୁଛ ଗୋ ମୋରେ,
ତଥାପି କି ପର ବୋଲି ଭାବ ?
ଏଇ—ଅସୁଅଛି କେହି ପରି ଏଣେ—
ବିଦାୟ—ବିଦାୟ, ଉର୍ବଶୀ—

**ଉର୍ବଶୀ**—ବିଦାୟ—

( ବିପରୀତ ଦିଗରେ ଦୁହିଁଙ୍କର ପ୍ରସ୍ଥାନ )

# ଦୃଶ୍ୟ—ଆଠ

## —ହିମାଳୟ ପଥ—

( ବସନ୍ତର ଗୃହଅଡ଼କୁ ଗୃହୁଁ ଗୃହୁଁ ପ୍ରବେଶ )

ବସନ୍ତ—ନା ଅପେଇ ଲାଭ ନାହିଁ । ସେମାନେ ଆଜି କେହି ଆସିବେ ନାହିଁ ଜଣା ଯାଉଛି । ମାତ୍ର ଏ କ'ଣ ହେଲା ? ଏଣେ ଚତୁର୍ଥ ସୋପାନ ଟପି ପରିଶିଷ୍ଟ-ଦୁଆରେ ଯାଇ ଧକ୍କା ମାରିଲା ବେଳକୁ, ତେଣେ ଘର ବ୍ୟବସ୍ଥା ପ୍ରଥମ ସୋପାନକୁ ଖସି ଆସିବା ଉପରେ—

(ନନ୍ଦୀର ପ୍ରବେଶ)

ନନ୍ଦୀ—କିଏ । କିଏ ତୁମେ ?

ବସନ୍ତ—ସେଇ କଥାଟି ଛଡ଼ା ବାକି ଯାହା ପଚାରିବ କହିଦେବି ।

ନନ୍ଦୀ—ତମ ଘର କେଉଁଠି ?

ବସନ୍ତ—ସେ କଥାଟି ପଚାର ନାହିଁ, ଆଉ ଯାହା ପଚାରିବ କହିବି ।

ନନ୍ଦୀ—ତେବେ ଜାତିରେ କଅଣ ?

ବସନ୍ତ—ଏହାର ଉତ୍ତର ମୁଁ ଦେଇ ପାରିବି ନାହିଁ; କ୍ଷମା କରିବ ।

ନନ୍ଦୀ—ଏଠିକି କାହିଁକି ଆସିଛ ?

ବସନ୍ତ—ସେ କଥା ପଚାରି କିଛି ଲାଭ ନାହିଁ । ମୁଁ ଉତ୍ତର ଦବାକୁ ଅକ୍ଷମ; ଆଉ ଯାହା ପଚାରିବ କହିବି ।

ନନ୍ଦୀ—କିଛି ଆଉ ପଚାରିବି ନାହିଁ । ମୁଁ ତମକୁ ଚିହ୍ନିଲିଣି ।

ବସନ୍ତ—( ଆଶ୍ଚର୍ଯ୍ୟେ ) ଏଁ । ମୋଠୁ କିଛି ଉତ୍ତର ନ ପାଇ ଚିହ୍ନି ପକେଇଲ ? ଅଦ୍ଭୁତ କଥା ତ ।

ନନ୍ଦୀ—ହୁଁ—ହୁଁ । ଅଦ୍‌ଭୁତ ଦେଶରେ ଆସି ପହଞ୍ଚି ଯାଇଚ ଯେ

ହସନ୍ତ—ଏଁ, ଅଦ୍‌ଭୁତ ଦେଶ ! ! ଏଇଟା ହିମାଳୟ ପ୍ରଦେଶଟି ?

ନନ୍ଦୀ—( ପର୍ବତକୁ ନିର୍ଦ୍ଦେଶ କରି ) ଏଇ ପର୍ବତଟି କ'ଣ ?

ହସନ୍ତ—ମୁଁ କେମିତି କହିବ ? ମୁଁ ତ ଏ ମର୍ତ୍ତ୍ୟର ଲୋକ ନୁହେଁ ।

ନନ୍ଦୀ—ପାତାଳରେ ଏମିତି ପାହାଡ଼ କ'ଣ ନାହିଁ ?

ହସନ୍ତ—ସ୍ୱର୍ଗର ଲୋକ ମୁଁ, ପାତାଳ କଥା କେମିତି କହିବ ?

ନନ୍ଦୀ—ପାତାଳିଆ ପାତାଳିଆ ଗନ୍ଧ ତମ ଦେହରୁ ବାହାରୁଚ ଯେ ?

ହସନ୍ତ—ଯା—ହେ ! ପାତାଳରେ କଅଣ ଆମଭଳି ଗନ୍ଧର୍ବ ସବୁ
ଅଛନ୍ତି ?

ନନ୍ଦୀ—ବୋଧହୁଏ ଅଛନ୍ତି, ମଝିରେ ମଝିରେ ଏଠି ଆସି ତମକୁ
ଖୋଜନ୍ତି—

ହସନ୍ତ—ରଖ ହେ, ସେମାନେ କାହିଁକି ଆମକୁ ଖୋଜିବେ ?

ନନ୍ଦୀ—କଣ କାମ ଥିବ ବୋଲି—

ହସନ୍ତ—ଆମର ତାଙ୍କ ସଙ୍ଗେ କି କାମ ହେ ? ଖାଣ୍ଟି ଅପ୍‌ସରୀ
ନ ହେଲେ ଆମର ଏ କାମ—

ନନ୍ଦୀ—ସେମାନେ ତ ଆସିଥିଲେ ଗଲେଣି ବାହାରି—

ହସନ୍ତ—ଏଁ । ତା ହେଲେ ତ ମୋର ଡେରି ହୋଇଗଲା;
ଖବରଟା ଆଜି—

ନନ୍ଦୀ—ମିଳିଯିବ, ମିଳିଯିବ; ପାତାଳର ଖବର ତ ?

ହସନ୍ତ—କଣ ଯେ ତେମେ କୁହ । ପାତାଳର ଖବରରେ
ଆମର କି ଦରକାର ? ସ୍ୱର୍ଗର ଖବର ଆମକୁ ମିଳିଥାନ୍ତା—

ନନ୍ଦୀ—ବାସ୍, ଆଉ ଦରକାର ନାହିଁ, ସବୁ ମିଳିଗଲା—

ହସନ୍ତ—କଣ ମିଳିଗଲା ?

ନନ୍ଦୀ—ଯାହା ଯାହା ପଚାରିଥିଲ ତାର ଉତ୍ତର । ଏକରେ ତେମେ ଜାତରେ ଗନ୍ଧର୍ବ; ଦୁଇରେ ସ୍ୱର୍ଗରେ ତମ ଘର; ତିନରେ ଅପ୍‌ସରାଙ୍କ ପାଖରୁ ସ୍ୱର୍ଗର ଖବର ନବାପାଇଁ ତେମେ ଏଠିକି ଆସିଚ—

ହସନ୍ତ—( ମୁଣ୍ଡରେ ହାତଦେଇ ବସି ପଡ଼ନ୍ତି ) ଇସ୍ । କ'ଣ କଲି ମୁଁ !! କହିବି ନାଇଁ, କହିବି ନାଇଁ ବୋଲି ସବୁ କହି ପକେଇଲି !! ଏ ଜାଗାଟାରେ କିଚ୍ଛି ଗୋଟାଏ ଦୋଷ ଅଛି ।

ନନ୍ଦୀ—ଦେଖ ବନ୍ଧୁ ! ଏ ଜାଗାର ନିନ୍ଦା କରନା । ହଉ ଏଥର ନାଁଟାକୁ ଆଉ କାହିଁକି ପେଡ଼ିରେ ପୁରେଇ ରଖିଚ ? ବାହାର କର—

ହସନ୍ତ—( ବିରକ୍ତ ହୋଇ ) ଯା ହେ ! ନାଁଟାକୁ କଣ ଧୋଇ ଖାଇବ ? ଅସଲ ତକ ତ ଘୁଙ୍କି ନେଲ ! ଆମ ନାଁ—ହସନ୍ତ ! ତୁମେ କିଏ ?

ନନ୍ଦୀ—ସେ କଥା ପଚାରୁଛନା । ଆମେ କଣ ତମ ପରି ଚପା ହୋଇଚୁ, ଲୁଚେଇଚୁ ?

ହସନ୍ତ—ଚପା ନ ହେଲେ ଚତା କାଟିଚ ଯେ ।

ନନ୍ଦୀ—ସାବଧାନ ! ଏ ଚତାକୁ ମୋର ନିନ୍ଦା କରନା; ଜାଣିଚ, ଏ ଚତାକୁ ଚହ୍ନିଚ ? ମୁହଁ—ଅନ୍ଧାରରେ ଭଲ ଦିଶୁ ନଥିବ—ଦେଖ (ହସନ୍ତ ପାଖରେ ମୁହଁ ଦେଖାଇ) ଦେଖିଲ ?

ହସନ୍ତ—( ଭୟରେ ) ଏଁ, ତେମେ କଣ ତେବେ— ?

ନନ୍ଦୀ—ଚହ୍ନିଲତ ବନ୍ଧୁ ? ଆଉ ନାଁ କହିବି ? ମୋ ନାଁ 'ନନ୍ଦୀ', ଏଇଟା କୈଳାସ ପର୍ବତ—ଉପରେ ଦେବାଦି ଦେବଙ୍କ ଅସ୍ଥାନ ! ହେଲେ, ତମର କିଚ୍ଛି ଡର ନାହିଁ, ତେମେ ତ ଆମ ନିଜ ଲୋକ—

ବସନ୍ତ—ହଁ ନିଜ ଲୋକ ନୁହେଁ କ'ଣ, ସ୍ୱର୍ଗଛାଡ଼ି ଚାଲି ଆସିଲେ ବି ଏଇନେ ଯୋଉଠି ଅଛୁ—

ନନ୍ଦୀ—କୋଉଠି ଅଛ ଭାଇ ?

ବସନ୍ତ—କାଳକେୟ ରାଜ୍ୟରେ ।

ନନ୍ଦୀ—ଏଁ ! କାଳକେୟ ନିବାତ-କବଚଙ୍କ ରାଜ୍ୟରେ ? ଆରେ ସେ ତ ଆମର ପ୍ରଭୁଙ୍କର ଜଣେ ପରମଭକ୍ତ !

ବସନ୍ତ—ହଁ, ସେଇ ଭକ୍ତର ରାଜ୍ୟରେ ରହି ଶକ୍ତ ଅସୁବିଧାରେ ପଡ଼ିଛୁ ଏଇନେ—

ନନ୍ଦୀ—ଅସୁବିଧା କ'ଣ ?'

ବସନ୍ତ—ନିତ ଏଇ ହିମାଳୟ ପ୍ରଦେଶକୁ ଦଉଡ଼ିବାକୁ ପଡ଼ୁଛି ! ମୁଁ ସିନା ଜାତିରେ ଗନ୍ଧର୍ବ ବୋଲି 'ମନ ପବନ' ବିଦ୍ୟା ମତେ ଜଣା ! ନ ହେଲେ ତମ ଭଳି ଲୋକ ହୋଇଥିଲେ ନିତ ନିତ ଏତେ ଦୂରକୁ ଆସିବା କ'ଣ ସମ୍ଭବ ହୁଅନ୍ତା ?

ନନ୍ଦୀ—ହୁଅନ୍ତା ଭାଇ, ହୁଅନ୍ତା; ଆମକୁ ବି 'ବେତାଳ ସାଧନା' ଜଣା ଅଛି । ଛାଡ଼ ସେ କଥା ? ଆଚ୍ଛା ଏଠିକି କ'ଣ ପାଇଁ ରୋକ୍ ଧାଇଁଚ ଯେ ?

ବସନ୍ତ—କ'ଣ ଆଉ କହିବ ଭାଇ ! ଗୋଟିଏ ଖିଆଲରେ ତ ସ୍ୱର୍ଗ ଛାଡ଼ି ପଳେଇ ଆସିଲି । ଏଠି ଅବଶ୍ୟ ଚତୁର୍ଥ ସୋପାନ ଟପି ପରିଶିଷ୍ଟ ଯାଏ ପହଞ୍ଚିବା ଉପରେ; ତଥାପି—

ନନ୍ଦୀ—କଣ ସୋପାନ ହେ ? କୋଉଠି କି ?

ବସନ୍ତ—ତମେ ସେ ସବୁ ବୁଝି ପାରିବ ନାହିଁ, ଭାଙ୍ଗୁଡ଼ି ଲୋକ—

ନନ୍ଦୀ—ସାବଧାନ ! ଆଖି ଦେଖୁଚ ?

ବସନ୍ତ—ତା ଆଉ ଦେଖୁନାହିଁ !—

ନନ୍ଦୀ—ନା—ନା, କପାଳ ମଝିରେ ଯୋଉ ଆଖି—ତୃତୀୟ ନେତ୍ର !! (ଧମକାଇଲା ଭଳି) କହ, କ'ଣପାଇଁ ଏଠିକି ଆସିଚ ?

ବସନ୍ତ—ଅପ୍‌ସରା ଚାହିଁଚ ?

ନନ୍ଦୀ—ନା—

ବସନ୍ତ—ଅଥଚ ତେମେ ଦେବାଦିଦେବଙ୍କ ଅନୁଚର !

ନନ୍ଦୀ—ଶିବ ଲୋକରେ ଅପ୍‌ସରାମାନଙ୍କର ପ୍ରବେଶ ନିଷେଧ ।

ବସନ୍ତ—ତଥାପି ଉଡ଼ି ଉଡ଼ି ଗଲାବେଳେ କେତେବେଳେ କେମିତି ଏଠି—

ନନ୍ଦୀ—ଏଠି ଓହ୍ଲାଇଲେ ଏକାବେଳକେ ପୋଡ଼ି ପାଉଁଶ ହୋଇଯିବେ, ଜାଣ ?

ବସନ୍ତ—ତା ହେଲେ ଏଠିକି ଅକାରଣଟାରେ ଆସିଲି । ବାଟ କଣ ଭୁଲିଗଲି ଆଜ୍ଞା ?

ନନ୍ଦୀ—ହଁ ହଁ ଭୁଲିଚ ।

ବସନ୍ତ—ତେମେ ପରା କହିଲ ସେମାନେ ଆସି ମତେ ଖୋଜି ଫେରିଗଲେଣି ?

ନନ୍ଦୀ—କହିଲି—ତମଠୁଁ କଥା ନବାପାଇଁ, ବୁଝିଲ ? କାହିଁକି ଅପ୍‌ସରାମାନଙ୍କୁ ଖୋଜୁଛ ତେମେ ?

ବସନ୍ତ—ଆରେ ଭାଇ, ଯୁବତୀ ସ୍ତ୍ରୀଟିକୁ ସ୍ୱର୍ଗରେ ଛାଡ଼ି ଦେଇ ଆସିଚ; ଖବର ଅନ୍ତର ଟିକିଏ ତାଙ୍କମାନଙ୍କଠୁ ପାଏ—

ନନ୍ଦୀ—ଧେତ୍ । ମାଇଚିଆ । ସ୍ତ୍ରୀର ଖବର ନବାକୁ ଧାଇଁଚ ଏତେ ବାଟ । ଯୋଗବଳରେ ପାଣି ପାରୁନୁ ? ଗନ୍ଧର୍ବ !! ହଉ ନଉଥା, ନଉଥା, ମାଇକିନିଆ ଖବର ନଉଥା—ଏଇ ପାହାଡ଼ ଜଙ୍ଗଲ ଭିତରେ । ହର ହର ବମ୍—(ପ୍ରସ୍ଥାନ)

ବସନ୍ତ—ହାଃ ହାଃ ହାଃ ଭାଙ୍ଗୁଡ଼ି ଲୋକ—ଯାହା ମନକୁ ପାଇଲା କହିଗଲା । ଅରେ ପ୍ରିୟାର ଖବର ବୁଝିବାକୁ ପୁଣି ଯୋଗ-ସାଧନା କରିବ ? ମୋର କଣ ଆଉ କିଛି ବୃତ୍ତି ନାହିଁ ? ସେଇ ସମୟଟକ ତନ୍ଦ୍ରାକୁ 'ପରଶିଷ୍ଟ'ଟା ମଡ଼େଇ ଦେଲେ କେତେ କାମ ଦବ ? ( ଚିନ୍ତାକରି ) ହେଲେ ମତେ କେମିତି କେମିତି ଲାଗୁଚି—ଘର କଥା କଣ ସତେ ପ୍ରଥମ ସୋପାନକୁ ଖସି ଆସିଲାଣି ? ଖବର କିଛି ତ ମିଳିଲା ନାହିଁ—

( କ୍ଲାନ୍ତ ଶ୍ରାନ୍ତ ଉର୍ବଶୀର ପ୍ରବେଶ )

ଉର୍ବଶୀ— କହି ପାରିବ କାଲକେୟ ରାଜ୍ୟକୁ ବାଟ କାଏ ?

ବସନ୍ତ—(ନଦେଖି ହଠାତ୍) ଏଇ ସେଇଠା—

(ଉର୍ବଶୀ ଚାଲିଗଲେ)

ବସନ୍ତ—ଏଁ, କିଏ ସେ ପ୍ୟେ । କ'ଣ ପାରିଜାତ—ପାରିଜାତ ଗନ୍ଧ ପାଇଲି । (ଡାକି) ହଇକି ହେ—ଶୁଣ ଶୁଣ—ଟିକିଏ ଶୁଣିଯା—

(ଉର୍ବଶୀର ପୁନଃ ପ୍ରବେଶ)

ଅରେ କିଏ ହୋ ତେମେ । ଉର୍ବଶୀ । ଅରେ ବାଃ ବାଃ—

ଉର୍ବଶୀ—ଚୁପ୍ କର, କିଏ କହିଲା ମୁଁ ଉର୍ବଶୀ ?

( ପ୍ରସ୍ଥାନ )

ବସନ୍ତ—ଏଁ, କିଏ କହିଲା ? ମୋର ପୁଣି ଉର୍ବଶୀକୁ ଚିହ୍ନିବାରେ ଭୁଲ୍ ହବ ? ଆଉ କୋଉ ଅପ୍ସରା କଥା ଅଲଗା—ହେଲେ ଉର୍ବଶୀକୁ ଚିହ୍ନିବାରେ ଭୁଲ୍ ହବ ? ମାତ୍ର ପ୍ୟେ'ତ କଟେ କାଲକେୟ ରାଜ୍ୟକୁ ବାଟ ପଚାରିଗଲା । କ'ଣ କଥା !!...ନା—ଉର୍ବଶୀ ହୋଇଥିଲେ ସେ ମତେ ଚିହ୍ନନ୍ତା ନାହିଁ ? ବିଦେଶରେ ନିଜ ଲୋକ ଦେଖିଲେ ମନ ଯାହା ହୁଏ ।

ନା—ସ୍ୱେ' ତେବେ ଉର୍ବଶୀ ନୁହେଁ । ହଁ, ରାକ୍ଷସ ରାଜ୍ୟଟା ପାଖରେ—କିଏ କେତେ ପ୍ରକାର ରୂପ ଭେକ ଧରି ବାହାରୁଥିବେ—(ନେପଥ୍ୟେ ଶୃଙ୍ଖ, ଚମକି) ଏଁ, କିଏରେ ବାବା । ସ୍ୱେ'ତ ଦୈତ୍ୟରାଜ କବଚ ଆଉ ତାଙ୍କ ସେନାପତି ।—ଶିବପୂଜା ସାରି ଫେରୁଛନ୍ତି ପରା । ନା—ରେ ବାବା, ଏଠି ରହିବା ବିପଦ— (ଚାଲିଗଲେ ଚଞ୍ଚଳ)

(ବିପରୀତ ଦିଗରୁ କବଚ ଶିବପୂଜା ସାରି ଫେରୁଥିଲେ—ସଙ୍ଗରେ ସିଂହନାଦ)

କବଚ—କିଏ ସେ ଅପୂର୍ବ ସୁନ୍ଦରୀ ଯୁବତୀ ସିଂହନାଦ ?—ପଥ ଆଡ଼େଇ ଚାଲିଗଲା ?

ସିଂହନାଦ—ମହାରାଜଙ୍କୁ ଦେଖି ଭୟରେ ପଥ ଛାଡ଼ି ଦେଲା ରୂପସୀ । ହୁଏତ କେହି କାଳକେୟ—କାମିନୀ—

କବଚ—ନା—ନା ଏ ରୂପ, ଏ ଜ୍ୟୋତି, କାଳକେୟ ରାଜ୍ୟରେ, ଦାନବ ଜାତିରେ କଣ ସମ୍ଭବ ସିଂହନାଦ ? ଆହା ସୁଷମାର ବିଦ୍ୟୁତ୍ ଛୁଟାଇ କ୍ଷଣକରେ ପୁଣି କାହିଁ ଅଦୃଶ୍ୟ ହୋଇଗଲା ସିଂହନାଦ । ତେମେ ଗଲ, ଯାଇ ଦେଖିଲ—

(ବ୍ୟଗ୍ର ହୋଇ ଉଠିଲେ)

ସିଂହନାଦ—ଇଷ୍ଟ-ଚରଣାମୃତ ହାତରେ ଧରିଛନ୍ତି ମହାରାଜ । ଏତେବେଳେ ସେ ସବୁ ଚିନ୍ତା—

କବଚ—(ପ୍ରକୃତିସ୍ଥ ହୋଇ) ଶିବ । ଶିବ । ଶିବ । ଠିକ୍ କହୁଛ ସେନାପତି, ଆସ, ଜୟ ଶମ୍ଭୁ । ଜୟ ଶମ୍ଭୁ । ଜୟ ଶମ୍ଭୁ ।

(ଦୁହିଁଙ୍କର ପ୍ରସ୍ଥାନ)

---

# ଦୃଶ୍ୟ—ନଅ

## —କାଳକେୟ ଦୈତ୍ୟପୁରୀ

## ମହାରାଣୀ ଆୟୁଙ୍କର କକ୍ଷ—

[ ଜଣେ ପରିଚାରିକା ଆଗେ ଆଗେ, ପଛରେ ତୋଢ଼ି ଓ ତାର ଝିଅ ଚନ୍ଦ୍ରା ପ୍ରବେଶ କଲେ—ଚନ୍ଦ୍ରା ହାତରେ ଫୁଲର ଡାଲା ।]

ପରିଚାରିକା—ନା ମହାରାଣୀ ବିଜେ କରି ନାହାନ୍ତି । ଦିଅ, ଫୁଲଡାଲା ମୋ ହାତକୁ ଦେଇ ତୁମେ ଯାଅ—

ତୋଢ଼ି—ଯିବା କୁଆଡ଼େ ମା ? ଅନେକ ଦିନ ପରେ ଆଜି ଟିକିଏ ମହାରାଣୀଙ୍କୁ ଦର୍ଶନ କରିବି ବୋଲି ଝିଅକୁ ସାଙ୍ଗରେ ଧରି ଆସିଛି, ଆମ ଭାଗ୍ୟରେ—

ପରି:—ହଉ, ତେବେ ଏଇଠି ବସିଥା । ମହାରାଣୀ ଯେତେବେଳେ ବିଜେ କରିବେ—

ତୋଢ଼ି—କିଛି ଚିନ୍ତା ନାହିଁ ମା, କିଛି ଚିନ୍ତା ନାହିଁ । ବସି ରହିବୁ ଏଠି ବାପ ଝିଅ ଦିହେଁ । ତେମେ ତମ କାମରେ ଯାଅ—

ପରି:—ମୁଁ ଆଉ ଯିବି କେମିତି ତମକୁ ଏଠି ଛାଡ଼ିଦେଇ ? ମୋ ମୁଣ୍ଡ ଆଉ ରହିବ ?

ତୋଢ଼ି—କାହିଁକି ମା—ମତେ ସନ୍ଦେହ କରୁଛ ? ହେଁ ହେଁ—ତେମେ ପିଲା ଲୋକ ଜାଣିନା—ତୋଢ଼ି ଆଜି ନୂଆ ହୋଇ ଉଆସକୁ ଅସୁ ନାହିଁ ମା—

ଧର:—ତମ ଆସିବା କଥା କହୁନାହିଁ, ମୋ ଯିବା କଥା କହୁଚ । କାହାରିକି ଏମିତି ଏକୁଟିଏ ବସେଇ ଦେଇ ଗଲେ ମହାରାଣୀ ଭାରି ବିରକ୍ତ ହୁଅନ୍ତି—ସେ କହନ୍ତି ଏଇଟା ଅଭଦ୍ରତା—

ତୋଡ଼ି—ଅହା ! ମା ଆମର ଦୟାର ଅବତାର । ଏ ଝିଅ ! ଚୂଲାନା, ଚୂଲାନା । ଏଇନେ ମହାରାଣୀ ବିଜେ ହେବେ—

( ଆୟୂଙ୍କର ପ୍ରବେଶ )

ଏଇତ । ଜୟ ହେଉ ମା !

( ନତଜ ପ୍ରଣତ ହେଲେ ଓ ଝିଅର ମୁଣ୍ଡଟାକୁ ମାଡ଼ ଦେଲେ ଆୟୁ-ପଦତଳେ )

ଆୟୂ—କଣ—ଫୁଲ୍ ଆଣିଚ ତୋଡ଼ି ? ଦିଅ—ଆଜି ବାପ ଝିଅ ଦିହେଁ ବାହାରି ଅସିଚ ଯେ !

( ପରିଚାରିକା ଫୁଲ ନେଇ ରଖିଲା, କିଛିକ୍ଷଣ ପରେ ଚାଲିଗଲା )

ତୋଡ଼ି—କୋଉଦିନୁ ଚରଣ ବନ୍ଦନା କରି ନାହିଁ—ଆଜି ଟିକିଏ ବାହାରି ଅସିଲି ଝିଅକୁ ଧରି—

ଆୟୂ—ଝିଅଟି ନାଁ କଣ କହିଥିଲ ତ—ଭୁଲି ଯାଇଚି—?

ତୋଡ଼ି—ଚନ୍ଦ୍ରା ଆଜ୍ଞା !

ଆୟୂ—ଓ, ଏଇ ତେବେ ସେହି ଝିଅ ତମର—ଯିଏ ସଦାବେଳେ ଢୁଳେଇ ପଡ଼େ ?

ତୋଡ଼ି—ଆଜ୍ଞା ମହାରାଣି ! ଏବେ ସେ ରୋଗ ତାର ବଳି ପଡ଼ିଲାଣି ! ବସିଲେ ଢୁଳଉଚି, ଛିଡ଼ା ହେଲେ ଢୁଳଉଚି, ଚାଲିଲେ ଢୁଳଉଚି—ଆଜି ଏବେ ଫୁଲତକ ନେଇ ଏଠିକି ଆସୁ ଅସୁ ବାଟରେ ଚାରି ଥର ଢୁଳେଇ ପଡ଼ିଲାଣି ।

ଅମ୍ବୁ—(ହସି) ନାଁଟି ତାର ତନ୍ଦ୍ରା କି'ନା—ସେଥିପାଇଁ । ଆଚ୍ଛା, ତେବେ ଏଥିର କିଛି ଚିକିତ୍ସା କରୁନା ?

ତୋଣ୍ଡ—କରୁଛୁ ମା, କିଛି ଫଳ ହେଲା ନାହିଁ । ଏତ ଠିକ୍ ରୋଗ ନୁହେଁ—ଗୋଟାଏ 'କଳା' । ଆମର ଏଇ ଦୈତ୍ୟ ଜାତିରେ ଏମିତି ଗୋଟାଏ ଗୋଟାଏ କଳା ଘେନି କେତେ ପିଲାଙ୍କର ଜନ୍ମ ହୁଏ,—କିଏ ନିଦ କଳାରେ, କିଏ ଖାଦ କଳାରେ, କିଏ ହସ କଳାରେ, କିଏ ବା ଭୋଜନ କଳାରେ । ହେଲେ, ସବୁଠୁ ଆମ ଜାତିକି ଏଇ ନିଦ କଳାଟି ବିଷମ—

ଅମ୍ବୁ—ତା ଠିକ୍ ! ଦେବାଦିଦେବ ଶଙ୍କରଙ୍କ ପ୍ରସାଦରୁ ଆଜି ଦୈତ୍ୟ ଜାତିର ଦୁଃଖ-ନିଶି ପ୍ରଭାତ ହୋଇଚି, ସୁଖ-ସୂର୍ଯ୍ୟ ଉଇଁ ଉଠିଚନ୍ତି ପୂର୍ବାକାଶକୁ ରଙ୍ଗୀନ୍ କରି । ଏତେବେଳେ ଏ ଜାତି ଆଉ ଶୋଇ ରହିଲେ ତ ଚଳିବ ନାହିଁ ତୋଣ୍ଡ ! ନା—ନା ତୁମେ ଏଥିର କିଛି ବ୍ୟବସ୍ଥା କର । ନ ହେଲେ ସଂକ୍ରାମକ ବ୍ୟାଧି ପରି ଏହା ହୁଏତ ସମଗ୍ର ଦୈତ୍ୟ ଜାତିକୁ ଦିନେ ଆଚ୍ଛନ୍ନ କରି ବସିବ ।

ତୋଣ୍ଡ—ଏଇକଥା ଦିନେ ହସବନ୍ତ ବି କହୁଥିଲା ।

ଅମ୍ବୁ—ହସବନ୍ତ ! ହସବନ୍ତ କିଏ ସେ ?

ତୋଣ୍ଡ—(ଭୟରେ ଥରିଯାଇ) ନାଁ ମହାରାଣୀ !—ସେ କିଛି ନୁହେଁ —

ଅମ୍ବୁ—(ହସି) ଭୟରେ ଶିହରି ଉଠୁଚୁ ଯେ ! କଣ, କଥା କଣ ?

ତୋଣ୍ଡ—ଅଭୟ ଦେଲେ କହିବି ମା—

ଅମ୍ବୁ—ଆଚ୍ଛା ଅଭୟ ଦେଲି; କୁହ, ତମର ଭୟ ନାହିଁ ।

ତୋଢ଼ି—ହସବନ୍ତ ସ୍ୱର୍ଗରାଜ୍ୟର ଜଣେ ପଳାତକ ଗନ୍ଧର୍ବ—କଞ୍ଚା ବୟସ—ମାନେ ଯୁବକ—ଅମର ଏଇ କାଳକେୟ ରାଜ୍ୟରେ ଆସି ଆଶ୍ରୟ ଖୋଜି ବୁଲୁଥିଲା । ବିଚରା ନ ଖାଇ ନ ପିଇ ପାଗଳ ପରି ରାସ୍ତା ଘାଟରେ ଯେମିତି ବିକଳ ହୋଇ ବୁଲୁଥିଲା—ଜାତିରେ ଦାନବ ହେଲେ ବି, ତାକୁ ଦେଖି ମୋର କାହିଁକି ଭାରି ଦୟା ହେଲା ମହାରାଣି ।

ଅଯୂ—ସେ କଣ ତମର ଅପରାଧ ତୋଢ଼ି ? ଦୟା, କ୍ଷମା ସ୍ନେହ ଶ୍ରଦ୍ଧା ଏସବୁ କଣ ଦାନବ ହୃଦୟରେ ରହିବାର ନୁହେ ? ଦାନବର କରୁଣା ଆଉ ଦେବତାର କରୁଣା ଭିତରେ ପ୍ରକାର-ଭେଦ ଅଛି କି ତୋଢ଼ି ?

ତୋଢ଼ି—ଆଗ ପଛ ନ ବିଚାରି ତାକୁ ତ ଆଶ୍ରୟ ଦେଇ ଦେଲି ମହାରାଣି !

ଅଯୂ—ତେମେ ଠିକ୍ କାମ କରିଚ ତୋଢ଼ି । ଶକ୍ତିର ପୂଜାରୀ, ରୁଦ୍ର ତ୍ରିଶୂଳଧାରୀ ଦୈତ୍ୟପତି କବିଚଙ୍କ ନେତୃତ୍ୱରେ କାଳକେୟ ଜାତି ଦୁନିଆରେ ଶକ୍ତିର ପ୍ରତିଷ୍ଠା କରିବାକୁ ଆଗଭର— ଅଥଚ ନିରାଶ୍ରୟକୁ ଆଶ୍ରୟ ଦେବାରେ ପଶ୍ଚାତ୍‌ପଦ,—ଏ ଅପବାଦ କ'ଣ ମର୍ମାନ୍ତିକ ଲଜ୍ଜାର କଥା ନୁହେଁ ତୋଢ଼ି ?

**( ଜଣେ ଦାସୀ ପ୍ରବେଶ କରି ପ୍ରଣାମ କଲା )**

ଦାସୀ—ମହାରାଣି । ମହାରାଜ—

ଅଯୂ—ତେମେ ଏଥରି ଆସ ତୋଢ଼ି—

ତୋଢ଼ି—ଆସୁଚି ମହାରାଣି । କିଛି ମନେ କରିବେ ନାହିଁ ମହାରାଣି । ଆଶ୍ରୟ ତାକୁ ଦେଇଥିଲି ସତ, ମାତ୍ର ଏବେ ତାକୁ ଶେଷ କଥା କହି ଦେଇଚି—ଅର୍ଥାତ୍ ମୋ ଘରୁ ବାହାରିଯିବା ପାଇଁ ଆଦେଶ ଦେଇ ଦେଇଚି ।

ଅପ୍ସୁ—ଭୁଲ କରଚ ତୋଡ଼ା । ଅଶ୍ରମ୍ଭ ପ୍ରାର୍ଥୀକୁ ଥରେ ଆଶ୍ରୟ ଦେଇ ହଠାତ୍ ପୁଣି ତାକୁ ଠେଲି ବାହାର କରଦେବାଟା ପୌରୁଷ ନୁହେଁ, କ୍ଲୀବତ୍ୱ । ତୁମେ ତୁମର ଆଦେଶ ପ୍ରତ୍ୟାହାର କର, ବୁଝିଲ ?

ତୋଡ଼ା—ହଉ, କରବା ମହାରାଣୀଙ୍କ ଆଦେଶ ଯେତେବେଳେ । ମୁଁ ଅସୁଚ, ମା ! କାଲେ ଶୋଇ ପଡ଼ିଲୁ କି ? ତୋର ସ୍ଥାନ—କାଳ-ପାତ୍ର କିଛି ବିଚାର ରହୁନାହିଁ ? ଉଠ୍, ଉଠ୍ ମହାରାଣୀଙ୍କ ପାଦତଳେ ମୁଣ୍ଡିଆ ମାର—ଘରକୁ ଯିବା, ଆ ଉଠ୍—

(ଚନ୍ଦ୍ରା ନିଦ ମଳ ମଳ ହୋଇ ଉଠି ମୁଣ୍ଡିଆଟିଏ ମାରିଲା)

କଣ ଯେ କରବା ମା, ଯାକୁ ନେଇ—

ଅପ୍ସୁ—ଚନ୍ଦ୍ରା !

ଚନ୍ଦ୍ରା—(ଚମକିଲା ପରି) ମହାରାଣି !

ଅପ୍ସୁ—(ନିଜ ଗଳାରୁ ମୁକ୍ତାହାର କାଢ଼ି) ଏଇ' ନେ—

ଚନ୍ଦ୍ରା—ନାଇଁ ମହାରାଣି । ମୋର କଣ ହବ ।

ତୋଡ଼ା—ଗରିବ ଦୁଃଖୀ ଲୋକଟାଏ ମୁଁ—ଏସବୁ ପଦାର୍ଥ ମୋର—

ଅପ୍ସୁ—ମୁଁ ଚନ୍ଦ୍ରାକୁ ଦଉଚି ତୋଡ଼ା; ନେ' ଚନ୍ଦ୍ରା ।

ତୋଡ଼ା—ନେ, ମା-ଠାକୁରାଣି ଦଉଚନ୍ତି ନେ । ଜୟହେଉ ମହାରାଣି । ଜୟହେଉ ।

ଅପ୍ସୁ—ଆଉ ଏମିତ ଭୁଲେଇବୁ ନାଇଁ ବୁଝିଲୁ ?

ଚନ୍ଦ୍ରା—ନା—ମହାରାଣି ।

(ତୋଡ଼ା ଓ ଚନ୍ଦ୍ରା ଚାଲିଗଲେ)

(ଅପ୍ସୁ କିଛି କ୍ଷଣ ଅପଲକ ଦୃଷ୍ଟିରେ ସେହି ଆଡ଼କୁ ଚାହିଁ ରହି ଯେପରି ଚିନ୍ତା ସାଗରରେ ବୁଡ଼ି ରହିଲେ—ନେପଥ୍ୟରୁ ମୃଦୁ ଅଥଚ କରୁଣ ରାଗିଣୀରେ ସଂଗୀତ ଭାସି ଆସୁଥିଲା ।

କଛିକ୍ଷଣ ଏହିପରି କଟିଗଲା ପରେ ଦୈତ୍ୟରାଜ କବଚ ପ୍ରବେଶ କରି ଧୀରେ ଧୀରେ ଅମ୍ବୁଙ୍କର ନିକଟକୁ ଯାଇ ତାଙ୍କ କାନ୍ଧରେ ହାତ ରଖିଲେ । ଅମ୍ବୁ ଟିକିଏ ଚମକି ଉଠିଲେ; ସ୍ୱାମୀଙ୍କୁ ଦେଖିପାରି ପ୍ରକୃତିସ୍ଥା ହେଲେ ।)

କବଚ—ଅଚଞ୍ଚଳ ନେତ୍ର-ବଲ୍ଲୀ,
ସ୍ଥିର ଲକ୍ଷ୍ୟ ଦୂରାନ୍ତେ ନିବେଶି
କି ଦେଖୁଛ ଉଦ୍‌ଗତ ଅନ୍ତରେ—
ଧ୍ୟାନରତା ସମ ଅମ୍ବୁ ?

ଅମ୍ବୁ—ଭାବୁଥିଲି
ତ୍ରିଭୁବନେ ଶକ୍ତିସାର ଶଙ୍କର-ତ୍ରିଶୂଳଧାରୀ
କାଳକେୟ ଜାତିର କଲ୍ୟାଣରୂପୀ
ତପଃସିଦ୍ଧ କବଚ ରାଜ୍ୟରେ
ଦୀନ ଦୁଃଖୀ ସହାୟ ସମ୍ପଦ ଶୂନ୍ୟ
ଅଦ୍ୟାପି ରହିଛି କିଏ ?
କାତର କ୍ରନ୍ଦନେ ଯାର
ଅନ୍ତରେ ଉଚ୍ଛୁଳି ଉଠେ ବେଦନାର ସିନ୍ଧୁ ?

କବଚ—କିଏ, କିଏ ସେ ସହାୟ ଶୂନ୍ୟ
ଦୀନ ଦୁଃଖୀ ଜନ—
ଅଦ୍ୟାପି ବସତି କରେ କାଳକେୟ ଦେଶେ ?
କାହାର ସେ କରୁଣ କ୍ରନ୍ଦନ ଆଜି
ଅନ୍ତର-ଗହନେ ତବ ବ୍ୟଥାର ପରଶ ଦିଏ ?
କିଏ—କିଏ ସେ ଅଭାବ ଗ୍ରସ୍ତ—
'ଦେହି' 'ଦେହି' ରବେ କିଏ
ରହିଛି ଅଂଜଳି ପାତି,
ଫେରୁଛି ବିଫଳେ ତବ କରୁଣା-ମନ୍ଦିରୁ ?

ତୁମ୍ଭେ ରାଣି—
କବଚର ପ୍ରିୟତମା ପତ୍ନୀ
ଇଙ୍ଗିତେ ଯାହାର ସୃଷ୍ଟିର ସଂପଦସାର
ଲୋଟିବ ଚରଣେ ।

ଆୟୁ—ନହୁଅ ଚକିତ ପ୍ରଭୁ,
ଦେଖିନ'ଛ କିଏ ସେ ପୀଡ଼ିତ ଜନ ?
ଦୁରନ୍ତ ଅଭାବେ ।
କିଏ ବା ସେ ଦୁଃଖୀ ଜନ ରହୁଛି ବଞ୍ଚିତ ।
ତଥାପି କହୁଚି ସତ୍ୟ—
ରହି ରହି ମନେ ମୋର ଉଠେ ହାହାକାର
ବାରେ ବାରେ ମନେ ହୁଏ—
କାହିଁ ବା କିଏ ସେ ରହି
ବ୍ୟଥାର କ୍ରନ୍ଦନ ତୋଳି
ଦାନବର ସୁଖ ଶାନ୍ତି—
ଦୈତ୍ୟରାଜ କବଚର ସ୍ୱପନେ ଆଘାତ କରେ
ନିଷ୍ଠୁର ନିୟତି ସମ ।

କବଚ—ନିୟତି !! ହାଃ ହାଃ ହାଃ ହାଃ—
ଇଷ୍ଟମୋର ସଦାଶିବ
ଶେଷ-ଦେବ ପ୍ରଳୟ ଦେବତା !—
କରେ ମୋର ଜ୍ୟୋତର୍ମୟ ଶଙ୍କର ତ୍ରିଶୂଳ
ଭୟେ ତାର ମରଚି ନିୟତି !!
ନିଃଶଙ୍କ କବଚ ଏବେ
ସମାଗରା ଧରଣୀର ଭାଗ୍ୟ ନିୟାମକ !

ଅଯୂ—ପ୍ରଭୁ !!—

କବଚ—ନାହିଁ ଚନ୍ତା ପ୍ରିୟେ !
କାଲି ରାଜ୍ୟେ କରିବି ଘୋଷଣା
ଯିଏ ଯହିଁ ଦୁଃସ୍ଥ ଜନ,
ଦୀନ ଦୁଃଖୀ, ନିରାଶ୍ରୟ ଥିବ
ମହାରାଣୀ ଅଯୂଙ୍କ ଆଦେଶ—
ତା ଲାଗି ଉନ୍ମୁକ୍ତ ହେବ
ରାଜକୋଷ—ରାଜାର ଭଣ୍ଡାର ।
ରାଜ୍ୟେ କେହି ନ ରହିବେ ଦୁଃଖୀ ରଙ୍କୀ
ଆଶ୍ରୟ ବିହୀନ,
ତପତ ନିଶ୍ୱାସେ ଯାର
ପ୍ରାଣର କୁସୁମ ମୋର ପଡ଼ିବ ମଉଳି—

(ଅଯୂଙ୍କର ଓଠ ଧରି ଆଦରରେ ହଲାଇ ଦେଲେ)

ଅଯୂ—ପ୍ରଭୁ !
ପ୍ରଶାନ୍ତ ସାଗର ବକ୍ଷେ
ଜାଣି ଜାଣି ତୋଳି ନି' ତ ଅକାଳ ତରଙ୍ଗ ?
ମଧୁର ଅନ୍ତରେ ତବ
ଦେଇନାତ ଅକାରଣ ବ୍ୟଥାର ପରଶ ?

କବଚ—(କୃତ୍ରିମ ଗାମ୍ଭୀର୍ଯ୍ୟରେ ନୀରବ) ହୁଁ—

ଅଯୂ—(ଶଙ୍କିତା ହୋଇ) ପ୍ରଭୁ !!—

କବଚ—(ଟିକିଏ ବିରକ୍ତ ହେଲାପରି)
ଜାଣେ ଅଯୂ ଜାଣେ—
କଳ୍ପନା ନୟନେ ତବ

ଧରି ଦେଲି କାହୁଁ ଏକ ଅସାର କରୁଣ ଛବି !
କାନେ ତବ ବାଜିଲି କ୍ରନ୍ଦନ କାର
କାନ୍ଦିଲି ଅନ୍ତର ତବ ହାହାକାର ତୋଳି !
ଅବିଲମ୍ବେ ମିଳିଗଲି ନାଥ୍
ଅସିଲି ମୁଁ, କଲି ପ୍ରତିକାର—
ହେଲି ସ୍ୱାର୍ଥସିଦ୍ଧି !
ନାରୀ ତୁମ୍ଭେ—ଜାଣେ ସ୍ୱାର୍ଥପର ଜାତି !
( **ଅଧିକ ବିରକ୍ତ ଭାବେ** ) ଦେବ କି ଉତ୍ତର ରାଣୀ !—
ସୁଖର ଲଗନ ଏବେ ଦୁଃଖମୟ କରି
କି ଲାଗି ବା ବିଚଳିତ କରିଚ ଅନ୍ତରେ ମୋର
କେଉଁ ଅଧିକାରେ ?

**ଅଯୂ**—( **ପଦତଳେ ପଡ଼ି କାନ୍ଦ କାନ୍ଦ ହୋଇ** )
କ୍ଷମାକର, କ୍ଷମାକର ପ୍ରଭୁ,
ଅଭାଗିନୀ, କରିଚି ମୁଁ—
ଅଜାଣତେ ଘୋର ଅପରାଧ
ମୁଁ ସ୍ଥୁର ଚରଣତଳ-ସେବିକା ମାତର !

**କବଚ**—ହାଃ ହାଃ ହାଃ ହାଃ—
( **ତରଳହାସ୍ୟ ହସିଲେ** )

**ଅଯୂ**—( **କଣ୍ଠ ନ ଫୁଟିପାରି** ) ପ୍ରଭୁ !!

**କବଚ**—ନୁହେଁ ପ୍ରଭୁ, ପ୍ରିୟତମା !—
ମୁହିଁ ତବ ସ୍ୱାମୀ, ପ୍ରିୟତମ ପ୍ରାଣର ବଲ୍ଲଭ !
କିଏ କହେ ସ୍ଥାନ ତବ ପଦତଳେ ମୋର ?
କବଚର ବକ୍ଷ ପରେ

ସୁରକ୍ଷିତ ଆସନ ବସ୍ଥାଇ
ତୁମେ ତ ରହିଚ ଚିର ପ୍ରେମର ପ୍ରତିମା ।
ଗୃହକର୍ମେ ବିଜଡ଼ିତ ଦାନବ ଅନ୍ତରେ
ବିଶୁଷ୍କ ଜୀବନେ ତାର—
ସୁଧାର ନିର୍ଝର ତୁମେ ଅପୂରୂପୀ ସାନ୍ତ୍ୱନା ମୂରତି ?
ହାଃ ହାଃ ହାଃ ହାଃ—
ପରିହାସେ କଟୁକଥା କହି
ମରମେ ଆଘାତ ତବ ଦେଇଚି ଟି ଗୋ ପ୍ରିୟେ !—
କ୍ଷମା କର ଦୋଷ,
ଧରିଦିଅ ବାହୁର ବନ୍ଧନେ ମୋର
ପ୍ରାଣର ବାନ୍ଧବୀ !

**ଅପୂ**—( **ଅଭିମାନେ** ) ନା—ନା, ନୁହେଁ ମୁଁ ବାନ୍ଧବୀ
ସ୍ୱାର୍ଥପର ନାରୀ ଜାତି—
ସ୍ୱାର୍ଥଶୂନ୍ୟ ପୁରୁଷର ହେବ କି ବାନ୍ଧବୀ ?
ଗଳଗ୍ରହ, ପଥର କଣ୍ଟକ ସେହୁ ।

**କବିର**—ହାଃ ହାଃ ହାଃ—
ଅଭିମାନ !!—

**ଅପୂ**—ସତ୍ୟ ପ୍ରଭୁ !
ନାରୀ କିବା ଏଡ଼େ ସ୍ୱାର୍ଥପର
ଏଡ଼େ କ୍ଷୁଦ୍ର—
ସୃଷ୍ଟିର ସେ ହୀନ ଅବର୍ଜନା ?

କବଚ—ହାଃ ହାଃ ହାଃ ହାଃ—

( ତରଳ ହାସ୍ୟରେ କଥାଟି ଯେମିତ କଛି ନୂହେଁ ବୋଲି ଉଡ଼ାଇ ଦେବାର ଚେଷ୍ଟା )

( ଜନୈକ ଦାସୀର ପ୍ରବେଶ ଓ ପ୍ରଣାମ )

କବଚ—କି ସଂବାଦ ?

ଦାସୀ—ମହାରାଜ ! ସେନାପତି—

କବଚ—ସେନାପତି ସିଂହନାଦ ! ଚାଲ—

( ଦାସୀର ପ୍ରସ୍ଥାନ )

ଆସେ ରାଣୀ ! ଗୁରୁତର ପରାମର୍ଶ—

( ପ୍ରସ୍ଥାନ )

( ଅମୃ ଦୀର୍ଘ ନିଶ୍ୱାସଟିଏ ପକାଇ ଫୁଲତଳ ଧରି ଭିତରକୁ ଗଲେ ବାହାରୁ )

# ଦୃଶ୍ୟ—ଦଶ

## —କାଳକେୟ ରାଜ୍ୟର ପଥ—

( ତୋଡ଼ ଓ ତନ୍ଦ୍ରାର ପ୍ରବେଶ )

ତୋଡ଼—ମହାରାଣୀ ଯାହା କହୁଲେ ସତ ହିଁ—ନାରୀଙ୍କୁ ଭାବ ତାକୁ ଯେତେବେଳେ ଥରେ ଆଶ୍ରୟ ଦେଇଥିଲି—ତାଙ୍କ ଦବାଠା ନିଷ୍ଟୟ ବଡ଼ ଖରାପ କଥା ।

ତନ୍ଦ୍ରା—ମୁଁ ତ ସେଇ କଥା କହୁଥିଲି ବାବା । ସେ ଥିଲେ ମୁଁ ଏତେବେଳକୁ କେତେ ଗୁରାଏ ଆଗେଇ ଯାଇ ସାରନ୍ତିଣି ।

ତୋଡ଼—କଣ ନାଚରେ ଆଗେଇ ଯାଇଥାନ୍ତୁ ? ହେଲେ ତାର ସେଇ ନାଚ ଶିଖେଇବାଠାକୁ ମୁଁ ପସନ୍ଦ କଲି ନାହିଁ ବୋଲି ତ ତାକୁ—

ତନ୍ଦ୍ରା—କାହିଁକି ପସନ୍ଦ କଲ ନାହିଁ ବାବା ? କେଡ଼େ ସୁନ୍ଦର ସେ ଗାନ୍ଧର୍ବ ନାଚ । ମତେ ପ୍ରଥମଠୁଁ ତୃତୀୟ ସୋପାନ ଯାଏ ମୋଠା ମୋଟି ଆସି ଯାଇଥିଲା ।

ତୋଡ଼—ସେଇଥି ପାଇଁ ତ ମୁଁ ଭୟ କଲି ମା । ତାର ସେଇ ନାଚର ସୋପାନ ସାଙ୍ଗକୁ ବବାହର ସୋପାନ ଗୁଡ଼ାଙ୍କ ଏମିତ ଧାଡ଼ି ମିଳେଇ ଖଞ୍ଜି ଦେଇଚ ଯେ—ମୋର ମୁଣ୍ଡ ତ ଘୂରେଇ ଗଲା ମା !

ତନ୍ଦ୍ରା—କାହିଁକି ବାବା—ମୋ ମୁଣ୍ଡତ ଘୁରେଇଲା ନାହିଁ ଜମା । ସତେ ବାବା—ନାଚର ଛଅଟି ଯାକ ସୋପାନ ମୁଁ ଉତୁରି ଯାଇଥିଲି । ବାକି ସେଇ ବବାହର ପ୍ରଥମ

ସୋପାନରେ ଗୋଡ଼ ଦେଲାବେଳକୁ ତ ତୁମେ ତାଙ୍କୁ ଛଡ଼ି ଦେଲ—

ଛୋଡ଼ୁ— ( **ସନ୍ଦେହରେ ଝିଅକୁ ଗୁର୍ହି ଧମକାଇଲା ଭଳି** ) ଭଲ କଲି । ବେଶ୍ କଲି—ଗୁଲ୍ ଘରକୁ ଗୁଲ୍—

ଭଦ୍ରା —( **ଶୋକାକୁଳ ହୋଇ** ) ବାବା !

ଛୋଡ଼ୁ — କଣ ମା ! ( **ନରମ ହୋଇଯାଇ** )

ଭଦ୍ରା — ତୁମେ ତାଙ୍କୁ ଖୋଜ ! ଆଉ ଦୁଇଟା ବୋଲି ସୋପାନ ଉତ୍ତୁରି ଯାଇଥିଲେ ମୁଁ ସେଇ ବଗିଚୁ ଭିତରକୁ ଓହ୍ଲେଇ ପଡ଼ିଥାନ୍ତି—

ଛୋଡ଼ୁ—( **ହଠାତ୍ କିଛି ବୁଝିନପାରି** ) କୋଉ ବଗିଚୁ ?

ଭଦ୍ରା—ସେ ଯୋଉ ବଗିଚୁ କଥା ସେଦିନ କହୁଥିଲେ ।—ଯୋଉଠି ମହୁମାଛି—ପ୍ରଜାପତି—କଳା କୋଇଲି—ଗଣ୍ଡା ଗଣ୍ଡା-ପଣି-ପଣି !!

ଛୋଡ଼ୁ—( **ବିରକ୍ତରେ** ) ତୁନି ହ । ଆ ଗୁଲିଆ ଘରକୁ—

ଭଦ୍ରା—ହେଲେ ମହାରାଣୀ କହୁଚନ୍ତି । ନହେଲେ ଫେର ବିରକ୍ତ ହେବେ ଯେ ବାବା—

ଛୋଡ଼ୁ—ସତ କଥା ତ ହଁଅ—ମହାରାଣୀଙ୍କ ଆଦେଶ—ମାଙ୍କର ଉପଦେଶ । କ'ଣ କରିବି ! କୋଉଠି ଏବେ ତାଙ୍କୁ ପାଇବି— !! ( **ଡାକିଲେ** ) ହସବନ୍ତ ! ହସବନ୍ତ !

ଭଦ୍ରା—(ହସି) ହସବନ୍ତ ନୁହେଁ ବାବା ହସନ୍ତ— !!

ଛୋଡ଼ୁ—ହଉ ସେ ଯା'ହଉ, ମୁଁ ତାଙ୍କୁ ଖୋଜିବି—ପାଇଲେ ଘରକୁ ନେଇଯିବି, ତୁ ଯା ଆଗରେ—

ଭଦ୍ରା—ତୁମେ ଖୋଜିବ ବାବା !—

ଚୋଡ଼ି—ହଁ ଲୋ ଖୋଜାଖୋଜି ! ତୁ ଯା!

( ତନ୍ଦ୍ରା ଚାଲିଗଲା )

ଚୋଡ଼ି—କୋଉଠି ଏବେ ତାକୁ ପାଇବ ? ହସବନ୍ତୀ ! ହସବନ୍ତ !

( ଚାଲି ଯାଉଥିଲେ )

( ପଛରୁ ଉର୍ବଶୀ ପ୍ରବେଶ କରି ଡାକିଲେ )

ଉର୍ବଶୀ—ଶୁଣ ତ—

ଚୋଡ଼ି—( ଫେରିପଡ଼ି ଆଶ୍ଚର୍ଯ୍ୟ ହୋଇ ଆଁ କରି ଚାହିଁ ରହିଲେ )

ଉର୍ବଶୀ—କ'ଣ ଏମିତି ଥକା ହୋଇ ଚାହିଁ ରହିଲ ଯେ ? ଭୟ କରୁଛ ?

ଚୋଡ଼ି—ଭୟ ! ହୁଁଃ—ଆମେ ଜାତିରେ ଦାନବ—ଭୟ କରିବୁ ? ତେବେ—ଦାନବ ରାଜ୍ୟରେ ଏମିତି ରୂପ, ଏମିତି ସୌନ୍ଦର୍ଯ୍ୟ ! —ନା—ନା, ତେମେ କିଏ ଚଞ୍ଚଳ କହ—ନ ହେଲେ ମୁଁ ମହାରାଜାଙ୍କୁ ଖବର ଦେବି—

ଉର୍ବଶୀ—ମହାରାଜା କିଏ ? ଦୈତରାଜ କିବଚ ତ ? ତାଙ୍କୁ କ'ଣ ତେମେ ଚିହ୍ନ ?

ଚୋଡ଼ି—ଚିହ୍ନେ କ'ଣ କହୁଚ । ବରାବର ଚଳପ୍ରଚଳ ହୁଏ—ବରାବର !—

ଉର୍ବଶୀ—ମତେ ନେଇ ଯାଇପାରିବ ତମର ମହାରାଜାଙ୍କ ପାଖକୁ ?

ଚୋଡ଼ି—ପାରିବ କ'ଣ—ନେଇ ଯିବାକୁଇ ହେବ—ଯଦି ନିତାନ୍ତ ତମର ଠିକ୍ ଠିକ୍ ପରିଚୟ ନ ମିଳେ—

ଉର୍ବଶୀ—ଆଚ୍ଛା ତମର ମହାରାଜା କ'ଣ ରୂପକୁ ଆଦର କରନ୍ତି ନାହିଁ—ବିଶେଷତଃ ଏଇ ନାରୀର ରୂପକୁ ?

ଚୋଡ଼ି—( ଟେକ୍ ବୁଝିନପାରି ) ଏଁ—ହଁ—

ଉର୍ବଶୀ—ମତେ କ'ଣ ସେ ଭଲ ପାଇ ପାରିବେ ନାହିଁ ?

ତୋଡ଼୍—ମୁଁ ସେ କଥା କହିପାରିବି ନାହିଁ ।

ଉର୍ବଶୀ—ତା ହେଲେ ମୁଁ ବି ମୋର ପରିଚୟ ଦେଇ ପାରିବି ନାହିଁ ।

ତୋଡ଼୍—ଦେଇ ପାରିବ ନାହିଁ ? ତେବେ ଆସ ମୋ ସାଙ୍ଗରେ—

( ସିଂହନାଦଙ୍କର ପ୍ରବେଶ )

ସିଂହ—କିଏ ତମ ସଙ୍ଗରେ ଯିବ ତୋଡ଼୍ ? (ଗୃହେଁ) ଓ, ତୁମେ—
ତୁମେ ତ ସେଇ ନାରୀ !!

ତୋଡ଼୍—ଆପଣ କ'ଣ ଏଙ୍କୁ ଚିହ୍ନନ୍ତି ସେନାପତି ମହାଶୟ ?

ସିଂହ—ହଁ ଚିହ୍ନେ, ଖୁବ୍ ଭଲକରି ଚିହ୍ନେ । ସେଦିନ ପଥ ମଝିରେ
ରୂପର ଜାଲ ବିଛାଇ ସ୍ୱୟଂ ଦୈତ୍ୟରାଜଙ୍କୁ ବନ୍ଦୀ କରିବାକୁ
ବସିଥିଲା—ହଁ ଏ ସେଇ ନାରୀ—

ତୋଡ଼୍—ଏଁ, ତେବେ କ'ଣ ଇଏ—

ସିଂହ—ଜାଣେନା କିଏ—( ହଠାତ୍ ଉର୍ବଶୀଙ୍କୁ ) କହ, କିଏ ତୁମେ
ମାୟାବିନୀ ? କି ଉଦ୍ଦେଶ୍ୟ ଘେନି, ରୂପସୀ—ଯୁବତୀ
ତୁମେ—କାଳକେୟ ରାଜ୍ୟର ପଥେ ପଥେ ବିଚରଣ
କରୁଛ ?

ଉର୍ବଶୀ—ଉଦ୍ଦେଶ୍ୟ—କାଳକେୟ ଜାତିର ମଙ୍ଗଳ କାମନା,—
ଦାନବକୁଳର ବିଜୟ ବାସନା—ସେନାପତି ମହାଶୟ !

ସିଂହ—କାଳକେୟ ଜାତିର ମଙ୍ଗଳ—ଦାନବ କୁଳର ବିଜୟ !
ସେଥିଲାଗି ତୁମେ—ପଥଚାରିଣୀ ଏକ ସୁନ୍ଦରୀ ରମଣୀ ? ତୁମର
ଏତେ ଚିନ୍ତା—ଏତେ ଉତ୍କଣ୍ଠା— ?

ଉର୍ବଶୀ—ଆଉ ଏତେ ସାଧନା ମଧ୍ୟ । ଆପଣ ବୁଝିପାରିବେ ନାହିଁ
ସେନାପତି ମହାଶୟ !

ସିଂହ—ତୁମେ ମଧ୍ୟ ବୁଝିନାହଁ ନାରୀ । ଦେବାଦିଦେବ ଶଙ୍କରଙ୍କ ପ୍ରସାଦରୁ କାଳକେୟ ଜାତିର ଆରାଧ୍ୟ ଦେବତା, ଦୈତ୍ୟ-ରାଜି ନିବାତକବଚ, ଅଜେୟ ଶକ୍ତି ଶିବଶୂଳ ଲାଭ କରିଛନ୍ତି —ସେହି ମହାମହିମା ଶଙ୍କର ତ୍ରିଶୂଳଧାରୀ, ଶକ୍ତିମାନ୍ କବଚଙ୍କର ବାହୁଚ୍ଛାୟା ତଳେ ରହି—ଏ-ଦାନବ ଜାତି ତାର ସର୍ବବିଧ ମଙ୍ଗଳ—ସମସ୍ତ ବିଜୟ—ବାସନା—ଅନାୟାସରେ ଚରିତାର୍ଥ କରିପାରେ ।

ଉର୍ବଶୀ—ତଥାପି ନାରୀର ସାହାଯ୍ୟବିନା ଦାନବ ଜାତିର ଏ ବାସନା—ଏ ଅଭିଯାନ ସହଜରେ ସଫଳ ହେବ ବୋଲି ଭାବିଛନ୍ତି ?

ସିଂହ—ନାରୀର ସାହାଯ୍ୟ—ହାଃ ହାଃ ହାଃ ହାଃ । ଶୁଣୁଚ ଶୁଣୁଚ ତୋଡ଼ି—ରୁଦ୍ର ଶୂଳଧାରୀ ମହାଶକ୍ତିଧର କବଚ ଯାର ଭାଗ୍ୟ ନିୟନ୍ତା—ସେଇ ଭାଗ୍ୟବାନ୍ କାଳକେୟ ଜାତିକୁ ସାହାଯ୍ୟ କରିବ ଜଣେ ଚଳାପାଙ୍ଗୀ ସୁନ୍ଦରୀ ତରୁଣୀ । ହାଃ ହାଃ ହାଃ ହାଃ—

ଉର୍ବଶୀ—ପୁରୁଷର ଏଇ ହସ—ଶୁଷ୍କ, ନିଷ୍ପ୍ରାଣ ଅର୍ଥହୀନ—ସେନାପତି ମହାଶୟ । କାହିଁ ଏଥିରେ ପ୍ରଚଣ୍ଡ ପାବକର ସୁତୀବ୍ର ଦହନଜ୍ୱାଳା ? କାହିଁ ଏଥିରେ ନିଷ୍ଠୁର ପ୍ରତିହିଂସାର ଗରଳ-ଉଦ୍‌ଗାର ? କାହିଁ—କାହିଁ ଏଥିରେ ଉନ୍ମାଦନା ଆଉ ଉଦ୍‌ଦୀପନାର ସଦମ୍ଭ କଷାଘାତ ?

ସିଂହ—କିଏ—କିଏ ତୁମେ ନାରୀ ? ଏ ଦାନବ ଜାତିକୁ ପ୍ରଳୟର ମନ୍ତ୍ର ଶିଖାଇବାକୁ ଆସିଚ ? କାଳକେୟ ଜାତିର ସୁପ୍ତ ଚେତନାକୁ ଆଘାତରେ, ଆଘାତରେ ରକ୍ତାପ୍ଳୁତ କରି

ଦେବାକୁ ବସିଚ ? କିଏ—କିଏ ତୁମେ ମାୟାବିନୀ ! କହ – ଶୀଘ୍ର ! ନଚେତ—

ଉର୍ବଶୀ—ତ୍ରିଭୁବନ-ଦୁର୍ଲଭ ଧନ. ଦେବତାର ହୃଦୟହାରିଣୀ ସୁରବାଳା ରୂପସୀ ଉର୍ବଶୀ ମୁଁ—

ସିଂହ—( ଚମକି ) ଉର୍ବଶୀ ! ସ୍ୱର୍ଗଛାଡ଼ି ତୁମେ—ତୁମେ ଏଠି ?

ତୋଡ଼—ଯା ଭିତରେ ନିଶ୍ଚେ କିଛି କଥା ଅଛି ସେନାପତି ମହାଶୟ !

ସିଂହ—ନା—ନା—ଏ ସେଇ ଦେବତାର ଚକ୍ରାନ୍ତ । ଦେବତାର କୌଶଳ ! ଯାଅ—ଦୂରହୁଅ—ଦୂରହୁଅ—ଏ ରାଜ୍ୟରୁ !

ତୋଡ଼—ଫେର୍ ଦୈତ୍ୟରାଜଙ୍କର ଦର୍ଶନ ମାଗୁଥିଲି !—

ଉର୍ବଶୀ—ସେ ଦର୍ଶନର ସୁବିଧା ମତେ କରିବାକୁ ହେବ ତୋଡ଼ ମହାଶୟ !

ସିଂହ—ଅସମ୍ଭବ ମାୟାବିନୀ । ଯୁଗେ ଯୁଗେ ବହୁଯୋଗୀ, ଦାନବ-ମାନବ ତୋର ରୂପ-ବହ୍ନିରେ ପତଙ୍ଗପରି-ଝାସ ଦେଇ ଆସିଚନ୍ତି—ଜାଣେ । ସେଇ କାମନାର ଦୁରନ୍ତ ପିପାସା ବକ୍ଷରେ ଧରି ତୁ ଆଜି ତପଃସିଦ୍ଧ ଦୈତ୍ୟରାଜ କବର୍ର ମନକୁ ଭୁଲାଇ ଦେବତାର ଇଷ୍ଟସାଧନ ଲାଗି ସୁଯୋଗ ଖୋଜି ବୁଲୁଚୁ ?—ଦୂର ହୁଅ—ଦୂର ହୁଅ ଏ ରାଜ୍ୟରୁ ଏଇ ମୁହୂର୍ତ୍ତିରେ । ନଚେତ୍—

ଉର୍ବଶୀ—ଚିନ୍ତା ନାହିଁ ସେନାପତି ମହାଶୟ ! ମୁଁ ଫେରି ଯାଉଚି । ମୋର ଭୟ କରିବାର କିଛି ତ ନଥିଲା ! ମୁଁ ଦେଇଥାଏ ଉଦ୍ଦୀପନା—ଆପଣମାନେ କରିଥାନ୍ତେ କର୍ମ ! ମୁଁ ଦେଇଥାଏ ମନ୍ତ୍ର—ଆପଣମାନେ କରିଥାନ୍ତେ ତାର ବିନିଯୋଗ !

ସିଂହ—ନା—ନା, ନାରୀର ବନ୍ଧନ କଟାକ୍ଷକୁ ସମ୍ବଳକରି ଭାଲକେୟ ଜାତି ତାର ବରିଷ୍ଠ ସାଧନା-ପଥରେ ଅଗ୍ରସର ହେବାକୁ ଚାହେଁ ନାହିଁ । ତୁମେ ଯାଅ—ଦୂର ହୁଅ !

(ଉର୍ବଶୀ ଫେରି ଚାଲିଗଲେ)

ଢୋଢ଼—ମାନ—

ସିଂହ—ଏଥିରେ ମାନ ନାହିଁ କି କିଛୁ ନାହିଁ ଢୋଢ଼ । ତୁମେ ଜାଣ, ମୋର ଭଗିନୀ ଦୈତ୍ୟରାଜ କବଚର ପତ୍ନୀ । ଜାଣୁ ଜାଣୁ ମୁଁ ତାର ଜୀବନର ପଥ କଣ୍ଟକିତ କରି ନ-ପାରେ—ଆଉର ସୌଭାଗ୍ୟ-ପ୍ରଦୀପକୁ ମୁଁ ନିଜ ହାତରେ ଲିଭାଇ ଦେଇ ନ ପାରେ । ଉର୍ବଶୀ ସୁନ୍ଦରୀ—ସ୍ୱର୍ଗର ଅପ୍‌ସରୀ—କବଚ ଦାନବ !—ନା—ନା—ମୁଁ ତା କରି-ନ ପାରେ । ଶୁଣ ଢୋଢ଼ ! ତମେ ପାରିବ ଗୋଟାଏ କାମ କରି ?

ଢୋଢ଼—କଣ ଆଜ୍ଞା ?

ସିଂହ—ହତ୍ୟା । ଏଇ ବିଷଧର ସର୍ପିଣୀକୁ ହତ୍ୟାକରି ? ଏଇ ନିଅ—(ଖଡ୍‌ଗ ଦେଲେ) ଧାଇଁ ଯାଅ—ସେ ବେଶିଦୂର ଯାଇ ନ ଥିବ !—ଯାଅ—

ଢୋଢ଼—କ୍ଷମା କରିବେ ସେନାପତି ମହାଶୟ ! ଦାନବ ହେଲେ ବି ଜୀବନରେ କେବେ ଥରେ ଯା'କରି ନାହିଁ—

ସିଂହ—କରିପାରିବ ନାହିଁ ? ହାଃ ହାଃ ହାଃ—ତୁମେ ଖାଲି ଦାନବ ହୋଇ ରହିଗଲ ଢୋଢ଼—ଖାଲି ଦାନବ ହୋଇ ରହିଗଲ । ଆସ, ତାର ବ୍ୟବସ୍ଥା ମୁଁ କିପରି କରୁଛି ଦେଖିବ ଆସ—

(ଦୁହେଁ ଚାଲିଗଲେ)

( ଉର୍ବଶୀ ଓ ବସନ୍ତର ବିପରୀତ ଦିଗରୁ ପ୍ରବେଶ )

ବସନ୍ତ—ସେ ଦିନ ମତେ ଚିହ୍ନା ନ ଦେଇ ଗୋଟାଏ ମସ୍ତବଡ଼ ଫାଙ୍କିଦେଇ ଗୁଲିଗଲ ! ହେଲେ, ମୋର ଫେର୍ ତମକୁ ଚିହ୍ନିବାରେ ଭୁଲ୍ ହବ ? ଆଜି ହଠାତ୍ ହାବୁଡ଼େ ପଡ଼ିବାରୁ ସିନା—

ଉର୍ବଶୀ—ଛାଡ଼୍ ସେ ସବୁ କଥା ସୁମନ୍ତ୍ୟ—

ବସନ୍ତ—ଆହା—ମୋ ନାଁଟା ଏଠି 'ବସନ୍ତ' ଉର୍ବଶୀ ! ଭୁଲି ଯିବ ନାହିଁ ।

ଉର୍ବଶୀ—ହେଲ ଏବେ ବସନ୍ତ ! ମତେ ତମେ ମନ୍ଦିରଟା ଜଗିଦବ କି ନାହିଁ ଆଗେ କହିଲ ?

ବସନ୍ତ—ତେମେ ଆଗେ କହିଲ—ସ୍ୱର୍ଗଛାଡ଼ି ଶେଷରେ ସୁନ୍ଦରୀ ଉର୍ବଶୀ କାହିଁକି ଏଇ ମର୍ତ୍ତ୍ୟପୁରୀରେ—ଫେର୍ ଏଇ ଦାନବରାଜ୍ୟରେ ?

ଉର୍ବଶୀ—ପ୍ରତିହିଂସା ସାଧନ କରିବାକୁ, ବସନ୍ତ ।

ବସନ୍ତ—ପ୍ରତିହିଂସା !!

ଉର୍ବଶୀ—ହଁ ପ୍ରତିହିଂସା ! ଗର୍ବିତା ଇନ୍ଦ୍ରାଣୀ ମତେ ଅଭିଶାପ ଦେଇଚି ! ମୋର ଆଶା-ପଥରେ କଣ୍ଟକ ରୋପଣ କରିଚି—

ବସନ୍ତ—ଅଭିଶାପ ଦେଇଛନ୍ତି ଇନ୍ଦ୍ରାଣୀ—ତମକୁ ?

ଉର୍ବଶୀ—ନା—ଅଭିଶାପ ଦେଇଚନ୍ତି ସ୍ୱୟଂ ଦେବରାଜ । ମାତ୍ର ଇନ୍ଦ୍ରାଣୀର ପ୍ରରୋଚନାରେ ।—"ଉର୍ବଶୀ ତାର ଛନ୍ଦ ଭୁଲିଯିବ"—"ନୃତ୍ୟବେଳେ ପାଦ ତାର ଅଚଳ ହୋଇ-ଯିବ ।"—ଉଃ-ଏ ଆତ୍ମଗ୍ଳାନି, ଏ ଲଜ୍ଜା—ଏ ଅପମାନ ମୋର ଅସହ୍ୟ ହେଲ ବସନ୍ତ ! ମୁଁ ସ୍ୱର୍ଗଛାଡ଼ି ଗୁଲିଆସିଲି

ବସନ୍ତ—ଏଠି ଆସି କ'ଣ କରିବ ଯେ ?

ଉର୍ବଶୀ—ନାଚିବି—ନଚେଇବି—ମୋର ପ୍ରତିହିଂସା ସାଧନ କରିବି ।

ହସନ୍ତ—ନଚେଇ ପାରିବ ତେମେ—ମୁଁ ଜାଣେ । ମାତ୍ର ନାଚିବ କେମିତି ? ଅଭିଶପ୍ତା ଯେ ?

ଉର୍ବଶୀ—ମର୍ତ୍ତ୍ୟରେ ସେ ଅଭିଶାପ ନିରର୍ଥକ ହେବ ହସନ୍ତ ! (ନେପଥ୍ୟ ଦୃଷ୍ଟି ପଡ଼ିଯିବାରୁ) ଏଇ—କିଏ ଆସୁଚି ଏଣେ ! ଦିଅ ହସନ୍ତ—ମତେ ମନ୍ତ୍ର କହିଦିଅ ।

ହସନ୍ତ—କହିବି ? କହିବି ତେବେ ?

ଉର୍ବଶୀ—ହଁ ହସନ୍ତ କହିଦିଅ । ମୋହିନୀ ମନ୍ତ୍ର ସାହାଯ୍ୟରେ ମୁଁ ଦୈତ୍ୟ ପୁରୀରେ ପ୍ରବେଶ କରିବି—ଦୈତ୍ୟରାଜର ଦର୍ଶନ ପାଇବି । ନ ହେଲେ ସବୁ ମୋର ବ୍ୟର୍ଥ ହେବ,—ସବୁ ଆଶା ଧୂଳିସାତ୍ ହେବ । ଦୈତ୍ୟଗଣେ ମୋର ସହଜ ପ୍ରବେଶରେ ବାଧା ସୃଷ୍ଟି କରିବେ ।

ହସନ୍ତ—ତା ତ କରିବେ, ସେନାପତିଟା ଯେମିତି ରଗିଚି ବୋଲି କହୁଚ ! ଅଚ୍ଛା, ମନ୍ତ୍ର ବି କ'ଣ ପାଣୋର ଯାଇଚି ତମର ?

ଉର୍ବଶୀ—ଯାଇଚି ସୁମନ୍ତ୍ରୁ ! ଯାଇଚି । ମର୍ତ୍ତ୍ୟରେ ଖାଲି ଥରେ ମତେ ମନ୍ତ୍ରଟା କହିଦିଅ—ମୋର ସବୁ ବାଧା ଘୁଞ୍ଚିଯିବ ! ବିଳମ୍ବ କରନା । କ'ଣ ଭାବୁଚ ତୁମେ ହସନ୍ତ ?

ହସନ୍ତ—ଭାବୁଚି ମୋ ନିଜ କଥା !

ଉର୍ବଶୀ—ତୁମ କଥା ମୁଁ ପରେ ଶୁଣିବି । ତମେ ଚାଲ—

ହସନ୍ତ—ଆସ ତେବେ ଟିକିଏ ଅନ୍ତରାଳକୁ—

( ଦୁହିଙ୍କର ପ୍ରସ୍ଥାନ )

# ଦୃଶ୍ୟ—ଏଗାର

## —ଦୈତ୍ୟରାଣୀ ଆୟୁଙ୍କ କକ୍ଷ—

[ବାତାୟନ ଖୋଲି ବସିଥିଲେ ଆୟୁ ବାହାରକୁ ଦୃଷ୍ଟି ରଖି । ବାହାରେ ଜନତାର ଆନନ୍ଦ ଧ୍ୱନି—ଜୟଗାନ । ଆୟୁ କିଛିକ୍ଷଣ ପରେ ବାତାୟନ ମଝିରୁ ଓହ୍ଲାଇ ଆସିଲେ । ପରିଚାରିକା ବନତା ପ୍ରବେଶ କରି ସମ୍ମାନ ଜଣାଇଲା । ]

ଆୟୁ—( ଉତ୍କଣ୍ଠାସହ ) ଆଉ କ'ଣ କେହି ବାକି ରହିଗଲେ ବନତା ?

ବନତା—ନା ମହାରାଣି ! ଆଉ କେହି ବାକି ନାହାନ୍ତି; କାହାର କିଛି ଅଭାବ ଅଭିଯୋଗ ନାହିଁ । ମହାରାଣୀ ତ ନିଜେ ରହି ସମସ୍ତଙ୍କୁ ସନ୍ତୁଷ୍ଟ କରି ଆସିଲେ—ଧନ, ଭୋଜନ, ବସ୍ତ୍ର—ଯାହାର ଯାହା ଦରକାର—ସମସ୍ତେ ସବୁ ପାଇ ସାରିଚନ୍ତି ମହାରାଣି !

ଆୟୁ—ତେବେ ଏ ଯାଏ ସେମାନେ ବସି ରହିଛନ୍ତି ଯେ ?

ବନତା—ମହାରାଣୀଙ୍କର ଜୟଗାନ କରୁଚନ୍ତି ବସି । ଶୁଣୁନାହାନ୍ତି —ଜୟନାଦରେ ଉଆସ ଦାଣ୍ଡ ଉଛୁଳି ପଡ଼ୁଚି— !

ଆୟୁ—ମୋର ଜୟଗାନ କାହିଁକି ବନତା ? ମୁଁ କିଏ ? ମୁଁ କରିଛି କ'ଣ ? ତୁ ଯା ବନତା—ସେମାନଙ୍କୁ ବୁଝେଇ ସୁଝେଇ ବିଦାୟ କରିଦେବୁ ।

( ବନତାର ପ୍ରସ୍ଥାନ, ସିଂହନାଦର ପ୍ରବେଶ )

ସିଂହ—କାହାକୁ ଭୁଲେଇ ଭୁଲେଇ ବିଦାୟ କରିବ ଅୟୂ ?

ଅୟୂ—ଦୀନ ଦୁଃଖୀ କାଲକେୟ ପ୍ରଜାଗଣଙ୍କୁ ଭାଇ ।—ପ୍ରାସାଦ-ପ୍ରାଙ୍ଗଣରେ ବସିରହି ଯେଉଁମାନେ ଅକାରଣ ମୋର ଜୟଗାନରେ ଦିଗନ୍ତ ମୁଖରିତ କରି ମୋତେ ଲଜ୍ଜିତ କରୁଛନ୍ତି— ।

ସିଂହ—ଅକାରଣ ତୋର ଏହି ଜୟଗାନ ଭଉଣି ? କାଲକେୟ ଜାତିକୁ ତୁ କ'ଣ ଗୋଟାଏ ଅପଦାର୍ଥ, ଅକୃତଜ୍ଞ, ହୀନ ଜାତିରୂପେ ଦେଖିବାକୁ ଇଚ୍ଛା କରୁ ? ତୋର କରୁଣା, ତୋର ସହାନୁଭୂତି, ତୋର ଦାନରେ ସେମାନଙ୍କର ଶୂନ୍ୟଥାଳ ପୂରି ଉଠିଛି ଆଜି; ଜୀବନର ଏହି ଶୁଭ ମୁହୂର୍ତ୍ତରେ ତୁ କଅଣ ତାଙ୍କୁ ହୃଦୟର କୃତଜ୍ଞତା ପ୍ରକାଶରୁ ବଞ୍ଚିତ କରିବାକୁ ଚାହୁଁ ? ତୋର ଜୟଗାନ କରି ସେମାନେ ଆଜି—

ଅୟୂ—ତୁନି ହୁଅ, ତୁନିହୁଅ । ଅୟୂ ରାଜରାଣୀ ହେଲେ ବି ସେ ରାଜାର ପ୍ରଜା—ରାଜାର ଅଧୀନ—ରାଜାର ସେବିକା । ରାଜାର ଅନ୍ତରରେ ରାଣୀର ସ୍ଥାନ ଯେତିକି, ପ୍ରଜାର ମଙ୍ଗଳ-ଚିନ୍ତା ସେତିକି ସ୍ଥାନ ଅଧିକାର କରି ରହିଛି । ରାଜାର କରୁଣା ଉପରେ—ରାଜାର ସ୍ନେହ ଉପରେ—ପ୍ରଜାର ଦାବୀ ଅଛି, ଅଧିକାର ଅଛି । ସେହି ଦାବୀ, ସେ ଅଧିକାର ତାକୁ କହିଦିଏ "ରାଜା ତୋର ଅଭାବରେ ସାହାଯ୍ୟ କରିବ, ବିପଦରେ ଅଭୟ ଦେବ, ଦୁଃଖରେ ସାନ୍ତ୍ୱନା ଦେବ—ଏ ସବୁ ତାର କର୍ତ୍ତବ୍ୟ ।" ଆଜି ସେହି କର୍ତ୍ତବ୍ୟ ସାଧିତ ହୋଇଛି—କାଲକେୟ ଜାତିର ଅଗଣିତ ଦୀନ-

ଦୁଃଖୀଙ୍କର ଅଭାବ ପୂରଣ କର ଦୈତ୍ୟରାଜ କବଚ ତାଙ୍କ ରାଜପଣର ଗୋଟାଏ କଳଙ୍କ ଦୂର କର ପାରଛନ୍ତି ।

ସିଂହ—ତା ଠିକ୍, ତା ଠିକ୍; କିନ୍ତୁ—

ଅପୂ—କ'ଣ କିନ୍ତୁ ଭାଇ ?

ସିଂହ—ଅପୁ !—( **କିଛି କହି ପାରଲେ ନାହିଁ । କେବଳ ଅପୂର ମୁଖକୁ ଚାହିଁ ରହଲେ । )**

ଅପୂ—କ'ଣ ଭାଇ ?

ସିଂହ—ଏ ମହତ୍ତ୍ୱର ପୁରସ୍କାର । ଏ ଆଦର୍ଶର ସାଫଲ୍ୟ ତୋତେ ମିଳବ ତ ଭଉଣି ?

ଅପୂ—ମହତ୍ତ୍ୱ । ଆଦର୍ଶ । ଏ ସବୁ କଣ କହୁଚ ତୁମେ ? ସ୍ୱାମୀର ଜୀବନ-ପଥ ନିଷ୍କଳଙ୍କ, ନିଷ୍କଣ୍ଟକ ରଖିବାରେ ସାହାଯ୍ୟ କରିବା କଣ ସ୍ତ୍ରୀର କର୍ତ୍ତବ୍ୟ ନୁହେଁ ?

ସିଂହ—ହଁ, ନୁହେଁ କାହିଁକି ? ତେବେ, ସ୍ୱାମୀର ଜୀବନ-ପଥ ନିଷ୍କଣ୍ଟକ କରିବାକୁ ଯାଇ ନିଜର ଜୀବନକୁ ବିଡ଼ମ୍ବିତ କରି ବସିବା—ମୋ ମତରେ—କେବଳ ଗୋଟାଏ ଶୁଷ୍କ ଆଦର୍ଶ ଛଡ଼ା ଆଉ କିଛି ନୁହେଁ—ତାର ସାଫଲ୍ୟର ଇତିହାସ ବଡ଼ କରୁଣ, ବଡ଼ ମର୍ମାନ୍ତିକ ଭଉଣି ।

ଅପୂ—ଏ ଆଶଂକା କାହିଁକି ଭାଇ ? ସ୍ୱାମୀର ଭାଗ୍ୟ ସଙ୍ଗେ ସ୍ତ୍ରୀର ଭାଗ୍ୟ କଣ ନିବିଡ଼ ବନ୍ଧନରେ ବନ୍ଧା ନୁହେଁ ?

ସିଂହ—ହାଃ ହାଃ ହାଃ ହାଃ—

ଅପୂ—ହସିଲ ଯେ ?

ସିଂହ—ଶୁଣ୍ ଅପୂ । ମୁଁ କଳ୍ପନା-ଚକ୍ଷୁରେ ଦେଖି ପାରୁଛି—ମହା ବିପଦର କୃଷ୍ଣ ମେଘ ତୋର ଭାଗ୍ୟାକାଶକୁ ଅନ୍ଧକାର

କରି ଘୋଟି ଆସୁଚି—ଗୋଟାଏ ପ୍ରବଳ ଆଶଂକାରେ ହୃଦୟ ମୋର ଥରି ଉଠୁଛି ଭଉଣି ।

ଅପୂ—କଣ ଭାଇ—କଥା କ'ଣ ? କି ଆଶଂକା ?

ସିଂହ—ହୁଏତ ଅକାଳ ବଉଦ ପରି ବାୟୁର ଧକ୍କାରେ ପୁଣି କୁଆଡ଼େ ଭାସିଯାଇ ପାରେ; ମାତ୍ର ଏହି ମୁହୂର୍ତ୍ତରୁ ତୋତେ ଅତି ସାବଧାନ ହୋଇ ରହିବାକୁ ପଡ଼ିବ, ନହେଲେ ଭାଗ୍ୟ ତୋର ବିଡମ୍ବିତ ହେବ, ସୁଖ-ସୂର୍ଯ୍ୟ ଅସ୍ତମିତ ହେବ,—ସେ ଦୁଃଖର ନିଶି ଆଉ ପ୍ରଭାତ ହେବାର ଅବସର ପାଇବ ନାହିଁ, ଭଉଣି ।

ଅପୂ—( ଉତ୍କଣ୍ଠାରେ ) କ'ଣ କହୁଚ ଭାଇ—କହନା କ'ଣ କଥାଟା ?

ସିଂହ—ଶୁଣିବୁ ? ତ୍ରିଭୁବନ-ଦୁର୍ଲ୍ଲଭ ରୂପ-ରାଣୀ ଅପ୍‌ସରା ଉର୍ବଶୀ କାଲକେୟ ରାଜ୍ୟରେ—

ଅପୂ—କାଲକେୟ ରାଜ୍ୟରେ ? ଅର୍ଥାତ୍ ?

ସିଂହ—ଅର୍ଥାତ୍ ଦୈତ୍ୟରାଜ କବଚର ମନୋରାଜ୍ୟରେ ପ୍ରବେଶର ପଥ ଖୋଜି ବୁଲୁଚି ସେ—

ଅପୂ—ହାଃ ହାଃ ହାଃ ! ତୁମେ ସିଂହନାଦ—ଦୈତ୍ୟ-ସେନାପତି—ତୁମର ଛାତି ଏତେ ଦୁର୍ବଳ, ବାହୁର-ଶକ୍ତି ଏତେ କ୍ଷୀଣ ବୋଲି ଜାଣି ନଥିଲି ଭାଇ ।

ସିଂହ—ତୁ ମୋର କଥାଟାକୁ ହସି ଉଡ଼େଇ ଦେବାକୁ ଚାହୁଁ ?

ଅପୂ—ମୁଁ ନ ଚାହିଁଲେ ବି, ସେ ଆପେ ଆପେ ଉଡ଼ିଯିବ—

ସିଂହ—ଉଡ଼ିଗଲେ ମୁଁ ସୁଖୀ ହେବି, ମାତ୍ର ମୋର ମନ କହୁଛି—

ଅପୂ—ମନ ଅନେକ କଥା କହେ—ସବୁ କଥାକୁ ଧରି ରଖିଲେ ଜୀବନ ଦୁର୍ବହ ହୋଇ ଉଠିବ ଭାଇ ! ଭଗ୍ନୀ-ସ୍ନେହ ତୁମକୁ

ଅନ୍ଧ କରିଛୁ—ସେଥିପାଇଁ ମୋ ପ୍ରତି ମୋର ସ୍ୱାମୀଙ୍କର ଐକାନ୍ତିକ ପ୍ରେମରେ ତୁମେ ସନ୍ଦେହ କରୁଛ ! ଚିନ୍ତା ନାହିଁ—ଦୈତ୍ୟରାଜ କବଚଙ୍କର ହୃଦୟ-ରାଜ୍ୟରେ ଦୈତ୍ୟରାଣୀ ଅପ୍ସୁର ଆସନ ସୁପ୍ରତିଷ୍ଠିତ ରହିଛି— ରହିଥିବ ।

ସିଂହ—କିନ୍ତୁ—

ଅପ୍ସୁ—ଏସବୁ ତୁମର ସ୍ନେହାନ୍ଧ ମନର ବିକାର—ଅସାର କଳ୍ପନା ।

ସିଂହ—ନିଜ ଆଖିରେ ଦେଖିବା କଥାକୁ ତୁ କହୁ କଳ୍ପନା, ମନର ବିକାର ?

ଅପ୍ସୁ—ନିଜ ଆଖିରେ ଦେଖିବା କଥା ?

ସିଂହ—ହିଁ, ଭଉଣି, ହିଁ; ନିଜ ଆଖିରେ ଦେଖିଛୁ—ଉର୍ବଶୀର ରୂପର ଆଲୋକରେ ଦୈତ୍ୟପତି କବଚର ଆଖି ଝଲସି ଯାଇଛି—ପ୍ରଶାନ୍ତ ସାଗର-ବକ୍ଷ ତରଙ୍ଗ-ଚଞ୍ଚଳ ହୋଇ ଉଠିଛି ।।

ଅପ୍ସୁ—ତା ପରେ ?

ସିଂହ—ତା ପରେ ? ତା ପରେ ହୁଏତ ଆଉ କିଛି ଘଟିବାର ନ ଥାନ୍ତା; ମାତ୍ର ସେହି ମାୟାବିନୀ ଉର୍ବଶୀକୁ ଆଜ ମଧ୍ୟ ମୁଁ କାଳକେୟ-ରାଜପଥରେ ବିଚରଣ କରୁଥିବାର ଦେଖିଛି ! ଖାଲି ସେତିକି ନୁହେଁ—ଦୈତ୍ୟପତି କବଚଙ୍କର ଦର୍ଶନ ଲାଗି ମନ ତାର ଉଦ୍‌ବିଗ୍ନ ହୋଇ ଉଠିଛି ।

ଅପ୍ସୁ—ତାର ସେ ଦର୍ଶନ ଲାଭରେ ବାଧା ସୃଷ୍ଟି କରିବାକୁ ଚାହିଁ ତୁମେ ?

ସିଂହ—ଶୁଣିଲି ତୋର ଭବିଷ୍ୟତ୍ ଭାବି, ତୋର ସୁଖ-ସୌଭାଗ୍ୟ ଲାଗି –

ଅୟୂ—ମୋର ଭବିଷ୍ୟତ୍ । ମୋର ସୁଖ-ସୌଭାଗ୍ୟ ଅବିକୃତ ରହିବ ଭାଇ ! ଶିବ ଶୂଳଧାରୀ ତପଃସିଦ୍ଧ ନିବାତକବଚଙ୍କୁ ଏତେ ଦୁର୍ବଳ ହୃଦୟ, କାମନାର ଦାସ ରୂପେ କଳ୍ପନା କରିବା ତୁମ ପକ୍ଷରେ ଅନ୍ତତଃ ମହା ଅପରାଧ ବୋଲି ମୁଁ ମନେ କରେ; ତୁମେ ଆସ –

ସିଂହ—ଅୟୂ ! ଭୁଲି ଯାଉଛୁ—ତୁ ଦାନବ-ଗୃହିଣୀ – ଦାନବୀ ? ଏତେ ସରଳ ବିଶ୍ୱାସ ଘେନି, ଦାନବର ପ୍ରକୃତି-ବିରୁଦ୍ଧ ଏତେବଡ଼ ନିର୍ମଳ ଆଦର୍ଶ ଧରି, ଦାନବର ସଂସାର କରି ହୁଏ ନାହିଁ ଅୟୂ !—ସେଥିରେ ପୁଣି ତୁ ଏ ରାଜ୍ୟର ମହାରାଣୀ !—କାଳକେୟ ଜାତିର ଭାଗ୍ୟବିଧାତାର ସହଧର୍ମ୍ମିଣୀ !!

ଅୟୂ—ସେ କଥା ମୋତେ ଜଣା ଅଛି ସେନାପତି ! ତୁମେ ଆସ ।

ସିଂହ—ଶୁଣ୍ ଅୟୂ ! ମୁଁ ତୋର ସହୋଦର; ତୋର ଭଲପାଇଁ ତୋତେ ସତର୍କ କରି ଦେବାକୁ ଧାଇଁ ଆସିଥିଲି; କିନ୍ତୁ ତୋର ଅନ୍ଧବିଶ୍ୱାସ, ବିଚିତ୍ର ଆଦର୍ଶ ମୋ କଥାରେ ତୋତେ କର୍ଣ୍ଣପାତ କରିବାକୁ ଦେଲା ନାହିଁ । ତଥାପି ପୁଣି ଥରେ ମୁଁ ସାବଧାନ କରାଇ ଦେଇ ଯାଉଛି—ତୋର ଏହି ନିଷ୍ଠା, ଏହି ବିଶ୍ୱାସ, ଏହି ଆଦର୍ଶକୁ ଯେବେ ବଞ୍ଚାଇ ରଖିବାକୁ ଚାହୁଁ, କବଚ ଓ ଉର୍ବଶୀର ମିଳନ ପଥରେ ବାଧା ସୃଷ୍ଟି କରି,—ପୁର-ଦ୍ୱାର ସବୁ ରୁଦ୍ଧ କରି ଦେ—ସ୍ୱାମୀର

ମନକୁ ଭୁଲାଇ ରଖିବାକୁ ପ୍ରୟାସ କର—ଦଣ୍ଡେ ହେଲେ ପାଖରୁ ଅନ୍ତର ହେବାର ସୁବିଧା ଦେ'ନା—ସାବଧାନ !!

(ପ୍ରସ୍ଥାନ)

[ ଅୟୂଙ୍କର ମନଭିତରେ ସବୁ ଯେପରି ଗୋଲମାଳ ହୋଇଗଲା—ତାଙ୍କର ନିଷ୍ଠା, ବିଶ୍ୱାସ—ସବୁ ଯେପରି ଭାଙ୍ଗି ଅଜାଡ଼ି ହୋଇ ପଡ଼ିବ !—ସେ ଖୁସି ହେବେ କି କାନ୍ଦିବେ କି ବିରକ୍ତ ହେବେ କିଛି ଠିକ୍ କରି ପାରିଲେ ନାହିଁ । କିଛିକ୍ଷଣ ଉତ୍ତେଜନାପୂର୍ଣ୍ଣ ମନ ନେଇ କକ୍ଷମଧ୍ୟରେ ବିଚରଣ କଲେ, ତା ପରେ ଦାସୀକୁ ଡାକିଲେ ।]

( ପରିଚାରିକା ବିନତାର ପ୍ରବେଶ ଓ ସମ୍ମାନ ପ୍ରଦର୍ଶନ )

ଅୟୂ—ବିନତା ! ରାଜପୁରୀର ସମସ୍ତ ଦ୍ୱାର ବନ୍ଦ କରି ଦେଇ ଆ'ତ—

ବିନତା—ଦେଇଛି ମହାରାଣୀ !

ଅୟୂ—ଏଁ ! ଦେଇଛୁ ? ତୁ କେମିତି ଜାଣିଲୁ—କିଏ କହିଲା ?

ବିନତା—ସେନାପତି ମହାଶୟ କହିଗଲେ; ହେଲେ, କଣ ପାଇଁ—ମୁଁ କିଛି ଜାଣି ନାହିଁ ମହାରାଣି !

ଅୟୂ—ସେକଥା ତୋର ଜାଣିବା ଦରକାର ନାହିଁ ! ସେନାପତି କହିଗଲେ, ନା ? ହଉ, ତୁ ଯା—

( ବିନତା ଚାଲିଯାଉଥିଲା )

ଅୟୂ—ଶୁଣ୍ ବିନତା ! ତୁ ନିଜେ ଦେଖିଚୁ ତ ସବୁଦ୍ୱାର ଭଲ କରି ବନ୍ଦ ହୋଇଥିବାର ?

ବିନତା—ଦେଖିବି କ'ଣ ମହାରାଣି ? ମୁଁ ତ ନିଜେ ବନ୍ଦ କରିଛି ସବୁ !

ଅୟୂ—ଭଲ କରିଚୁ ! ଭଲ କରିଚୁ—

ଅପ୍ସୁ—ଦୈତ୍ୟରାଜ କାହାନ୍ତି ବିନତା ?

ବିନତା—କହିପାରିବି ନାହିଁ ମହାରାଣି !—ଦେଖି ଆସେ—

ଅପ୍ସୁ—ନା, ଦେଖିବା ଦରକାର ନାହିଁ—ତୁ ଯା ।

( ବିନତାର ପ୍ରସ୍ଥାନ )

ଅପ୍ସୁ—ବିନତା ! ବିନତା !!—ନା, ଚାଲି ଯାଇଚି ।

[—ଚଞ୍ଚଳ ପଦକ୍ଷେପରେ ପାର୍ଶ୍ୱସ୍ଥ କକ୍ଷ ଭିତରକୁ ଚାଲିଗଲେ; କିଛି ସମୟପରେ ଫେରି ଅସିଲେ ଗୋଟିଏ ତାର-ଯନ୍ତ୍ର ଧରି, ବସିପଡ଼ି ତାର-ଯନ୍ତ୍ରରେ ଆଳାପ କରିବାକୁ ଯାଇ ପୁଣି କଣ ଭାବିଲେ । ଉଠିଯାଇ ଆଉ ଗୋଟିଏ ବାତାୟନ ଖୋଲି ଦେଲେ । ପରେ ପୁଣି ବନ୍ଦ କରିଦେଇ ବାତାୟନ ମଧ୍ୟରୁ ଓହ୍ଲାଇ ଅସିଲେ—ନିଜର ବେଶଭୂଷା ସଜାଡ଼ି ବସିଲେ; ଏଠିକବେଳେ ଡାକ ଡାକ ଦୈତ୍ୟରାଜ କବଚ ପ୍ରବେଶ କଲେ—ଅପ୍ସୁ ଉତ୍କଣ୍ଠି ହୋଇ ସେ ଡାକ ଶୁଣି କବଚଙ୍କ ପାଖକୁ ଧାଇଁଗଲେ ଗଭୀର ବ୍ୟଗ୍ରତା ଘେନି—]

କବଚ—( ନେପଥ୍ୟରୁ ) ଅପ୍ସୁ ! ପ୍ରିୟତମା !—( ପ୍ରବେଶ କଲେ )

ଅପ୍ସୁ—ଅସିଛ ! ଅସିଛ ପ୍ରଭୁ !!—

( ହଠାତ୍ ଥମିଗଲେ )

କବଚ—ଏ କଣ ? ଅକସ୍ମାତ୍ ଥମିଗଲ
ଆଗ୍ରହର ଆତିଶଯ୍ୟ—
ଆନନ୍ଦ ଉଚ୍ଛ୍ୱାସ ଭବ,
ନଇଁଗଲା ଉତ୍ତୋଳିତ ବାହୁର ବନ୍ଧନ !

ଅପ୍ସୁ—ନା-ନା, ପ୍ରଭୁ ! ଅସ—
ବସ କ୍ଷଣେ ପାଶେ ମୋର,
କହ କଥା ଅମୃତ ସମାନ,
ଅଦରେ ସମ୍ଭାଷ ବାରେ

ପ୍ରିୟତମା ବୋଲି—
ତୃପ୍ତହେଉ ପିପାସିତ ମନ,
ଧନ୍ୟ ହେଉ ଆୟୁର ଜୀବନ ପ୍ରଭୁ !
ଊର୍ବଶୀ—କି ହେତୁ ଚଞ୍ଚଳ ଏତେ ?
ଉତ୍କଣ୍ଠା ପ୍ରକାଶ ତବ—
ବିଚଳିତ ଭାବ ?
କି ଲାଗି କହ ଗୋ ପ୍ରିୟେ ?
ଓ, ଆସିନି ବୋଲି ମୁଁ ଏଥି
ବହୁକ୍ଷଣ ଧରି ପରା
ଖଞ୍ଜନ ନୟନୁ ତବ ଲୁହାଉଛ ବାରି ?
ଆକୁଳ ଅନ୍ତରେ ମୋର
କରୁଛ ପ୍ରତୀକ୍ଷା ?
କ୍ଷମାକର ପ୍ରିୟେ— !
ଗୁରୁତର ରାଜକାର୍ଯ୍ୟେ ରହି ମୁଁ ଜଡ଼ିତ
ଭୁଲିଛି ମୋ ପ୍ରାଣ-ପ୍ରିୟା ଜୀବନର ଧନେ ।
ତେଜ ଅଭିମାନ ଏବେ
କ୍ଷଣିକର ଅବହେଳା କର ଗୋ ମାର୍ଜନା
ମିଳନ-ମୁହୂର୍ତ୍ତି କର ଉତ୍ସବେ ସରସ ।
ଆୟୁ—କ୍ଷମାକର ଦୋଷ ପ୍ରଭୁ !
ଅଭିମାନେ ଭୁଲିଛି କର୍ତ୍ତବ୍ୟ ମୋର,
ଆବେଗେ କହୁଛି କଥା;
କ୍ଷଣିକର ଅବସର—
ବୃଥା କି ମୁଁ କରିପାରେ ତବ
ବିଷାଦ ସଂଗୀତ ଗାଇ ?

କବଚ—ତେବେ ଗାଅ, ଗାଅ ରାଣୀ !
ସରସ ସଂଗୀତ ତୋଳ ସୁଧାକଣ୍ଠେ ତବ;
ପୀଯୂଷ-ନିର୍ଝର ସମ
ଝରି ସେ ପ୍ଲାବିତ କରୁ କବଚ-ଅନ୍ତର !
ବହୁଦିନୁ ଶୁଣିନି ସେ
କଳଘୋଷ-ଗୀତ,
ଲଭିନି ସେ ଅଫୁରନ୍ତ ପୁଲକ-ଆସ୍ୱାଦ !
( ଆଯୂ କପଟ ଗାମ୍ଭୀର୍ଯ୍ୟ ଧାରଣ କଲେ )

ଏ କଣ ! ରହିଲ ନୀରବ ଯେ ?
(ରହସ୍ୟ ଛଳରେ) ଓ ! ବୁଝିଁ ପରି ଏଥୁ ବଳି ତୋଷାମୋଦ,
ଅନୁନୟ, ଅନୁରୋଧ—
ବାଞ୍ଛିତ ଭାବ ?
ଭାଗ୍ୟବଳେ ଲଭିଛ ମଧୁର କଣ୍ଠ
ଗାଇବାର ଭଙ୍ଗୀ,
ସେଥିଲାଗି ଏତେ ଗୁରୁ
ଆକାଙ୍କ୍ଷା ରଖିଛ ମନେ ?
ଗୃହେନ୍ଦ୍ରାଣୀ କହିବ କବଚ—
ଶଙ୍କର ତ୍ରିଶୂଳଧାରୀ କାଳକେୟ-ପତି ?
ଆଯୂ—ସେହି ଭାଗ୍ୟେ ମୋର ତେବେ
କରିଛ ତ ଈର୍ଷା ?
ନା, କ ଗାଇବି କେବେ;
ତୁମେ ତ ଶକ୍ତିଧର ଶିବଶୂଳଧାରୀ
ଅଜେୟ ଜଗତେ ?—

କି ଅବା ଅଭାବ ତବ ?
ଇଚ୍ଛାକଲେ କଲକଣ୍ଠୀ ରମଣୀରତନ
ଚରଣେ ଲୋଟିବେ କେତେ
ମହାଭାଗ୍ୟ ମଣି ।
ବୃଥା କିମ୍ପା ଘାରହେବ ମୁହିଁ ?

(ଛଳ ଅଭିମାନ କରି ଚାଲି ଯାଉଥିଲେ)

(କବଚ ତାଙ୍କର ପଣତ ଧରି ପକାଇଲେ)

କବଚ—ଶୁଣ, ଶୁଣ,—
ଏତେକି ଯାଉଛ ଚାଲି
ଅଭିଳାଷ ନ କରି ପୂରଣ ମୋର ?
ଜାଣ—ମୁହିଁ ଶକ୍ତିଧର—
ଅଜେୟ ଜଗତେ,
ଶିବଶୂଳ କରାୟତ୍ତ ମୋର ?

ଅପ୍ସ—ଥାଉ, ଥାଉ—
କରାୟତ୍ତ ଶିବଶୂଳ ଥାଉ କରଗତ ।
କିବା ଲଭି ବାରମ୍ବାର
ଅନ୍ତଃପୁରେ କରି ତାର ମହିମା ପ୍ରଚାର ?
ଶୂଳ-ଭୀତ ଭାଷା ମୋର କରୁଛି ହରଣ,
କଣ୍ଠ ମୋର ହେଲଣି ନିଷ୍ପନ୍ଦ,
ଗାଇବି କେସନେ ?

କବଚ—( କପଟ କୋପ ) ହୁଁ, ଗାଇବନି' ତେବେ ?
କହ, ଗାଇବନି ତେବେ ?

ଅପ୍ସ—ଉହୁଁ, ତୋଷାମୋଦ ନକଲେ ମୁଁ ଗାଇବିନି' କେବେ—

କବଚ—ନା, ନ କରିବ ତୋଷାମୋଦ ।
ଇଚ୍ଛାକଲେ ଏହି ଦଣ୍ଡେ
ସ୍ୱରଗୁ ଅପ୍‌ସରଗଣ ଆସିବେ ଓହ୍ଲାଇ
ଦେବ-ଦୁର୍ଲଭ ଯେତେ ଉମନ୍ତ-ମଧ୍ୟମା—
ରସଘନ ଗୀତ ଗାଇ
ତୋଷିବେ କବଚ-ମନ,
ଲୋଟିବେ ଚରଣ ତଳେ ଗଠଣୀ କାଂକସି ।।

( ଅପୂ କି ଏକ ଆଶଂକାରେ ଶିହରି ଉଠିଲେ; ଧାଇଁଆସି କବଚଙ୍କ ବକ୍ଷ ଉପରେ ପଡ଼ିଯାଇ କହିଲେ—ସବୁ ଛଳ, ସବୁ ରହସ୍ୟ କାହିଁ ଉଭେଇ ଗଲା ।)

ଅପୂ—ନା, ନା—
ନ କର ହେ ଚିନ୍ତା ପ୍ରିୟତମ !
କ୍ଷମ ଅପରାଧ—
ଗାଇବି ମୁଁ, ହଁ—ହଁ
ଗାଇବି ମୁଁ ସୁମଧୁର ଗୀତ,
ଗୀତେ ଗୀତେ ଭରିଦେବି ପ୍ରାଣର ଭାରତୀ—
କବଚ—ହାଃ ହାଃ, ହାଃ ହାଃ—

( ଅପୂର ଗୀତ ଗାନ )

କବଚ—ଏ କ'ଣ ! ଏ କ'ଣ ହେଲା ପ୍ରିୟେ ?
ସଂଗୀତର ତାଳେ ତାଳେ ତବ
ତରଳିତ ତୁଷାର ସମାନ
କଠୋର ଅନ୍ତର ବାହି
କାମନାର ସ୍ରୋତ ଏବେ କୂଳ ଲଙ୍ଘି ଧାଏଁ ।।

କହ ପ୍ରିୟେ ! କହ ଗୋ ଦାନବ ରାଣି !—
କେମନେ ଏ କାମ-ବହ୍ନି ହେବ ନିର୍ବାପିତ
ରସ-ରଙ୍ଗ-ସମ୍ଭୋଗର ଜୀବନଦ ବିନା ?
ଆସ, ଆସ ପ୍ରିୟେ !
ଆସ ଯେବେ ଟୋଳିଛ ଅନ୍ତରେ ମୋର
କାମନାର ଲିପ୍‌ସା—
ଚରିତାର୍ଥ କର ବାରେ,
ଶାନ୍ତ କର ଭୋଗ-ସୁଖ ଦାନି !

ଅୟୂ—ଛି, ଛି, ଶାନ୍ତକର
ଶାନ୍ତ କର ଚିତ୍ତ ପ୍ରଭୁ !
ଶଙ୍କର-ଭକତ ତୁମେ—
ଅସମୟେ ଏକି ଚିନ୍ତା ତବ ?
ଅମୃତ ଲଗନେ କିମ୍ପା ଅସୁର—ବାସନା ?
ରହ କ୍ଷଣେ—ଆଣେ ମୁହିଁ—
ସୁଶୀତଳ ଚନ୍ଦନ-ପ୍ରଲେପ,
ଦେବଭୋଗ୍ୟ କୁବଳୟ-ମାଳ—
ହୃଦୟ ଦେବତା ଯୋଗ୍ୟ ପୂଜା ଉପଚାର !

( ଚଞ୍ଚଳ ପ୍ରସ୍ଥାନ )

( କବଚ ଉଠିଯାଇ ଗବାକ୍ଷ ଖୋଲି ଦେଲେ—ଜ୍ୟୋତ୍ସ୍ନା ହସି ଉଠିଛି ବାହାରେ । )

କବଚ—ଆଃ, ପ୍ରକୃତି କି—
ବସିଅଛି ସାଜି
ଉତ୍ସବର ପୂର୍ଣ୍ଣ ଆଡ଼ମ୍ବର !!

ସଲଜ କୁମୁଦବନ୍ଧୁ—
ବଦନୁ ନିଗିଡ଼ି ପଡ଼େ
ବିଗଳିତ ଲାବଣ୍ୟର ଧାର !
ଅନ୍ତରେ ଲାଗଇ ତାର ଚେତନା-ଚମକ !
ଅସ୍ଥିର,—ଅସ୍ଥିର ମାନସ ମୋର,
ଜାଗି ଉଠେ ମୁହୂର୍ତ୍ତକୁ ବାସନା ବିକାର,
ଦେହ-କ୍ଷୁଧା-ମକରନ୍ଦ-ନିଶା !!
ଓଃ ! କିଏ—
କିଏ ସେ ପାରିବ ଦାନି
ଦାନବ କବଚେ ଆଜି ଅନଙ୍ଗ-ବିଳାସ,
ନିବାରିବ ସମ୍ଭୋଗ-ପିପାସା ତାର ?

**( ହଠାତ୍ କକ୍ଷ ମଧ୍ୟରେ ଉର୍ବଶୀର ଆବିର୍ଭାବ )**

ଉର୍ବଶୀ—ମୁହିଁ ପାରେ ଦୈତ୍ୟରାଜ !
ଶାନ୍ତ କର ମଦନର ଜ୍ୱାଳା—
ତୃପ୍ତ କର ସମ୍ଭୋଗ-ପିପାସା ତବ !

କବଚ—କିଏ—କିଏ ତୁମେ ?
ପ୍ରସ୍ଫୁଟିତ କାମକଳା ମଞ୍ଜୁ ଶତଦଳ
ଲାବଣ୍ୟ ପ୍ରଦୀପ ଧରି
ନୟନ ସମ୍ମୁଖେ ମୋର ?

ଉର୍ବଶୀ—ଚରଣେ ପ୍ରଣତ ହେବ
ଶଙ୍କର-ତ୍ରିଶୂଳଧାରୀ ଦୈତ୍ୟ ବୀରଶ୍ରେଷ୍ଠ !
ଭୁଲି ଅଛ ପରା ମୋତେ ?
ଭୁଲିଛ ସେଦିନ ଯେବେ
ଶିବ ପୂଜା ଫେରୁଥିଲ ନଗରାଭିମୁଖେ,

ପଥପ୍ରାନ୍ତେ ନୟନ ମିଶିଲା ମୋର
ନୟନେ ତୁମର ।
ଚଞ୍ଚଳେ ଗଲ ମୁଁ ଏଡ଼ି
ପଥ ଦେଲ ଛାଡ଼ି;
ମୁହିଁ ସେହୁ ସୁରବାଳା ଉର୍ବଶୀ ସୁନ୍ଦରୀ ।

ଦାନବ—ଉର୍ବଶୀ ।
ସୁଷମାର ସାରରୂପୀ—
ସୃଷ୍ଟିର ଦୁର୍ଲଭ ଆଜ ଦାନବର ଘରେ ॥
ଚିହ୍ନିଛି—ଚିହ୍ନିଛି ଏବେ;
ମନେ ପଡ଼େ ସେଦିନର କଥା—
ଚଞ୍ଚଳ ଈକ୍ଷଣେ ଯେବେ ବିଜୁଳି ଖେଳାଇ
ବୁକୁମୋର ଚିରି ଗଲ ଚାଲି ।
ଆଜ ଗୋ ଆସିଛ ପୁଣି ସରସ ଲଗନେ
ଲୀଳାୟିତ ତନୁ ଭରି
ଜ୍ୱୋତି କାମ-ଶିଖା ।
ଅଧର-ପଲ୍ଲବେ ଯେନି ମଧୁ ନିମନ୍ତ୍ରଣ,
ବୁକୁଭରି ପୀଡ଼ନ-କଳ୍ପନା ।
ଆସ ତେବେ—
ଆସ ଲୋ ରୂପସୀ-ରାଣୀ ।
ଭୋଗ-ସୁଖ ଦାନି ମୋରେ,
ମଦନ-ଦହନ-ଜ୍ୱାଳା ଶାନ୍ତକର ଧନି ।

( ଅଗ୍ରସର ହେଲେ

ଉର୍ବଶୀ—କ୍ଷମାକର ଦୈତ୍ୟରାଜ ।
ଅଛି କିଛି ଭିକ୍ଷା ମୋର—
ବିନୀତ ପ୍ରାର୍ଥନା ।

କଚ—ନୁହେଁ ଭିକ୍ଷା,
ନୁହେଁ ତବ ବଦାନ୍ୟତା ପ୍ରାର୍ଥନା ବାଲା ।
ଆଦେଶ କରରେ ଏବେ,
ଅବିଲମ୍ବେ ସସାଗର
ଧରଣୀ ଲୁଣ୍ଠିତ କରି, ସକଳ ବୈଭବ
ପଦପ୍ରାନ୍ତେ କରିବ ଅର୍ପଣ ତବ ।
କହ କିବା ଅଭିପ୍ରାୟ କହ ଗୋ ସୁନ୍ଦରୀ !
ଚାହଁ—ସ୍ୱର୍ଗ-ମର୍ତ୍ତ୍ୟ-ପାତାଳର
ଅବିଚ୍ଛିନ୍ନ ଆଧିପତ୍ୟ ?
ଅଥବା କୁବେର-ଧନ, ଇନ୍ଦ୍ରର ଇନ୍ଦ୍ରତ୍ୱ ?
ଅବା ଗୋଲୋକ-ପତିର ସନେ
ବୈକୁଣ୍ଠ-ବିହାର ?
କହ ?

( ହଠାତ୍ ପଦଶବ୍ଦ ବାହାର )

କିଏ !!—ଓ, ଆସେ ଆସୁ—

( ହଠାତ୍ କକ୍ଷସ୍ଥ ପ୍ରଦୀପ ସବୁ ଲିଭିଗଲେ )

ହାଃ ହାଃ ହାଃ ହାଃ—

( ଆସୁ ପୁଷ୍ପ ଚନ୍ଦନ, ଅର୍ଘ ଥାଳରେ ଘେନି ପ୍ରବେଶ କଲେ ।)

ଆସୁ—ଏ କଣ !
କକ୍ଷ ଭରି ଘୋର ଅନ୍ଧକାର !!
କା ଲାଗି ଏ ଅଟ୍ଟହାସ୍ୟ ଧ୍ୱନି !!

ଉର୍ବଶୀ—( ଅଳ୍ପ ଶଙ୍କିତ ଭାବେ ) ଦୈତ୍ୟରାଜ !—

କଚ—( ଉର୍ବଶୀକୁ ) ଧୀରେ—!!

ଅୟୂ—କିଏ ! କିଏ ସେ କହିଲା କଥା ?
      କହ—କହ ଦୈତ୍ୟରାଜ !
      ଓଃ ! ପୁରୀଦ୍ୱାର କରିଥିଲି ରୁଦ୍ଧ,
      ଦ୍ୱାରେ ଦ୍ୱାରେ ସଜାଗ ପ୍ରହରୀ,
      ତଥାପି କେମନେ—
      ପାଇଲା ପ୍ରବେଶ-ପଥ କୁଟିଳା ସର୍ପିଣୀ !!

କବଚ—ହାଃ ହାଃ ହାଃ ହାଃ !!! –

ଅୟୂ—ଦାନବ ଘରଣୀ ମୁହିଁ,
      ଜାତିରେ ଦାନବୀ –
      ଦୀପକ-ମନ୍ତ୍ରରେ ଏବେ ଜାଳିବି ପ୍ରଦୀପ !
      "ଜଳ – ଜଳରେ ପ୍ରଦୀପ ଏବେ
      ଅୟୂର ଆଦେଶେ !"

( ପ୍ରଦୀପ ପୁନର୍ବାର ଜଳି ଉଠିଲା । ଅୟୂ ଦେଖିଲେ ଅର୍ଦ୍ଧଶାୟିତା ଉର୍ବଶୀଙ୍କୁ ଆଲିଙ୍ଗନ କରିଛନ୍ତି କବଚ । ହଠାତ୍ ଉର୍ବଶୀ ଛିଡ଼ା ହୋଇ ପଡ଼ିଲା । ଏ ଦୃଶ୍ୟ ଦେଖି ଅୟୂ-ହସ୍ତରୁ ଆଳତି ସଶବ୍ଦେ ତଳେ ପଡ଼ିଗଲା । ଉର୍ବଶୀ ଧାଇଁଗଲେ ସେ ସବୁ ତୋଳି ଦେବାକୁ—ଅୟୂ ତାଙ୍କୁ ପଦାଘାତ କରି ଚଞ୍ଚଳ ଗ୍ଚଲିଗଲେ ସେ କକ୍ଷ ଛାଡ଼ି ।)

କବଚ—( ଗର୍ଜିଉଠିଲେ ଯେପରି ! ) ଅୟୂ !!! –

ଉର୍ବଶୀ—ହାଃ ହାଃ ହାଃ ହାଃ !! –

—ଯବନିକା—

# ଦ୍ୱିତୀୟାର୍ଦ୍ଧ

## ଦୃଶ୍ୟ—ଏକ

### —କୈଳାସ ପର୍ବତ—ଶିବପୁରୀ—

[ ମ୍ରିୟମାଣା ନନ୍ଦନରତା ଅପ୍ସୁ ବସି ଶିବସ୍ତୋତ୍ର ଗାଉଥିଲେ ]

( ପାର୍ବତୀଙ୍କର ଆବିର୍ଭାବ )

ପାର୍ବତୀ—କିଏ—କିଏ କାହିଁ କାନ୍ଦେ ?
( ଦେଖି ) ଓ, ତୁମେ—ତୁମେ ନାରୀ ।
ତୁମର କରୁଣ ଡାକେ
ଶିବନାରୀ ଅନ୍ତର-ଗହନେ ବାଜେ
ବିଷାଦ ବେଦନା ।
କିଏ ତୁମେ ବାଳା ?
କହ, କିବା ଦୁଃଖ ତବ ?

ଅପ୍ସୁ—ଜଗତ ଜନନୀ ଦେବି ।
ପରିଚୟ-ଗଉରବେ ନାହିଁ ମୋର ଅଧିକାର ।
ସ୍ୱର ଏକ ନାରୀ—
ବିଡମ୍ବିତା, ଲାଞ୍ଛିତା ଦାନବୀ ।

ପାର୍ବତୀ—ଦାନବୀ ! ! କହ ବାଳା,
 କେଉଁ ଭାଗ୍ୟଧର ଦାନବର
 ଅଙ୍କ-ଲକ୍ଷ୍ମୀ ତୁମେ ?
 କାହିଁ ବା ନିବାସ ତବ ?
 କି କାରଣେ ଏଥି ଆସି
 ବିଷାଦର ହାହାକାରେ
 ଭରୁଛ କୈଳାସ ପୁରୀ ?

ଅସୁ—ଜାଣେ ନା ଗୋ ଦେବୀ !
 କି ଲାଗି ଆସିଲି ଏଥି ।
 ନିଶ୍ଚିତ କରି ମୁଁ ତାହା କହି ତ ନ ପାରେ ।
 କିବା ଦେବୀ ଆତ୍ମ-ପରିଚୟ ।
 ଲକ୍ଷ୍ମୀ ତ ଜୀବନ ଯେଣୁ
 ଭାଗ୍ୟହୀନା ବଞ୍ଚେ ଆଜି
 କବଚ-ଘରଣୀ ରୂପେ ।

ପାର୍ବତୀ—କବଚ-ଘରଣୀ ତୁମେ ! !
 କାଳକେୟ ଦୈତ୍ୟପତି ନିବାତ କବଚ,
 ଶିବଶୂଳ ଶୋଭିତ ଯା'କର—
 ତୁମେ ତାର ଅଙ୍କ-ଲକ୍ଷ୍ମୀ କାଳକେୟ ରାଣୀ ! !
 ନ ପାରଇ ବୁଝି
 କିଲାଗି ଲୋ ଭାଗ୍ୟହୀନା
 ବୋଲ ଆପଣାରେ ।
 ସ୍ୱାମୀ ତବ ମହାଭାଗ୍ୟ କରିଛି ଅର୍ଜନ,
 କି ଦୁଃଖେ କାତର କହ ଦୈତ୍ୟ-ପ୍ରିୟତମା ?

ଅପୂ—ନୁହେଁ ପ୍ରିୟତମା ଦେବ !
ଜୀବନରୁ ବଳି ପ୍ରିୟ ସ୍ୱାମୀପଦ ସେବା—
ସ୍ୱାମୀର ସନ୍ତୋଷ ମୋର
ଇହ-ପରକାଳ—
ତହିଁରୁ ବଞ୍ଚିତା ଏବେ !
ମଣିହରା ଫଣୀ ସମ
ନିଷ୍ଫଳ ଜୀବନ ଘେନି କାଟଇ ମୁଁ ଦିନ !
ପାର୍ବତୀ—କି ଲାଗି ଦାନବ ରାଣି,
ସ୍ୱାମୀ ତବ ବିମୁଖ ଏସନ ?
କି ଲାଗି ବଞ୍ଚିତା ତୁମେ, ସ୍ୱାମୀ-ସୁଖ ହୀନା ?
ଅପୂ—ନିଷ୍ଠୁର ନିୟତି ଦେବ !—
ଖେଳି ଅଛି ଖେଳ,
କାହୁଁ ଆସି ସୁର-ପୁରୀ ରୂପସୀ ଉର୍ବଶୀ
ରୂପ-ରସେ ରସାଇ ସେ—
ବିନ୍ଧେଲ କଟାକ୍ଷେ ହାଣି ପଞ୍ଚଫୁଲ ଶର—
ଦାନବ କବଚ ହୃଦେ ଜଗାଇଲା ତୃଷା !
ଦୁର୍ବାର ସେ କାମ-ଲିପ୍ସା
କୁଳଲଙ୍ଘି ଧାଇଁଲା ସବେଗେ
ଭାସିଗଲା—ଭାସିଗଲା—ପ୍ରଣୟର ଶିରୀ !
ତୁଟିଗଲା ହୃଦୟ-ବନ୍ଧନ !
ପାର୍ବତୀ—ଭ୍ରମ ତବ କବଚ ଘରଣି !
ହୃଦୟ ବନ୍ଧନ କେବେ ନୁହେଁ ତୁଟିବାର !
ତବ ନିଷ୍ଠା, ପ୍ରେମର ଗୌରବ
ରହିବ ଅକ୍ଷୁଣ୍ଣ ଚିର ନ କର ଭାବନା !

**ଅସୂ**—ଝୁଣ୍ଟେ ଯେ ହୋଇଛୁ ଦେବି !
ପ୍ରେମ ନିଷ୍ଠା ଏବେ,
ତୁଟିଅଛୁ ପ୍ରେମ-ବନ୍ଧ—
ଅକୂଳେ ଭସାଇ ମୋର ଆଶାର ତରଣୀ !
ସତେ କି ସେ ତରୀ ଆଜ
ବିପଦର ଝଞ୍ଜା ଏଡ଼ି ବାହୁଡ଼ିବ ତୀରେ ?
ସତେକି ପାଇବି ପୁଣି
ନାରୀର କାମ୍ୟ ସଂପଦ—
ହୃଦୟ-ଦେବତା-ପୂଜା
ଯୋଗ୍ୟ ଅଧିକାର ?

**ପାର୍ବତୀ**—ପାଇବ ଗୋ କାଳକେୟ-ରାଣି !
ପାଇବ ସେ ଅଧିକାର—
ଜୀବନ ସମ୍ବଳ ତବ ସ୍ୱାମୀ-ପ୍ରେମ-ଧନ !
ଦୁର୍ବଳ ମୁହୂର୍ତ୍ତେ ସିନା
ଦାନବ ପ୍ରକୃତି ତାର ବିଡ଼ମ୍ବନା ରଚି
ଭୋଗ ସୁଖେ ବଳାଇଛି ମନ,
ଭୋଗୁଛ ଲାଞ୍ଛନା ତୁମେ !
ମାତ୍ର, ଯୋଗସିଦ୍ଧ ନିବାତ କବଚ—
କରିକି ପାରିବ କେବେ
କାମନାର ପୂଜା କରି ନିରୟ ଗମନ—
ଦୁର୍ନୀତି ଆଚରି ଶେଷେ
ନିଜ ଭାଗ୍ୟେ ଘୃଣ୍ୟାଚ୍ଛନ୍ନ କରି ?

**ଅସୂ**—ତୁମେ ଗୋ ବରଦେ !—
ଇଷ୍ଟଦେବ ସଦାଶିବ-ପ୍ରିୟା !

ତୁମର ସାନ୍ତ୍ୱନା-ବାଣୀ—
ଆଶୀର୍ବାଦ ମଣି ଏବେ
ଯାଉଛି ମୁଁ ଫେରି;
ଆଶାରେ କାଟିବି ଦିନ,
ଭୁଜଙ୍ଗ-ଆଘାତେ ଫୁଲ୍ ବିଷଗଦଗଦ
ତଥାପି ରହିବ ସ୍ଥିର, ନିଚଳ ନିସ୍ପନ୍ଦ ।
ତୁମର ସାନ୍ତ୍ୱନା ବାଣୀ ସଞ୍ଜୀବନୀ ସମ
ବଞ୍ଚିବାର ଆଶା ଭରୁ ପ୍ରାଣେ ।

ପାର୍ବତୀ—କିନ୍ତୁ ମୁଁ ନ ପାରେ ବୁଝି
ସ୍ୱର୍ଗ ତେଜି ଉର୍ବଶୀ କି ଲାଗି
ଆଜି ଦାନବର ଘରେ,
ଖେଳା କରେ ତବ ଭାଗ୍ୟ ଘେନି ।
କି ଲାଗି ସେ କାମ-ବାଢ଼ି
ଅସୁର କବଚ ତୁଲେ ?
କି ଲାଗି ସେ ଭ୍ରଷ୍ଟ କରେ ଦେବାଶ୍ରିତ ଜନେ,
ହୀନତାର ମନ୍ଦଦାନ
ଲିପ୍ତ କରେ ଦୁର୍ନୀତି-କଳୁଷେ ।
ଯାଏ ମୁହିଁ—
ନିବେଦନ କରେ ଯାଇ ପ୍ରଭୁଙ୍କ ଚରଣେ
ନିଗୂଢ଼ ରହସ୍ୟ ଅବା ଜାଣିଥିବେ ପ୍ରଭୁ ।

( ଅନ୍ତର୍ଦ୍ଧାନ )

ଅସୂ—କି ହେବ ରହସ୍ୟ ଜାଣି ।
ଅଭାଗିନୀ, ଭାଗ୍ୟ-ମୋର ବାମ ।
ଭୟ ଜାଗେ ମନେ—

ଦୁର୍ଗତି-ଅଘାତେ ଶେଷେ
ଦାନବର ଅଗାର ସଭ୍ୟ
ଶତଖଣ୍ଡେ ଭାଙ୍ଗି ଯେବେ ନ ମିଶିବ ଧୂଳିରେ !
ଜୀବନର ଦମ୍ଭ ତାର ହୋଇବ ଦଳିତ !
ବୃଥା ଏ ସାନ୍ତ୍ୱନା ଦେଲ ଜଗତ-ଜନନି !—

**( ଗୃହପାଳଥିଲେ, ହଠାତ୍ ଉର୍ବଶୀକୁ ଦେଖି ରହିଗଲେ ।)**

ଉର୍ବଶୀ—କିଏ ! କାଳକେୟ-ମହାରାଣୀ !!
**ଆୟୁ**—ଓ, ତୁମେ ! ତୁମେ ପୁଣି ଆସିଚ ଏଠାକୁ ?
**ଉର୍ବଶୀ**—ଖାଲି ତ ଏଠାରେ ନୁହେଁ—
ତୁମ ସାଥେ ହେଲା ଦିନୁ ଶୁଭ ପରିଚୟ
ଛାୟା ସମ କାୟା ଯେମ
ତବ ଭାଗ୍ୟ ପଛେ ପଛେ ବୁଲି ବୁଲେ ନିତ !
ଦାନବର ଘରେ ଆଜି
ଦାନବ ରାଜାର ଶତ୍ରେ ପାତିଛୁ ଆସନ—
ଜାଣନା କି ରାଣି ?
ରୂପ-ଜାଲେ ବନ୍ଦୀକରି ପ୍ରିୟତମେ ତବ
ପ୍ରତିଦାନ—
**ଆୟୁ**—ଦୂର ହୁଅ କାଳଭୁଜଙ୍ଗିନି !
ଉର୍ବଶୀ—ହାଃ ହାଃ ହାଃ ହାଃ !
ଭୁଜଙ୍ଗିନୀ-ଶିରେ ଯେବେ
ପାଦ-ପଦ୍ମ-କରିଲ ଆଘାତ—
ମନେ ନାହିଁ ରାଣି ? —ଜ୍ୱାଳାତାର
ସହିବ ତ ପୁଣି ।

**(ଆୟୁ ଅସ୍ଫୁଟେ ଆର୍ତ୍ତନାଦ କଲେ)**

ଶୁଣ କହେ ଦୈତ୍ୟର ଘରଣି !—
ଆସି ମୁଁ ନ ଥିଲି ଏଥି
ଦାନବରେ ଜାନୁ ପାତି
ଅନଙ୍ଗ-ପିପାସା ମୋର କରିବାକୁ ଶାନ୍ତ !
ଶିବ-ବରେ ଅଜେୟ କବଚେ
ଆସିଥିଲି ଶକ୍ତି-ଭିକ୍ଷା ମାଗି
ସାଧନ କରିବ ବୋଲି ପ୍ରତିହିଂସା ମୋର ।
ଅନଳେ ପତଙ୍ଗ ସମ
ଆପେ ଆସି ରୂପାନଳେ
ହ୍ରାସ ଦେଲି ଜିବାତି-କବଚ ଯେବେ
ସେ ତ ନୁହେଁ ଅପରାଧ ମୋର !

ଅପ୍ସ—ଓଃ—ଓଃ—

(ଆଉ ରହିପାରିଲେ ନାହିଁ ଚାଲିଗଲେ )

ଉର୍ବଶୀ—ଚାଲିଗଲି ମହାରାଣି ! ଶୁଣ—ଶୁଣ—
ହାଃ ହାଃ ହାଃ ହାଃ—
ପଦାଘାତେ ଦେଇଛ ଯେ ଅଦ୍ୟ ପରିଚୟ
ଭୁଲିକି ପାରିବ କେବେ
ଉର୍ବଶୀ ତା ଜ୍ୱାଳା ?
ହାଃ ହାଃ ହାଃ ହାଃ—

( ସିଂହନାଦର ପ୍ରବେଶ )

ସିଂହନାଦ—ଚୁପ୍‌କର ରେ କାଳସର୍ପିଣି !
ବନ୍ଦ କର ଗରଳ-ଉଦ୍‌ଗାର ।

ଉର୍ବଶୀ—କିଏ ? ଓ, ଦୈତ୍ୟ ସେନାପତି ।
ଘେନ ମୋର ସାଦର ପ୍ରଣାମ—

ସିଂହନାଦ—ପ୍ରଣାମ ! ଘେନବ ପ୍ରଣାମ ତୋର

ତୀକ୍ଷ୍ଣଧାର ଏହ୍ନ ମୋର ଅସି !

ଲୁପ୍ତକର କୁଟୀଳ ଏ କଳହାସ୍ୟ ଯଣେ

ଅନଳ ଉଦ୍‌ଗାର ତୋର

ଛୁଟିବ ସେ ଶରଦ୍ଧନ ଲଗି;

କାଳକେତୁ-ଭାଗ୍ୟାକାଶ

ହେବ ମେଘ ମୁକ୍ତ ।

( ଅସି କାଢ଼ିଲେ )

ଉର୍ବଶୀ—(କଣ କରବେ ଚିନ୍ତାଏ ଭାବନେଇ)

ଏକ କଥା କହ ସେନାପତି !

ତୁମ୍ଭେ ଶେଷେ—

ସିଂହନାଦ—ଶେଷ କର ଦେବ ତୋର

ରୂପର ବଡ଼ମା ଏହି ଅସିର ଆଘାତେ;

ଅସୁର ଜୀବନ-ପଥୁ

ଦୂରକର ଦେବ ଏହ୍ନ କଣ୍ଟକିତ ବାଧା !

( ଅସୀରେ ଅଘାତ କରବାକୁ ଉଦ୍ୟତ )

ଉର୍ବଶୀ—( କୃତ୍ରିମ କାନ୍ଦ କାନ୍ଦ ଅଭିମାନ ଭରେ )

ହଁ—ପ୍ରୀତିର ଅଞ୍ଜଳି ଭର

ପୂଜା କଲ୍ ଯାରେ

ଯାଲାଗି ରତନ ବେଦୀ ଥାପିଲ୍ ମରମେ—

ସେହ୍ନ ସେ ପ୍ରାଣର ପ୍ରଭୁ

ଦୈତ୍ୟେଶ କବଚ

ଯେବେ ଅକାରଣେ—

( ଆଉ କହ୍ନ ପାଇଲେ ନାହିଁ, ଯେମିତି କଣ୍ଠ ରୋଧହେଲା )

ସିଂହ — ଦୂର୍ ହୁଅ ପାପୀୟସି !
ଦୈତ୍ୟ ପତି କବଚଙ୍କ ନାମ ଉଚ୍ଚାରଣେ
ନାହିଁ ତୋର ଅଧିକାର —
ଉର୍ବଶୀ — ସେ ଅଧିକାରୁ ବଞ୍ଚିତା—
ହଁ, ହଁ, ଜାଣେ ମୁହିଁ ଭଲେ !
ତୁମେ ସିନା — ଓଃ ! —
ଏଡ଼େ କି ନିଷ୍ଠୁର୍ ତେବେ ଦାନବର ଜାତି !
ସତେ କି ହେ କିଛି ହେଲେ
ନ ପାରୁଛ ଜାଣି ? —
ଓଃ—କି କରିବି ଏବେ !
ସାରା ତନୁ ବିଷବାଣେ ହେଲା ଜର ଜର
ଅନ୍ତର ପଡ଼ଇ ଫାଟି,
କେତେକାଳ — କେତେକାଳ ଆଉ
ଏକଭାବେ ରହିଥିବି ଠିଆ ! —
ପାଦଯୁଗ ଯାଏ ଥକି
ଓଃ — ଓଃ —
ବିଷମ ଏ ଅଭିଶାପ ଜ୍ୱାଳା !
ସିଂହ — ଅଭିଶାପ ଜ୍ୱାଳା ?
ନ ବୁଝେଁ ମୁଁ କି କହୁ ଛଳନାମୟୀ !
କହ ତୁବି ସ୍ପଷ୍ଟ କରି —
ଉର୍ବଶୀ — କି ଆଉ କହିବି ସ୍ପଷ୍ଟ !
ଆଖି ଥାଇ ନ ଦେଖୁଛ ଯେବେ !
ଓଃ — ଓଃ, ଜାଣେନା ଏ ଅଭାଗିନୀ
କି ଦୋଷ କରିଲା ପଦେ !

ଦୈତ୍ୟରାଜ ଦେଇଗଲେ ଅଭିଶାପ ମତେ—
ଏହି ମତେ ଏହି ସ୍ଥାନେ
ଏକଭାବେ ରହିଥିବି ଠିଆ—
ନ ଚଳିବ ହସ୍ତପଦ ପାଷାଣ ପ୍ରତିମା ଯେସନେ
ଜାଣେ ନା ମୁଁ କେତେ କାଳ—
ହୁଏତ ବା ଯୁଗ ଯୁଗ ଧରି, ଉଃ—ଉଃ—
ଜାଣି ମୁଁ ନଥିଲି ସତେ
ଭାଗ୍ୟେ ମୋର ଥିଲା ଏହା ଲେଖା ।

ସିଂହ—( ଆଗ୍ରହ ବଢ଼ିଗଲା ଯେପରି ) ତା'ପରେ ? ତା'ପରେ ?

ଉର୍ବଶୀ—ଆଉ କିବା ତାହାପରେ ?
ଅବଶ ହୋଇଲା ଆସି ଅଲକ୍ଷେ ଅଙ୍ଗ-ଲତା—
ହଜି ହଜି ଆସିଲାଣି ନୟନର ଜ୍ୟୋତି,
ଅଙ୍ଗେ ଅଙ୍ଗେ ଅନଳର ତାପ ।
ଜଳିଗଲି ଜଳିଗଲି ଦୈତ୍ୟ-ସେନାପତି ।
ଚତୁର୍ଦ୍ଦିଗେ ଘେରିଗଲେ
କୋଟି କୋଟି ବିଷଧର ସର୍ପ—
ଫୁତ୍କାରେ ଉଠନ୍ତି ମାତି—ଉଃ—ଉଃ—
ରକ୍ଷାକର ସେନାପତି !
ବୀରତୁମ୍ଭେ କରେ କରବାଳ ଧରି
ରମଣୀର ନିର୍ଯ୍ୟାତନା ସହୁଛ କେସନେ ?
କେସନେ ରହିଛ ସ୍ଥିର ?—
ନୟନ ସମ୍ମୁଖେ ତବ ପୀଡ଼ିତା ଅବଳା ।
ବିପଦୁ ଉଦ୍ଧାର କର—ରକ୍ଷାକର—
ରକ୍ଷାକର ଏବେ—

ସିଂହ—ହାଃ ହାଃ ହାଃ ହାଃ । ରକ୍ଷା ! —ହାଃ ହାଃ ହାଃ

ରୁଦ୍ର ଭକ୍ତ କବଚର ଅଭିଶାପ ! —
ନୁହେଁ ତ ସେ ପ୍ରେମିକର ପ୍ରୀତି-ନିବେଦନ ।
ପାପର ଏ ସମୁଚିତ ଶାସ୍ତି । —
ଛିଣ୍ଡିବ ରକ୍ତ ହସ୍ତ ପଦ,
ଅଙ୍ଗେ ଅଙ୍ଗେ ବିଷଜ୍ୱାଳା ଯାଉଲେ ପ୍ରସରି,
ଲୁପ୍ତ ହେଉ ରୂପ-ଗର୍ବ
ଯୌବନ ଗାରିମା ତୋର—ହାଃ ହାଃ ହାଃ ହାଃ—
ଯାଏ, ଆସୁ ତୁଲେ ଜଣାଏ ସମ୍ବାଦ—

( ହୃଷ୍ଟମନରେ ବେଗେ ପ୍ରସ୍ଥାନ )

ଉର୍ବଶୀ—( ସିଂହନାଦର ଯିବାବାଟକୁ ଗୃହିଁ, କେତେକ ମୁହୂର୍ତ୍ତପରେ )

ହାଃ ହାଃ ହାଃ ହାଃ—
ଯୁଗେ ଯୁଗେ ଜିଣି ଯେ ଆସିଛି
ଏହି କୁହୁକିନୀ ନାରୀ ।— (ଗର୍ବଭରେ ନେପଥ୍ୟକୁ ଗୃହିଁ )
ଯାଅ ବେଗେ ଅଙ୍ଗନ ଦାନବ ।
ସ୍ନେହମୟୀ ଭଗିନୀରେ
ଦେଇଆସ ଶୁଭ ସମାଗ୍ଦର—
ହାଃ ହାଃ ହାଃ ହାଃ । —

( ବିପରୀତ ଦଗରେ ପ୍ରସ୍ଥାନ )

# ଦୃଶ୍ୟ—ଦୁଇ

## —ହିମାଳୟ ଗିରି ଶ୍ରେଣୀର ସାନୁଦେଶ—

( ଇନ୍ଦ୍ର-ସାରଥି ମାତଲି ଓ ଅର୍ଜୁନଙ୍କର ପ୍ରବେଶ )

ମାତଲି—ଏହି ତ ଅର୍ଜ୍ଜୁନ, ହିମଗିରି ଦେଶ,
ଅଳ୍ପ ଦୂରେ ଆଉ
'ମାନସରୋବର'—ସୁନ୍ଦର, ପବିତ୍ର—
ଅର୍ଜ୍ଜୁନ—ଜାଣେ ମାତଲି ।
ଜନନୀ ଜାହ୍ନବୀ ଯାର କୋଳେ ମଥାରଖି
ଜଳ-ତନୁ ମେଲିଛନ୍ତି ଭାରତର ବୁକୁପରେ
ପବିତ୍ର ସେ ମାନସରୋବର—
ଯୋଗୀ-ଜନ ବାଞ୍ଛିତ ଅସ୍ଥାନ ।
ଅଳ୍ପଦୂରେ ଉଭା ତାର
ଶଙ୍କରୀ-ଶଙ୍କର-ବାସ କୈଳାସ ଭୂଧର,
ଗମ୍ଭୀର ମୂରତି ଯାର
'ମାନ-ସର'—ଦରପଣେ ଥିବ ପ୍ରତିଫଳି ।
କିନ୍ତୁ, ଏ କଳୁଷବୋଳା
ମରମର ତଳେ
ବୃଶ୍ଚିକ-ଦଂଶନ ଜ୍ୱାଳା କରେ ଅନୁଭବ !
ନାହିଁ ଆଶା – ନାହିଁ ଏକାଗ୍ରତା –
ମନର ସାହସ,

ଭେଟିବ କେମନେ କହ
କଳଙ୍କିତ ମନ ଘେନି—
ଅକଳଙ୍କ ଶୋଭାନିଧି ମାନସରୋବରରେ ?
ମାତଲି—ନ ବୁଝି କା ଲାଗି,
ମନର ସାହସ ଆଉ ଏକାଗ୍ରତା ତବ
ହଜିଲା ଏମନ !
କା ଲାଗି ବା ଭାବୁଅଛ
କଳଙ୍କରେ ବୋଲା ତବ ମରମର ତଳ ?
ସ୍ୱର୍ଗପୁରେ ଦେବତାଙ୍କ ମେଳେ ରହି,
ଦେବରାଜ-ଆଶୀର୍ବାଦ ଲଭି
ମନର କଳଙ୍କ ତବ ଯାଇନି'କି ଧୋଇ ?
ଅର୍ଜୁନ—ଭାବିଥିଲି ସତ୍ୟ,
କ୍ଷଣିକ ଲାଗି ଯେ ଗ୍ଲାନି
ଘୋଟିଥିଲା ମରମ ଆବର—
ସ୍ୱର୍ଗପୁରୀ-ପବିତ୍ର ମାଧୁରୀ ସ୍ନାନେ
ସମସ୍ତ କାଳିମା ଭାର
ଧୋଇଯିବ ଅବଶେଷେ—
ନୂତନ ଚେତନା ଘେନି ମାତିବ ଜୀବନେ ।
କିନ୍ତୁ, ଜାଣ କି ମାତଲି—
ପାଦ ସ୍ପର୍ଶ ଦେଲାକ୍ଷଣି ଧରଣୀ ମାଟିରେ
ପବିତ୍ର ସେ ଆବରଣ ତୁଟିଯାଏ ମୋର—
ଦେବାଶିଷ—ନିର୍ଭରତା
ଯାଏ ଯେହ୍ନେ ହଜି ।
ମନେ ହୁଏ ନିରର୍ଥକ ସବୁ—

ନିଷ୍ଫଳ ଏ ଜୀବନ-ସାଧନା ।
ଚତୁର୍ଦ୍ଦିଗେ ଘୋଟି ଆସେ ଅମା-ଅନ୍ଧକାର ।।

ମାତଲି—ବୁଝିଲି ମୁଁ ଏବେ;
ଉର୍ବଶୀର ସେହି ତୁଚ୍ଛ ଅଭିଶାପ
ମନେ ତବ ଆଣେ ଅବସାଦ—
ମନବଳ, ଏକାଗ୍ରତା ବସିଛ ହରାଇ ।

ଅର୍ଜୁନ—ବାରମ୍ବାର ହୁଏ ମନେ,
ମୋହର ବାର୍ଥ୍ୟର ଭ୍ରାନ୍ତି
ମୋହର ବା ତ୍ରୁଟି ଯୋଗୁଁ—
ଲକ୍ଷ୍ୟଚ୍ୟୁତ ଭବିତବ୍ୟ ମୋର ।
ଛାଡ଼ ସେ ପ୍ରସଙ୍ଗ,
ବହୁଦୂରେ ରଖି ରଥ,
ସଙ୍ଗୀ ମୋର ହୋଇଛ ମାତଲି—
ବନ୍ଧୁପଥ ବାହୁଡ଼ିବ ଏବେ ।

ମାତଲି—ଚିନ୍ତା ନାହିଁ—ବାହୁଡ଼ିବ;
ତୁମେ ଏବେ ନିରୋଳା ଅସ୍ଥାନ ଖୋଜି
କାହିଁ ହେଲେ ତପସ୍ୟା ଆଚର;
ଦେବାଶିଷ ଫଳେ
ମନୋବାଞ୍ଛା ଅଚିରେ ପୂରିବ ତବ ।
ନାହିଁ ଚିନ୍ତା—
ଏ’ ତ ମାତ୍ର ଭାଗ୍ୟର ପରୀକ୍ଷା ।
ସାଧନାର ଅନ୍ତେ
ପରୀକ୍ଷା-ଉତ୍ତୀର୍ଣ୍ଣ ହେବ ବୀର-ଚୂଡ଼ାମଣି ।

ଅର୍ଜୁନ—ଭାଗ୍ୟର ପରୀକ୍ଷା ।
ଭାଗ୍ୟ !—ନିୟତି !!—

(ଅନ୍ୟ ମନସ୍କ ହେଲେ)

ମାତଲି—ଆସେ ମୁଁ ଅର୍ଜୁନ !—
ଅର୍ଜୁନ—( ଧ୍ୟାନ ଭାଙ୍ଗିଗଲା ପରି ) ଏଁ—ହଁ, ଆସ ମାତଲି !
ଜନନୀ ଇନ୍ଦ୍ରାଣୀ ଆଉ
ଦେବରାଜ ବାସବ ଚରଣେ
ଜଣାଇବ ସଭକ୍ତି ପ୍ରଣତି ମୋର ।
ମାତଳି—ଜଣାଇବି ପାର୍ଥ !
ଆସେ ମୁହିଁ— ( ପ୍ରସ୍ଥାନ )
ଅର୍ଜୁନ—ଭାଗ୍ୟ ! ନିୟତି ! ନିୟତିର ପରୀକ୍ଷା !
କାହିଁ ହେବ ଏ ପରୀକ୍ଷାର ଶେଷ !!—

( ଶ୍ରୀକୃଷ୍ଣଙ୍କର ଅଲକ୍ଷ୍ୟରେ ପ୍ରବେଶ )

ଶ୍ରୀକୃଷ୍ଣ—ଶେଷ ହେବ—କର୍ମ-ସିନ୍ଧୁ ଅତଳ ଗରଭେ,
ଲଭିବ ସମାଧି ତହିଁ—
ଅର୍ଜୁନ—( ଚମକି ଦେଖିପାରି ) କିଏ ! ଓ—ଆସିଛ କେଶବ ?
ଆସିଅଛୁ ପ୍ରଭଞ୍ଜନ ?
ଶ୍ରୀକୃଷ୍ଣ—( ଆଶ୍ଚର୍ଯ୍ୟ ହୋଇ କିଛି ବୁଝି ନ ପାରି ) ପ୍ରଭଞ୍ଜନ !!—
ଅର୍ଜୁନ—ମନେ ନାହିଁ ?
ପ୍ରବଳ ସେ ପ୍ରଭଞ୍ଜନ ମୁଖେ
ନିୟତିର ଘୋରତର ଗଭୀର ଆବର୍ତ୍ତେ
ପ୍ରିୟ ସଖା ପାର୍ଥେ ତବ
ଏକାକୀ ଠେଲିଲ ଯେବେ ତୃଣଖଣ୍ଡ ସମ ?
ମହାକାଳ-ବାତ୍ୟାସିକ୍ତ

ସେହି ସେ ପ୍ରଳୟ-ଲୀଳା
ନିଷ୍ଠୁର ପ୍ରହାର ସହି,
ସଖା ତବ ଜୀବିତ କି ମୃତ—
କାହିଁ, ବାରେ କଲନି'ତ ପ୍ରଶ୍ନ ?

ଶ୍ରୀକୃଷ୍ଣ—( ଭୀତ ତ୍ରସ୍ତ ଭାବେ ) ଅର୍ଜୁନ ! ସଖା !!—

ଅର୍ଜୁନ—ଏ କି କଥା ସଖା !—
ଚକିତେ ଉଠିଲ୍ କିମ୍ପା ଚମକି ଏସନ ?
ଭୀତ ତ୍ରସ୍ତ ଯେସନେ—

ଶ୍ରୀକୃଷ୍ଣ—ହେ ଫାଲ୍‌ଗୁନି !
ବ୍ୟର୍ଥ କର ନାହିଁ
କେଶବର ପ୍ରାଣର ବାସନା—
କର୍ମ ଯୋଗ—କର୍ମର ସାଧନା ତାର !
ଧ୍ୱଂସ ମୁଖେ ଦଅନାହିଁ ଠେଲି
ସୁନ୍ଦର ଜୀବନ-ଲୀଳା,
ସୃଷ୍ଟିର ମହିମାନ୍ୱିତ କଲ୍ୟାଣ-କଳ୍ପନା !!

ଅର୍ଜୁନ—ସଖା !—
( ବୁଝିପାରିଲେ ନାହିଁ ପରି )

ଶ୍ରୀକୃଷ୍ଣ—ଜାଣନା କି ସବ୍ୟସାଚି !
କର୍ମର ପ୍ରେରଣା ମୁହିଁ, କର୍ମ ତୁମ୍ଭେ ନିଜେ ?
ମନ୍ତ୍ରଦାତା ସିନା ମୁହିଁ,
ତୁମ୍ଭେ ତାର ପରମ ସାଧକ ?

ଅର୍ଜୁନ—କିନ୍ତୁ ହେ କେଶବ !
ଗର୍ବ, ଦମ୍ଭ, ଅଭିମାନ, ପାର୍ଥର ପୌରୁଷ,
ନିମିତର ବଷବହ୍ନି ଜାଳିଛୁ ସକଳ !

ବିଦଗ୍ଧ ଅନ୍ତର ଏବେ କରେ ହାହାକାର ।
ନାହିଁ ନିଷ୍ଠା—ନାହିଁ ଏକାଗ୍ରତା
ମରମେ ଭରିଛି ଖାଲି କଳୁଷକାଳିମା—
ହତାଶାର ଅବସାଦ, ଦୁର୍ନିବାର ଗ୍ଲାନି ।
ବୃଥାରେ ପୋଷିଛ ଆଶା,
ଅଯୋଗ୍ୟ ଫାଲ୍‌ଗୁନୀ ତବ ନିର୍ଦ୍ଦେଶ ପାଳନେ
ଅଯୋଗ୍ୟ ସେ ଚରଣ ସେବାର ତବ ।

ଶ୍ରୀକୃଷ୍ଣ—ହାଃ ହାଃ ହାଃ ହାଃ—

ଅର୍ଜୁନ—ହସିଲ ଗୋବିନ୍ଦ ?
ପାଣ୍ଡବର ହିତକାମୀ ବିପଦବାନ୍ଧବ ତୁମେ
ଅର୍ଜୁନର ପ୍ରିୟସଖା ବିଦିତ ଜଗତେ—
ବିଧି ବିଡ଼ମ୍ବିତ ତାର ଭାଗ୍ୟ ଲିପି ଦେଖି
ପରିହାସେ ବଳାଇଲ ମନ ?
ଘେରିଛି ଚୌଦିଗେ ତାର ଅଜ୍ଞାନ-ତମସା-ଜାଲ
ଚକ୍ରାଘାତେ ନ କରି ଛେଦନ—
ଚକ୍ରୀ ତୁମେ, ରହସ୍ୟେ ରହିଲ ମାତି ?
ଏକି ତବ ଉଚିତ ମାଧବ ?

ଶ୍ରୀକୃଷ୍ଣ—ଅନୁଚିତ ଆଶଙ୍କାରେ
ଉଠୁଚି ଶିହରି ତୁମେ—
ବୃଥା ଗ୍ଲାନି ଭରିଚ ଅନ୍ତରେ ।
କାଏ ସେ ନିୟତି ?
କବା ତାର ଶକ୍ତି
ଅଜେୟ ପୌରୁଷେ ତବ କରିବ ଶଂକିତ—
ବ୍ୟର୍ଥ ସେ କରିବ ତବ କର୍ମର ସାଧନା ?

ଗୃହଁ ଦେଖ ଧନଞ୍ଜୟ—
ଜଗତ ରହସ୍ୟ ଘେର
ଦିଗନ୍ତ ବିସ୍ତାରି ତବ ନୟନ ସମୁଖେ
କର୍ମ-ସିନ୍ଧୁ ବିରାଟ-ବିଶାଳ
ମୁହିଁ ତହିଁ ସଖା ତବ
ବିମୁଗ୍ଧ ମାଧବ—
ବସିଛି କ୍ଷେପଣୀ ହସ୍ତେ ତରଣୀ ସଜାଡ଼ି ।
ଆସ ଏବେ କୃଷ୍ଣସଖା, ପୁରୁଷ ପୁଙ୍ଗବ—
କୃଷ୍ଣର ସାଧନା ବ୍ୟର୍ଥ ନ କର ଏସନ ।
ଭୁଲିଯାଅ ଅବସାଦ
ନିର୍ବେଦ—ଜଡ଼ତା !
ତୁଚ୍ଛ ସେ ନିଯୃତି-ମାୟା !
ଘେନ ସେ ସମାଧି ଏବେ
କର୍ମ-ସିନ୍ଧୁ ଅତଳ ଗରଭେ !
ଅର୍ଜୁନ—ହେ କେଶବ !
ପାର୍ଥ-ସଖା, ଅନ୍ତର ଦେବତା !
ଅନ୍ତରେ ଦିଅ ମୋ ଭର କର୍ମର ପ୍ରେରଣା
ଉଜ୍ଜୀବିତ କର ବାରେ ସଂଜୀବନୀ ଢାଳି;
ଦଳିତ ପୌରୁଷ ମୋର
ଜର୍ଜରିତ ଜୀବନ-ସାଧନା
ତୁମରି ଇଙ୍ଗିତେ ଏବେ
ତୁମରି ଆଶିଷ ଲଭି
ଜାଗିଉଠୁ ନବ ତେଜେ ନବୀନ ଆଲୋକେ ।
ଦୁର୍ଗମ ସାଧନା ପଥେ

ତୁମ୍ଭେ ମୋର ଚିର ସହଚର,
ମନ୍ତ୍ରଦାତା ଇଷ୍ଟଗୁରୁ ହରି—
ନାହିଁ ଭୟ ।
ପାର୍ଥର ନିବୃତ୍ତି ସୂଚି କେଶବର କରେ
କର୍ମ ଫଳ ଅର୍ପିତ ଗୋବିନ୍ଦେ ।

ଶ୍ରୀକୃଷ୍ଣ—ଦିଅ ଆଲିଙ୍ଗନ ।
ଦିଅ ବାରେ ଅଙ୍ଗର ପରଶ ସଖା । ( **ଆଲିଙ୍ଗନ କଲେ** )
ଭୁଲିଥିଲ କର୍ମମନ୍ତ୍ର
ଅସାର ଆଶଂକା ଭବ ସ୍ୱଜନଙ୍କର ଲାଗି
ହରିଥିଲା ପୌରୁଷର ବଳ,
ନିବୃତ୍ତି ତୋଳିଲା ତେଣୁ ଦର୍ପଭରେ ମଥା ।
ଆସ ଏବେ—
ତୀର୍ଥାଗ୍ରର ସରିଚି ତ ତବ ?
ସମ୍ମୁଖେ ରହିଚି ପଡ଼ି କର୍ତ୍ତବ୍ୟ ସାଧନ—
ମନେ ନାହିଁ—
ବ୍ୟାସ-ଦେବ ଉପଦେଶ
ଧର୍ମରାଜ-ନିର୍ଦ୍ଦେଶ ଫାଲ୍‌ଗୁନି ?
ଶକତି ଅର୍ଜନ ଲାଗି
ଶକ୍ତିଧର ସଦାଶିବ-ଆରାଧନା କଥା ?
ଏ ଯାଏ କାମ୍ୟକ ବନେ
କୁନ୍ତୀଦେବୀ ସହ
ଗୁରୁଭ୍ରାତା ରହିଚନ୍ତି ଅକୁଳ ଆଗ୍ରହେ—
ଶକ୍ତି ଲଭି ଫେରିବ ଅର୍ଜୁନ
ପାଣ୍ଡବ ହୋଇବେ ଧନ୍ୟ—

ଧ୍ୱଂସ ହେବ ପାପ ତାପ,
ଧରଣୀ ଲଭିବ ଶାନ୍ତି ।—
କାହିଁ ସେଇ ପ୍ରତିଶ୍ରୁତି ତବ —
ଧର୍ମରାଜ-ଆଦେଶ-ପାଳନ-ଚିନ୍ତା ?

ଅର୍ଜ୍ଜୁନ—ଭୁଲିନି ମାଧବ । ମନେ ଅଛି ପ୍ରତିଶ୍ରୁତି —
ଅର୍ଜନ କରିବ ପାର୍ଥ
ଧରାପରେ ଧର୍ମର ପ୍ରତିଷ୍ଠା ଲାଗି
ବିପୁଳ ଶକତି—
ପାଣ୍ଡବର ଶକ୍ତି ପ୍ରୟୋଜନ ।
ଭୁଲିନି ମୁଁ ଅଗ୍ରଜ-ଆଦେଶ ।
ଚାଲ ସଖା—
ତୁମର ଆଶିଷ ଲଭି
ପାର୍ଥ ଲଭୁ ପାଣ୍ଡବ ସକାଶେ
ସଦାଶିବେ ତୁଷ୍ଟ କରି
ପାପନାଶୀ ଅମୋଘ ଶକତି ।

( ଦୁହେଁ ଚାଲିଗଲେ )

# ଦୃଶ୍ୟ—ତିନି

## କବଚର ସୁରାପାନ ସଜ୍ଜିତ ବିଳାସ କକ୍ଷ—

( କବଚ ଓ ସିଂହନାଦ, କବଚ ମଧ୍ୟେ ମଧ୍ୟେ ସୁରାପାନ କରୁଥିଲେ )

କବଚ—ହାଃ ହାଃ ହାଃ ହାଃ—
ତୁମେ ସେନାପତି—
ଦୈତ୍ୟପତି କବଚର ବାହୁ,
ଦାନବ ଜାତିର ଆଶା ଭରସାର ସ୍ଥଳ,
ପ୍ରତାରିତ କରିଛି ତୁମକୁ
ଏକ ସୁନ୍ଦରୀ ତରୁଣୀ ।।
ଭୁଲାଇଛି ରୂପର କୁହୁକେ ତାର ?
ହାଃ ହାଃ ହାଃ ହାଃ—
ଅଭିନବ, ବିଚିତ୍ର କାହାଣୀ କାହିଁ
ନଥିଲି ତ ଶୁଣି ।
କାହିଁ—ଅପାଙ୍ଗ-ପ୍ରହାରେ ତାର
ଅଙ୍ଗେ କାହିଁ ବହୁ ନା ତ କ୍ଷତ ?
ହାଃ ହାଃ ହାଃ ହାଃ—

ସିଂହ—ଦୈତ୍ୟରାଜ !
ଦୈତ୍ୟକୁଳେ ଜନ୍ମ ମୋର
ପ୍ରବାହିତ ଧମନୀରେ କାଳକେୟ
ଜାତିର ରକ୍ତ—

ଶୂରଶ୍ରେଷ୍ଠ ଜବର-ସେବକ ମୁହିଁ—
ସିଂହନାଦ, ରକ୍ଷାକରେ ଦାନବର ଚମୂ !
ଭୁଲିକି ପାରଇ ସେହୁ
ଘର ଏକ ରମଣୀର ରୂପର କୁହୁକେ ?
ମାୟାବତୀ ସ୍ୱର୍ଗର ଅପ୍‌ସରୀ
ଡାକିଲା ନାମ ତବ ଯେବେ,
କହିଲା ସେ "ଦୈତ୍ୟପତି ଦେଲେ ଅଭିଶାପ"
ବିଶ୍ୱାସେ ଗଲି ମୁଁ ଭାସି;
ଅନ୍ତରେ କୁହୁକୁଥିଲା ପ୍ରତିହିଂସା-ବହ୍ନି
ଅକସ୍ମାତ୍ ମିଳିଗଲା—
ଜବର—( କଥାରେ ବାଧାଦେଇ ) ସିଂହନାଦ !
ପ୍ରତିହିଂସା ! !—କି କାରଣେ ସିଂହନାଦ ?
କାହାଲାଗି ପ୍ରତିହିଂସା
ପୋଷିଛ ଅନ୍ତରେ ତବ ?
ଜବରର ବାହୁଛାୟା ତଳେ
ଆଶ୍ରିତ ସେବକ ତୁମ୍ଭେ—
ଅନ୍ନଭୋଗୀ, ରାଜାର କିଙ୍କର,
କିବା ସ୍ୱାର୍ଥ ସାଧନ ସକାଶେ
ରାଜାର ସେ ପ୍ରିୟଜନ ଅପ୍‌ସରୀ ଊର୍ବଶୀ ଭୁଲେ
ପ୍ରତିହିଂସା ବହୁଛ ଅନ୍ତରେ ?
କହ—କହ ସ୍ପଷ୍ଟ—
ସିଂହ—ଖାଲି କି ମୁଁ ଦାସ ତବ ରାଜା ?
ଅନ୍ନଭୋଗୀ ଆଶ୍ରିତ ସେବକ ମାତ୍ର ?
ନାହିଁ ମୋର ଅନ୍ୟ ପରିଚୟ

ବନ୍ଧନ ସମ୍ପର୍କ କିଛି ?
ସ୍ୱାର୍ଥ ମୋର ନାହିଁ କି ଜଡ଼ିତ କାହିଁ
ତବ ସ୍ୱାର୍ଥ ସନେ ?

କବଚ—ଜାଣେ ସିଂହନାଦ—
ତୁମ୍ଭେ ମୋର ଧର୍ମପତ୍ନୀ ଅପୂର୍ବ ଅଗ୍ରଜ,—
ନିକଟ ସମ୍ପର୍କ ଛଳେ
କାଳକେତୁ ରାଜପୁରେ
ଅବାଧ ପ୍ରତିଷ୍ଠା ତବ,
ତଥାପି ଆଶ୍ରିତ ତୁମ୍ଭେ, ରାଜକର୍ମଚାରୀ—
ଏ ରାଜ୍ୟର ସେନାପତି, ରାଜାର କିଙ୍କର ।
ଭୁଲି ସେ କର୍ତ୍ତବ୍ୟ ତବ
ନିକଟ ସମ୍ପର୍କ ବଳେ
ନିଜସ୍ୱାର୍ଥ ଲାଗି ତୁମେ
ରାଜାର ସ୍ୱାର୍ଥରେ କର ବୃଥା ହସ୍ତକ୍ଷେପ ?

ସିଂହ—କ୍ଷମାକର ଦୈତ୍ୟରାଜ ।
ହସ୍ତକ୍ଷେପ କରିନି ତ ରାଜାର ସ୍ୱାର୍ଥରେ ।
ଇଚ୍ଛା ତବ କରିନି ବିରୋଧ ।
ଭାସିଯାଏ ରହି ରହି କଳ୍ପନା-ନୟନେ
ଅଶୁଭ ସଙ୍କେତ ତୋଳି
ଭଗିନୀ ଅପୂର୍ବ ଭାଗ୍ୟ-ବିପର୍ଯ୍ୟୟ-ଛବି ।
କାନ ଡେରି ଶୁଣେ ଯେବେ
ସ୍ନେହର ଭଗିନୀ-କଣ୍ଠ-କାତର କ୍ରନ୍ଦନ,
ଅସ୍ତମିତ ସ୍ୱର୍ଣ୍ଣ-ସୂର୍ଯ୍ୟ—

ଅନ୍ଧାରତ ଭାଗ୍ୟାକାଶ,
ବିଫଳ ଜୀବନ ତାର—

କବଚ—ହାଃ ହାଃ ହାଃ ହାଃ ।
ବିଚିତ୍ର କଳ୍ପନା !
ଆଜ୍ କିଛି ଦେଖିନା ତ କଳ୍ପନା ନୟନେ ?
ଅବା ତୁମ୍ଭେ ଜ୍ୟୋତିର୍ବିଦ୍ୟା
କରିଛ ସାଧନ ?
କେବେ, କେବେ ସିଂହନାଦ—
ସମର-ସାଧନା ଛାଡ଼ି,
ଗ୍ରହିଚକ୍ର-ଗଣନାରେ ଲଭିଲ୍ ପଟୁତା ?
କହ ବାରେ ଗଣକପ୍ରବର ବନ୍ଧୁ
କହ କିଛି କବଚର ଭାଗ୍ୟଲିପି କଥା ।

( ହାତ ମେଲାଇ ଦେଖାଇଲେ )

ସିଂହନାଦ—ଜାଣେ ମୁହିଁ ଦୈତ୍ୟ ପତି ।
ପ୍ଲାବନେ ମାତିଲେ ନଦୀ
ନ ମାନଇ ବାଲି-ବନ୍ଧ-ବାଧା ।
ଯେ-ଯାଏ କାମନା-ତୃଷା
ଉର୍ବଶୀର ତୁଳେ ତବ ଭରିଛି ଅନ୍ତର,
କୁହୁକିନୀ-ମୋହ-ଜାଲେ
ବନ୍ଦୀ ତୁମେ ନିବାତ କବଚ—

କବଚ—ହାଃ ହାଃ ହାଃ ହାଃ ।
ତୁମ୍ଭେ ତେବେ ମୁକ୍ତି ଦାତା
ଚିରଦିନର ଅଶ୍ରୁଜଳେ ବିଗଳିତ ତ୍ରାତା—
ମୁକ୍ତିଦାନେ ଅଗ୍ରସର ମୋର ?

ସିଂହନାଦ—ପଦତଳେ କରେ ମୁଁ କାକୁତି ରାଜା ।—
ମାୟାବିନୀ ଅପ୍‌ସରାର
କୁଟୀଳ କୁହୁକେ ଭୁଲି
ସତୀ ନାରୀ ଅଯୁତ ନୟନ ଜଳ
ନ ଆଣ ବେଦନା-ଭାର ।
ଭୟ ଜାଗେ ମନେ—
ସତୀର ତପତ ଶ୍ୱାସ, ଆଖିର ଲୋତକ
ନାଶିବ ସକଳ ସିଦ୍ଧି—
ଶୂଳଧାରୀ କବଚର ଶକ୍ତିର ଗୌରବ ।
କବଚ—ଚୁପ୍ କର ତୁଅ ସିଂହନାଦ ।
ପ୍ରଳାପର ନ ପାଇଲ୍ ଯୋଗ୍ୟତର ସ୍ଥାନ ?
ତ୍ରିଭୁବନ ବିଜୟ ବାସନା ବହି
ଉଗ୍ର ତପେ ତୁଷ୍ଟ କରି ରୁଦ୍ର ଦିଗମ୍ବରେ
ଶକ୍ତିଶୂଳ କରିଅଛି ଲାଭ ।
ସ୍ଥିର ଏକ ରମଣୀର ତପତ ନିଶ୍ୱାସ
ଅବା ଆଖିର ଲୋତକ
ନାଶିବ ଗୌରବ ତାର ?
ଶିବଶକ୍ତି କଳଙ୍କିତ କରି
ସିଦ୍ଧି ମୋର କରିବ ଆହତ ?
ରଖ ବାତୁଳତା—
କହ ଖୋଲି କିଏ ସେ ଚକ୍ରାନ୍ତକାରୀ
କୁଟିଳ ମନ୍ତ୍ରଣା ଦାନେ
ଅପୂର୍ବ ଅନ୍ତରେ ଜାଳେ ବିଦ୍ରୋହର ବହ୍ନି ?
କିଏ, କିଏ ସେହି

ଢାଲ ସର୍ପ କବଚର ଶତ୍ରୁ ?
ତୁମେ—ତୁମେ ସିଂହନାଦ ?
ସିଂହ—ନା—ନା, ନୁହେଁ ମୁହିଁ ଶତ୍ରୁ ତବ—
ହେ ବୀରେନ୍ଦ୍ର କବଚ !
ତୁମେ ମୋର ଭଗ୍ନୀପତି
ଅନ୍ନଦାତା ପ୍ରଭୁ—
ତୁମର ଚରଣତଳ-ଆଶ୍ରିତ ସେବକ
ବିଶ୍ୱାସେ କି ଚାଲପାରେ ବିଷ ?
ଖାଲି ମୁଁ କହିତ ଭାବ—
ଭଗିନୀର ଦୁଃଖ ଦେଖି କାତର ଅନ୍ତରେ—
କବଚ—ଭଗ୍ନୀପତି ସ୍ୱାର୍ଥ ମୂଳେ କରୁଛ ଆଘାତ ?
ପ୍ରଭୁକାର୍ଯ୍ୟେ କରି ହସ୍ତକ୍ଷେପ
ସେବକ ପଣର ତୁମେ ଦଅ ନିଦର୍ଶନ ?
ଅଦ୍ଭୁତ ସାହସ ତବ,—ନା—ନା—
ଦୁଃସାହସ ବୋଲିବି ତାହାରେ—
ଏତେ ତବ ସ୍ପର୍ଦ୍ଧା !!—
କେଉଁ ଅଧିକାରେ କହ ଦୈତ୍ୟ ସେନାପତି
ବିଶ୍ୱନାଶ କବଚର ସାଜିଲ ବିଦ୍ରୋହୀ ?
ଜାଣିରଖ ସିଂହନାଦ—
ଉର୍ବଶୀ ବାନ୍ଧବୀ ମୋର ଅନ୍ତର ସଙ୍ଗିନୀ
ନୀରସ ଦାନବ ପୁରେ ସୁଧାର ନିର୍ଝର !
ଅବଶ୍ୟ ସେ ସୁଧାପାନେ
ଜାଗ୍ରତ ପିପାସା ମୋର—ତୁମେ ଅବା
ତୁମର ସେ ସହୋଦରା ଅସୂ—

ତାହାର ଶକତି ନାହିଁ ପାରବ ନିବାର ।
ସାବଧାନ ଦୈତ୍ୟ-ସେନାପତି—
ଜ୍ୟବଂଶୀର ଲାଗି ଯେତେ କୁଟିଳ ଚକ୍ରାନ୍ତ
ଅନ୍ତରାଳେ କରୁଛ ସର୍ଜନା
ତୁମେ ଅବା ଦୈତ୍ୟରାଣୀ ଅୟୂ—
ତାହାର ନିସ୍ତାର ନାହିଁ;
କବଚର ସ୍ୱାର୍ଥ ଯେବେ କର ଉପେକ୍ଷିତ
ଶୂଳ ମୁଖେ ଘୁଞ୍ଚାଇବ ବାଧା—
ହାଃ ହାଃ ହାଃ ହାଃ ।

(ଅଟ୍ଟହାସ୍ୟ କରି ଉଠିଲେ)

ସିଂହନାଦ—(ଭୟରେ ଶିହରି ଉଠି କବଚର ପଦତଳେ ପଡ଼ି)
 କ୍ଷମାକର; କ୍ଷମାକର ଦୈତ୍ୟପତି—
ଅଧମ କିଙ୍କରେ ତବ—

କବଚ—ଶୁଣ ସିଂହନାଦ ।
ଏ ରାଜ୍ୟର ସେନାପତି ତୁମ୍ଭେ,
ଯାଅ ଏବେ ସେନାପୁଞ୍ଜ କର ସଙ୍ଗଠିତ
କର୍ତ୍ତବ୍ୟ ସାଧନେ ଶକ୍ତି କର ବିନିଯୋଗ;
ନିଦ୍ରିତ ଏ କାଳକେୟ—
ଜାଗର ଅନ୍ତରେ ତାର ଜାଗ୍ରତ-ବାସନା,
ଜୀବନ ସ୍ପନ୍ଦନ ଯେମା
ନବ ତେଜେ ମାତି ଉଠୁ
ଦଳିତ ଦାନବ ଜାତି ବିପୁଳ ବିକ୍ରମେ ।
ଯାଅ—

(କିଛିକ୍ଷଣ ପୂର୍ବରୁ ଉର୍ବଶୀ ସେ କକ୍ଷରେ ପ୍ରବେଶ କରି ଶୁଣୁଥିଲେ ସିଂହନାଦର କଥା । ସିଂହନାଦ ନତ ମସ୍ତକରେ କକ୍ଷ ଛାଡ଼ି ଚାଲି ଯାଉଥିଲାବେଳେ ଉର୍ବଶୀ କହିଲେ—)

ଉର୍ବଶୀ—ପଦେ କଥା, ଦୈତ୍ୟ ସେନାପତି ।
ସେ ଦିନ, ସେ ତୀକ୍ଷ୍ଣଧାର ଅସୀ—
ଯାହା ଘେନି ଶିରଚ୍ଛେଦ ଲାଗିମୋର
ଯାଇଥିଲ ଧାଇଁ—ମନେ ନାହିଁ ?
ଅଛି କି ସେ ଅସୀ ଏବେ
କଟୀ ଲଗ୍ନ ତବ ?

( ସିଂହନାଦ ଫେରିପଡ଼ି କ୍ରୋଧକଷାୟିତ ଲୋଚନରେ ଥରେ ଉର୍ବଶୀକୁ ଚାହିଁଲେ—ମନେ ହେଲା ଯେପରି ବର୍ତ୍ତମାନ ଉର୍ବଶୀର ଶିରଚ୍ଛେଦ କରିଦେବେ । )

କବଚ—ହାଃ ହାଃ ହାଃ ହାଃ —

(କଥାଟାକୁ ଉପହାସ କଲାପରି)

ଉର୍ବଶୀ—ନୁହେଁ ପରିହାସ ରକ୍ଷରାଜ !
କହେ ସତ୍ୟ—ଯୁକ୍ତିଯୁକ୍ତ କଥା,
ଯେ ଅସୀ ଲୋଭିଲା ଦିନେ
କୋମଳାଙ୍ଗୀ ରମଣୀର ରକ୍ତପାନ ଲାଗି,
ଧାରତାର କେଡ଼େ ତୀକ୍ଷ୍ଣ
ପାରୁଥିବେ ଅନୁମାନ—
ସେହି ଅସୀ କଟୀରେ ଝୁଲାଇ
କାଲକେୟ ସେନାପତି ଆଜ

ଅସୁର ପର୍ବଣେ ଦେବେ ନବ ଉଦ୍‌ବୋଧନ,
ନବୀନ ଚେତନା !
ସେନାପତି ପକ୍ଷେ ଏତ ନୁହେଁ ଶୋଭନୀୟ !
ନା—ନା— କହେ ଭଲ.
ଶୁଣ ସେନାପତି !
ଯଦି ଥାଏ ନିଜ ନାମେ ଧନ୍ୟ ସେହି ଅସୀ—
ଖୋଲି କଟୀବନ୍ଧ
ଫିଙ୍ଗିଦେଇ ଯାଅ ତାରେ ଏଥି—
( ସିଂହନାଦ ତାଙ୍କ ଛିଟିଲେ; କବଚ ତାହା ଲକ୍ଷ୍ୟକରି କହିଲେ—)

କବଚ—ଯାଅ ସିଂହନାଦ ! ପାଳ ମୋ ଆଦେଶ !

ସିଂହ—ଦୈତ୍ୟରାଜ !!!

କବଚ—ଯାଅ ସେନାପତି !

( ସିଂହନାଦର ପ୍ରସ୍ଥାନ )

କବଚ—ହାଃ ହାଃ ହାଃ ହାଃ—
ଏହି ହତଭାଗ୍ୟ ସିଂହନାଦେ
ତୁମେ ଦିନେ କିଡ଼ାନ୍ତ ନିଷ୍ଠୁର ଭାବେ
କରିଥିଲ ପ୍ରତାରିତ—ଜାଣେ;
ବଡ଼ ଉପଭୋଗ୍ୟ ସେ କାହାଣୀ—
ଶୁଣିଅଛୁ ସିଂହନାଦ-ମୂର୍ଖୁ !
ମାନ ଜାଣେ ମୁହିଁ ଭଲେ
ଚତୁର୍ଦ୍ଦ ଉର୍ବଶୀ ଯଦି ଚତୁରତାପଣେ
ଅଗ୍ରପଶ ନ ଥାନ୍ତା ସମ୍ଭାଳି
ସିଂହନାଦ କରେ ଧୃତ ସେହି କରବାଳେ
ହୁଁ—ହୁଁ—ଯେ ଅସୀର ପରାକ୍ରମେ

ଚଲ ଗୋ ବିଦ୍ରୂପ ଏବେ—
ସେହି ଅସିଧାରେ
ହିମଗିରି-ସାନୁଦେଶେ ଲୋଟିଥାନ୍ତା
ଉର୍ବଶୀ କବନ୍ଧ !
( ଉର୍ବଶୀ **ଭୟତ୍ରସ୍ତ** ଚାଲିଯାଉଥିଲେ )
ଏ କଣ ! କାହିଁ ଯାଅ ଚାଲି ?
ମନେ କି ବହିଲ ରୋଷ ?

**ଉର୍ବଶୀ**—ନା—

**ଭରତ**—ତେବେ ?

**ଉର୍ବଶୀ**—( ଅଳ୍ପ ଅଟକିଯାଇ ) ଯାଏ ମୁହିଁ ଦୈତ୍ୟରାଜ !

**ଭରତ**—କାହିଁ ଯିବ ସୁନ୍ଦରି ?
ଭରତ-ହୃଦୟ-ସ୍ୱର୍ଗେ କରିଛ ବସତି
ଲକ୍ଷ ଶତ ପ୍ରଭଞ୍ଜନେ
ଆନ୍ଦୋଳିତ ଦାନବ ଅନ୍ତରେ
ତୁମେ ଯେ ଗୋ ଶାନ୍ତିର ନିର୍ଝର !
କି ଭାବ ପୋଷିଛ ମନେ
କହ ଗୋ ସୁନ୍ଦରି !—
ସତେକି ଇଚ୍ଛିଲ ଏବେ
ଚାଲିଯିବ ଭରତରେ ତେଜି ?

**ଉର୍ବଶୀ**—ନା—ନା—ନୁହଇଁ ଭରତେ, ରାଜା !
ଭରତର ଦୁର୍ବଳତା ପଣେ
ଲାଗଇ ବିସ୍ମୟ !
ବେଳେ ବେଳେ ଶିହରେ ମୁଁ ଭାବି —
ଏହି କି ସେ କାଳକେୟ-ଭାଗ୍ୟ ନିୟାମକ

ଅଟର କଠୋର ତପ
ଶଙ୍କର ବିଭୂତି ରୂପୀ ଶକ୍ତ-ଶୂଳ
କଲେ କରଗତ ?
ଏହିକି ସେ ବୀରେନ୍ଦ୍ର କବଚ—
କରେ ଯାର ତୋଳି ଦେଲେ
ଧୂର୍ଜଟୀ ଭୈରବ ନିଜେ ଶକ୍ତିର ନିଶାଣି—
ଦେବେ ଯା ଦୁର୍ଲଭ ?
କବଚ—କି ହେତୁ ସୁନ୍ଦରି !
ସନ୍ଦେହ ଜାଗଇ ତବ,
ଏ ରଚ୍ଛ ଅନ୍ତରେ ଯେତେ ଉଦ୍‌ଭଟ କଳ୍ପନା ?
ଉର୍ବଶୀ—ମନେହୁଏ—
ଯେତେ ଯେତେ ଅସ୍ଫାଳନ ତବ
ବିଷହୀନ ଭୁଜଙ୍ଗ-ଦଂଶନ ସମ
ନିରର୍ଥକ ଅଭିନୟ ମାତ୍ର ।
କବଚ—( ଅଦ୍ଭୁତ ହୋଇ ଉଠିଲେ ) ଉର୍ବଶୀ ! ! !
ଉର୍ବଶୀ—କ୍ଷମାକର ଦୈତ୍ୟପତି !
ସୀମା ଲଙ୍ଘି କହୁଅଛୁ କଥା !
କବଚ—ନା--ନା, କହ—କହ ପ୍ରିୟତମା !
କବଚର ହୃଦୟହାରିଣୀ ତୁମେ—
କବଚର ପ୍ରାଣ ନେଇ କରିବଟୋ ଖେଳା ।
କହ ସ୍ପଷ୍ଟ କରି,
ନ ଗୃହିଁ କି ନିବାଟ କବଚେ ?
ଉର୍ବଶୀ—ଗୃହିଁ, ଗୃହିଁ ରାଜା ।—
ମାତ୍ର ନୁହେଁ ପ୍ରେମିକ କବଚେ;

ଦଳିତ ଦାନବ ଜାତି—
ପ୍ରାଣ ପ୍ରତିଷ୍ଠାତା ରୂପେ
ମୁହେଁ ମୁହିଁ ଶୂଳଧାରୀ ଵୀରେନ୍ଦ୍ର କବଚେ !

**କବଚ**—ସେହି ପ୍ରାଣ ପ୍ରତିଷ୍ଠା ଯେ
ଜୀବନର ବ୍ରତ ମୋର,
ଦାନବର ଅଭ୍ୟୁଦୟ ଲଗି
କବଚ ନେଇଛି ଦୀକ୍ଷା—

**ଉର୍ବଶୀ**—କିନ୍ତୁ କାହିଁ କହ ରକ୍ଷରାଜ
ଆୟୋଜନ ତାର ?
ସେ ବ୍ରତ ପାଳନ ଲଗି କାହିଁବା ଉଦ୍ୟମ ?
ଏବେ ମଧ୍ୟ ଦାନବ ଜାତିର ବୁକୁ
ଫାଟି ପଡ଼େ କ୍ଷୁବ୍ଧ ହାହାକାରେ
ଏବେ ମଧ୍ୟ ନିର୍ଜୀବ ଦାନବ ଅଙ୍ଗେ
ଫୁଟି ଦିଶେ ଦେବତାର
ପଦାଘାତ-ଚିହ୍ନ !
ଏବେ ମଧ୍ୟ ରକ୍ଷନାରୀ ନୟନ ଉଛୁଳି
ଝରିପଡ଼େ ଲୁହ-ଲହୁ-ଧାର ଝିରଝିରି !

**କବଚ**—( ଉତ୍ତେଜିତ ହୋଇ ଉଠିଲେ ) ଉର୍ବଶୀ ! ଉର୍ବଶୀ !
ପ୍ରିୟତମା— ! ! !

**ଉର୍ବଶୀ**—ଜାଣ ରାଜା— ?
ଗର୍ବିତ ସେ ଦେବକୁଳ
ଆଜି ମଧ୍ୟ ଅଧିକାରେ
ନିଖିଳର ଶ୍ରେଷ୍ଠତମ ସମ୍ମାନିତ ପଦ ।
ଦେବତା ବାସବ ହାତେ

ସ୍ବର୍ଗର ଶାସନ-ଡୋର ଯୁଗ ଯୁଗ ଧରି,
ଗର୍ବିତା ବାସବ-ନାରୀ
ସଚୀଙ୍କ ଗୌରବେ ଫୁଲି
ଆଜ ମଧ ଦାବୀ କରେ—
କବଚ—ଶାନ୍ତ ହୁଅ, ଶାନ୍ତ ହୁଅ ବାଳା !
ଉତ୍ତପ୍ତ ଶୋଣିତ ସ୍ରୋତ
ପ୍ରବାହିତ କରିଦେଲି ଧମନୀରେ ମୋର ।
ଅଙ୍ଗେ ଅଙ୍ଗେ ଖେଳିଯାଏ
ବାଡ଼ବାଗ୍ନି-ଶିଖା—
ପ୍ରଳୟ-ତାଣ୍ଡବେ ଆଜ
ନାଚି ଉଠେ କବଚର ହୃଅ— ।।।
ତୁମେ—ତୁମେ ଯେ ଉର୍ବଶୀ ନାକେ
ଅମର-ବାସିନୀ !!!
ଉର୍ବଶୀ—ତଥାପି ଉର୍ବଶୀ ଆଜ
ଦାନବର ହୃତକାମୀ ଜନ,—
ତୁମର ସେ ପ୍ରାଣ-ପ୍ରିୟତମା
କହ ରାଜା । କହ ପ୍ରିୟ ।
କିଏ ଅଛି—କିଏ ଅଛି ନଭବନେ
ଦୈତ୍ୟକୁଳ-ମୃତ୍ୟୁଦାତା
ଦାନବ ଅନ୍ତରୁ ଆଜ
ଲିଭାଇବ ବେଦନାର ଜ୍ୱାଳା ?
କିଏ ଅଛି ଯୋଗ୍ୟ ଜନ
ପୋଛିଦେବ ଦାନବର ଅଙ୍ଗୁ ସେହି
ପଦାଘାତ-ଚିହ୍ନ ?

କିଏ ଅଛୁ ଶୁଖାଇବ
ଦାନବ-କାମିନୀ-କୁଳ-ନୟନ-ବାରିଧି ?

କବଚ—ମୁହିଁଅଛୁ – ମୁହିଁ ଅଛୁ ବାଳା !
ଦାନବର ମୂର୍ତ୍ତ ଦାତା ନିବାତ କବଚ—
ବିଶ୍ୱତ୍ରାସ କାଳାନ୍ତକ ଶକ୍ତିଶୂଳଧାରୀ
ବିପୁଳ ବିକ୍ରମ ଯାର
ଅନାୟାସେ ସୁରପୁରୀ କରି ଛାରଖାର
ପଦାନତ କରିପାରେ
ଦେବତାର ଗର୍ବିତ ମସ୍ତକ ।
ସ୍ୱର୍ଗର ସମ୍ପଦ ମଣି—
ବାସବର ଗର୍ବ ସେହି ବାସବ ଘରଣୀ—
ହାଃ ହାଃ ହାଃ ହାଃ—
ଗୃହିଁ କି ଉର୍ବଶୀ ତାରେ
ଚରଣୀ—କିଙ୍କରୀ ରୂପେ ?—ହିଁ—ହିଁ—
ତୁମ୍ଭେ ଦେଲ ସଞ୍ଜୀବନୀ
ଦଳିତ ଦାନବ ପ୍ରାଣେ ଶୁଭ ଉଦ୍‌ବୋଧନ,
ତୁମେ ମୋର ପ୍ରାଣ ପ୍ରିୟତମା
ତବ ଯୋଗ୍ୟ ଉପହାର
ସୁରନାରୀ ସେହୁ;
କରଇ ପ୍ରତ୍ୟକ୍ଷ—
କେଶେ ଧରି ଭେଟିବ କବଚ
ତୁମର ଚରଣତଳେ କିଙ୍କରୀ ଇନ୍ଦ୍ରାଣୀ ।
ହାଃ ହାଃ ହାଃ ହାଃ—

ଉର୍ବଶୀ—କେବେ ? କେତେ ଧନେ ?
କେତେଧନେ ଦୈତ୍ୟରାଜ ?
(ବ୍ୟଗ୍ରହୋଇ ଉଠିଲେ )
ଜବର—କାଲି,—ହଁ, କାଲି ପ୍ରାତେ
ସ୍ବର ପୁରେ ଅଭିଯାନ ମୋର ।
ଦେଖିବେ ଜଗତବାସୀ ସ୍ତମ୍ଭିତ ନୟନେ,
ଦେବଲୋକେ ଦେବଗଣ ଗଣିବେ ପ୍ରମାଦ;
ସଦମ୍ଭ ଉଲ୍ଲାସେ ମାତ
ବିଭୀଷଣ କାଳକେୟ ସେନା
ସ୍ବର୍ଗପୁରୀ ଦୂର କରି ଦଳିବେ ଦେବତା ।
ଉର୍ବଶୀ—ସତ୍ୟ ? କହୁଛ ତ ସତ୍ୟ ରାଜା ?
ଜବର—ଆଜ ମୁହିଁ 'ଦାମାମା'—ନିର୍ଘୋଷେ
ପ୍ରଗ୍ଭୂରବ ବାର୍ତ୍ତ—
ଅମୋଘ ଆୟୁଧେ ସାଜ,
ସାଜିବେ ଦାନବ ସେନା—
ହସ୍ତୀପକ, ବାଜିବନ୍ଦ, ବିପୁଳ ପଦାତ,
କାଲି ପ୍ରାତେ ଦେବପୁରେ ଦୈତ୍ୟ-ଅଭିଯାନ ।
ହାଃ ହାଃ ହାଃ ହାଃ—
ଉର୍ବଶୀ—( ଆନନ୍ଦେ ) ଯେବେ ତେବେ ଦୈତ୍ୟରାଜ ମୋର
ପ୍ରଥମ ପ୍ରଣତି ତବ ଜୟ-ଯାତ୍ରା-ମୁଖେ ।
[ ପ୍ରଣତା ହେଲେ ]
ଜବର—ଜର ସଖି ! କର ତେବେ ଜୟନାଦ
ପ୍ରାଣପ୍ରିୟ ଜବରର ତରେ
ବିଜୟ ମନାସି—

ଉର୍ବଶୀ—କି ହେବ ସେ ମୁଖ ଭରି ଜୟଧ୍ୱନି ତୋଳି ।
ଅନ୍ତରେ ଉଚ୍ଛୁଳି ଉଠେ ଜୟଗୀତ ତବ,
ଅସଲ ବିଜୟ ଭାଳି
ଫୁଲି ଉଠେ ବୁକୁ ମୋର
ହୃଦେ ମୋର ଭରିଯାଏ ଆଶା ଉନ୍ମାଦନା—
ନାଚିବି, ଗାଇବି ଅବା
ଲୋଟିଯିବି ପଦତଳେ ତବ
ଅଧୀର ମରମତଳେ ନପାରେ ମୁଁ କଳି ।
ଭରତ—ନାଚ, ନାଚ ତେବେ ସେହି ନାଚ—
ଯେ ନାଚେ ମାତିଲେ ଥରେ
ଶୂଳୀ ଶମ୍ଭୁ ଜଟାଜୁଟ ମେଲି;
ଡବ ଡବ ଡମ୍ବରୁ ନିନାଦେ
ସସାଗରା ଧରଣୀ ମଥିତ କରି
ଶଙ୍କର-ମନ୍ତ୍ରର ଯେବେ
ବଜ୍ରୁ ଭଲ୍ଲ ନିସ୍ୱନେ ପ୍ରଳୟ ସଙ୍କେତ ତୋଳି ।
ହାଃ ହାଃ ହାଃ ହାଃ !!!

[ ଉତ୍ତେଜନାମୟ ସଙ୍ଗୀତ ସାଥିରେ ଉର୍ବଶୀ ନାଚି ଉଠିଲେ । ସେହିପରି ଉଦ୍ଦାମ, ଉତ୍ତେଜନାମୟ ତାଣ୍ଡବ ]

( ସହସା ଅର୍ଜୁନଙ୍କର ପ୍ରବେଶ )

ଅର୍ଜୁ—ଏ କ'ଣ । ଏ କ'ଣ ପ୍ରଭୁ !
ଅଜାଣତ ଦର୍ଶକ
ମାନୁଷୀ ସେ ପ୍ରଭଞ୍ଜନ ବଲ୍ଲୀପିକାଧର
ଭୁଲିପଡ଼ ଭୁଲା ହୁଏ ସୁନାର ସଂସାର—

ଦୈତ୍ୟରାଜ ଜଗତର ଗୌରବ-ଅଟ୍ଟାଳୀ !!
ବନ୍ଧନର—ବନ୍ଧନର—

ଜଗତ—ହାଃ ହାଃ ହାଃ ହାଃ !
ଘୂରିଯାଅ, ଘୂରିଯାଅ ଅପୂ
ଜଗତର ଅଙ୍ଗେ ଅଙ୍ଗେ
ଜାଗ୍ରତ ଚେତନା ଆଜି
ବକ୍ଷତଳର ଅଶାର ତରଙ୍ଗ-ଲୀଳା
ତୁମେ ତହିଁ ହତାଶାର
ହାହାକାର ଚୋଟ
ବାଧାଦାନେ ନକର ପ୍ରୟାସ !
ଧ୍ୱଂସ ହେବ—ଚୂର୍ଣ୍ଣ ହେବ ଖଣ୍ଡଖଣ୍ଡେ
ପ୍ରଚଣ୍ଡ ଆଘାତେ ତାର !!—

ଅପୂ—ପ୍ରଭୁ ! ପ୍ରଭୁ !! —

(ହାତ ଛଡ଼ାଇଲେ)

ଜଗତ—ହାଃ ହାଃ ହାଃ ହାଃ — ଦେଖୁଛ —
ଦେଖୁଛ ଉର୍ବଶୀ —
ସ୍ୱାମୀର ସୌନ୍ଦର୍ଯ୍ୟେ ପୂର୍ଣ୍ଣି
ସତୀ ନାରୀ ନୟନ ସମ୍ମୁଖେ !!
ଚରଣେ ଏ ଭାବ କେବେ କରିଛ କଳ୍ପନା ?
ହାଃ ହାଃ ହାଃ ହାଃ —
ଭୁଲି ସର୍ଜି ଯିବା ଜଡ ଚେତନ
ବସନ୍ତ ଏ ବାୟୁସୋତେ
ସେହି ଯାଏ ଶ୍ୱାସ,
ଭୁଲିଯିବା ପ୍ରମୋଦ-ଉଦ୍ୟାନେ —

ଊର୍ବଶୀ—ଗୃଲ୍ – ଗୃଲ୍ ରାଜା !

(**ଭବତ—କାନ୍ଧରେ ମସ୍ତକ ରଖି ବଡ଼ ଅସ୍ତବ୍ୟସ୍ତରେ କହୁଲେ**)

ଅପୂ—ପ୍ରଭୁ ! ସ୍ୱାମୀ !!—

**ଭବତ**—ହାଃ ହାଃ ହାଃ ହାଃ—

ଭଲ୍ ମନେ ପକାଇଛ ସତୀ ସୀମନ୍ତିନୀ !
ସୃଷ୍ଟିର ସେ ଆଦ୍ୟ ପରତସ୍ତୁ
ଉଚ୍ଛ୍ୱାସ ବହ୍ନିନ ଏକ ନିସ୍ତରଙ୍ଗ ନଦୀସମ
ନିତାନ୍ତ ବୈଚିତ୍ର୍ୟ ହୀନ –
"ସ୍ୱାମୀ ଅର୍ଦ୍ଧ ସ୍ତ୍ରୀ" – ହାଃ ହାଃ ହାଃ—
ଆସ ଲୋ ଊର୍ବଶୀ ।

(ଊର୍ବଶୀକୁ ବାହୁପାଶରେ ଛନ୍ଦି ପ୍ରସ୍ଥାନ )

ଅପୂ—ବନିତା ! ବନିତା ! ବନିତା !!!—
ଓଃ—

( **ଆଉ** ଧୈର୍ଯ୍ୟ ଧରି ପାରିଲେ ନାହିଁ—ଶଯ୍ୟା ଉପରେ **ଢଳିପଡ଼ି** **ହୋଇ ପଡ଼ିଲେ—ଦାସୀ ବନିତା** ଧାଇଁ ଆସିଲା )

---

# ଦୃଶ୍ୟ—ଚାରି

## —କାଳକେୟ ରାଜଧାନୀର ପଥ—

(ବସନ୍ତର ପ୍ରବେଶ)

ବସନ୍ତ—ଚନ୍ଦ୍ରା ! ଚନ୍ଦ୍ରା ! ଅଗୋ ଅସ ଚଞ୍ଚଳ ! ଓହୋ—

(ଚନ୍ଦ୍ରାର ପ୍ରବେଶ)

ଚନ୍ଦ୍ରା—କଣ କହୁଚ ଯେ ?

ବସନ୍ତ—କେତେ ଆଉ କହିବ ? ଅସ. ତମର-ମୋର 'ଏକ୍' ହୋଇଯିବା !

ଚନ୍ଦ୍ରା—କେମିତି ?

ବସନ୍ତ—କେମିତି ଆଉ କଣ ! ତମ ମନଟାକୁ ମତେ ଦେଇପକା —ଆଉ ମୋ ମନଟାକୁ ତମେ ରଖ; ହେଲା ?

ଚନ୍ଦ୍ରା—କଣ ହେଲା ଯେ ! ମତେ ଭାରି ଡର ମାଡ଼ୁଲାଣି—

ବସନ୍ତ—ମାଡ଼ୁଲାଣିଟି ! ନାଃ, ହବନାହିଁ କିଛି ; ତମଠୁଁ ତ ଦାନବ-ଗତ ଗନ୍ଧନାହିଁ ଏ ଯାଏ ! ନା, ଦାନବ ଦାନବ, ଗନ୍ଧର୍ବ ଗନ୍ଧର୍ବ !—ମିଳାମିଶା କଥା ମିଛ ! ଧେତ୍ !—

(ଦୈତ୍ୟ ସେନାପତି ସିଂହନାଦ ସେହି ପଥ ଦେଇ ଯାଉ ଯାଉ ଅଟକି ଗଲେ)

ସିଂହନାଦ—କିଏ ତୁମ୍ଭେ ଅର୍ବାଚୀନ ?—ଦାନବନାରୀ ସଙ୍ଗରେ ଧର ଦାନବର ରାଜ-ପଥରେ ଦାନବର ନିନ୍ଦାବାଦରେ ମୁଖର ହୋଇଚ ? କିଏ ତୁମେ ?

( ସିଂହନାଦଙ୍କ ଧମକରେ ଘୁମଭାଙ୍ଗିଥିବା ଚନ୍ଦ୍ରା ପଡ଼ିଯାଉଥିଲା, ବସନ୍ତ 'ହାଁ ହାଁ' କହି ଧରି ପକାଇଲେ; ଚନ୍ଦ୍ରା ବସିପଡ଼ିଲା ତଳେ । )

ବସନ୍ତ—ଅଜ୍ଞା । ବେମାର ଅଛି—ନିଦ-ବେମାର !

ସିଂହନାଦ—ନିଦ-ବେମାର । । ଓ, ତେବେ ସେ ତୋହରି ହିଁ ସେଇ ଚନ୍ଦ୍ରା । ତୁମେ ତେବେ ତୋହରି ଅଶ୍ରିତ ସେହି ପଳାତକ ଗନ୍ଧର୍ବ ? ଶୁଣ ଗନ୍ଧର୍ବ ! ଦାନବ ଆଜି ଦେବତା ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଛି; କାଲି ପ୍ରଭାତରୁ ଅଭିଯାନ ଆରମ୍ଭ କରିବ । ଶୁଣି ପାରୁଚ ଦାନବର ରଣ-ଭେରୀ–ଡମରୁର ଶବ୍ଦ ?

( ଏହି ସମୟରେ ଦୂରରୁ ଶୁଣାଗଲା—ରଣଭେରୀ ଓ ଡମରୁର ଶବ୍ଦ )

ବସନ୍ତ—( ବ୍ୟଗ୍ରଭାବେ ) ଅଜ୍ଞା ହଁ. ତେବେ କଣ ଦେବ-ଦାନବ ଯୁଦ୍ଧ— ?

ସିଂହନାଦ—ହଁ ହଁ, ଦେବତାର ଦର୍ପଚୂର୍ଣ୍ଣ କରି, ଦେବତ୍ୱକୁ ପଦାନତ କରି କାଳଭୈରବ ଜାଣ ତାର ଭାଗ୍ୟ ବିଧାତା ନିର୍ବାଚକରେ ପ୍ରତିଷ୍ଠା ହେବ—ସ୍ୱର୍ଗଲୋକରେ !

ବସନ୍ତ—ସ୍ୱର୍ଗ, ସ୍ୱର୍ଗ ଅଜ୍ଞା—ସ୍ୱର୍ଗ !

ସିଂହନାଦ—ତା ପୂର୍ବରୁ ମୁଁ କହିଦେବାକୁ ଚାହେଁ—ଦେବତା, ଗନ୍ଧର୍ବ ଆଦି ସ୍ୱର୍ଗଲୋକବାସୀ ଯାହାର ହେଲେ ଦାନବ ରାଜ୍ୟରେ ଆଉ ସ୍ଥାନ ରହିବ ନାହିଁ କି ରହି ନ ପାରେ ! ସେମାନେ ଶତ୍ରୁ—ଅଜଠାରୁ, ଏହି ମୁହୂର୍ତ୍ତରୁ ! ତୁମେ ଚାଲିଯାଅ ଏ ରାଜ୍ୟ ଛାଡ଼ି—ତୋହରି ଅଶ୍ରୟ ଛାଡ଼ି—

ବସନ୍ତ—ସେ ଅଶ୍ରୟତ ମୁଁ ଛାଡ଼ି ଦେଇଚ ଅଜ୍ଞା ! କାଲି—

ସିଂହନାଦ—ଖାଲି ? ଖାଲି ରାଜ୍ୟ ପାଉନା ତାର ଏଇ କନ୍ୟାଟିକୁ ?

( ଏହି ସମୟରେ ଦୂରରୁ ଶୁଭିଲା ଜୟଧ୍ୱନି "ଜୟ ଦୈତ୍ୟପତି ନିବାତକବଚର ଜୟ"—ସମବେତ କଣ୍ଠରେ )

ସିଂହନାଦ—ଏଇ । ଦାନବ ସେନାର ଜୟ-ନାଦରେ ଆକାଶ କମ୍ପିତ ହୋଇ ଉଠୁଛି । ସମସ୍ତେ ପ୍ରସ୍ତୁତ । ଖାଲି ଦୈତ୍ୟ-ରାଜଙ୍କ ଆଦେଶର ଅପେକ୍ଷା । ମୁଁ ଯାଏଁ;—ଶୁଣ ଗନ୍ଧର୍ବ ! ତୁମେ ଏଇ ମୁହୂର୍ତ୍ତରେ ଏ ରାଜ୍ୟ ଛାଡ଼ି ଚାଲିଯାଅ—ଏ ମୋର ଆଦେଶ, ସ୍ୱୟଂ ଦୈତ୍ୟ-ସେନାପତିର ଆଦେଶ । ଅବାଧ୍ୟ ହେଲେ ଶାସ୍ତି ପାଇବ—ଆଉ ସେ ଶାସ୍ତି କେତେ ଭୟଙ୍କର—କଳ୍ପନା କରିପାରୁଛ ? ଯାଅ—

( ପ୍ରସ୍ଥାନ )

ବସନ୍ତ—ଯାଅ ତ କହିଦେଲି । ମାତ୍ର ଯାଏ କୁଆଡ଼େ ମୁଁ ? କୋଉ ମୁହଁରେ ଆଉ ସ୍ୱର୍ଗକୁ ଫେରିବି ? ଏଠି ବା ରହିବି କେମିତି ? ତାହା ବା ରହିଥାନ୍ତି କୁହାବୋଲା କରି—କି ବନ୍ଧନ ଆଉ ହେଲା ଯେ ରହିବି ? ହାୟ ! ହାୟ ! ଚନ୍ଦ୍ରା ! ମୋ ପ୍ରସ୍ତାବରେ ରାଜି ହେବା ଆଗରୁ କୋଉ ପଡ଼ିଲି ? ଏ କଥା କେତେବେଳେ ଭାବିବ ନା ମୋ ପ୍ରଶ୍ନର ଉତ୍ତର ପାଇବ । ଏଣେ ସେନାପତିଙ୍କର କଡ଼ା ଆଦେଶ—"ଏଇ ମୁହୂର୍ତ୍ତରେ—"

( ନେପଥ୍ୟରେ ଜୟଧ୍ୱନି ଶୁଣାଗଲା )

ଏଇ ! ଯୁଦ୍ଧ ଏଣେ ଲାଗିଗଲା ନା କଣ ?

( ଚନ୍ଦ୍ରା ଗାଉଥିଲେ, କେହିଦଣ୍ଡରୁ ଦେ ଜଣ ପ୍ରବେଶ )

ଚୋଙ୍ଗ—ହାଃ ହାଃ ହାଃ ହାଃ—(ଚଳିପାଉ) କିଏ ହସନ୍ତ ! ତୁମେ ଏତେ ଧନଯାଏ କୋଉଠି ଲୁଚଥିଲ ଶୁଣେ ? ମୁଁ ତମକୁ କେତେ ଅଡ଼େ—

ହସନ୍ତ—ଖୋଜ ଥିବେ ଅଜ୍ଞା—ଖୋଜ ଥିବେ । ଅପଣ ଖୋଜି-ଥିବେ, ତନ୍ଦ୍ରା ଖୋଜଥିବ—ଏବେ ମୁଁ ବ ଖୋଜୁଚ—

ଚୋଙ୍ଗ—ତେମେ କାହାକୁ ଖୋଜୁଚ ?

ହସନ୍ତ—ହଜବା ବାଟ ଅଜ୍ଞା । ଅପଣଙ୍କର ସେନାପତ ବର୍ତ୍ତମାନ ଅଦେଶ ଦେଇଗଲେ, ଏଇ ମୁହୂର୍ତ୍ତରେ ଏ ରାଜ୍ୟ ଛାଡ଼ି ଯିବାକୁ—

ଚୋଙ୍ଗ—ମତେ ବ ସେମିତ ଅଦେଶ ଦଅ ଯାଇଚ—ସାଙ୍ଗେ ସାଙ୍ଗେ ତମକୁ ଘରୁ ବାହାର କର ଦବାକୁ !

ହସନ୍ତ—ସେ କାମ ତ ଆପଣ ଅନେକଦନୁ ସାରଦେଇଚନ୍ତ । ମୁଁ ଅଜ ଘରେ ନାହିଁ—ରାସ୍ତାରେ ଛୁଡ଼ା ହେଇଚ—

ଚୋଙ୍ଗ—ନା, ଏ ରାସ୍ତା ଛାଡ଼, ଏ ରାଜ୍ୟଛାଡ଼ ତମକୁ ଚାଲି ଯିବାକୁ ହବ । ତେମେ ଶତ୍ରୁ—ଦାନବର ଶତ୍ରୁ !

ହସନ୍ତ—ଅଜ୍ଞା । ମତେ ଆପଣ ଏକଥା କହୁଚନ୍ତ ? ଏତେ ଅଦର-ଯତ୍ନ, ସବୁ କାଣ ଭୁଲିଗଲେ ?

ଚୋଙ୍ଗ—ଭୁଲି ଯିବାକୁ ପଡ଼ଚ । ଜାତର ସ୍ୱାର୍ଥ ଆଗରେ ନିଜର ସ୍ୱାର୍ଥ ବଳ ଦେବାକୁ ପଡ଼ଚ । ମୁଁ ବଡ଼ ଦୁଃଖିତ, ହସନ୍ତ !

ହସନ୍ତ—ମୁଁ ଅଜ ଭୋଜ 'ସୁଖିତ' । ଦୁଃଖରେ ଦୁଃଖରେ—ଦେଖୁଚ, ଜୀବନଟା କଟେଯିବ ।

ଚୋଙ୍ଗ—ଶୁଣ, ଏତେ ବ୍ୟସ୍ତ ହେବା ଦରକାର ନାହିଁ । ତେମେ ଅମର ସାଙ୍ଗରେ ବାହାର ପଡ଼—

ହସନ୍ତ—କୁଆଡ଼େ ଅଜ୍ଞା ?

ଢୋଣ୍ଡ଼—ସ୍ୱର୍ଗକୁ । କାଲି ସକାଳୁ ଆମେ ସବୁ ଯୁଦ୍ଧଯାତ୍ରା କରିବୁ । ତେମେ ଦାନବ ସାଜ ଆମର ସାଙ୍ଗରେ ଚାଲ—ସେଠି ପହଞ୍ଚି ପଛକେ ବେଶ-ପଟୁଆ ବଦଳେଇ ଦେଇ ଘରପୁଅ ଘରେ ରହିଯିବ ।

ହସନ୍ତ—ଆଜ୍ଞା । ଦେବତାମାନେ ସିନା ଖିଆ-ଖେଇ କରନ୍ତି ନାହିଁ—ଆପଣଙ୍କ ଦାନବମାନେ ମତେ କଞ୍ଚା ଖାଇଯିବେ; ନାହିଁ ଆଜ୍ଞା—

ଢୋଣ୍ଡ଼—ତମର ସେ ଭୟ ନାହିଁ, ତେମେ ମୋର ପାଖେ ପାଖେ ରହିବ । ଆସ ଶୀଘ୍ର ! ଚନ୍ଦ୍ରା ! ଚାଲ୍ ଘରକୁ ଚାଲ୍ !

( ଡାକିଲେ ଚନ୍ଦ୍ରାକୁ )

( ଏହି ସମୟରେ ଦୂରରୁ ଶୁଣାଗଲା 'ଜୟଧ୍ୱନି'—ବେଶ ଭୟଙ୍କର ଯୁଦ୍ଧର କୋଳାହଳ )

ଢୋଣ୍ଡ଼—ଏଇ ଶୁଣୁଚ ? ବେଳ ହେଇ ଆସିଲା । ଆସ ହସନ୍ତ, ଚଞ୍ଚଳ ଆସ—ବେଶ ବଦଳେଇବାକୁ ହବ ଯେ ତମକୁ ।

ହସନ୍ତ—ଚାଲନ୍ତୁ; ସେଯା ହଉ ତେବେ—'ଘରପୁଅ' ଘରକୁ ଫେରୁ । ଆଉ ଏତେ ବାବୁଆଣି ହେଇ ଲାଭ କଅଣ ? ସତକଥା କହୁଚ ଆଜ୍ଞା । ମୋ ମନ ବି ଘର ଧରିଲାଣି—ଖାଲି ଗୋଟାଏ ଅଭିମାନ ଯୋଗୁ ସିନା—ନା—ସ୍ୱର୍ଗର ଲୋକଙ୍କ ଭ ମଧ୍ୟରେ ଗୋଟାଏ ।

ଢୋଣ୍ଡ଼—ଆସ, ଆସ ଆଉ ଡେରିକର ନାହିଁ—ଆ ଚନ୍ଦ୍ରା ।

ହସନ୍ତ—ଚାଲ ଗୋ ଚନ୍ଦ୍ରା, ଚାଲ । ଚଞ୍ଚଳ ଚଞ୍ଚଳ ମତେ ଟିକିଏ 'ବିଦାୟ' ଦେଇଦବ ଚାଲ—

( ସମସ୍ତଙ୍କର ପ୍ରସ୍ଥାନ )

# ଦୃଶ୍ୟ—ପାଞ୍ଚ

## —ବୈଜୟନ୍ତ—

[ ବହୁ ଦୂରରୁ ଯୁଦ୍ଧ କୋଳାହଳାଦି ଶୁଣାଯାଉଥିଲା; ଇନ୍ଦ୍ର ଏକ ଗବାକ୍ଷ ଖୋଲି ମେଘ ପଥକୁ ଲକ୍ଷ୍ୟ କରି ଛିଡ଼ା ହୋଇଥିଲେ ।]

ଇନ୍ଦ୍ର—ଧନ୍ୟ, ଧନ୍ୟ ତୁମେ, କୁମାର କାର୍ତ୍ତିକ ।

( ଗବାକ୍ଷ ପାଖରୁ ଓହ୍ଲାଇ ଆସିଲା ବେଳକୁ ବାହାରୁ କାର୍ତ୍ତିକ ଯୋଦ୍ଧା ବେଶରେ ପ୍ରବେଶ କଲେ । )

ଇନ୍ଦ୍ର—ଏହୁ ତ ଆସିଛ ତୁମ୍ଭେ ଦେବ-ସେନାପତି ।
ଧନ୍ୟ ଧନ୍ୟ ତୁମ୍ଭେ,
ତୁମ୍ଭର କୌଶଳ ବଳେ
ଶଂକାହୀନ ସୁରପୁରୀ—
ପ୍ରାଣଭୟେ ପୃଷ୍ଠଭଙ୍ଗ ଦେଇଛନ୍ତି ଦାନବ ।
ଦେବଙ୍କ ପକ୍ଷରୁ ତେଣୁ
ଘେନ ସୁତ ! ବାସବର ଶ୍ରଦ୍ଧା ନିବେଦନ ।

( ଦୁହେଁ ଆଲିଙ୍ଗନବଦ୍ଧ ହେଲେ )

କାର୍ତ୍ତିକ—ଓଃ ! କି କହୁଚ ବାସବ !
ଅଗଣିତ କାଳକେୟ ଚତୁରଙ୍ଗ ବଳ,
ସମ୍ମୁଖେ ପ୍ରଚେଧା ପୁଣି
ଭୀମକାନ୍ତ ଦୈତ୍ୟପତି ନିବାତକବଚ—
କରେ ଧରି ଶିବଦତ୍ତ ଖଡ୍ଗ ପ୍ରହରଣ ।

ମନେ ହେଲା—
ସ୍ୱର୍ଗ ଶିରେ ହେଲା ଘୋରଖାର,
ଦାମ୍ଭିକ ଦାନବ କରେ
ସତେ ଅବା—
ଇନ୍ଦ୍ର—ପ୍ରଥମେ ତ ଯୁଦ୍ଧ ଦେଖି
ଭାବିଲି ମୁଁ, ବିଜୟୀ ହେବ ଦାନବ—
ପରାଜୟ ଦେବତାର ଭାଗ୍ୟ ପଟେ ଲେଖା ।
କାର୍ତ୍ତିକ—ଯୁଦ୍ଧ ମାଗି ଧାଉଁଥାରେ
ଯହୁଁ ସେ ଅସିଲେ ମାଡ଼ି
ଦୁର୍ମଦ ଦାନବେ,
ଅଗ୍ରଭାଗେ ରହି ମୁହିଁ
ସର୍ପ-ଗୃହେ ଆରୋପିଲି ଶର,
ସହସା ଆକାଶ-ପଥ
ଘୋଟିଗଲା ବିଷଧର ଭୁଜଙ୍ଗର ଜାଲେ;
ଉଗାରି ଗରଳ ଧାର—
କୁଣ୍ଡଳୀ ବାନ୍ଧିଲେ ଶ୍ୱାସେ ଭୀମ ପ୍ରଭଞ୍ଜନ,
ବିଦାରିଲେ ଦଶଦିଗ ପ୍ରଳୟ-ଗର୍ଜନେ ।
ଦୈତ୍ୟକୁଳ ବାହୁଲେ ତରାସି,
ଦଂଶନେ ଅସ୍ଥିର ପ୍ରାଣ—
ଗାରଳ ସେ ବିଷଜ୍ୱାଳା
ନ ପାରିଲେ ସହି;
ସହସା ଅସିଲା ମାଡ଼ି ଦୁର୍ଦ୍ଦାନ୍ତ ଦାନବ
ଅଟ୍ଟହାସ୍ୟେ ନଭଃତଟ କରି ମୁଖରିତ ।
ଶିବମନ୍ତ୍ର ଜପିଥିବେ

ନିବାରିଲ ନାଗବଳ ଯେତେ ।
ଭୟଭ୍ରାନ୍ତ ସର୍ପକୁଳ
ଅତଙ୍କେ ଲୁଚିଲେ ଜାହିଁ,
ଗଣିଲି ପ୍ରମାଦ—
ବ୍ୟର୍ଥ ହେଲା ପୁରନ୍ଦର
ପ୍ରଥମ ପ୍ରୟାସ ମୋର ।
ଇନ୍ଦ୍ର—ଭୁଲିଥିଲି ପରା ସ୍କନ୍ଦ—
ଶିବଭକ୍ତ ଦାନବ କବଚ,
ନାଗ ଦଳ କଣ କରି ତାହାର ?
କାର୍ତ୍ତିକ—ବ୍ୟର୍ଥକାମ ହେଲି ଯେଣୁ
ପ୍ରଥମ ପ୍ରୟାସେ,
କଲି ମୁହିଁ ମାୟାର ସୃଜନ
ପାମର ଦାନବ ମନେ ଅତଙ୍କ ସଞ୍ଚାର ।
ବସ୍ତୁ-ରୂପେ ଅବୋପି ନାରାଚ
ମାୟା ଜାଲେ ଅଚ୍ଛାଦିଲି ଗଗନ ମଣ୍ଡଳ;
ଘେ ଟେରଲ ଘନ କୁଜ୍ଝାଟିକା—
ନ ଦଶିଲ ଥଳକୂଳ—
ଦାନବ ଗ୍ଲଚ୍ଛ ରଣ,
ଶଙ୍କୁଧର ନିବାତକବଚ
ଶଙ୍କୁଶୂଳ ଘେନି ତାର ପଳାଇଲ ଡରେ ।
ଇନ୍ଦ୍ର—ହାଃ ହାଃ ହାଃ ହାଃ—
( ବରୁଣ, ବ୍ରହ୍ମା, ଅଗ୍ନି ଆଦ ଦେବତାଙ୍କର ପ୍ରବେଶ )
ବ୍ରହ୍ମା—କରୁ ନଦ୍ରୁଏ ବଶ୍ୱାସ,
ଥଇତେ ହେ କବି ଧାନ୍ତୁ ମଦାନ୍ଧ ଦାନବ

ମାୟାରେ ଭୁଲିବ ଭବ, କୁମାର କାର୍ତ୍ତିକ ।
ଅସମ୍ଭବ ହୁଏ ମନେ
ଯୁଦ୍ଧମାଗି ଥରେ,
ବନାଯୁଦ୍ଧେ ଫେରିବ ସେ
ବାରମ୍ବାର ନ କରି ପ୍ରୟାସ ।

ଇନ୍ଦ୍ର—ହାଃ ହାଃ ହାଃ ହାଃ—
ଭୟ କିବା ପିତାମହ !
ଏ ଯାଏ ତ ଇନ୍ଦ୍ରଶୂନ୍ୟ ହୋଇନି ସ୍ୱରଗ ?
ବଜ୍ର ତାର ହୋଇନି ଅଚଳ ? —
ପ୍ରଚଣ୍ଡ ପ୍ରହାରେ ଯାର
ଖଣ୍ଡ ଖଣ୍ଡ ସୃଷ୍ଟି ଯିବ ଭାଜି—
ବଜ୍ରର ଅନଳ ଶିଖା
ଦହିବ ଦାନବ ସଙ୍ଗେ—
ସୁରଲୋକ-ବିଜୟ-ବାସନା ତାର ।

କାର୍ତ୍ତିକ—ଆଜ, ସ୍ଥିର କି ରହିବ ଭାବ—
ତାରକା ବିନାଶୀ ସ୍କନ୍ଦ ଦେବ-ସେନାପତି ?
ସମ୍ମୁଖ ସମରେ ଯେବେ
ଅସୁର ବଳାଏ ମନ—
ଅବିଳମ୍ବେ ଲଭିବ ଆସ୍ୱାଦ,
ଶିବ-ପୁତ୍ର କାର୍ତ୍ତିକର ବୀର୍ଯ୍ୟ ପରିଚୟ ।
ନାହିଁ ଚିନ୍ତା ପିତାମହ ।
ଅସ୍ତ୍ର ମୁଖେ ଘୁଞ୍ଚାଇବି ଦେବତାର ଶଙ୍କା ।

( ବେଗେ ସୁବର୍ଣ୍ଣର ପ୍ରବେଶ )

ସୁବର୍ଣ୍ଣ—ପ୍ରଭୁ !

ଇନ୍ଦ୍ର—କି ହୋଇଛି, ସୁବର୍ଣ୍ଣ ?

ସୁବର୍ଣ୍ଣ—ପ୍ରଭୁ ! ସ୍ୱମନ୍ୟୁ ନାମରେ ଏକ ଗନ୍ଧର୍ବ କଳ୍ପଦାନ ଛଳେ ମର୍ତ୍ତ୍ୟପୁରୀକୁ ଯାଇଥିଲା । ସେଠାରେ ନା 'ବସନ୍ତ' ବୋଲି କହି, ରାକ୍ଷସଙ୍କ ଘରେ ଖାଇ ପିଇ କଳ୍ପଦାନ ଚଳାଇଲା । ଏବେ ରାକ୍ଷସ ସେନାଙ୍କ ସାଙ୍ଗରେ ରାକ୍ଷସ ବେଶଧରି ଫେରିଆସିଛି ଏଠିକି । ମୁଁ ତାକୁ ଚିହ୍ନିପାରି ବନ୍ଦୀ କରି ରଖିଛି । ମୋର ମନେ ହେଉଛି—

କାର୍ତ୍ତିକ—କହ—

ସୁବର୍ଣ୍ଣ—ସେ ଦୂରାତୁର ରାକ୍ଷସର ଗୁପ୍ତଚର କାମ କରିବାକୁ ଏଠିକି ଫେରି ଆସିଛି । ଯଦି ଆଦେଶ ଦେବେ—

ଇନ୍ଦ୍ର—ହଁ, ରଖ ତାକୁ ବନ୍ଦୀରୂପେ,
ପରେ ତା'ର ହୋଇବ ବିଚାର ।

ସୁବର୍ଣ୍ଣ—ଯଥା ଆଜ୍ଞା ପ୍ରଭୁ । ( ପ୍ରସ୍ଥାନ )

ବ୍ରହ୍ମା—ମନେହୁଏ,
ଦର୍ପିତା ଉର୍ବଶୀ ସମ
ଲଜ୍ଜାହୀନ ଏ ଗନ୍ଧର୍ବ;
କି କହିଲ ନାମ ତାର ?

କାର୍ତ୍ତିକ—ସୁମନ୍ୟୁ—

ଇନ୍ଦ୍ର—ଛାଡ଼ ସେ ପ୍ରସଙ୍ଗ ।

( ସୁବର୍ଣ୍ଣର ପୁନଃ ପ୍ରବେଶ )

କି ସମ୍ବାଦ ପୁଣି ?

ସୁବର୍ଣ୍ଣ—ଦେବରାଜଙ୍କ ଆଦେଶ ଅନୁଯାୟୀ ଅପସାରଣ ପ୍ରସ୍ତୁତ ।

ଇନ୍ଦ୍ର—ହଁ, ହଁ—ଭଲ କଥା,
ନ ଥିଲା ମୋ ମନେ;

ରଣକ୍ଳାନ୍ତ କୁମାର କାର୍ତ୍ତିକ—
ପିତାମହ ଆଦି ସକଳେ ତ ଶ୍ରାନ୍ତ,
ଗୁରୁଚିନ୍ତା ଫଳେ ।
ଏଣେ ଅରାତି ଯାଇଛନ୍ତି ଫେରି
ପରାଜୟ ମାନି,
ଦେବତାର ହୋଇଛି ବିଜୟ ।
ନୃତ୍ୟଗୀତ ହେଉ କିଛି ଏବେ,
ଉଚ୍ଛଳ ରସ-ତରଙ୍ଗେ
ଧୋଇ ଯାଉ କ୍ଳାନ୍ତି ।
( ସୁବର୍ଣ୍ଣକୁ ) ଡାକ ସେ ଅପ୍ସରାଗଣେ ।

ସୁବର୍ଣ୍ଣ—ଯଥା ଆଜ୍ଞା ଦେବ ! ( ପ୍ରସ୍ଥାନ )

ବ୍ରହ୍ମା—ମନେ ଜାଗେ ଶଙ୍କା—
ମାୟାଧର ଦୈତ୍ୟ ଜାତି
ମାୟାବଳେ କାହିଁ ଯଦି
ରହିଥିବ ଲୁଚି—

କାର୍ତ୍ତିକ—ବୃଥା ଏ ଆଶଙ୍କା ତବ ପଦ୍ମଯୋନି !
ଦେବତାର ପୁଣ୍ୟ ଭୂମି' ପରେ
ବ୍ୟର୍ଥଗ୍ରସ୍ତ ଦାନବର ମାୟାର ରଚନା—
ଅସାର କଳ୍ପନା ମାତ୍ର ।

( ଅପ୍ସରାଗଣଙ୍କର ପ୍ରବେଶ ଓ ନୃତ୍ୟ—
ସହସା ଷଣ୍ଡାସୁର ପ୍ରବେଶ )

ଷଣ୍ଡ—ଏହୁ ତ ବାସବ,
କୁମାର କାର୍ତ୍ତିକ ଆଦି

ପିତାମହ ନିକେ—
ସହାସ ପ୍ରସନ୍ନ ମୁଖ ।
ଅନ୍ତରେ ପରଶି ନାହିଁ
କାଳିମାର ଛାୟା ।
ନୃତ୍ୟଗୀତ ମହୋତ୍ସବେ
ଝଙ୍କୁଳ ପଡ଼ଇ ପରି ବୈଜୟନ୍ତ ପୁରୀ ।
ମାତ୍ର କହନ୍ତୁ ପାଇବ ଇନ୍ଦ୍ର—
କାହାନ୍ତି ଇନ୍ଦ୍ରାଣୀ ?
ସତୀ-ଶିରୋମଣି ଅମରୀର ରାଣୀ ?
ଇନ୍ଦ୍ର—ଏ କି କଥା କହ ନାରାୟଣ ?
ଶଚୀରେ ପାଇବ କାହୁଁ
ଦେବସଭା ତଳେ ?
ବ୍ରହ୍ମା—କି ଲାଗି ଗୋବିନ୍ଦ ?
ଥିଲ କିଛି କାର୍ଯ୍ୟ ପରି
ଦେବେନ୍ଦ୍ରାଣୀ ଭୁଲେ ?
ବିଷ୍ଣୁ—ନା, ଅସୁଥିଲି ବାସବେ ସଂଖୋଳି ।
ପଛେ ପଛେ ଧାଇଁଲେ କମଳା—
କହିଲେ, ଶଚୀରେ ସଂଖୋଳି ଯିବେ;
ସଙ୍ଗିନୀ ହେଲେ ସେ ତେଣୁ ।
ଭେଟିଲି ବାସବେ ସିନା;
କିନ୍ତୁ କି ବଚନ—
ନ ମିଳିଲେ ବାସବ-ଘରଣୀ କାହିଁ ।
ଚଳି ଚଳି ଖୋଜିଲି ମୁଁ,
ଖୋଜିଲେ ସିନ୍ଧୁଜା ନିଜେ—

ଅମରାର ଅନ୍ତଃପୁରେ, ନନ୍ଦନକାନନେ;
ପୁଣି ସୁରନଦୀ ତୀରେ ।
କାହିଁ ହେଲେ ନମିଳଲା ଶଚୀଙ୍କ ଦର୍ଶନ !
ଲକ୍ଷ୍ମୀ ତତ୍ତ୍ୱ ଫେରଲେ ବୈକୁଣ୍ଠେ—
ଧାଇଁଲି ମୁଁ ତୁମର ସକାଶେ ।
କହତ, ବାସବ ! କହ, ପିତାମହ !
ସ୍ୱପ୍ନାବାଜ ସମ
ଏ କି ମାୟାର ଭ୍ରମଣ ?
ଥାଉ ନୃତ୍ୟ ଗୀତ,
କର ଅଗେ ବହୁତ ଏହାର ।
କି ଆଶ୍ଚର୍ଯ୍ୟ ! !— (ପ୍ରସ୍ଥାନ)

(ଅପ୍ସରାଗଣ ମଧ୍ୟ ବପଗ୍ରୀତ ଦଗରେ ଗୃଲଗଲେ)

କାର୍ତ୍ତିକ—ଏ କି କଥା କହଗଲେ
କମଳାରମଣ ?
କାହୁଁ ହେବ ଅଘଟନ
ସମ୍ଭବ ଏସନ ?
ବ୍ରହ୍ମା—ଲଗଲ ବସ୍ମୟ ଶୁଣି
ଗୋବନ୍ଦଙ୍କ କଥା—

(ବେଗେ ସୁବର୍ଣ୍ଣର ପ୍ରବେଶ)

ସୁବର୍ଣ୍ଣ—ପ୍ରଭୁ ! ପ୍ରଭୁ ! ଦେବରାଜ ! —
ଇନ୍ଦ୍ର—କହ ସୁବର୍ଣ୍ଣ ! ଅଗିଲ କି-ହେତୁ ?
ସୁବର୍ଣ୍ଣ—ଦେବରାଜ ! ଦେବେନ୍ଦ୍ରାଣୀ—
ଇନ୍ଦ୍ର—ଦେବେନ୍ଦ୍ରାଣୀ ?
କି ହୋଇଛି—କହ ଶୀଘ୍ର ।

ସୁବର୍ଣ୍ଣ—ଦେବେନ୍ଦ୍ରାଣୀ ଅପହୃତା !—

ସକଳେ—ଅପହୃତା ! ! !

ସୁବର୍ଣ୍ଣ—ହଁ ପ୍ରଭୁ ! ନନ୍ଦନ ରକ୍ଷକ ଚିତ୍ରସେନ ସମ୍ବାଦ ଦେଇଗଲା ।

ଇନ୍ଦ୍ର—କି ସେ ସମ୍ବାଦ; କହ ସବିସ୍ତାରେ—

ସୁବର୍ଣ୍ଣ—ସମ୍ବାଦ ଦେଲା—ନନ୍ଦନରେ ବିଚରଣ କରୁଥିଲେ ଇନ୍ଦ୍ରାଣୀ । ଚିତ୍ରସେନ ଟିକିଏ ଦୂରରେ ଥିଲା । ହଠାତ୍, ଇନ୍ଦ୍ରାଣୀଙ୍କର ଆତୁର ଚିତ୍କାର ଶୁଣାଗଲା "ରକ୍ଷାକର" "ରକ୍ଷାକର" । ତା ପରେ ଚିତ୍ରସେନ ଧାଇଁଗଲା ବେଳକୁ—

ଇନ୍ଦ୍ର—କିଏ—କିଏ ସେ ପାମର ?

ସୁବର୍ଣ୍ଣ—ତାକୁ ସେ ଦେଖି ପାରିଲା ନାହିଁ ପ୍ରଭୁ ।

କାର୍ତ୍ତିକ—ଆଉ ଇନ୍ଦ୍ରାଣୀ ?

ସୁବର୍ଣ୍ଣ—ତାଙ୍କର ବି କୌଣସି ଚିହ୍ନ ଆଉ ସେ ପାଇଲା ନାହିଁ ।

ଇନ୍ଦ୍ର—କାହାର ଏ ଦୁଃସାହସ ?

କିଏ ସେ ନାରକୀ—
ବଜ୍ରଧରେ କରି ବିଚଳିତ
ବାସବର ବୁକୁ'ପରେ କୁଠାର ପ୍ରହାର,
କିଏ ସେ ଦାମ୍ଭିକ ଆଜି
ଧ୍ୱଂସ ତାର କଲା ଆମନ୍ତ୍ରଣ ?
ଆସ ଦେବଗଣ—ଆସ ହେ କୁମାର—

( ସମସ୍ତେ ବେଗେ ଧାଇଁ ଗଲା ବେଳକୁ ଅଟ୍ଟହାସ୍ୟ କରି ଦୈତ୍ୟସେନ ଜବଂ ଓ କାଳକେୟ ଦୈତ୍ୟସେନାଙ୍କର ପ୍ରବେଶ )

ଜବଂ—ହାଃ ହାଃ ହାଃ ହାଃ—
ଅପେକ୍ଷା କର;
ଲୁଚିଥିଲ ପ୍ରାଣଭୟେ

ପଳାୟିତ ନିବାତ କବଚ—
ଭୀତତ୍ରସ୍ତ ଦାନବ-ବାହିନୀ ?
ହାଃ ହାଃ ହାଃ ହାଃ—
ମାୟା ଧୁରନ୍ଧର ଦାନବେ
ଦେଖାଅ ମାୟାର ଗୂଢ଼ରସ ?

( କ୍ରମେ ଅନ୍ଧକାର ହୋଇ ଆସିଲା – ଦୂରରୁ କରୁଣ ଆର୍ତ୍ତନାଦ ଶୁଣାଗଲା )

ଇନ୍ଦ୍ର—ଦୁନ୍ଦ, ଦୁନ୍ଦ ହେବେ ତସ୍କର ଦାନବ
ବାସବ-ହୃଦୟ-ନିଧି—
ଅମରାର ମଥାମଣି କରିବ ଲୁଣ୍ଠନ ?

କବଚ—ହାଃ ହାଃ ହାଃ—ନାହିଁ ଚିନ୍ତା
ବର୍ଷପରେ ଇନ୍ଦ୍ରାଣୀରେ
ନେଇଛି ମୁଁ ତୋଳି—
ସମାଦରେ ଅନ୍ତଃପୁରେ କରିବ ପ୍ରତିଷ୍ଠା ।
ଶକ୍ତି ଅଛି ଦାମ୍ଭିକ ଦେବତା ?
ଶୂଳଧାରୀ କବଚର ହେବ ପ୍ରତିଦ୍ୱନ୍ଦୀ ?
ହାଃ ହାଃ ହାଃ ହାଃ—
ଶକ୍ତି ଶୂଳଧାରୀ
ବୀରେନ୍ଦ୍ର କବଚ ଆଜି
ତ୍ରିଭୁବନେ ଶକ୍ତିର ପ୍ରତିଷ୍ଠା ଲାଗି,—
ଏହି ତାର ଆଦ୍ୟ ଆୟୋଜନ ।
ହାଃ ହାଃ ହାଃ ହାଃ—
ବନ୍ଦୀକର— ।

( ଅନ୍ଧକାର ମଧ୍ୟରେ ଦେବଗଣ ବନ୍ଦୀ ହେଲେ, କବଚର ଅଟ୍ଟହାସ୍ୟ ମାତ୍ର ଶୁଣା ଯାଉଥିଲା; )

# ଦୃଶ୍ୟ— ଛଅ

## —ହିମାଚଳ ପଥ—

( ଶ୍ରୀକୃଷ୍ଣ ଓ ଉର୍ବଶୀ କଥୋପକଥନ କରୁ କରୁ ପ୍ରବେଶ କଲେ )

ଶ୍ରୀକୃଷ୍ଣ—ବୃଥା ଅଭିଯୋଗ ତବ,
କିଏ କହେ ଉର୍ବଶୀର
ଭାଗ୍ୟ ପଟେ ଲେଖା—
ଅବିରତ ଅନୁଦ୍ରୋଗ ଲାଞ୍ଛନାର ବ୍ୟଥା ?
ତୁମର ରୂପର ଗର୍ବେ
ଗର୍ବିତ ଅମର-ପୁରୀ,
ଗର୍ବିତ ଦେବତା ନିଜେ,
ତୁମେଇ ପାଇନ' କେବେ ପରିଚୟ ତାର ?
ଯୁଗ ଯୁଗ ଧରି କେତେ ଦାନବ ମାନବ—
କେତେ ସାଧକ ଅନ୍ତରେ
ଫୁଟାଇଚ ତୁମେ ଲୋ ସୁନ୍ଦରୀ—
ମୃଦୁହାସେ କାମନାର କଞ୍ଜଫୁଲ୍ ଦଳ,
ସାଧକର ସାଧନା ତୁଟିଛି,
ଜଣିଛି ଦେବତା ସିନା ତୁମରି ସକାଶେ ?

ଉର୍ବଶୀ—(ଅଭିମାନେ) ଜାଣେ ମୁଁ ଗୋବିନ୍ଦ ସବୁ,
ଦେବତା ଦେଇଛି ତାର ପୁରସ୍କାର ତେଣୁ
ଉପକାର ବିନିମୟେ

ଅଭିଶାପ ଅଜାଡ଼ି ମଥାରେ ।
ଜାଣି—କି କରିବ ପ୍ରଭୁ ?
ଦେବତାର ରାଜା ସେହୁ ବଜ୍ରଧର ନିଜେ
ଇନ୍ଦ୍ରାଣୀ କଥାରେ ମାତ ଦେଲେ ଅଭିଶାପ—
"ନୃତ୍ୟ-ଛନ୍ଦ ଭୁଲିବ ଉର୍ବଶୀ,
ପାଦ ତାର ହୋଇବ ଅଚଳ"
କି ଯେମନ୍ତ କହନ୍ତ ତୁମ୍ଭ କମଳାରମଣ !
କି ଯେମନ୍ତ ଉର୍ବଶୀ ଆଉ ରହନ୍ତା ସ୍ୱରଗେ ?

ଶ୍ରୀକୃଷ୍ଣ—ଜାଣେ ଲୋ ଉର୍ବଶୀ—
ଜାଣେ ମୁଁ ସକଳ ।

ଉର୍ବଶୀ—କିବା ନାହିଁ ଜାଣ ଅନ୍ତର୍ଯାମୀ ହରି,
ବୃଥା ମିନା ଦୋଷ ଉର୍ବଶୀରେ !
ଅଜି ତ ଦେଖୁଛ ନିଜେ—
ଗର୍ବର ସେ ପ୍ରତିଫଳ, ଅନ୍ୟାୟର ଶାସ୍ତି ?
ଦାନବର ଘରେ ଅଜି
ଦେବତା ବହୁଛି ବନ୍ଦୀ—
ବନ୍ଦିନୀ ଇନ୍ଦ୍ରାଣୀ ?

ଶ୍ରୀକୃଷ୍ଣ—ଅଉ, ତୁମେ ତାର ହୋଇଚ କମିଉ ।
ଇନ୍ଦ୍ରାଣୀର ଭୁଲେ ବହୁ ଦୁର୍ଣ୍ଣୀ ପ୍ରତିହିଂସା—
ମଦାନ୍ଧ ଦାନବ ମନେ
ଜଗାଇଲା ପ୍ରଚଣ୍ଡ ଜିଗୀଷା
ଧ୍ୱଂସ ହେଲା ସୁରପୁରୀ,
ବନ୍ଦୀ ହେଲେ ଦେବନାରୀ ଦେବତା ସହିତେ ।

ଉର୍ବଶୀ—ମାନୁଛୁ ଗୋଃବନ୍ଧ !
ଏବବେ ଆପୂର୍ତ୍ତ କର
ଜଗାଇଛ ସମର-ପିପାସା ତାର
ସ୍ୱାର୍ଥ ମୋର ସାଧନ ସକାଶେ;
ମାନ ନ ଜାଣେ କି ଲାଗି
ଦେବତାର ପରାଜୟେ ଦାୟୀ କର ମୋତେ ?
ଯୁଗେ ଯୁଗେ ଦାନବ କି
ନ ଜାଗିଛି ବିପୁଳ ବିକ୍ରମେ,
ନିସର୍ଗ-ବିଜୟ ଲାଗି ବଳାଇନି ମନ ?
ସ୍ୱରଗ ଲୁଣ୍ଠନ କରି
ଦେବତାରେ କରନି' ଲାଞ୍ଛିତ ?
ଶ୍ରୀକୃଷ୍ଣ—ସେଇ ମତେ ଯୁଗେ ଯୁଗେ
ଦାନବ ଲଭିଛୁ ଶାସ୍ତି—
ଦେବତା-ନିଗ୍ରହ ଲାଗି,
ଦେବନାରୀ ଲାଞ୍ଛନାର
ଲଭିଛ ସେ ଯୋଗ୍ୟ ପ୍ରତିଫଳ,—
ଜାଣିତ ସୁନ୍ଦରୀ ?
ଉର୍ବଶୀ—ଜାଣେ ମୁଁ ମାଧବ—
ଶ୍ରୀକୃଷ୍ଣ—ଆସ ଲୋ ଉର୍ବଶୀ ଏବେ
କର ସେ ପ୍ରୟାସ,
ଦେବତାର ଉନ୍ନତ ମସ୍ତକ ଆଜ
ଲୋଟିଇ ଧରାରେ,
ପଙ୍କିଳ ହୋଇଛି ପରା ପବିତ୍ର ସଂପଦ—
ସସମ୍ମାନେ ତୋଳି ନିଅ ତା'ରେ ।

ଦାନବ—ଲାଞ୍ଛିତା ଶଚୀ
କାନ୍ଦି କାନ୍ଦି ଭସାଏ ଧରଣୀ ।
ଭୁଲି ଅଭିମାନ
ପୋଛି ଦିଅ ସୁରବାଳା ଅଶ୍ରୁ ତା' ନୟନୁ ।।
ଦାନବ-ଦଳନେ ଏବେ କର ସହଯୋଗ ।
ଉର୍ବଶୀ—କ୍ଷମାକର ଶ୍ରୀନିବାସ ।
ସ୍ୱର୍ଗର ଏକ ରୂପ-ଜୀବୀ ସୁରଲୋକ-ନାରୀ
ଏତେ ବଡ଼ ଗୁରୁ କର୍ମେ
କି ଯୋଗ୍ୟ କରିବ ସେହୁ ସହଯୋଗ ପ୍ରଭୁ ?
ଶ୍ରୀକୃଷ୍ଣ—ଶୁଣ ତେବେ କାମୁକୀ ଉର୍ବଶୀ—
ସୁରଲୋକ—ଗ୍ଳାନି ।
ସ୍ୱର୍ଗଛାଡ଼ି ନିମ୍ନଗାମୀ ହୋଇଚ ଯଦ୍ୟପି
ଆକଣ୍ଠ ରହିଚ ବୁଡ଼ି ହୀନତାର ପଙ୍କେ ।
ରୂପ-ଗରବିଣୀ ଶୁଣ ଗୋ ଉର୍ବଶୀ !—
ମୁହିଁ ତବ ଜନ୍ମଦାତା,
ଗୋବିନ୍ଦ ଇଚ୍ଛାରେ ତବ ସମ୍ଭବ ସ୍ୱରଗେ,—
ମୁହିଁ ସେ ଗୋବିନ୍ଦ ଆଜି,
ଦିଏ ଅଭିଶାପ—
ଉର୍ବଶୀ—( ପଦତଳେ ପଡ଼ି ) ପ୍ରଭୁ ! ପ୍ରଭୁ !
କ୍ଷମାକର—କ୍ଷମାକର ଦୋଷ
ସହିଥିଲି ଦେବତାର ଶତ ଅଭିଶାପ,
ସହସ୍ର ଲାଞ୍ଛନା, ନିନ୍ଦା,
ତୁମେ ମୋର ଜନ୍ମଦାତା ଆରାଧ୍ୟ ଦେବତା
ତୁମେ ଶେଷେ ନ ହୁଅ ବିମୁଖ !

ଜନ୍ମମୋର ନିରର୍ଥକ ନକର ମାଧବ !
କହ ପ୍ରଭୁ ! ଦିଅ ହେ ଆଦେଶ
ପାଳିବ ଉର୍ବଶୀ ତାହା ଅକ୍ଷରେ ଅକ୍ଷରେ—
( ଏତିକିବେଳେ ଅମ୍ବୁ ସେ ପଥ ଦେଇ ଫୁଲ ଗୁଙ୍ଗୁଡ଼ା ହସ୍ତରେ ଶିବ ପୂଜା ଲାଗି ଯାଉଥିଲେ । ଉର୍ବଶୀ ଓ ଶ୍ରୀକୃଷ୍ଣଙ୍କୁ ଦେଖି ପୁଣି ନିଃଶବ୍ଦରେ ଫେରିଗଲେ ସେ ଦୁହିଁଙ୍କର ଅଲକ୍ଷ୍ୟରେ । )

ଶ୍ରୀକୃଷ୍ଣ—ଉଠ ଗୋ ଉର୍ବଶୀ,
ଶୁଣ ମୋର କଥା—ନିଗୂଢ଼ ମରମ କଥା—
ତୁମର ସେ ପ୍ରତିହିଂସା-ସାଧନ ସକାଶେ
କରିଚ ଯେ ଆୟୋଜନ
ଦାନବ-ଲାଳସା-ବହ୍ନି ପ୍ରଧୂମିତ କର,
ଇନ୍ଧନ ଯୋଗାଅ ତହିଁ
ଜଳୁ ସେ ପାବକ ଶିଖା !—
ବିସ୍ତାରି ବିପୁଳ କାୟା,
ଜଗାଅ କବଚ-ପ୍ରାଣେ
ଇନ୍ଦ୍ରାଣୀର ରୂପ-ତୃଷା, ଦୁରନ୍ତ ବାସନା !

ଉର୍ବଶୀ—ପ୍ରଭୁ ! ପ୍ରଭୁ !
ଦାନବ-ଦଳନେ ମୋର ସହଯୋଗ ଲୋଡ଼ି
ଏ କି ବିପରୀତ ପୁଣି
ଦେଉଛ ନିର୍ଦ୍ଦେଶ ?
କହ ବାରେ ଛଳ-ଶିରୋମଣି !—
କହ ଫେଡ଼ି ମନୋଗତ କଥା ।

ଶ୍ରୀକୃଷ୍ଣ—ବିପରୀତ କିଛି କାହିଁ କହିନାହିଁ ବାଳା !
ସ୍ୱର୍ଗରାଣୀ ଶଚୀ ତୁଲେ

ଜାଗିଲେ କାମନା—
କବଚ ଭୁଲିବ ନିଷ୍ଠା,
ତୁଟିବ ସଂଯମ ଡୋର,
ଲକ୍ଷ୍ୟ ଭ୍ରଷ୍ଟ ହେବ ସେହି ଶିବ ଶୂଳଧାରୀ ।
ଶଙ୍କର-ପ୍ରସାଦେ ପୂତ
ଯୋଗସିଦ୍ଧ ନିବାତ-କବଚ
ଦୁଷ୍କୃତ-କଳୁଷ-ପଙ୍କେ ହେଲେ ନିମଜ୍ଜିତ—
ଉର୍ବଶୀ—ସୁଦର୍ଶନେ ଧ୍ୱଂସ ହେବ ମଦାନ୍ଧ ଦାନବ,
ବୁଝିଲି ମୁଁ ଏବେ—
ଶ୍ରୀକୃଷ୍ଣ—ନା—ନା ବୁଝିନାହିଁ କିଛି
ଶିବ ଶକ୍ତି ରୁଦ୍ର ଶୂଳ ଆଗେ
ସୁଦର୍ଶନ ରହିବ ଅଚଳ,
ସଦାଶିବ-ପ୍ରତିପକ୍ଷ ନୁହେଁ ତ ମାଧବ ।
ଛାଡ଼ ସେ ପ୍ରସଙ୍ଗ—
କର୍ତ୍ତବ୍ୟ ସାଧନ କର ଉପଦେଶ ମତେ ।
କର୍ମେ ଦିଅ ମନ—
ଉର୍ବଶୀ—ହିଁ, କର୍ମହୀନା ଉର୍ବଶୀ କରିବ କର୍ମ
ତୁମରି ନିର୍ଦ୍ଦେଶେ !
ମାନି ହେ ଗୋବିନ୍ଦ !
ଦୁଃଖିନୀ ଉର୍ବଶୀ-ଦୁଃଖ ବୁଝିଲ ତ ନାହିଁ ?
ଶିରେ ବହି ଅଭିଶାପ, ଘୃଣିତ କାଳିମା—
କର୍ମେ କାହୁଁ ପାଇବି ମୁଁ ବଳ ?
ଶ୍ରୀକୃଷ୍ଣ—ଚିନ୍ତା ତେଜ ସୁରବାଳା,
ବାସବେ କହିବ ମହିଁ

ଅଭିଶାପ କରିବେ ଖଣ୍ଡନ;
ନିର୍ଦ୍ଦୟ-ମନ୍ତ୍ରଣା ତୁମେ ଦେବତାର ହିତକାମୀ,
କି ଲାଗି ବାସବ ଆଜି
ଅଭିଶାପେ ରଖିବେ ଆଚ୍ଛନ୍ନ ?
ନା—ନା ଚିନ୍ତା ତେଜ ତୁମେ
ଅବିଲମ୍ବେ ଶାପମୁକ୍ତା ହେବ ଗୋ ସୁନ୍ଦରୀ !
ଆସେ ମୁହିଁ ତେବେ । ( ପ୍ରସ୍ଥାନ )

ଉର୍ବଶୀ—ପ୍ରତିଶୋଧ—ପ୍ରତିହିଂସା
ଇନ୍ଦ୍ରାଣୀ-ବିରୋଧ ଆଦି
ଯେତେକ ପ୍ରତିଜ୍ଞା ମୋର—
କାହିଁ ପ୍ରଭୁ ମହାଶୂନ୍ୟେ କଲହେ ବିଲୀନ !
ବିପରୀତ କର୍ମେ ମୋତେ କଲ ନିୟୋଜିତ !
( ଅଗ୍ନି ଲୁଚିଥିବା ସ୍ଥାନରୁ ବାହାରି ଆସିଲେ—
ଉର୍ବଶୀ ଚମକି ଉଠିଲେ । )
କିଏ ! !—

ଅଗ୍ନି—ଚିହ୍ନି କି ନ ପାର ମୋତେ ?

ଉର୍ବଶୀ—( ଚିହ୍ନି ପାରି ) ନ ଚିହ୍ନିବି ?
ଦୈତ୍ୟରାଜ-ଘରଣୀରେ ପୁଣି !
ଉର୍ବଶୀର ଯେନ ଗୋ ପ୍ରଣତି !
ମଣାଇ ବିସ୍ମୟ
ସ୍ୱରଗ ବିଜୟୀ ବୀର
ଦୈତ୍ୟ ପତି କବଚଙ୍କ ରାଣୀ
କି କାରଣେ ଭୁଲୀ ଚଳି ତେଜି
ଚନ୍ଦନଖ-ବିଜଡ଼ିତ ହିମଗିରି ଦେଶେ ?

ବନ୍ଧୁର ଏ ଗିରି ପଥେ ଚରଣ-କମଳ
ମୁହୁର୍ମୁହୁ ରଚୁଥିବ
ଉପମା-ବିରୋଧ ସିନା ।।
( ଭଲକରି ଚାହିଁ ) ଓ, ସୁବର୍ଣ୍ଣ ଚୁଙ୍ଗୁଡ଼ି ଭରି
ପୂଜାର କୁସୁମ ହାତେ
ବୁଝିଲି ମୁଁ ଏବେ—
ଶିବପୂଜା ଲାଗି ପରି ଚାଲିଛ ଏ ପଥେ ?
କ୍ଷମାକର ରାଣି !
ଗହଣେ ନ ଦେଖି କାରେ
ପ୍ରଥମ ଦର୍ଶନେ ତେଣୁ ହେଲି ଅଚମ୍ଭିତ ।

ଅପୂ—କି ଲାଗି ମାଗୁଛ କ୍ଷମା—
କରନା ତ ଅପରାଧ କିଛୁ ?
ଭଲହେଲା, ଆସିଥିଲ ବୋଲି
ଦର୍ଶନ ଲଭିଲି ତବ ।

ଉର୍ବଶୀ—ଏ କି କଥା କହ ମହାରାଣି,
ଅଶ୍ରିତା ଉର୍ବଶୀ ତୁଲେ
କର ପରିହାସ ।।

ଅପୂ—( ମନ୍ଦ ହସ ) ନା—ନା—
ତବ ଦରଶନ ଖାଲି ଉପଲକ୍ଷ୍ୟ ମୋର;
କହେ ସତ୍ୟ ବାଳା,
ଲଭିଲି ଦର୍ଶନ ଆସି
ସୁଦର୍ଶନ ଜନାର୍ଦ୍ଦନେ ତବ ।

ଉର୍ବଶୀ—( ବଚଳିତ ହୋଇ କଥାଟା ଫାଙ୍କିଦେବା ପାଇଁ )
ନା—ନା—କିଏ ଜନାର୍ଦ୍ଦନ ?
କାହା କଥା କହୁଅଛ ଭୁଲି ?

ଅପୁ—ଜାଣେଇ ମୁଁ ସବୁ,
ଶୁଣିଛୁ ସକଳ କଥା ।
ମାନ କହେ, ଶୁଣ, ବାଳା !
ବୃଥା ହେବ ନିର୍ଦ୍ଦେଶ ତାଙ୍କର—
ଯେତେକ ଯତନ ତବ,
ଷଡ଼ଯନ୍ତ୍ର—ଅୟୋଜନ ହୋଇବ ନିଷ୍ଫଳ !
"ଦାନବ-ଦଳନ !!"
ଶୁଣି ଲାଗେ ହସ—
ଶଙ୍କର ତ୍ରିଶୂଳଧାରୀ,
ତ୍ରିଭୁବନ ବିଜୟୀ କବଚ ଯାର
ଭାଗ୍ୟ ନିୟାମକ—
ସେ ଜାତିରେ ଦଳିବ କିଏ ସେ ?
ଦେବତା ? ହାଃ ହାଃ ହାଃ ହାଃ—
କୁର୍ବିଷହ ବେଦନାରେ
ଦାନବର ବନ୍ଦୀଘରେ ସଢ଼ୁଛୁ ଯେ ଆଜି ?
ଅଭି କିଏ ? ତୁମର ସେ ଗୋବିନ୍ଦ ?
କିଛୁକ୍ଷଣ ଆଗେ ଯେହୁ
ଦେବାଦିଦେବଙ୍କ ଭୟେ
ଲବଣୀ ପିତୁଳା ସମ ପଡ଼ିଲେ ତରଳି—
ସେହି ଗୋବିନ୍ଦ ?

ଉର୍ବଶୀ—ଭୁଲିଅଛ ମହାରାଣି !

ସ୍ୱାମୀ ତବ କାମନାର ଦାସ
ଲମ୍ପଟ ସେ ମଧୁଲିଟ ସମ
ପଦାଘାତ ନାହାନ୍ତି କି
ନିବିଡ଼ ପ୍ରଣୟେ ତବ ?
ଜାଳି କି ନାହାନ୍ତି କହ
ତବ ତୁଳ୍ୟ ସତୀନାରୀ-ହୃଦେ
ବେଦନାର ତୀବ୍ର ତୁଷାନଳ ?

ଆୟୁ—ସ୍ତବ୍ଧ ହୁଅ—

ସ୍ୱର୍ଗର ତୁ ବାରନାରୀ—
ବହୁ ଶଯ୍ୟା-ନାୟିକା ଅପ୍‌ସରୀ !
ତୁ କାହୁଁ ବୁଝିବୁ
ପତି-ପତ୍ନୀ ସମ୍ପର୍କର ପବିତ୍ର ମାଧୁରୀ ?
ସତୀର ଅନ୍ତରଗତ ସ୍ୱାମୀ-ପ୍ରେମ ନିଷ୍ଠା ?

ଉର୍ବଶୀ—(ମନ୍ଦହସି) କିନ୍ତୁ ଦୈତ୍ୟରାଣି !

ବୁଝଇ ମୁଁ ଏତିକି ମାତର—
ଅବିଚଳ ନିଷ୍ଠା ତବ ଥିଲେ ଥାଉ ହୃଦେ
ପବିତ୍ରମାଧୁରୀ ଯେତେ
ସମ୍ପର୍କର ଛିଲେ,
ଶକ୍ତିଧର ସ୍ୱାମୀ ତବ
ଅନଳେ ପତଙ୍ଗ ସମ
ଝାସ ଦେବ ଖରେ—
ନିଦିବ ଲବଣ୍ୟମୟୀ ଶଚୀ-ରୂପାନଳେ ।

ନାହିଁ ଗୋ ବିଳମ୍ବ ।।—
ହାଃ ହାଃ ହାଃ ହାଃ ।

( ପ୍ରସ୍ଥାନ )

ଅୟୁ – ଶଚୀ-ରୂପାନଳେ ।।
ସତେ କି ଘଟିବ ତେବେ
ଯୋଗସିଦ୍ଧ କବଚ-ପତନ ।
ରୁଦ୍ର ଶୂଳଧାରୀ କବଚ-ମରଣ ।
ନା – ନା – ଅସମ୍ଭବ ।
'ଅୟୁ' ନାମେ ପରମାୟୁ ମୁହିଁ
ଦାନବ ରାଜାର;
ଅୟୁର ମରଣ ପୂର୍ବେ
ଅସମ୍ଭବ କବଚ-ମରଣ ।
ଅସମ୍ଭବ –

( ବିପରୀତ ଦିଗରେ ପ୍ରସ୍ଥାନ )

# ଦୃଶ୍ୟ—ସାତ

## —ଦୈତ୍ୟ କାରାଗାର—

( ବନ୍ଦୀ ଦେବଗଣ, ସମ୍ମୁଖରେ ଦୈତ୍ୟରାଜ କବଚ )

କବଚ—ହାଃ ହାଃ ହାଃ ହାଃ—
କହ ତେବେ ନିଷ୍କଳଙ୍କ ଦେବଗଣ !
ତୁମ୍ଭେ କହ—
ଭୂତପୂର୍ବ ନିସର୍ଗ ସମ୍ରାଟ୍ !—
ଗୁରୁପତ୍ନୀ ଅହଲ୍ୟା-ହରଣ ତବ
ଲୋକଶିକ୍ଷା, ଦାର୍ଶନିକ ତତ୍ତ୍ୱର ପ୍ରଚାର ?
ନୁହେଁ ସେ କଳଙ୍କ ?
ଆଉ ତୁମ୍ଭେ—କୁଶଧାରୀ ବ୍ରହ୍ମା !
ତୁମ୍ଭେ ଦିନେ ମଦନ ବିକାର ଘେନି
ନିଜର ଦୁହିତା ପଛେ ଥିଲନା ଗୋଡ଼ାଇ ?
ଆକାଶ ମଣ୍ଡଳେ ଥାଇ
ଏ ଯାଏ ସେ କୀର୍ତ୍ତି ତବ
'ମୃଗଶିର' କରଇ ପ୍ରଚାର ।
ଅନ୍ତର କହିବ ?—
ସୁନ୍ଦର ସୁଗୋଲ ମୁଖେ କଳଙ୍କର ରେଖା
ସୋମଦେବ କରନ୍ତି ଧାରଣ

ଅନାବୃତ ଲଜ୍ଜାର ସଂକେତ ।
ହାଃ ହାଃ ହାଃ ହାଃ—
ଏକେ ଏକେ କେତେ ବଖାଣିବ ?
ସୁପବନ ଦେବତାର କଳଙ୍କର ଗାଥା ?
ଇନ୍ଦ୍ର—ସ୍ତବ୍ଧ ହୁଅ ଦର୍ପିତ ଦାନବ
ଦେବଦତ୍ତ ଶକ୍ତି ଲଭି
କୃତଘ୍ନ ସମାନ
ଦେବତା ବିରୁଦ୍ଧେ ତାହା କରୁଛ ତୁଳନା ।
କିନ୍ତୁ ନଜାଣିକି ଦାନବ ସନ୍ତାନ
ସ୍ୱଜାତିର ସକରୁଣ ଇତିହାସ କଥା
ସେହି ଦେବତାର ହସ୍ତେ ଦିନେ
ଦାନବର ଧ୍ୱଂସ ?
କବଚ—ଧ୍ୱଂସ !!—ହାଃ ହାଃ ହାଃ ହାଃ—
ବିଶ୍ୱନାଶୀ ମହାଶକ୍ତି
ରୁଦ୍ରଶୂଳ କରାୟତ୍ତ ମୋର,
କିଏ ସେ କରିବ ଧ୍ୱଂସ
ତ୍ରିଭୁବନ ଜୟୀ ନିବାତ କବଚେ ?
କାର୍ତ୍ତିକ—ଦେବତା ! ଦେବତା !!
କବଚ—ହାଃ ହାଃ ହାଃ ହାଃ—
କିଏ କହେ ଏ କଥା ?
ଓ, ପାର୍ବତୀ ନନ୍ଦନ କୁମାର କାର୍ତ୍ତିକ ?
ଦେଖ—ବାରମ୍ବାର କହୁଛି ତୁମକୁ
ତୁମ୍ଭେ ମୋର ଇଷ୍ଟଦେବ
ସ୍ୱୟମ୍ଭୂ ଶଙ୍କର-ସୁତ—

କବଚର ସଂପର୍କେ ଅନୁଜ,
ତହିଁ ପରେ ସୁକୁମାର ଶିଶୁ—
ହଁ, ଶିଶୁ ତ ନିଶ୍ଚୟ !
ତବ ମୁଖେ ଅସ୍ଖଳନ
ବୀରତ୍ୱର ବାକ୍ୟ-ଆଡ଼ମ୍ବର—
ନା—ନା, ସାଜେ ନା କୁମାର !
ହଁ, କରୁଥିଲ ଯୁଦ୍ଧ ସେନାପତି ସାଜି ।
ନିସର୍ଗ ଭୁବନେ କାହିଁ—
କାନନର କାନନଶ୍ରୀ ମେଳେ,
ସେହି ଅଭିଜ୍ଞତା ଘେନି
କରୁଛ ସାହସ ତୁମେ ଦୁଗ୍ଧ ପୋଷ୍ୟଶିଶୁ
ସ୍ତମ୍ଭିତ କରିବ ବୋଲି ବୀରେନ୍ଦ୍ର କବଚେ ?
ନା—ନା—ତୁମେ ସେହି
ମୟୂର ବାହନେ ବସି
ବୁଲୁଥାଅ ନଭଭୁବନ
କାମିନୀମୋହନ ତବ ରୂପରଙ୍ଗ ଘେନି !
କହିବ ତ—
ଏହି ଦଣ୍ଡେ କରିଦେବି ମୁକ୍ତ !
କୋଣାର୍କ—ଓଃ ! କହ ପିତା ! କହ ତ୍ରିଲୋଚନ !
ପରମ ଈଶ୍ୱର ତୁମେ—
କେତେ ଦିନେ ତୁଟିବ ତାମସୀ ନିଶା !
ମହା ପାପ, ଅନ୍ୟାୟ, ଅଧର୍ମ-ଗ୍ଳାନି ?
କେତେ ଦିନେ ଜାଗିବ ହେ
ଶୂଳୀ ଶମ୍ଭୁ ଶଙ୍କର ଦେବତା !

ଭବତ—ହାଃ ହାଃ ହାଃ ହାଃ—
ମହାପାପ !!
କାହାକୁ କହୁଛ ପାପ ?
ଯୁଗ ଯୁଗ ଧରି ଶୋଷଣ କରି ଆସିଛ
ଦାନବ ରକତ ତୁମ୍ଭେ ଦାମ୍ଭିକ ଦେବତା !
ସୁରାସୁର-ଶକ୍ତି ଯୋଗେ
ଅର୍ଜିତ ସଂପଦ ଯେତେ
ସାଗର ମନ୍ଥନ କାଳେ—
ଦେବତା ହୋଇଛି ତାର ଏକା ଅଧିକାରୀ !
ସ୍ୱାର୍ଥପର ଦେବତାର
କୁଟିଳ ଚକ୍ରାନ୍ତେ
ମାୟାକନ୍ୟା ମୋହିନୀ ସୃଜନ,
ଅସୁର ପାଇଲା ତେଣୁ ଅମୃତର ସ୍ୱାଦ !
ଏ ନୁହେଁ ଅନ୍ୟାୟ ତବ
ଅନୀତି ବା ପାପ ?—
ଯେତେ ପାପ କରେ ଏହି ଦାନବ ଜାତିଟା !!
କହରେ ଦେବତା !—
ଦେଖିଛ କି କେବେ କେହି
ଦାନବର ଆଚରଣେ
ହୀନ କୁଟିଳତା ?
ଲଭିଛି ଶକତ ସେହି ନକରି ସାଧନା ?
ଛଳନାର ନେଇଛି ଆଶ୍ରୟ ?
କହିକି ପାରିବ ଦେବେ ?
ଶକ୍ତିର ପରୀକ୍ଷା ଲାଗି ନକରି ଆହ୍ୱାନ

ଶରୀରର ଅସ୍ଫାଳନ
କରୁଛ ଦାନବ କେବେ ?
ବ୍ରହ୍ମା—ଆଜ ଦୈତ୍ୟରାଜ !—
ନିଜର ପୌରୁଷ ନିଜେ
କରୁଛ ପ୍ରକୃତ କିମ୍ବା ବନ୍ଦନ ଆଗେ ?
ଦେବତା କାହାନ୍ତି ଏଥି ?
ନିର୍ଜୀବ ନିସ୍ତେଜ ମାନ
ଦେହ କେତେ ଖଣ୍ଡି—
ଅନ୍ଧକାର କାରାଗାରେ ଦେଖୁଛ ଦାନବ !
କବଚ—ବାଃ, ପ୍ରଜାପତି କହିଲେ ତ ଭଲ—
ହଁ, ବିବେକ-ବର୍ଜିତବନ୍ତ,
ନଜାଣି କହନ୍ତି ଆଜ ପିତାମହ ବୋଲି !
ହଁ, ଅନ୍ଧକାର କାରାଗାରେ
ହେଉଥିବ କଷ୍ଟ—ଜାଣେ,
ଅଚ୍ଛା, ଅନ୍ୟ କିଛି ଅସୁବିଧା ଥିଲେ
ପ୍ରକାଶ ଚଞ୍ଚଳ
କରିବି ବ୍ୟବସ୍ଥା;
ହଁ, ଭୁଲିଛି ମୁଁ,—
ଅନ୍ତରେ ପରଶୁ ଥିବ
ବେଳେବେଳେ କାମନାର ପଞ୍ଚଫୁଲ ଶର—
ହଁ—କାମଦେବ ରହିଛନ୍ତି
ସଙ୍ଗେ ଯେତେବେଳେ !
ମାନ, ଦୁଃଖିତ ମୁଁ ଦେବଗଣ
ବହୁତ ବ୍ୟବସ୍ଥା ତାର

ନପାରେ ମୁଁ କର;
ଦେବନାରୀ—ଅପ୍‌ସରୀ କାନ୍ତାରୀ ଯେତେ
ଦାନବର ଘରେ ଘରେ
ବିଚରନ୍ତି ପ୍ରୀତି,
ଆଜି ନିଜେ ସ୍ୱର୍ଗ ରାଣୀ ଶଚୀ
ଭୂତପୂର୍ବ ବାସବ-ଘରଣୀ—
ଚିନ୍ତା ନାହିଁ—କବଚର ଅନ୍ତଃପୁରେ
କବଚ ଅନ୍ତରେ ସେହୁ
ପ୍ରେମଭରେ କରନ୍ତି ବସତି ।
ହୁଅନ୍ତୁ ଦେବତା ପଛେ—
ନାରୀ ସେହୁ—ଶକ୍ତିମାନ ପୁରୁଷର
ଚିର ଅନୁଗତା । ହାଃ ହାଃ ହାଃ ହାଃ—

( ହସି ହସି ପ୍ରସ୍ଥାନ )

ଇନ୍ଦ୍ର—ଓଃ ! ହେ ପିତାମହ !

ବ୍ରହ୍ମା—ହେ ବାସବ !
କା ହେବ ଏ ତପ୍ତ ଶ୍ୱାସ ତୋଳି
ନିର୍ଜୀବ ଶକତି ଯହିଁ—?

[ କିଛିକ୍ଷଣ ପରେ ବିପରୀତ ଦିଗରୁ ଅତି ସନ୍ତର୍ପଣରେ ଗୃହଅଡ଼କୁ ଗୃହିଁ ଗୃହିଁ ବଡ଼ ଗୃହୀଟିଏ ଧରି ତୋଡ଼ର ପ୍ରବେଶ; ପ୍ରବେଶ କରି ପ୍ରଥମେ କାରଦ୍ୱାର ଫିଟାଇବାକୁ ଗଲା—ଫେରି ଆସି କଣ ଭାବିଲା—ପୁଣି ଗଲା ଫିଟାଇବାକୁ ।

ବ୍ରହ୍ମା—କିଏ ! କିଏ ତୁମ୍ଭେ !!

ତୋଡ଼—ଧୀରେ ଦେବଗଣ ଧୀରେ । ମୁଁ ଯେ ହୁଏ, ମତେ ଜାଣି କଣ୍ଟ ଲଭ ନାହିଁ—ଖାଲି ଜାଣିରଖ—ମୁଁ ତମମାନଙ୍କୁ ମୁକ୍ତ କରିଦେବାକୁ ଆସିଛି ।

ଇନ୍ଦ୍ର—ମୁକ୍ତ କରିଦେବ—ତୁମେ ?

କାର୍ତ୍ତିକ—କାହାର ଆଦେଶରେ ? ଦାନବ ପୁରୀରେ କିଏ ସେ ଦେବତାର ହିତକାମୀ ?

ତୋଡ଼—ହିତକାମୀ କି—ନା—ସେ କଥା କହି ପାରିବି ନାହିଁ, ତେବେ ମହାରାଣୀଙ୍କ ଆଦେଶ—

ଇନ୍ଦ୍ର—ମହାରାଣୀ ?

ତୋଡ଼—ହଁ ମହାରାଣୀ—ଦୈତ୍ୟରାଣୀ ନିଜେ । ଶୁଣ, ବେଶି କଥା କହିବାର ଅବସର ନାହିଁ । ମୁଁ ତୁମମାନଙ୍କୁ ମୁକ୍ତ କରି ଦିଏ ଆଗେ—

[ଦ୍ୱାର ଫିଟାଇବାକୁ ଗଲାବେଳେ ସିଂହନାଦ ପ୍ରବେଶକରି ଡାକିଲେ]

ସିଂହନାଦ—କ୍ଷାନ୍ତ ହୁଅ ତୋଡ଼ !

ତୋଡ଼—( ଫେରିପଡ଼ି ) କିଏ ? ଓ, ସେନାପତି ମହାଶୟ । ସେ କଣ କହୁଛନ୍ତି ଆପଣ ? ( ନାମାଙ୍କିତ ମୁଦ୍ରିକା କାଢ଼ି ) ଏଇ ଦେଖନ୍ତୁ ଆଦେଶ—

ସିଂହନାଦ—ଜାଣେ, ଅସୁର ଆଦେଶ; ତଥାପି ମୁଁ ବାଧାଦେବି—

ତୋଡ଼—କାହିଁକି ବାଧା ଦେବେ ? ଏଥିରେ ଦାନବଜାତିର ମଙ୍ଗଳ ହେବ, ଅନ୍ୟାୟର ବାଟ ବନ୍ଦ ହେବ, ଜାତିର ଭାଗ୍ୟବିଧାତା ତାଙ୍କର—

ସିଂହନାଦ—ତୁନି ହୁଅ; କଣ ଜାଣ ତୁମେ ଦାନବଜାତିର ଭାଗ୍ୟ ବିଧାତାର କଥା ? ଦଳିତ ଦାନବର ଅନ୍ତରର ବାଣୀ ?

ତୋଢ଼ି—ଆପଣ ତ ନିଜେ ମହାରାଣୀଙ୍କ ମୁହଁରୁ ସବୁକଥା ଶୁଣି ଏଥିରେ ରାଜି ହୋଇଥିଲେ ?

ସିଂହନାଦ—ହଁ, ହୋଇଥିଲି; ତଥାପି—ଜାଣି ତୋଢ଼ି ! ଏହାର ଶାସ୍ତି କଣ ?

ତୋଢ଼ି—ତୋଢ଼ିର ମୃତ୍ୟୁ ! ମହାରାଣୀଙ୍କ ପାଇଁ ମୁଁ ମରିବାକୁ ପ୍ରସ୍ତୁତ ସେନାପତି ମହାଶୟ ! ତା ଛଡ଼ା—ମୋପରି ଗୋଟାଏ ଲୋକର ମୃତ୍ୟୁରେ ଏତେ ବଡ଼ ଦାନବଜାତିର କ'ଣ ଯାଏ ଆସେ ? ଆପଣ ବାଧା ଦିଅନ୍ତୁ ନାହିଁ—ଏଥିରେ ଦାନବ-ଜାତି ବଞ୍ଚି ରହିବ, ଦୈତ୍ୟରାଜ ବଞ୍ଚି ରହିବେ ।

ସିଂହନାଦ—ଚୁପ୍ କର । ଜାଣ ନା ତୁମେ ଦୈତ୍ୟରାଜ ନିବାତ-କବଚର ଜୀବନ ଦୈତ୍ୟରାଣୀ ଅପ୍ସୁର ଜୀବନ ସଙ୍ଗେ ନିବିଡ଼ ଭାବେ ଗୁନ୍ଥା ରହିଛି । ଅପ୍ସୁର ମରଣ ବିନା—ନା, ସେସବୁ କଥା ଏଠି କାହିଁକି ? ତୁମେ ଫେରିଚାଲ ତୋଢ଼ି—

ତୋଢ଼ି—ଏକ କଥା ସେନାପତି ମହାଶୟ ! ଆପଣ ମହାରାଣୀଙ୍କ ଭାଇ—ନିଜ ଭାଇ—ଆପଣ ଶେଷରେ—? ନା, ନା ବାଧା ଦିଅନ୍ତୁ ନାହିଁ—ଦାନବଜାତିକୁ ଅକୂଳରେ ଭସାଇ ଦିଅନ୍ତୁ ନାହିଁ । ( ପୁଣି ଦ୍ୱାର ପିଟାଇବାକୁ ଉଦ୍ୟତ )

ସିଂହନାଦ—ନା-ନା-ନା । ଏତେ ବଡ଼ ଦୁର୍ବଳତା, ଏତେ ବଡ଼ ବିଶ୍ୱାସଘାତକତା ! ମୁଁ ତାହା ସହ୍ୟ କରି ପାରିବି ନାହିଁ । ନା, ନା—ତୁମେ ଆସ ତୋଢ଼ି ! ଆସ, ଚାଲି ଆସ—

( ତୋଢ଼ିକୁ ଟାଣି ନେଇ ଚାଲିଗଲେ )

ଇନ୍ଦ୍ର—ଦେବତାର ମୁକ୍ତିଲାଗି ଦାନବରାଣୀର ଏତେ ଆଗ୍ରହ ଯେ. ପିତାମହ !

ବ୍ରହ୍ମା—ସ୍ୱାମୀଙ୍କୁ ପାପ-ପଥରୁ ଦୂରରେ ରଖିବାର ଏ ପ୍ରୟାସ,—ଶିବ ଶୂଳଧାରୀ ଦାନବର ନିଷ୍ଠା ଅବିଚଳିତ ରଖିବାର ଏ ଉଦ୍ୟମ, ଦେବରାଜ ।

କାର୍ତ୍ତିକ—ମାନ ଏପରି କାପୁରୁଷର ମୁକ୍ତ ଦେବତା ଗୃହେ ନା'—

( ନେପଥ୍ୟରୁ ଭାସି ଆସିଲା କାହାରି କଣ୍ଠର କରୁଣ ଆର୍ତ୍ତନାଦ ଆଉ କବଚରେ ଅଟ୍ଟହାସ୍ୟ ଶବ୍ଦ । )

କାର୍ତ୍ତିକ—ହେ ପିତାମହ !

ଇନ୍ଦ୍ର—ଶୁଣୁଛ, ଶୁଣୁଛ ତ ପଦ୍ମଯୋନି ?

ବ୍ରହ୍ମା—ଶୁଣୁଛି ବାସବ !—

ସମସ୍ତେ—ଓଃ !!—

( ଅମ୍ବୁ ଧାଇଁ ଧାଇଁ ପ୍ରବେଶ କଲେ—ପୃଷ୍ଠ ଦେଶରେ ତାଙ୍କର ବଦ୍ଧ ହୋଇଛି ଗୋଟିଏ ଶର—ରକ୍ତର ଧାର ଛୁଟିଛି ! )

ଅମ୍ବୁ—କାହାନ୍ତି, କାହାନ୍ତି ଦେବତାଗଣ ! ( ଦେଖି ) ଏ କଣ ! ଏ ଯାଏ ଭାଗ୍ୟକଷରେ ବସିରହିଛ ମୀରବ ନିଶ୍ଚିନ୍ତ ?

ବ୍ରହ୍ମା—କିଏ ତୁମ୍ଭେ ନାରୀ ?

ଅମ୍ବୁ—ଚିହ୍ନିପାରୁ ନାହଁ ମୋତେ ? ନା-ନା, ଚିହ୍ନିବାର ତ ଆଉ ପ୍ରୟୋଜନ ନାହିଁ । ତେବେ, ତୋଡ଼ି କାହିଁକି ଦାନବରାଣୀର ଆଦେଶ ପାଳିଲ ନାହିଁ ? ଆଉ ଯେ ବେଳ ନାହିଁ । ଓଃ ଓଃ ଜଳିଗଲି ! ପୋଡ଼ିଗଲି ! ଏ ପ୍ରଚଣ୍ଡ ଉତ୍ତାପ ଯେ ମୋର ସହନ ଶକ୍ତିର ଅତୀତ—!!

ଇନ୍ଦ୍ର—ଓ, ତୁମ୍ଭେ—ତୁମ୍ଭେ ଦାନବରାଣି ? ଶାନ୍ତହୁଅ । କ'ଣ ହୋଇଛି—କହ ଶୀଘ୍ର—

ଅପ୍ସୂ—ଯା ହେବାର ତା ହୋଇଛି; ହଁ—ଯା ହେବାର ତା ହୋଇଛି । ରେ ମୂର୍ଖ, ଅନ୍ଧ, ପାଷଣ୍ଡ ଦେବତା ! ଅନ୍ତର୍ଯ୍ୟାମୀ ପରା ତୁମ୍ଭେମାନେ ? କଅଛି କ'ଣ ଜାଣି ପାରୁନାହଁ ?

ବ୍ରହ୍ମା—ଦାନବର ଘରେ ଦେବତାର ଜାଣିବାର କ'ଣ ଅଛି ରାଣୀ ?

ଅପ୍ସୂ—ତେବେ ଦେବନାରୀ ଲଞ୍ଛିତା ହେଉ, ଅପମାନିତା ହେଉ, ସତୀତ୍ୱ ତାର ବଳି ଦେଉ ଦାନବର କାମନା-ବେଦୀରେ ।

ଇନ୍ଦ୍ର—( ଅସହ୍ୟ ହେଲା ପରି ) ଦୈତ୍ୟରାଣି ! !

ଅପ୍ସୂ—ହାଃ ହାଃ ହାଃ । ଦାନବର ଭୁଜବନ୍ଧରେ ଦେବତାର ନାରୀ, ଲଜ୍ଜିତ ଯୌବନ ଧେନ—

ଇନ୍ଦ୍ର—କିଏ, କିଏ ଦୈତ୍ୟରାଣୀ ?

ଅପ୍ସୂ—ଇନ୍ଦ୍ରାଣୀ ! ଇନ୍ଦ୍ରାଣୀ ! ନା, ରକ୍ଷା କରି ପାରିଲି ନାହିଁ ! ଉଦ୍ଧାର କରି ପାରିଲି ନାହିଁ ପ୍ରଭୁଙ୍କୁ ମୋର ! ସବୁ ଚେଷ୍ଟା ବିଫଳ ହେଲା—ସବୁ ବ୍ୟର୍ଥ ହେଲା ! ଦୈତ୍ୟରାଜ ବାଣ କଲେ ଜ୍ୱାଳାମୁଖୀ ଶର ! ଏଇ ଦେଖ—

( ବକ୍ଷବିଦ୍ଧ ଶର ଦେଖାଇଲେ )

ଦେବଗଣ—ଓଃ ! !—

ଅପ୍ସୂ—ଅଙ୍ଗ ଅଙ୍ଗେ ଖେଳିଯାଏ ସୁତୀବ୍ର ଦହନ ଜ୍ୱାଳା ତାର ! ଓଃ, ଓଃ ଜଳିଗଲି ! ପୋଡ଼ିଗଲି !! ତେବେ କଣ—ତେବେ କଣ—

( ଦେହ ତଳକୁ ଢଳି ପଡ଼ିଗଲେ, ପଡ଼ିଯାଇ ଛଟପଟ ହେଲେ— ଦୂରରୁ ପୁଣି ଆର୍ତ୍ତନାଦ ଓ ଅଟ୍ଟହାସ୍ୟ ଭାସି ଆସିଲା )

ଅପ୍ସୂ—ଏହ ଶୁଣ ! ଶୁଣି ପାରୁଛ ଦେବତା ? ଓଃ, ଓଃ ଆଉ ସହି ପାରୁ ନାହିଁ ଏ ଜ୍ୱାଳା ! ସ୍ୱାମୀ ! ଦେବତା ମୋର !! ଏ କ'ଣ

କଲ ? ଏ କ'ଣ କଲ ? ନାଃ, ଯାଉ ତେବେ ଅୟୁ ଶେଷ ପାଇ—ଦାନବର ଅୟୁ ଶେଷ ପାଇ । ଦଅ, ଦଅ ଦେବତା । ଏଇ ଶରଟା କାଢ଼ି ଦଅ ଏଥର । —ଜ୍ୱାଳା ଯେ ଅସହ୍ୟ ।।।

ବ୍ରହ୍ମା—ଦୈତ୍ୟରାଣୀ ।।

ଅୟୁ—ସତେ ତ, ତୁମେମାନେ ତ କାରାକକ୍ଷରେ ବନ୍ଦୀ । କିପରି ବା ଦେବ ? ତେବେ, କିଏ—କିଏ ଦେବ ଅୟୁକୁ ଏ ଜ୍ୱାଳାରୁ ମୁକ୍ତି ?

( ସହସା ଉର୍ବଶୀର ପ୍ରବେଶ )

ଉର୍ବଶୀ—ମୁହିଁ ଦେବ ମହାରାଣୀ ।—

( ନଇଁପଡ଼ି ଶରଟା ଅୟୁର ପୃଷ୍ଠ ଦେଶରୁ ଟାଣି ଆଣିଲେ )

ଅୟୁ—ତୁମେ । ତୁମେ ।। ଓଃ-ଓଃ, ଦାନବର ଅୟୁ ଶେଷ । ଆ—ୟୁ—ଶେ—ଷ । ଓଃ—ସ୍ୱା—ମୀ । ସ୍ୱା—ମୀ ।।

( ମୃତ୍ୟୁ )

ଇନ୍ଦ୍ର—ଏ କ'ଣ କଲ ।।

ଉର୍ବଶୀ—କର୍ମ, କର୍ମଯୋଗୀ ଗୋବିନ୍ଦଙ୍କ ନିର୍ଦ୍ଦେଶରେ ।

ଇନ୍ଦ୍ର—କିଏ ତୁମେ ?

ଉର୍ବଶୀ—ଅଭିଶପ୍ତା ଉର୍ବଶୀ ଦେବରାଜ । ( ପ୍ରସ୍ଥାନ )

ସକଳେ—( ବିସ୍ମୟେ ) ଉର୍ବଶୀ ।।। —

# ଦୃଶ୍ୟ—ଆଠ

## —କୈଳାସ-ଗିରି-ପଥ—

( ମହାଦେବ ଓ ଶ୍ରୀକୃଷ୍ଣ )

ମହାଦେବ—ଜାଣ ବନମାଳି !
ଦୈତ୍ୟରାଣୀ ଅସୁର ମରଣ ସଙ୍ଗେ
କବଚର ପରମାୟୁ ହୋଇଛି ଜଡ଼ିତ—
ନିୟତିର ବିଚିତ୍ର ନିୟମେ— ।
ଶ୍ରୀକୃଷ୍ଣ—ଜାଣେ ସଦାଶିବ !
ଯେ ଯାଏ ଜୀବିତ ଥାନ୍ତା
ଅସୁରୂପୀ ଦାନବ ଘରଣୀ
ନୁହନ୍ତା ସମ୍ଭବ କେବେ
କବଚ-ମରଣ;
ସେଥିଲାଗି ଛିନ୍ନକରି ନିୟତିର ସୂତ୍ର
କବଚ-ମରଣ-ପଥ
ମୁକ୍ତ କଲି ମୁହିଁ ।
ମହାଦେବ—ଓ, ତୁମେ ତେବେ ବିଶ୍ୱଚକ୍ରୀ
ଚକ୍ରଧାରୀ ବିଷ୍ଣୁ—
ଅରମ୍ଭିଛ ମାୟା-ଚକ୍ର-ଲୀଳା ?
ଭଲ, ଭଲ—ମାତ୍ର
ଜାଣନା ଗୋବିନ୍ଦ ପରା

ଜାଣନା ସେ ଶୂଳଧାରୀ
ଦାନବ ଅମର ?
ଯେ ଯାଏ ସେ ରୁଦ୍ରଶୂଳ କରଛୁ ଧାରଣ
କାହାର ଶକତି ନାହିଁ
ରୁଦ୍ର ତେଜେ ତେଜୋଦୀପ୍ତ
ଦାନବେ ବଧିବ ।।
ଶ୍ରୀକୃଷ୍ଣ—ତୁମ୍ଭେ ତେବେ ଗୃହିଁ ଶୂଳପାଣି ।
ଶକ୍ତଶୂଳ ଅଧିକାରୀ
ରହିବ ଅବଧ ?
ଦେବତାର ଗର୍ବ ଦମ୍ଭ ଦଳି
ଚିରଦିନ ଲଗି ସ୍ୱର୍ଗ କରିବ ଶାସନ ?
ସୁରନାରୀ କ୍ରୀତଦାସୀ
ହେବେ ଦାନବର, ଭୋଗର ସାମଗ୍ରୀ ?
ମହାଦେବ—ନା, ନା, ନୁହେଁ ତାହା ଅଭିପ୍ରାୟ ମୋର;
ଭାବଛ କି ନାରାୟଣି—
ମରମେ ନ ବାଧେ ମୋର
ଦେବତା-ନିଗ୍ରହ-ବ୍ୟଥା ?
ଶୁଭିରେ-ହୁଙ୍କାରେ ନାହିଁ
ଦେବନାରୀ-କରୁଣ କ୍ରନ୍ଦନ ?
ଶ୍ରୀକୃଷ୍ଣ—ତେବେ କେସନେ ରହିଛ କହ
ସ୍ୱୟମ୍ଭୁ ଶଙ୍କର !—
ଅବିକଳ, ଅଚଞ୍ଚଳ, ପ୍ରଶାନ୍ତ ମାନସେ ?
ମହାଦେବ—କି ଅବା କରିବି କହ ରାଧିକାରମଣ ?
କି ବୋଲି ଫେରାଇ ନେବି

ଦତ୍ତ ଆଶୀର୍ବାଦ ?
ବିନାଦୋଷେ ଭକ୍ତଜନେ କରିବ ବଞ୍ଚନା ?
ଶ୍ରୀକୃଷ୍ଣ—ଅଳପେ ସନ୍ତୁଷ୍ଟ ତୁମେ
ନାମ ଆଶୁ ତୋଷ—
ଅପାତ୍ରେ ଦେଇଛ ତୋଳି
ବିପୁଳ ଶକତି,
ଆଘାତ କୁଠାର ସେହୁ ଧରମର ମୂଳେ
ସୃଷ୍ଟିରେ ବୁହାଇ ଦେବ
ବ୍ୟଭିଚାର-ବନ୍ୟା !—
ଚାହିଁ କାହିଁ ହଜିବ ଗହନେ ।
ମୁହୂର୍ତ୍ତେ ହୁ ବିକମ୍ପିତ ହେବ ବିଶ୍ୱତଳ !
ନାହିଁ କି ମହେଶ କିଛୁ
ଯୋଗ୍ୟ ପ୍ରତିକାର ?
ମହାଦେବ—( ମନ୍ଦହସ ) ତୁମେ ହିଁ ତ ଯୁଗେ ଯୁଗେ
ବିଶ୍ୱଭ୍ରାନ୍ତି କରିଛ ଖଣ୍ଡନ—
ଲିଭାଇଛ ଅଧର୍ମର ଗ୍ଲାନି !
ଦଳିତ ପୀଡ଼ିତ ଜନ—
ଶୃଙ୍ଖଳ ମୋଚନ କରି
ସମ୍ଭାବିତ କରିଛ ଲାଘବ ?
ତୁମେ ହିଁ ତ ଦାଇତ୍ୟାରି ଅଘବିନାଶନ—
କି ଲାଗି ସ୍ୱୟମ୍ଭୁ ସନେ କରୁଛ କଟାଳ ?
ତୁମେ କହ ଉପାୟ ବିଚାରି—
ଶ୍ରୀକୃଷ୍ଣ—ହାଃ ହାଃ ହାଃ ହାଃ—
କହିଲ ତ ଭଲ ଭୂତନାଥ !

ଧ୍ୱଂସର ନିଶାଣ ସମ ସୃଷ୍ଟି ନାଶକାରୀ
ଶକ୍ତି ଯେବେ ହେଲ ତୋଳି
ମଦାନ୍ଧ ଦାନବ କରେ—
କୃଷ୍ଣ କାହିଁ ଥିଲ କହ ସେତେବେଳେ ?
ଆଜ ଯେବେ ତୁମର ପ୍ରସାଦେ କ୍ଷିପ୍ତ
ବିମୂଢ଼ ଦାନବ
ଧ୍ୱଂସ ମୁଖେ ତ୍ରିଭୁବନ
ଫିଙ୍ଗଇ କଣ୍ଟକ—
ଉପାୟ-ବିଚୁର-ଭାର
କରୁଛ ଅର୍ପଣ ମୋତେ ?
ନା-ନା, ମୁଁ କି ଜାଣେ କରିବ ଉପାୟ—
ଯୋଗସିଦ୍ଧ ଦୈତ୍ୟର ନିଧନ
ଯୋଗେଶ୍ୱର ନ କଲେ ସମ୍ଭବ ?
ମହାଦେବ—ଯୋଗେଶ୍ୱର-ହାତେ କହ
କାହିଁ ପ୍ରତିକାର ?
କାନୁ—ନିଧନ !
(ଚମକିତ ପରି) ପୁଣି ସେ ଦାନବ-ନିଧନ କଥା
କହ ନାରାୟଣ ?
ଶ୍ରୀକୃଷ୍ଣ—କହେ ସଦାଶିବ
ଆଜ ସେ ଦାନବ ବନ୍ଦୀ
କରିଛି ଅମରେ,
ଦେବନାରୀ କାଙ୍କରି ଚରଣେ,
ସ୍ୱରଧାର କରି ବୈଜୟନ୍ତ ପୁରୀ
ବିଶ୍ୱଶାନ୍ତି କରିଛି ବିପନ୍ନ !

କିଏ ବା କହିବ କାଲି ସେହି ପଦତଳେ
ନ ଦଳିବ ଦେବଗଣେ—
ଲାଞ୍ଛନାର କଷାଘାତେ ଜର୍ଜରିତ କରି ?
ଜଘନ୍ୟ କାମନା ଧରି
ନ କରିବ ଦେବନାରୀ
ଇନ୍ଦ୍ରାଣୀ-ସତୀତ୍ୱ' ପରେ ହୀନ ଆକ୍ରମଣ ?
ମହାଦେବ—( ବିଚଳିତ ହୋଇ ) ଇନ୍ଦ୍ରାଣୀ-ସତୀତ୍ୱ !!!
ନା, ନା, ଏ କି କଥା କହ ବାସୁଦେବ ?
ଏ ନୁହେଁ ସମ୍ଭବ କେବେ !
ଜାଗ୍ରତ ରହିଛି ଶିବ ରୁଦ୍ର ଦିଗମ୍ବର
ଶୂଳପାଣି ପ୍ରଳୟ ଦେବତା—
କାହାର ଏ ଦମ୍ଭ
କିଏ ସେ କରିବ କ୍ଷୁର୍ଣ୍ଣ
ଦେବନାରୀ ଇନ୍ଦ୍ରାଣୀର ସତୀତ୍ୱ-ମହିମା ?
ନା—ନା, ହେଉ ସେ କବଚ—
ହେଉ ସେ ଶଙ୍କର-ଭକ୍ତ
ଶିବଶୂଳ ଧାରୀ—
ଶଙ୍କର ନ ଦେବ କ୍ଷମା,
ମୃତ୍ୟୁଜୟୀ ଲଭିବ ମରଣ !!
ଶ୍ରୀକୃଷ୍ଣ—ସତ୍ୟ ତେବେ—
ସତ୍ୟ ଏ ଅନ୍ତର ବାଣୀ ଆଶ୍ୱାସନା ତବ ?
ମହାଦେବ—ସତ୍ୟ ଏ ପ୍ରତିଜ୍ଞା ହର !
ସଦାଶିବ-ମୁଖ-ମୁକ୍ତ ବାଣୀ !
ବିଡ଼ମ୍ବିତ ହୁଏ ଯେବେ

ଦେବନାରୀ-ସତୀତ୍ୱ-ସମ୍ମାନ,
ଅଭିଯୁ ଦେଉଛନ୍ତି ନିଜେ—
ଦେବ ତ୍ରିଲୋଚନ;
ନାହିଁ ଏଥି ମିଥ୍ୟା ଆଡ଼ମ୍ବର—
ନିଶ୍ଚିତ ସେ ଶକ୍ତିଧର ଦାନବ-ମରଣ ।

ଶ୍ରୀକୃଷ୍ଣ—ଧନ୍ୟ ହେଲେ ଦେବଗଣ
ଧନ୍ୟ ବସୁନ୍ଧରା—
ଧନ୍ୟ ହେଲ ସୃଷ୍ଟିତବ ନିର୍ଭର ବଚନେ ।
କହ ତ୍ରିଲୋଚନ, କହ ଏବେ,
କେସନେ ସମ୍ଭବ ହେବ
ଦାନବ-ନିଧନ ?

ମହାଦେବ—ଜାଣି ତ ଗୋବିନ୍ଦ ।
ଶିବ-ଶକ୍ତି-ଅଧିକାରୀ
ଯୋଗସିଦ୍ଧ ନିବାତ କବଚ ?
ଶଙ୍କର ପ୍ରସାଦ ରୂପୀ
ଶକ୍ତିର ଆୟୁଧଧାରୀ
ସିଦ୍ଧବ୍ରତ ଯୋଗୀ ବିନା
ସାଧ୍ୟ ନୁହେଁ, ମାରିବ ଦାନବେ କେହି ।

ଶ୍ରୀକୃଷ୍ଣ—ତେବେ ଦିଅ ବୋଲି ଯୋଗେଶ୍ୱର ।
ଯୋଗସିଦ୍ଧଜନ ହସ୍ତେ
ଶକ୍ତିର ଆୟୁଧ—
ଦେବତା ହୁଅନ୍ତୁ ମୁକ୍ତ
ରକ୍ଷାହେଉ ଦେବ ନାରୀ-ସତୀତ୍ୱ ସମ୍ମାନ,
ବିଶ୍ୱବକ୍ଷୁ ଲଭିଯାଉ ଅଧର୍ମର ଗ୍ଲାନି ।।

ମହାଦେବ—( ଉଦ୍ଭ୍ରତଭାବେ ) ଯୋଗସିଦ୍ଧ-ଜନ !!
ଓ, ବୁଝିଲି ମୁଁ—
( ଖୁସି ହୋଇ ) ତୁମ୍ଭେ ତ ବୋଲାଅ ଭବେ
କର୍ମଯୋଗୀ ବୋଲି,
କାହିଁ ଅଛ ଯିବ ଯୋଗୀ ଖୋଜ ?
ତୁମ୍ଭେ ଯେବେ ବୈକୁଣ୍ଠବିହାରୀ—
ତୁମ୍ଭ କରେ ତୋଳି ଦେବି
ଦାନବ ନିଧନ ଲାଗି
ଶଙ୍କର ଆୟୁଧ ସାର ଦିବ୍ୟ 'ପାଶୁପତ' ।
ଶ୍ରୀକୃଷ୍ଣ—ହାଃ ହାଃ ହାଃ—
ହସାଇଲ ଭୋଳାନାଥ !
ଯମୁନାର କୂଳେ କୂଳେ
ଗୋଧନ-ପାଳନ ଯା'ର କୁଳ ବ୍ୟବସାୟ,
ଗୋପନାରୀ ମେଳେ ଯାର
ସଂସାର-ସାଧନା,
ସେ ପୁଣି ହୋଇବ କାହୁଁ
ସିଦ୍ଧବ୍ରତ ଯୋଗୀ !!
ହାଃ ହାଃ ହାଃ ହାଃ—
ମହାଦେବ—ତେବେ କାହିଁ ଯିବ ଖୋଜି
କହ ଜନାର୍ଦ୍ଦନ—
ସିଦ୍ଧବ୍ରତ ଯୋଗୀଜନ ମନ ଅନୁରୂପ ?
ଶ୍ରୀକୃଷ୍ଣ—କାହିଁ କିଏ ଥିବ ଭକ୍ତ
ଶଙ୍କର ସାଧନ ଲାଗି
ସଦାଶିବ ଧ୍ୟାନେରତ ଦେବ କି ମାନବ—

ମହାଦେବ—ମାନବ !—

ଶ୍ରୀକୃଷ୍ଣ—ହଁ, କୃଷ୍ଣ ତ ମାନବ ପୁଣି,
ଯାଚୁଥିଲ ଶକ୍ତିର ଆୟୁଧ ଯାରେ ?
ଥାଏ ଯେବେ କେହି କାହିଁ
ପୁରୁଷ ପୁଙ୍ଗବ ବୀର—
ଶିବାଶିଷ ଯୋଗ୍ୟଜନ,
ବୃତ୍ତାସୁରୀ, ଶକ୍ତି ଅହରଣେ,
ଯୋଗବଳେ କଲେ ଅନୁମାନ
ପରଲୋକ ହେବ ତ୍ରିପୁରାର !
ଯାଏ ମୁହିଁ, ବିଦାୟ ମହେଶ !—

( ପ୍ରସ୍ଥାନ )

(ଶିବ ଗଭୀର ଚିନ୍ତାରେ ବୁଡ଼ି ରହିଲେ)

ମହାଦେବ—ଗୋବିନ୍ଦ ! ଓ—
ଯାଇଛନ୍ତି ଚାଲି ପର !
କିନ୍ତୁ, କିଏ ସେହି ପୁରୁଷପୁଙ୍ଗବ !
ସେ କଣ ମାନବ ?
କିଏ ସେ ମାନବ ତେବେ—
ଶକ୍ତି ଅହରଣେ ବୃତ୍ତାସୁରେ ରତ !!

( ପାର୍ବତୀଙ୍କର ପ୍ରବେଶ )

ପାର୍ବତୀ—ପ୍ରଭୁ ! ପ୍ରଭୁ ! ଏହି ତ—

(ଶିବଙ୍କର ଏପରି ଅବସ୍ଥା ଦେଖି ନୀରବ ହେଲେ)

ମହାଦେବ—(ସେହିପରି ଅନ୍ୟମନସ୍କ ଭାବରେ) ହଁ, ହୋଇଛି ସ୍ମରଣ,
ନରୋତ୍ତମ ତୃତୀୟ ପାଣ୍ଡବ

ବୀରଶ୍ରେଷ୍ଠ ଧନଞ୍ଜୟ
ଶକ୍ତିର ସାଧନା ରତ,
ବ୍ରତାଗ୍ନିର ପାଳି କରେ ଶିବ-ଆରାଧନା !
ହଁ—ହଁ —ଯୋଗ୍ୟଜନ—
ମିଳିଛି ସନ୍ଧାନ !
(ଚମକି) କିଏ !! ଓ, ଉମା !
ପାର୍ବତୀ—କିଛିକ୍ଷଣ ପୂର୍ବେ ଆସି
ଦେଖଇ ଅମଙ୍କ ତବ
ତଦ୍‌ଗତ ଭାବନାରତ ନିବିଷ୍ଟ ମୂରତି !
ଯାଇଥିଲି ବିଶ୍ୱ ପର୍ଯ୍ୟଟନେ,
ଫେରୁଛି ମୁଁ ଏବେ—
ମୁଁ ମଧ୍ୟ ଆସିଲି ଦେଖି
ହିମାଚଳ ବନେ
ନୀରବେ ସାଧନାରତ ପାଣ୍ଡବ ଫାଲ୍‌ଗୁନୀ—
ଉନ୍ନତ ବିଶାଳ ବକ୍ଷ
ଦେହ-ତେଜେ ବିଚ୍ଛୁରିତ ଜ୍ୟୋତି,
ଏକନିଷ୍ଠ ଯୋଗୀସମ
ଶିବ-ଧ୍ୟାନେ ରତ !
କି ହେତୁ କହ ତ ପ୍ରଭୁ !—
ଯୋଗମଗ୍ନ ମାନବ ଫାଲ୍‌ଗୁନୀ !
ମହାଦେବ—ଶକ୍ତିଲାଭ ଲାଗି ଉମା !
ଧରଣୀର ପାପରାଶି ବିନାଶ କାରଣେ
ଧରାଧର କର୍ମଯୋଗୀ
ମାଧବ ଇଙ୍ଗିତେ ପାର୍ଥ

ଶକ୍ତିର ଦେବତା ଶିବେ
କରେ ଆରାଧନା !
ପାର୍ବତୀ—ତେବେ ଦିଅ ତାରେ ଶକ୍ତି ତୋଳି
ଶକ୍ତିର ଦେବତା !
ବିଶ୍ୱର ଏ ବିପଦ ପଙ୍କିଳ ମୁହୂର୍ତ୍ତେ
ଧର୍ମର ପ୍ରତିଷ୍ଠା ଲାଗି
କୃଷ୍ଣ ସଖା ପାର୍ଥେ ଦିଅ
ବିପୁଳ ଶକତି—
ମହାଦେବ—ଦେବି ଗୋ ଗିରିଜା !
ମାନବର ଶିର'ପରେ ଆଶୀଷ ବିଭୂତି ।
ଦେବ ଧର୍ମ ରକ୍ଷା ଲାଗି
ଅମୋଘ ଶକତି ତାରେ
କରିବି ଅର୍ପଣ !
ସେହି ଏକା ଯୋଗ୍ୟ ଜନ
ରଖିବ ମହତ୍ତ୍ୱ ତାର,
ଗୌରବ ଅମ୍ଳାନ;
ଆସ ଉମା, ଦେଖିବ କୌତୁକ !

(ତୋରଣ ପଥ ଦେଇ ଦୁହେଁ ନିଷ୍କ୍ରାନ୍ତ ହେଲେ)

# ଦୃଶ୍ୟ—ନଅ

—ହିମାଳୟ ଗିରିଶ୍ରେଣୀ—ଅର୍ଜୁନଙ୍କ ତପସ୍ୟା ସ୍ଥଳ—

(ଦୁଇ ବିପରୀତ ଦିଗରୁ ଅର୍ଜୁନ ଓ ଶିବାନୁଚର ନନ୍ଦୀଙ୍କର ପ୍ରବେଶ; ଅର୍ଜୁନଙ୍କ ହସ୍ତରେ ଜଳପୂର୍ଣ୍ଣ ଭୃଙ୍ଗାର)

ଅର୍ଜୁନ—କିଏ ତୁମେ ?

ନନ୍ଦୀ—ତୁମେ କିଏ ?

ଅର୍ଜୁନ—ମୁଁ ଜଣେ ତପସ୍ୱୀ—ଶକ୍ତିର ସାଧକ ।

ନନ୍ଦୀ—ଓ, ସେଇଥିପାଇଁ ମତେ ଚିହ୍ନି ପାରିଲ ନାହିଁ ?

ଅର୍ଜୁନ—ଚିହ୍ନିବା କଥା ନୁହେଁ । ଏହି ନିର୍ଜନ ହିମାଳୟ ପ୍ରଦେଶରେ ହଠାତ୍ ତୁମଭଳି ଜଣେ ଶୁଦ୍ଧ କାଞ୍ଚନ-କାନ୍ତି, ଜଟାଜୂଟଧାରୀ ଦିବ୍ୟ ସୁପୁରୁଷ ଦେଖି ମନେ ହେଲା—

ନନ୍ଦୀ—ମନେ ହେଲା ! ! କଅଣ ମନେ ହେଲା ? କିହୋ—ଆମ ଚଳପ୍ରଚଳ ଜାଗା ଯେ, ଯିବା ଆସିବା ବାଟ ଯେ—ଆମକୁ ଦେଖି ପୁଣି 'ମନେ ହେଲା' ତୁମର ?

ଅର୍ଜୁନ—କ୍ଷମାକର; କିଏ ତୁମେ ଯୋଗୀବର ?

ନନ୍ଦୀ—ବର-ଫର ନୁହେଁ, ତେବେ ଯୋଗୀ । ଯୋଗୀବରଙ୍କର ସେବକ, ଅନୁଚର ।

ଅର୍ଜୁନ—ଅର୍ଥାତ୍ ତୁମେ—?

ନନ୍ଦୀ—ଆମେ 'ନନ୍ଦୀ' ।

ଅର୍ଜୁନ—ନନ୍ଦୀ !! ଦେବାଦିଦେବ ଶଙ୍କରଙ୍କ ନର୍ମ ସହଚର ନନ୍ଦୀ !! ଅଧମର ପ୍ରଣାମ ଗ୍ରହଣ କର ଦେବ !

( ପ୍ରଣାମ କଲେ )

ନନ୍ଦୀ—ପ୍ରଣାମ ଗ୍ରହଣ କର ପାରେ, ମାତ୍ର ଅଶୀର୍ବାଦ କିଛି ଦେଇ ପାରିବ ନାହିଁ । ତୁମେ କିଏ ଯେତେବେଳଯାଏ ନ ଜାଣିଛି ।

ଅର୍ଜୁନ—ସାମାନ୍ୟ ଧରାର ମାନବ –

ନନ୍ଦୀ—ମାନବ ତ ଚିରକାଳ ସାମାନ୍ୟ ! ତେବେ ତୁମ ନାଁ କଣ ? ଘର କେଉଁଠି ?

ଅର୍ଜୁନ—ତୃତୀୟ ପାଣ୍ଡବ ଅର୍ଜୁନ ମୁଁ ଦେବ !

ନନ୍ଦୀ—ଓ, ତାହା ହେଲେ ଅବଶ୍ୟ ତୁମେ ସାମାନ୍ୟ ନ ହୋଇ ପାର । ତୁମେ ଏଠି ? ଅସ୍ତ୍ର ଧର ଯୁଦ୍ଧ କରିବା ଲୋକ – ତୁମେ ଆସି ଏହି ହିମାଳୟ ପର୍ବତ କନ୍ଦରରେ ବସି ଯୋଗ-ସାଧନାରେ ବ୍ୟସ୍ତ ? କଥା କଅଣ ?

ଅର୍ଜୁନ—ଯେଉଁ ଯୁଦ୍ଧ ତୁମେ କଳ୍ପନା କରୁଛ ନନ୍ଦୀ – ସେହି ଯୁଦ୍ଧ ପାଇଁ ତ ଶକ୍ତି ସଂଗ୍ରହ କରିବାକୁ ହେବ ପାଣ୍ଡବଗଣଙ୍କୁ ? ଆଜ ସେହି ଉଦ୍ଦେଶ୍ୟରେ ମୋର ଏହି କଠୋର ସାଧନା, ଶକ୍ତିଶ୍ୱର ଶିବ-ଆରାଧନା !

ନନ୍ଦୀ—ଏଁ ! ଶିବ-ଆରାଧନା !! ଆହେ, ତୁମେ ପୁଣି ସେହି ପାଗଳା ଭୋଳାଙ୍କର ଅନୁଗ୍ରହ ପାଇବାକୁ ବ୍ୟାକୁଳ ହେଲଣିଟି ?

ଅର୍ଜୁନ—ସେ ଅନୁଗ୍ରହ ନ ମିଳିଲେ ପାଣ୍ଡବକୁଳ ନିତାନ୍ତ ହତଭାଗ୍ୟ: ପର ପାପର ଚକ୍ରତଳେ ପେଷି ହୋଇଯିବେ – ଅନ୍ୟାୟ ଓ ଅଧର୍ମର ଘୂର୍ଣ୍ଣି ପାକରେ କାହିଁ ନିଶ୍ଚିହ୍ନ ହୋଇଯିବେ· ନନ୍ଦୀ !

ନନ୍ଦୀ—ଏଇନେ ତ ପୁଣି ସାରା ସୃଷ୍ଟିଟା ସେଇ, ସେଇ ଅନ୍ୟାୟ-ଅଧର୍ମର ଘୂର୍ଣ୍ଣିପାକରେ ପଡ଼ି ଛଟ ପଟ ହଉଚି ? ଯାଉ, ନନ୍ଦୀର କଣ ଯାଏ ଆସେ ? ମହାକାଳଙ୍କୁ ତ ମହାନଶା ଲାଗିଚି – ଏଇଟେନ ଦେଖ ମଜା !

( ଚାଲି ଯାଉଥିଲେ )

ଅର୍ଜୁନ—ଦେବ !

ନନ୍ଦୀ—କ'ଣ ଅର୍ଜୁନ ? ନା ନା ତୁମକୁ ମୁଁ କିଛି କହୁନାହିଁ – ତେମେ ଯୋଗସାଧନା କରୁଚ କର, ଶକ୍ତି ମାଗୁଚ ମାଗ; ମାତ୍ର ଫଳ କ'ଣ ହବ କେଜାଣି ! ! ଯାଉ, ନନ୍ଦୀର ସେଥିରେ କ'ଣ ଯାଏ ଆସେ ! ହର ହର ବମ୍ – ହର ହର ବମ୍ –

( ପ୍ରସ୍ଥାନ )

ଅର୍ଜୁନ—ସାରାସୃଷ୍ଟି ଆଜି ଅନ୍ୟାୟ ଅଧର୍ମର ଘୂର୍ଣ୍ଣିପାକରେ !! ତେବେ କ'ଣ ଦେବରାଜଙ୍କ ଆଶଂକା ସତ୍ୟରେ ପରିଣତ ହୋଇଛି ? ଉତ୍କ୍ଷିପ୍ତ ଦାନବର ବ୍ୟଭିଚାରରେ – ନା, ନା, ସେ ଦାରୁଣ କଳ୍ପନା, ସେ ଭୟଙ୍କର ପରିଣତି ପାର୍ଥର ମନକୁ ଆଜି ଆଚ୍ଛନ୍ନ ନକରୁ, କର୍ତ୍ତବ୍ୟ ପଥରୁ ତାକୁ ବିଚ୍ୟୁତ ନ କରୁ, ସାଧନାର ସଂଯମ ତାର ଭସାଇ ନ ଦେଉ !

( ଆସନସ୍ଥ ହେଲେ ) ହେ ପରମେଶ୍ୱର ତ୍ରିନୟନଧାରୀ ଶଙ୍କରେଶ୍ୱର ମହାକାଳ ! କହ, କେତେଦିନେ – କେତେଦିନେ – ଏ ଦୀନ ପାଣ୍ଡବର ଇଚ୍ଛା ପୂର୍ଣ୍ଣ କରିବ ପ୍ରଭୁ ? ଅନ୍ୟାୟ-ଅଧର୍ମର ଘୂର୍ଣ୍ଣିପାକକୁ ବକ୍ଷ ମେଲି ଅର୍ଜୁନ ଯେ ବସି ରହିଛି ତୁମର ଆଶିଷ ଲାଗି ଅଞ୍ଜଳି ବଢ଼ାଇ ! ଆଶୀର୍ବାଦ ଦିଅ ପ୍ରଭୁ !

ଭିକ୍ଷାଥାଳ ପୂର୍ଣ୍ଣକର ଆଶୁତୋଷ ।। ଶିବ । ଶିବ । ଶିବ ।
ଶିବ ।—ଶିବ ।—ଶିବ ।

( କ୍ରମେ କ୍ରମେ ଧ୍ୟାନସ୍ଥ ହେଲେ )

( କନୈକ ପରପୁଷ୍ଟକାୟ 'କଇତ'ର ପ୍ରବେଶ )

କଇତ—ହଁ, ଏଇଥାନ୍ ଠିକ୍ ହବା । ଜନ୍ତୁ ଯନ୍ତ୍ରାର ଥାନ୍ ଇଠା । ଅରେ ଯାଃ—ତୀର୍ ଧନୁକ୍ ତ ଭୁଲ୍ ଅଇଛ ମୁଇଁ । ( ଡାକଲା ) କେତ୍କା ! ଲୋ କେତ୍କା ।।

( କଇତପତ୍ନୀ କେତକୀର ପ୍ରବେଶ )

କେତକୀ—କାଁରେ ? ସବୁବେଳେ ତୁଇ ଏମ୍‌ନେ ଟଜର୍ ଗଜର୍ କର ମରୁ କେନେ ରେ ?

କଇତ—ଅଲୋ । ତୀର୍-ଧନୁକ୍ ଛାଡ଼ି ଅଇଛ ମୁଇଁ—ଶିକାର କର୍‌ବ କେନ୍ତା ? ଯା'ତ—ମୋର ତୀର-ଧନୁକ୍ ଆର୍ ଭାଲ୍‌ଠା ଝଟ୍‌ପଟ୍ ନେଇ ଅଇବୁ—

କେତକୀ—ମୋର କେ' ଯାଏ ରେ—

କଇତ— ଦେଖ୍ କେତ୍କୀ ! କଥା ନାଇଁ ଶୁନ୍‌ଲେ ଫେର—

କେତକୀ—ଆଃ, ଦକ୍ କରୁ କେନେ ରେ ?

(ଏ ଗୋଲମାଲରେ ଅର୍ଜୁନଙ୍କ ଧ୍ୟାନ ଭଙ୍ଗିଲେ,—ସେ ଅସ୍ଥିର ହୋଇ ଉଠିପଡ଼ିଲେ—ଆସନରୁ ଓହ୍ଲାଇ ଆସିଲେ । )

ଅର୍ଜୁନ—ଓଃ ଏ କି କଲକୋଳାହଳ ! କିଏ ତୁମେ ?

କଇତ—( ଦେଖି ) ତୁ କିଏ ବେଠା ?

ଅର୍ଜୁନ—ମୁଁ ଜଣେ ଯୋଗୀ ।

କିରାତ—ହାଃ ହାଃ ହାଃ, ଯୋଗୀ ! କେନ୍ ଯୋଗୀରେ ତୁଇ ? ଇଠାନେ ତ ଯୋଗୀବର ମହାକାଳ୍ ରହୁଚେ !—ଇଟା କଇଲାସ୍ । ତୁଇ ଫେର୍ କେନ୍ ଏକ୍ ଯୋଗୀ ? କାଇଁ ତୋର୍ ନିବାସ୍ ?

ଅର୍ଜୁନ—ନିବାସ ମୋର ଏହି ମର୍ତ୍ତ୍ୟଭୂମିରେ କିରାତ ! ମୁଁ ସେହି ଯୋଗୀବର ଶଙ୍କରଙ୍କ ଆରାଧନାରତ । ତୁମେମାନେ ଏ ସ୍ଥାନ ଛାଡ଼ି ଚାଲି ଯାଅ—ମୋର ଯୋଗ ସାଧନାରେ ବାଧା ଦିଅ ନାହିଁ—

କିରାତ—ଆରେ ରଖ୍ ତୋର ସାଧ୍ନା ! ଇ-ଠାନେ ଆମର୍ ଘର ଦୁଆର୍ । ଇଟା ଆମର ରାଇଜ—ଇଟା ଛାଡ଼ି ଆମେ କାଇଁ ଚଲିଯିବାରେ ବୋକା ? ତୁଇ ଯା—ନା—ଚଲ୍—

କେତକୀ—ଆଚ୍ଛା, ତୁଇ କେନ୍ଲାଗି ଯୋଗ୍-ସାଧ୍ନା କରୁ କହତ ?

ଅର୍ଜୁନ—ସେ ଅନେକ କଥା—

କେତକୀ—କହ ତ ଶୁନି ?

ଅର୍ଜୁନ—ଶକ୍ତି ଲଭି ଲାଗି ।

କିରାତ—ହାଃ ହାଃ ହାଃ ହାଃ ! ଶକ୍ତି କେନ୍ତା ଗଜ୍‌ରେ ବେଟା ?

ଅର୍ଜୁନ—ତୁମେ ବୁଝିପାରିବ ନାହିଁ; ତୁମେ ଏସ୍ଥାନ ଛାଡ଼ି ଚାଲିଯାଅ —

କିରାତ—ହାଃ ହାଃ ହାଃ । ଇ-ଥାନ୍ ମୁଇଁ ଛାଡ଼ି ନାଇଁ ପାରେ—ନା !

କେତକୀ—ତୋର ନାମ୍ କି ? ତୁଇ କି କେନ୍ ରାକ୍ଷସ୍ ?

ଅର୍ଜୁନ—ନା, ମୁଁ ମନୁଷ୍ୟ—ତୃତୀୟ ପାଣ୍ଡବ ଅର୍ଜୁନ !

କିରାତ—ଏଁ ! ! ଅର୍ଜୁନ ତୁଇ ? ପାଣ୍ଡୁରାଜାର ପୁତା ? ତୁଇତ ମସ୍ତବୀର୍—ବଡ଼ା ବଲୀୟାର୍ ଶୁନିଛେ ମୁଇଁ ! ଫେର୍ କେନ୍ ଲାଗି— ?

ଅର୍ଜୁନ—ଓଃ, ! ଏକି ବାଧା—ଏକି ବିଡ଼ମ୍ବନା ସୃଷ୍ଟି କଲ ପ୍ରଭୁ ?

କିରାତ—ଏଃ, ପ୍ରଭୁ—ପ୍ରଭୁ କର ମର୍‌ବୁ ତୁଇ ! କେଁଠା ପ୍ରଭୁ, କେଁଠା ଗୁକର ରେ ? ମାଗିଲେ କି ଶକ୍ତି ମିଲେ ରେ ବୋକା ? ତୁଇ ମାହାବୀର୍ ଅର୍ଜୁନ—ଭିକାରୀ ସମାନ୍ ତୁଇ ଭିକ୍ ମାଙ୍ଗୁ କେନେ୍ ରେ ? ଶକ୍ତିର ନମୁନା ଦେଖା—ମାହାକାଲ୍ ତୋକେ ଖୁସିସେ ବର ଦେବା—ହାଃ ହାଃ ହାଃ !

ଅର୍ଜୁନ—ଏକି କଥା କହ ତୁମେ ? ନଗଣ୍ୟ ମାନବ ପାର୍ଥ—ଶକ୍ତିର ପରୀକ୍ଷା ଦେବ ଶକ୍ତୀଶ୍ୱର ଆଗେ ?

କେତକୀ—ଦେଖିରେ କିରାତ୍ !—ଦେଖୁଛୁ ?—କେନ୍ତା ପୁରଷ୍ଟ ଶିକାର୍ ! ! ( ନେପଥ୍ୟ ଦେଖାଇଲା )

କିରାତ—( ଗୁହଁ ) କାଇଁ ଲେ କେତକୀ ? ହାଁ ହାଁ ଦେଖିଲି ମୁଇଁ ଦେଖିଲି ! ହାଁ ହାଁ, ଗଣ୍ଡାର୍—ବଡ଼ା ପୁରଷ୍ଟ ଗଣ୍ଡାର୍—ବାଃ ! କପାଲ୍ ମୋର୍ ତେଜ୍ ଅଛେ ଲେ—

କେତକୀ—ଚୁପ୍ କର ବସ୍ ତ ! ମୁଇଁ ନେଇ ଆଏ ତୋର୍ ତୀର୍ ଆର୍ ଧନୁକ୍ ! ହାଁ—ଗୁହିଁଥା— ( ପ୍ରସ୍ଥାନ )

ଅର୍ଜୁନ—ତୁମ୍ଭେ ମଧ୍ୟ ଯାଅ ଏ ସ୍ଥାନ ଛାଡ଼ି, କିରାତ !

କିରାତ—ଚୁପ୍, ଅସ୍ତ୍ରେ ! ଶିକାର୍ ଫସ୍‌କି ଯିବାରେ ବୋକା !—

ଅର୍ଜୁନ—ଶିକାର ମୁଁ କରିବାକୁ ଦେବ ନାହିଁ ତୁମକୁ; ଏ ପବିତ୍ର ସାଧନାର ସ୍ଥଳ ମୁଁ ପ୍ରାଣୀ-ରକ୍ତରେ ରଂଜିତ ହେବାକୁ ଦେବି ନାହିଁ କେବେ—ସାବଧାନ ! !

କିରାତ—କି ! କିରାତକୁ ତୁଇ ଶାସନ୍ କରୁ ଅର୍ଜୁନ ? ଦେଖି—ଚୁପ୍ କର ଦେଖି କିରାତର୍ ଶିକାର—

ଅର୍ଜୁନ—ନା, ତୁମେ ଗୁଲିଯାଅ—ଗୁଲିଯାଅ ଏ ସ୍ଥାନ ଛାଡ଼ି, ନଚେତ୍—

କିରାତ—ନଟେର୍ ? ନଟେର୍ କାଁରେ ? କାଁ'ଠା କର୍‌ବୁ ତୁଇ ?
ମୁଇଁ କର୍‌ବ ଏ ଶିକାର୍—ଜରୁର୍ କର୍‌ବ—
ଅର୍ଜୁନ—ଅସମ୍ଭବ ।
କିରାତ—କା ! ! ବେଡ଼େ ସାହାସ୍ ତ ତୋର୍ ? ଛାଡ୍—ସାମ୍ନା ଛାଡ଼ି ଦେ ଅର୍ଜୁନ—କଥା ମାନ୍—
ଅର୍ଜୁନ—ନା—ନା—ନା—
କିରାତ—ତେବେ—ରେ ବାଗୁଲ୍ ! ତୋକେ ପହିଲେ ଶିକାର କର୍‌ବ ମୁଇଁ—
ଅର୍ଜୁନ—ତେବେରେ ବର୍ବର ! ଅର୍ଜୁନ—ହସ୍ତରେ ତୋର ମରଣ ହେଉ ଆଜ—
କିରାତ—କାଡ୍, କାଡ୍ ତୋର ହତିଆର୍ ! ମୁଇଁ ଖାଲି ହାତେ ଯୁଝିବ ତୋ ସାଥେ ।
ଅର୍ଜୁନ—ଅସ୍ତ୍ର କାହୁଁ ପାଇବ ତପସ୍ୱୀ ? ପାର୍ଥର ଏ ବାହୁଯୁଗ ତୋର ମରଣାସ୍ତ୍ର କିରାତ ! ମଲ୍ଲ ଯୁଦ୍ଧେ ଯଦି ରାଜି—ଆସ !
କିରାତ—ହାଃ ହାଃ ହାଃ ହାଃ—ରାଜି ! ଆଏ—ଆଏ ତେବେ ! ହୁଁ ଉଁ ଉଁ ଉଁ—

( ଦୁହେଁ ମଲ୍ଲଯୁଦ୍ଧରେ ମାତିଲେ,—ହିମାଚଳ ଯେପରି କାମ୍ପି ଉଠିଲା ସେ ଯୁଦ୍ଧରେ,—ଘୋରଆଡ଼ ଅନ୍ଧକାର ହୋଇ ଆସିଲା,—ପ୍ରଭଞ୍ଜନ-ଗର୍ଜ୍ଜନ କରି ଉଠିଲା । ଦେହ—ଘର୍ଷଣରେ ଯେପରି ବିଜୁଳି ଚମକିଲା—ଦୁହେଁ ଦୁହିଁଙ୍କି 'ବଳୀୟାର—ଅର୍ଜୁନ ଶ୍ରାନ୍ତ, କିରାତ ମୂର୍ଚ୍ଛା । ତଥାପି ଯୁଦ୍ଧ ଚାଲିଛି । )

ଅର୍ଜୁନ—ଉଃ । ଉଃ । ।
କି ଅମିତ ପରାକ୍ରମ ଧରେ ଏ କିରାତ !
ରୁଦ୍ର ତେଜ ବିକଟେ ଶରୀର-ସନ୍ଧାତେ,

ଧରଣୀ ଉଠଇ କମ୍ପି
ଚରଣ-ଚାଳନେ—
ଅନାୟାସେ ସହ୍ୟ କରେ
ଅର୍ଜୁନର ପ୍ରଚଣ୍ଡ ପ୍ରହାର ! ! !

କିରାତ—ଦେ'ରେ, ଦେ'ରେ ଅର୍ଜୁନ୍ ! ଶକ୍ତିର ନମୁନା ଦେଖା—

ଅର୍ଜୁନ—ଉଃ ଉଃ, କାହିଁ ଶକ୍ତି—କାହିଁ ଶକ୍ତି !!
ଅବଶ ହୋଇଛି ଅଙ୍ଗ
ବାହୁଯୁଗ ଅଚଳ ନିସ୍ପନ୍ଦ,
ଉଃ, କିଏ—କିଏ ତୁମେ—
ମହାକାଳ ସମ
ଶକ୍ତିଶାଳୀ ବିରାଟ ପୁରୁଷ
ଅର୍ଜୁନର ପରାକ୍ରମେ ରହିଛ ଅଟଳ ?
ସତ୍ୟ କି କିରାତ ତୁମେ ?—
ଅବା ତୁମେ ଶୂଳୀ ଶମ୍ଭୁ—
କୈଳାସ-ବିହାରୀ ନିଜେ
ଛଳିବାକୁ ଆସିଅଛ ଅଧମ ଅର୍ଜୁନେ ?

କିରାତ—ହାଃ ହାଃ ହାଃ ହାଃ ! ! !—

( ଅନ୍ଧକାର ମଧ୍ୟରେ କିରାତର ଅନ୍ତର୍ଦ୍ଧାନ )

ଅର୍ଜୁନ—ଏଁ ! କାହିଁ—କାହିଁ ସେ କିରାତ ! !

( ଦିବ୍ୟ ଆଲୋକ ଭିତରେ 'ହର-ପାର୍ବତୀ'ଙ୍କର ଆବିର୍ଭାବ; ଶିବଙ୍କ ହସ୍ତରେ ଦିବ୍ୟ 'ପାଶୁପତ' )

ମହାଦେବ—ଏହି ଯେ ସମ୍ମୁଖେ ତୋହର ପାର୍ଥ
କିରାତ କିରାତ-ପତ୍ନୀ—ଶଙ୍କର ପାର୍ବତୀ ।
ଶକ୍ତିର ପରୀକ୍ଷା ଦାନି

ପାଣ୍ଡବ ଫାଲ୍‌ଗୁନୀ
ଶଙ୍କରଙ୍କରେ କରିଛ ମୋହିତ !
ଜଗତେ ବରେଣ୍ୟ ବୀର
ନରଦେବ ପାର୍ଥ !—
ଘେନରେ ଅଂଜଳି ପାତ
ସଦାଶିବ-ଆଶୀର୍ବାଦ
ଶଙ୍କର ଏ ଆଦ ପ୍ରହରଣ
ଦିବ୍ୟ ଅସ୍ତ୍ର ପାଶୁପତ ଅମୋଘ ଶାୟକ ! ( ଅସ୍ତ୍ରଦେଲେ )

ଅର୍ଜୁନ—ହେ ଶଙ୍କର ଦେବାଦିଦେବ,
ଶଙ୍କରୀ ଜଗନ୍ମାତା !
ଭୈରବ-ଭୈରବୀ !
ପାର୍ଥର ପ୍ରଣତି ଘେନ, କର ଆଶୀର୍ବାଦ—
ଅପୂର୍ବ ଏ ମହାଦାନ
ଅମୋଘ ଆୟୁଧ—
ବିଶ୍ୱର କଲ୍ୟାଣ ଲଗି ହେଉ ନିୟୋଜିତ !
( **ପ୍ରଣତ ହୋଇ, ଉଠି ଚାହିଁଲା ବେଳକୁ କେହି ନାହାନ୍ତି.** )
ଏ କଣ ! କାହାନ୍ତି ମହେଶ !
କାହାନ୍ତି ଜନନୀ ଉମା ! !—
( **ସହସା** ଶ୍ରୀକୃଷ୍ଣଙ୍କର ପ୍ରବେଶ )

ଶ୍ରୀକୃଷ୍ଣ—ଜନକ ଜନନୀ ଲଗି ବ୍ୟସ୍ତ ହେବ ପଛେ;
ଦିବ୍ୟ ଅସ୍ତ୍ର ପାଶୁପତ
ଶୋହେ ତବ କରେ,
ଶଙ୍କର-ଆଶୀର୍ବାଦେ ବିଶ୍ୱେ ତୁମ୍ଭେ
ଅଜେୟ ଶକତି ଧର,

ମାନବ କି ହେବ ଏ ଶଙ୍କାଲଭି
କହତ ଫାଲ୍‌ଗୁନୀ ?
ଧର୍ମ-ଲୋପ ହେଲାଣିତ ଏବେ
ଅଧର୍ମର ଗ୍ଲାନି ଭରି ଜାଣିଲ ଧରଣୀ,
ସୁର-ଲୋକ କଳଙ୍କିତ
ପ୍ରତିଷ୍ଠିତ ଅସୁର ଶାସନ ତହିଁ,
ଦାନବର କାରାଗାରେ ବନ୍ଦୀ ଦେବଗଣ ।।
ଅର୍ଜୁନ—ସତ୍ୟ ତେବେ !
ଦାନବ ଦେଇଛି ଦଳି
ଦେବତାର ପବିତ୍ର ଗୌରବ ?
ସତ୍ୟ ତେବେ ଦେବଗଣ
ଲାଞ୍ଛିତ ଦାନବ କରେ—
ବାସବ ଯା କରୁଥିଲେ ଶଙ୍କା ?
କହ ତେବେ ସଖା—
କାହାନ୍ତି ବାସବ ନିଜେ ?
କାହାନ୍ତି ବା ସୁରନାରୀ
ସତୀ ସୀମନ୍ତିନୀ ବାସବ ଘରଣୀ ଶଚୀ
ପାର୍ଥର ଜନନୀ ?
ଶ୍ରୀକୃଷ୍ଣ—ଘରଖାର ସ୍ୱର୍ଗପୁରୀ କହିଲି ଫାଲ୍‌ଗୁନୀ !
ଦେବଗଣେ ବନ୍ଦୀ କରି ଖାଲି
ଚରିତାର୍ଥ ହେବ କି ସେ ଅସୁର-ବାସନା ?
ରଖିଛି ଲୁଚାଇ ତେଣୁ
ଇନ୍ଦ୍ରାଣୀ ଶଚୀରେ ସେହୁ ନିଜ ଅନ୍ତଃପୁରେ;
ସତ୍ୟ ସୀମନ୍ତିନୀ ବୋଲି
ବୋଲୁଛ ଯାହାରେ ପାର୍ଥ !—

ଦାନବ-ଶକତି ଆଗେ
କେତେକ୍ଷଣ ପାରବେ ସେ ସତୀତ୍ୱ ବଞ୍ଚାଇ ?
କାହିଁବା ଉଦ୍ଧାର-ଆଶା,
ଧର୍ଷିତା ଇନ୍ଦ୍ରାଣୀ—ମାନ-ରକ୍ଷଣ ଭରସା ?

ଅର୍ଜୁନ—କ୍ଷାନ୍ତ ହୁଅ, କ୍ଷାନ୍ତ ହୁଅ, ଜନାର୍ଦ୍ଦନ !
କରନ୍ତୁ ପ୍ରତିଜ୍ଞା ଦାନେ
ଦେବନାରୀ—ମାତୃଜାତି-ସମ୍ମାନ ରକ୍ଷଣେ
ଅର୍ଜୁନ ତା ଶେଷ-ରକ୍ତ ଦାନ
ଶକ୍ତିର ପରୀକ୍ଷା ଦେବ
ଢାଳିବ ଜୀବନ !
କରେ ଧୃତ ପାଶୁପତ ଅମୋଘ ଶାୟକ
ସଦାଶିବ-ଆଶୀର୍ବାଦ—
ଅଜେୟ ଶକତି ଏବେ !
ନାହିଁ ଭୟ—ନାହିଁ ଶଙ୍କା—
ଆଶୀର୍ବାଦ କର ହେ ମାଧବ !
ଦାନବେ ଭେଟିବ ପାର୍ଥ
ଉଦ୍ଧାରିବ ଜନନୀ ଇନ୍ଦ୍ରାଣୀ !!

ଶ୍ରୀକୃଷ୍ଣ—ଆସ ବୀର ପାଣ୍ଡବ ଫାଲ୍ଗୁନୀ
ନାରୀ ଧର୍ମ ରକ୍ଷାକର
ଧର୍ମର ପ୍ରତିଷ୍ଠା ଏବେ
ଶକ୍ତି ଶିବ ଅଧିଷ୍ଠିତ ହେଉ ଧରାତଳେ
ପରିପୂର୍ଣ୍ଣ ଗୌରବ-ସମ୍ଭାରେ !
ଆସ ଧାଇଁ—ନ କର ବିଳମ୍ବ !

( ଦୁହିଙ୍କର ବେଗେ ପ୍ରସ୍ଥାନ )

# ଦୃଶ୍ୟ—ଦଶ

## —କାଳକେୟ ରାଜପଥ—

( ନେପଥ୍ୟରୁ ଭାସି ଆସୁଛି କରୁଣ କ୍ରନ୍ଦନ—କଷାଘାତର ଶବ୍ଦ; ଚନ୍ଦ୍ରାର ହାତଧରି ବେଗେ ବେଗେ ତୋଡ଼ିର ପ୍ରବେଶ ।)

ଚନ୍ଦ୍ରା—କୁଆଡ଼େ ଏମିତ ପଳେଇ ଚାଲିଚ ବାବା ? ହସନ୍ତ ପାଖକୁ ?

ତୋଡ଼ି—ଚୁପ୍ । ହସନ୍ତ ନୁହେଁ କି ବସନ୍ତ ନୁହେଁ ମା । ଏ ରାଜ୍ୟ ଛାଡ଼ି, ଏ ପୃଥିବୀ ଛାଡ଼ି ଚାଲିଯିବା । ଶୁଣୁଚୁ ମା—ଦେବ ନାରୀଙ୍କର କରୁଣ କାନ୍ଦଣାର ଶବ୍ଦ ? ଆଉ—

ଚନ୍ଦ୍ରା—ଆଉ ଯେମିତ କିଏ କାହାକୁ କୋରଡ଼ାରେ ପିଟି ପକାଉଚି— ।

ତୋଡ଼ି—ଚୁପ୍ କର ମା, ଚୁପ୍ କର ! ଦାନବ ଆଜି ପାଗଳପରି ମାତି ଉଠିଚି; କିଏ ଯେ କେତେବେଳେ ହବ କିଏ କହିବ ? ହଁ ମା, କୋରଡ଼ା-ମାଡ଼ ସେ ! ଓଃ, ଆଖିରେ ଆଉ ଦେଖି ପାରିଲି ନାହିଁ, କାନରେ ଆଉ ଶୁଣି ପାରିଲି ନାହିଁ—ସେଥିପାଇଁ—ସେ—ଥି—( କଥା ବାଧିଗଲା )

ଚନ୍ଦ୍ରା—ବାବା ! କାନ୍ଦୁଚ ?

ତୋଡ଼ି—କାନ୍ଦୁଚି ? ନା-ତ—କାହାପାଇଁ କାନ୍ଦିବି ? କଅଣ ପାଇଁ କାନ୍ଦିବି ? ଜାତି ଆଜି ଅମର ବଡ଼ ହେଇଚି—ଶକ୍ତିର ଗୌରବରେ ଫୁଲି ଉଠିଚି—ତାର ଚରଣକୁ ଦେବତାଙ୍କୁ

ଆଣି ପାଦତଳେ ଲୋଟେଇ ପାରଚ,—ଏ କଣ କମ୍ ସୌଭାଗ୍ୟର କଥା ?

ଚନ୍ଦ୍ରା—ତେବେ ତାହାହେଲେ ଏତେବେଳେ ନିଜ ଦେଶ ଛାଡ଼ି, ନିଜ ଲୋକଙ୍କୁ ଛାଡ଼ି କୁଆଡ଼େ ଚାଲିଯିବାକୁ ବସିଚ ଯେ ?

ତୋଡ଼ି—ମୋର ଆଜ ମନର ଦମ୍ଭ ନାହିଁ କି ଦେହର ବଳ ନାହିଁ ମା ! ଦୈତ୍ୟରାଣୀ ଚାଲିଗଲା ଦନୁ ଦାନବର ଭାଗ୍ୟଲକ୍ଷ୍ମୀ ଯେମିତ ଦାଣ୍ଡର ଭିକାରୁଣୀ ହେଇ ଯାଇଚନ୍ତି—ମତେ ଖାଲି ଭବିଷ୍ୟତ ଅନ୍ଧକାର ଦିଶୁଚି—

( ଦୂରରୁ ବହୁଲୋକଙ୍କର ଅଟ୍ଟହାସ୍ୟ ଭାସି ଆସିଲା )

ଚନ୍ଦ୍ରା—( ଶିହରି ଉଠିଲା ) ବାବା ! ବାବା !!

ତୋଡ଼ି—ଓଃ ! ନାଇଁ ମା !—ଆଉ ଦଣ୍ଡେ ମୁଁ ତତେ ନେଇ ଏଠି ରହି ପାରିବି ନାହିଁ । ଆ, ମା !—ଯୁଆଡ଼େ ଦି ଆଖି ଯିବ ବାହାରି ଯିବା—

( ରକ୍ତାକ୍ତ ଓ ଉନ୍ମୁକ୍ତ କୃପାଣ ହସ୍ତରେ ଅଟ୍ଟହାସ୍ୟ କରି କରି ବେଗେ ସିଂହନାଦର ପ୍ରବେଶ )

ସିଂହନାଦ—ହାଃ ହାଃ ହାଃ ହାଃ ! କାହିଁ ବାହାରିଯିବ ସିଂହନାଦର ତୀକ୍ଷ୍ଣ ଦୃଷ୍ଟି ଏଡ଼ି ? ( ଚାହିଁ ) କିଏ—ତୋଡ଼ି ?

ତୋଡ଼ି—ସେନାପତି ମହାଶୟ ! ଏ କ'ଣ ?

( ରକ୍ତାକ୍ତ ଖଡ଼୍‌ଗକୁ ଲକ୍ଷ୍ୟ କରି )

ସିଂହ—ହାଃ ହାଃ ହାଃ ହାଃ ! ଦାନବ ହୋଇ ଏ କଣ ଚିହ୍ନିପାରିଲ ନାହିଁ ତୋଡ଼ି ? ରକ୍ତ !—ଗନ୍ଧର୍ବର ରକ୍ତ !! ହାଃ ହାଃ ହାଃ ହାଃ—

ଢୋଢ଼ି—ସେନାପତି ମହାଶୟ ! ଆପଣ ବି ଶେଷରେ— ?
ସିଂହ—ଶେଷ ନୁହେଁ ଢୋଢ଼ି । ଏହି ପ୍ରଥମ, ଏହି ଆରମ୍ଭ ମାତ୍ର । ପ୍ରାଣର ଭଉଣୀ ଆଯୁ ମୋର ଚାଲିଯାଇଛି । ସତୀ ନାରୀର କରୁଣ ପ୍ରାର୍ଥନା ଉପେକ୍ଷା କରିଛି ଦୈତ୍ୟରାଜ କବଚ । ପବିତ୍ର ପ୍ରେମକୁ ତାର ପାଦରେ ଦଳିଦେଇଛି—
ଢୋଢ଼ି—ମାତ୍ର ଆପଣଇ ତ ସେଦିନ ଦୈତ୍ୟରାଣୀଙ୍କର ଆଦେଶ ପାଳିବାରେ ମତେ ବାଧା ଦେଇଥିଲେ ?
ସିଂହ—ହଁ, ବାଧା ଦେଇଥିଲି; ସେତେବେଳେ ମୁଁ ଭାବି ପାରି ନ ଥିଲି ମଦାନ୍ଧ ଦାନବ, ଗର୍ବିତ କବଚ ତାର ସତୀ ସ୍ତ୍ରୀର ବକ୍ଷରେ ବିଷବାଣ ବିନ୍ଧି କରି, ତାକୁ ଜର୍ଜରିତ କରି ହତ୍ୟା କରିବ ! ନା—ନା—ମୁଁ ଏହାର ପ୍ରତିଶୋଧ ନେବି, ହଁ— ପ୍ରତିଶୋଧ ନେବି !
ଢୋଢ଼ି—ମାତ୍ର ଏଇ କଣ ତାର ପନ୍ଥା ସେନାପତି ମହାଶୟ ?
ସିଂହ—ହଁ, ଏହି ତାର ପନ୍ଥା,—ଏହି ଉପାୟ,—ଏହି ଅବସର ! ଗନ୍ଧର୍ବଙ୍କ ହତ୍ୟାରେ ତାର ଆରମ୍ଭ, ଦେବତା ଦଳନରେ ତାର ବିସ୍ତାର, ଦେବନାରୀ-ଧର୍ଷଣରେ ତାର ଶେଷ ! ହାଃ ହାଃ ହାଃ ହାଃ !
ଢୋଢ଼ି—ମହାଶକ୍ତିଧର କବଚର ଶତ୍ରୁ ହୋଇ ତିଷ୍ଠି ପାରିବେ ତ ଆପଣ ?
ସିଂହ—ଶତ୍ରୁ ? କିଏ ଶତ୍ରୁ ଢୋଢ଼ି ? ଶତ୍ରୁତା ତ କାହିଁ କରିନାହିଁ ସିଂହନାଦ ! ବରଂ ପରମ ମିତ୍ର ପରି କାର୍ଯ୍ୟ କରୁଛି ସେ ! ଏହାହିଁ ତ କବଚ ଚାହେଁ—ଦାନବ ଚାହେଁ । ଦେବତା-ପୀଡ଼ନ ଲାଗି, ଦେବନାରୀ ଧର୍ଷଣ ଲାଗି ରାଜ୍ୟସାରା ରାଜ-ଘୋଷଣା ପ୍ରଚାରିତ ହୋଇଛି—ଜାଣନା କି ଢୋଢ଼ି ?

ତୁମ୍ଭେ ମଧ୍ୟ ଆସ ମୋ ସଙ୍ଗରେ—ଶୂଳଧାରୀ କବଚର କାର୍ଯ୍ୟ ସାଧନରେ ଦୈତ୍ୟରାଜଙ୍କର ଆଦେଶ ପାଳନରେ ମୋତେ ସାହାଯ୍ୟ କରିବ—ଆସ ! —ଭାଗ୍ୟ ତୁମର ଫେରିଯିବ ତୋଡ଼ି !!

ତୋଡ଼ି—ସେନାପତି ! ଜାଣନ୍ତି କି ଏହାର ଶେଷଫଳ କଅଣ ?

ସିଂହ—ଶେଷଫଳ !! ହାଃ ହାଃ ହାଃ ହାଃ—ପଥ ପରିଷ୍କାର ହୋଇ ଆସୁଛି ତୋଡ଼ି—ବ୍ୟସ୍ତ କାହିଁକି ? ଯାହା ଶୁଣି ଆସିଲି—

ତୋଡ଼ି—କଣ ଶୁଣି ଆସିଲେ ? କେଉଁଠୁ ?

ସିଂହ—ନନ୍ଦୀ ନିକଟରୁ ତୋଡ଼ି—ମହାଦେବଙ୍କ ଅନୁଚର ନନ୍ଦୀ—ଜାଣ ? ସେଇଥିପାଇଁ ମୁଁ ଆଗେଇ ଚାଲିଛି—ବିଲମ୍ବ କଲେ ହୁଏତ—ନା, ନା, ଆପୁର ବକ୍ଷରଙ୍କ ସେହି ବିଷବାଣର ଜ୍ୱାଳା ! ତାର ସେହି କରୁଣ କାତର ପ୍ରାର୍ଥନା !!—ଏ ଯାଏ ମୋର ଅନ୍ତର ଭିତରେ ଭରି ଦେଇଛି ତୀବ୍ର ପ୍ରତିହିଂସାର ଅନଳ ଶିଖା ! ବିଲମ୍ବ କଲେ ଲିଭି ଯାଇପାରେ—ତାପ ତାର କମି ଯାଇପାରେ ! ନା—ନା ଖାଲି ହତ୍ୟା—ହତ୍ୟା ହତ୍ୟାରେ କରିବି ମୋର ପ୍ରାଣର ଭଗିନୀର ସ୍ମୃତି-ତର୍ପଣ—ତୋଡ଼ି !!

( ଦୂରରୁ ଶୁଣାଗଲା ବହୁଲୋକଙ୍କର ଅଟ୍ଟହାସ୍ୟ )

ଏହି !!! ମାତି ଉଠ—ମାତି ଉଠରେ ଉତ୍କ୍ଷିପ୍ତ ଦାନବ !
ହାଃ ହାଃ ହାଃ ହାଃ— ( ବେଗେ ପ୍ରସ୍ଥାନ )

ତୋଡ଼ି—କ'ଣ କହିଗଲା ନନ୍ଦୀ—ଦେବାଦିଦେବଙ୍କ ଅନୁଚର ନନ୍ଦୀ!!! କ'ଣ କହିଲା ସେ !! ( ହଠାତ୍ ଭୀଷଣ ଉତ୍ତେଜିତ ହୋଇ ) ସିଂହନାଦ !! ସିଂହନାଦ !!!—

(ଧାଇଁଯିବ ସିଂହନାଦର ପଛେ ପଛେ ଚୋପଦ୍ର । ଚନ୍ଦ୍ରା ଧରପକାଇଲା)

ଚନ୍ଦ୍ରା—ବାବା ! ବାବା !

( ସ୍ୱଗତରେ ଥରୁଥାଏ ଚୋଡ଼ )

ଚନ୍ଦ୍ରା—ବାବା ! ଏମିତି ଥରୁଛ ?

ଚୋଡ଼—ହଁ ମା ! ହାଣି ପକେଇଥାନ୍ତି ତାକୁ ଏଇନେ—ହାଣି ପକେଇଥାନ୍ତି ! ଓଃ ଦାନବ ହୋଇ ପୁଣି ! ହଁ, ଦୈତ୍ୟରାଣୀ ଚାଲି ଯାଇଚନ୍ତି—ମାଆ ମୋର ଚାଲି ଯାଇଛନ୍ତି; ହେଲେ, ଦୈତ୍ୟରାଜ ନିବାତ କବଚ—ଏ ଦଳିତ ଜାତିର ଭାଗ୍ୟ ବିଧାତା—ଶିବ ଶୂଳଧାରୀ ନିବାତ କବଚ—ନା ନା ଏ ଅସମ୍ଭବ ! ରେ ଦାନବ ! ବଞ୍ଚାଇ ରଖ୍ ତୋର ପ୍ରାଣର ଦେବତାକୁ—ଜଳାଇ ରଖ୍ ତୋର ସୌଭାଗ୍ୟ-ପ୍ରଦୀପକୁ !!

( ଦୂରରୁ କେତେକ ଲୋକଙ୍କର ଚିତ୍କାର ଶୁଣାଗଲା "ଜଳିଗଲା" "ଜଳିଗଲା"—"ଜଳିଗଲା !" )

ଚନ୍ଦ୍ରା—(ଭୟରେ) କ'ଣ ଜଳିଗଲା ? କଣ ଜଳିଗଲା ବାବା ?—

( ବେଗେ ସିଂହନାଦର ପୁନଃ ପ୍ରବେଶ )

ସିଂହ—ଭାଗ୍ୟ । ଦାନବର ଭାଗ୍ୟ ଦାନବ-ନନ୍ଦିନୀ ! ହାଃ ହାଃ ହାଃ ହାଃ ! ଜାଣିଛ ଚୋଡ଼—ଜାଣିଛ ଦାନବ ? ଦେବଗଣ ମୁକ୍ତ ହୋଇଛନ୍ତି—

ଚୋଡ଼—କିଏ, କିଏ ମୁକ୍ତ କଲା ସେନାପତି ମହାଶୟ ?

ସିଂହ—ମୁହିଁ—ସେନାପତି ସିଂହନାଦ ! ହାଃ ହାଃ ହାଃ ହାଃ—ବ୍ୟବସ୍ଥା କରି ରଖିଥିଲି, ଏବେ ସଂବାଦ ପାଇଲି ବ୍ୟବସ୍ଥା ସଫଳ ହୋଇଛି—ଦେବଗଣ—

ଚୋଡ଼—( ଆକ୍ରମଣ କଲାପରି ) ସିଂହନାଦ !!! —

ସିଂହ—ବ୍ୟସ୍ତ ହୁଅ ନାହିଁ ତୋଡ଼—ବ୍ୟସ୍ତ ହୁଅ ନାହିଁ ! ଦେବତାର ବିଷଦାନ୍ତ କିମ୍ବୁ ଭାଙ୍ଗି ଦେଇଛ୍ଛି ଦାନବ— ଅସ୍ତ୍ର ନାହିଁ—ସହାୟ ନାହିଁ—ସମ୍ବଲ ନାହିଁ !! ନିତାନ୍ତ ଅସହାୟ ସେ ଦେବତା ଆଜ—ଥରେ ଛୁଡ଼ା ହୋଇ ଦେଖୁ—ଦେବତା-ଦଳନ ଲାଗି—ଦେବନାରୀ-ଧର୍ଷଣ ଲାଗି ଦାନବ ଙ୍କ ବିରାଟ ଆୟୋଜନ କରି ରଖିଛ୍ଛି—ହାଃ ହାଃ ହାଃ ହାଃ— ( ପ୍ରସ୍ଥାନ )

ତୋଡ଼—କାହିଁ ଯାଉ କାଲକେୟ ଜାତିର ଧୂମକେତୁ—ଜୀବନ୍ତ କଳଙ୍କ !!!—ମୁଁ ତତେ ହତ୍ୟା କରିବ—

( ଧାଇଁ ଯାଉଥିଲାବେଳେ ଚନ୍ଦ୍ରା ଧରିପକାଇଲା )

ଚନ୍ଦ୍ରା—ବାବା ! ବାବା !

ତୋଡ଼—ଛାଡ଼୍ ଛାଡ଼୍ ଅଲକ୍ଷ୍ମୀ !!

( ଚନ୍ଦ୍ରାକୁ ଏକ ଚପେଟାଘାତ କରି ସଜୋରରେ ହାତ ଛଡ଼ାଇ ନେଇ ବେଗେ ପ୍ରସ୍ଥାନ )

ଚନ୍ଦ୍ରା—ଉଃ, ବାବା ! ବାବା ! ଏଁ ! ବାବା ତ ଖାଲି ହାତରେ ବାହାରିଗଲେ ! ସେନାପତି ଯେ ତାଙ୍କୁ ଠିକ୍ ଠିକ୍ କରି ପକେଇବେ ! ସେ ଯେମିତି ରାଗିଛନ୍ତି !! ନା—ନା—ବାବା ! ବାବା !—

( ବେଗେ ଚାଲି ଯାଉଥିଲା ବେଳେ ସେହି ଦିଗରୁ ଉର୍ବଶୀଙ୍କୁ ଆସୁଥିବାର ଦେଖି ଭୟଭୀତା ହୋଇ ପଛେଇ ଆସିଲା )

ଉର୍ବଶୀ— (ପ୍ରବେଶକରି) କିଏ ତୁମେ ? କୁଆଡ଼େ ଧାଇଁଛ ?

ଚନ୍ଦ୍ରା—ବାବା ଚାଲିଗଲେ— !

ଉର୍ବଶୀ—ହାଃ ହାଃ ହାଃ ହାଃ ! ବାବା କଣ ଏକା ? ବାବା ଯିବେ—ମା ଯିବେ—ଭାଇ ଭଉଣୀ ସମସ୍ତେ ଯିବେ, ଦାନବ

ବାଲା !! କେହି ରହିବେ ନାହିଁ—ଦାନବକୁଳ ନିଶ୍ଚିହ୍ନ ହେବେ ଏ ଦୁନିଆ ବକ୍ଷରୁ !!

ଚନ୍ଦ୍ରା—କ'ଣ କହୁଚ ତୁମେ ?

ଉର୍ବଶୀ—ମୁଁ କହୁନାହିଁ—କହୁଚି ତୁମର ଭାଗ୍ୟ !

( ଦୂରରୁ ଭୂମିକମ୍ପର ଗର୍ଜନପରି ଶବ୍ଦ ଶୁଣାଗଲା)

ଚନ୍ଦ୍ରା—ଓଃ ! ବାବା ! ବାବା !!—

ଉର୍ବଶୀ—ଭୟଭୀତା ହରିଣୀ ପରି ଏଠାରେ ଛିଡ଼ା ହୋଇ କ'ଣ କରିବ ତୁମେ ? ଯାଅ—ନିଆଁକୁ ଡେଇଁପଡ଼ -

ଚନ୍ଦ୍ରା—(ଚମକି) ନିଆଁ !!

ଉର୍ବଶୀ—ଓ, ବୁଝିପାରୁ ନାହଁ ତେବେ ! ଅଚ୍ଛା, ତୁମେ ଯାଅ ତୁମର ବାବା ଯେଉଁଠି—ଏହି ପରି—ଦେଖୁନାହଁ ଦୂରରେ ଛିଡ଼ା ହୋଇ ବାବା ତୁମର ହାତଠାରି ତୁମକୁ ଡାକୁଛନ୍ତି— ଯାଅ—ଯାଅ—

( ଚନ୍ଦ୍ରାକୁ ଏକପ୍ରକାର ଠେଲି ଠେଲି ପଠାଇଦେଲେ —ଚନ୍ଦ୍ରା **ବାବା ! ବାବା ! ଡ଼ାକି ଗୁଲିଗଲା !**

(ନେପଥ୍ୟେ ସମବେତ ଅଟ୍ଟହାସ୍ୟ )

ଉର୍ବଶୀ—ଏଇ ! ଦାନବର ଅଟ୍ଟହାସ୍ୟରେ, ଦାନବର ବିଜୟ ଉଲ୍ଲାସରେ ସୃଷ୍ଟି ଫାଟି ପଡ଼ୁଛି !! ନିଆଁ ତ ଜାଳିବାକୁ କହିଥିଲ ଗୋବିନ୍ଦ !—ଜାଳିଦେଲି ! ଏଥର ସେହି ନିଆଁରେ ସୃଷ୍ଟି ଜଳୁଛି—ସେ କଥା ତୁମେ ବୁଝିବ ! ମୋର କଅଣ ? —ମୋ କାମ ସରିଛି ! ତୁମର ନିର୍ଦ୍ଦେଶ ପାଳିଛି; ଏଥର ମୋତେ ମୁକ୍ତି ଦିଅ ହୃଷୀକେଶ !!

(ପ୍ରସ୍ଥାନ)

(ନେପଥ୍ୟରୁ କବଚର ଅଟ୍ଟହାସ୍ୟ ଓ ନାରୀ କଣ୍ଠର କରୁଣ କ୍ରନ୍ଦନ ଭାସି ଆସୁଥାଏ )

---

# ଦୃଶ୍ୟ—ଏଗାର

## —ଦୈତ୍ୟରାଜ କବଚର ଉଦ୍ୟାନ-ବାଟିକା—

(ବେଦୀ ଉପରେ ପ୍ରକାଣ୍ଡ ସୁରାପାତ୍ର ରକ୍ଷିତ—କବଚ ଓ ସିଂହନାଦ—
ମଧ୍ୟେ ମଧ୍ୟେ କବଚ ସୁରାପାନ କରୁଥିଲେ)

କବଚ—ତୁମ୍ଭେ—ତୁମ୍ଭେ ସିଂହନାଦ !
ଦେଇଥିଲ ସେ ଆଦେଶ—
କାରାଦ୍ୱାର-ଉନ୍ମୋଚନ ଲାଗି ?
ସିଂହନାଦ—ହଁ, ଦୈତ୍ୟରାଜ ! —
କବଚ—(ଉତ୍ତେଜିତଭାବେ) ସିଂହନାଦ !!
ସିଂହନାଦ—କ୍ଷମାକର ରକ୍ଷରାଜ !
ଅଖିଳ ଅମୃତକାମୀ
କ୍ଷୁଦ୍ର ଶକ୍ତି କରଛୁ ଧାରଣ ଯେହୁ,
ଅଙ୍ଗୁଳି ସଙ୍କେତେ ଯାର
ତ୍ରିଭୁବନ ସନ୍ତ୍ରସ୍ତ, ବିଚଳିତ —
କି ଲାଗି ସେ ପରାଜିତ ଜନେ
କାରାଗାରେ ରଖିଥିବ ବାନ୍ଧି ?
କବଚ—ସିଂହନାଦ ! —
ସିଂହନାଦ—ଭାବିଲି ମୁଁ ତେଣୁ,
କାରାକକ୍ଷ ମୁକ୍ତ କରି
ଦୈତ୍ୟପୁରେ ବିଚରଣ ଲାଗି
ଦେବି ମୁହିଁ ଦେବଗଣେ ଅବାଧ ସୁଯୋଗ !

ଦେଖିବ ଦେବତା ନିଜେ
ଦାନବ-ସୌଭାଗ୍ୟ-ଛବି;
ଚିରଦିନ ହୀନ କରି ଗଣେ ସେ ଦାନବି,
ଆଜି ସେହି ହୀନ ଜାତି-ବିପୁଳ ବିକ୍ରମ
ଦେଖିବ ନୟନେ—
କବଚ—ତା ପରେ ? ତା ପରେ ?
ସିଂହନାଦ—କିନ୍ତୁ ଦୈତ୍ୟରାଜ !
ଦେବତା କହିଲା ଦମ୍ଭେ—
ବନ୍ଦୀଶାଳେ ମରିବ ସେ ପଛେ,
ନ ଚାହେଁ ସେ କାପୁରୁଷ-ମୁକ୍ତି !
ଅବିଲମ୍ବେ ରୁଦ୍ଧ କଲି
କାରାଦ୍ୱାର ପୁଣି !
କବଚ—ମୂର୍ଖସମ ଆଚରିଲ ଦୈତ୍ୟସେନାପତି !
ଭାବିଛ କି ଯୋଗ୍ୟଜନ ବ୍ୟବହାର
ଚାହେଁ ସେ ଦେବତା ?
ଧର୍ମର ବିକାର ଯହିଁ
ଧର୍ମେ କାହିଁ କରେ ସେ ଆଦର ?
ଜାଣି କି ହେ ସିଂହନାଦ !
ସୁସଭ୍ୟ ଦେବତା ଚାହେଁ
ବର୍ବର ଦାନବ କରେ ତୀବ୍ର କଷାଘାତ ?
ନିତ୍ୟ ସ୍ନାନ ତପ୍ତ ତୈଳ କୁଣ୍ଡେ ?
ବିଷଧର ଭୁଜଙ୍ଗ ଦଂଶନେ ?
ହତ୍ୟା ଆଉ ବାଘିଷିକା ?
ଦୁରନ୍ତ ଲାଞ୍ଛନା ?

ଯାଅ, ଖୋଲିଦଅ କାରାଦ୍ୱାର ପୁଣି,
ତୁମ୍ଭେ ଯାହା ନ ପାରିଛ କରି –
କରିବି ସମ୍ପନ୍ନ ମୁହିଁ,
ଇଚ୍ଛା ତବ ନୋହିବ ଅପୂର୍ଣ୍ଣ !
ଦେଖିବ କେସନେ
ପାଦ ଧରି ମୁକ୍ତି ଭିକ୍ଷା
କରିବ ଦେବତା ! ହାଃ ହାଃ ହାଃ ହାଃ ।

( ନେପଥ୍ୟରେ ସେ ହସର ପ୍ରତିଧ୍ୱନି ଉଠିଲା "ହାଃ ହାଃ ହାଃ"—ଦୂରରୁ ଶୁଣାଗଲା ତୀବ୍ର କଷାଘାତର ଶବ୍ଦ—ନାରୀର କରୁଣ କ୍ରନ୍ଦନ ଧ୍ୱନି )

କବଚ—( କିଛିକ୍ଷଣ ସେହି ଶବ୍ଦ ପ୍ରତି କର୍ଣ୍ଣପାତ କରି )
ହାଃ ହାଃ ହାଃ ହାଃ—
ଖାଲି ହତ୍ୟା ଆଉ ବର୍ଣ୍ଣିକା—
ଦୁରନ୍ତ ଲାଞ୍ଛନା !!
ହାଃ ହାଃ ହାଃ ହାଃ—କାହିଁ—
କାହିଁ ସେ ସ୍ୱର୍ଗର ଦୁର୍ଲଭ ଧନ
କାହିଁ ସେହି ଦେବନାରୀ ଶଚୀ !!

( ବେଗେ ପ୍ରସ୍ଥାନ )

ସିଂହ—ଆଶା ପୂର୍ତ୍ତିଲାଗି ଏବେ
ସୁବର୍ଣ୍ଣ ସୁଯୋଗ ମୋର !
କିନ୍ତୁ ନନ୍ଦୀ ଯାହା କହିଲା ବିଶ୍ୱାସୀ—
ସତ୍ୟ କିବା ତାହା !!
ମାନବ !—ଯୋଗସିଦ୍ଧ ମାନବ ସେ

ଲଭିଅଛନ୍ତି ଶିବଶକ୍ତି ଏବେ—!
କିଏ ଜାଣେ—ଶୁଣିନି ତ ସବୁ
ଥିଲା କାହିଁ ଅବସର ?
ମାନ୍ଦ; ନନ୍ଦୀ ମିଥ୍ୟାବାଦୀ—!!
ନା—ନୁହଇ ସମ୍ଭବ ତାହା !
ତେବେ କିଏ—
କିଏ ସେ ମାନବ-ଶ୍ରେଷ୍ଠ ! କିଏ !—
ନା—ଯାଏ, ହେଉଛି ବିଲମ୍ବ—

( ବିପରୀତ ଦିଗରେ ପ୍ରସ୍ଥାନ )

( ବେଗେ ବ୍ୟସ୍ତ ହୋଇ ଅଲୁଲାୟିତକେଶା ଶଚୀଙ୍କର ପ୍ରବେଶ )

ଶଚୀ—କାହାନ୍ତି—କାହାନ୍ତି ବାସବ ?
( ପ୍ରବେଶ କରି ) କାହିଁ ! କେହି ତ ନାହିଁ !
କହିଅଛନ୍ତି ମିଥ୍ୟା—
ପ୍ରତାରିତ କରିଛି ଦାନବ !

( କିବଟର ପ୍ରବେଶ )

କିବଟ—ହାଃ ହାଃ ହାଃ ହାଃ—
ଶଚୀ—ରେ ଦାନବ !
କମ୍ପା ତୁ କହିଲୁ ଛଳି—
ସ୍ୱାମୀ ମୋର ରହିଛନ୍ତି
ଆକୁଳ ଅଗ୍ରହେ ଗୃହିଁ
ପ୍ରତୀକ୍ଷାରେ ମୋର ?
କିବଟ—କହିନି ତ ମିଥ୍ୟା !
ଏହି ତ ରହିଛନ୍ତି ତବ ସମ୍ମୁଖେ ସଜାଗ

ସ୍ୱାମୀ—ପ୍ରଭୁ—ଯାହା କହ,—
ବାସବ ବିଜୟୀ ବୀର
ଶୂଳଧାରୀ ନିବାତ କବଚ ।
ମନେ କି ଲାଗେନା ତବ ?
ଶଚୀ—ରେ ଦାନବ ! ଶକ୍ତି ମୂଲ୍ୟେ କିଣିପାରୁ
ଦେବତାର ସକଳ ସମ୍ପଦ, ନୁହେ ଶଚୀ—
ସୁରଲୋକ-ସିମନ୍ତିନୀ ବାସବ ଘରଣୀ !
କବଚ—ନା, ନା, ଥାଉ ଶକ୍ତି କଥା ।
ପ୍ରେମ, ହୃଦଭରା ପ୍ରେମ-ବିନିମୟେ
ଭିକ୍ଷା କରେ ନିବାତ କବଚ—
ଇନ୍ଦ୍ରାଣୀର ତୁଲେ ଆଜି ସମ୍ଭୋଗ ବିଳାସ ।
କର ଗୋ କରୁଣା ବାରେ ସୁନ୍ଦରୀ ରତନ !!—
ଶଚୀ—'ସ୍ତବ୍ଧ ହୁଅ, ସ୍ତବ୍ଧ ହୁଅ,
ଦୁର୍ମତି ରାକ୍ଷସ !
ଇନ୍ଦ୍ରାଣୀର ତୁଲେ କରୁ
ସମ୍ଭୋଗ-ବିଳାସ-ଆଶା ?
ଯେ ମୁଖେ କଲୁ ରେ ଆଜି ଜଘନ୍ୟ ପ୍ରସ୍ତାବ,
ବ୍ୟାଧିଗ୍ରସ୍ତ ହେବ ତା ଅଚିରେ,
ରସନା ପଡ଼ିବ ଖସି—
ନ ରହିବ ତୋର ଦମ୍ଭ ସତ୍ୟ-ଅଭିଶାପେ !!
କବଚ—ହାଃ ହଃ ହାଃ ହାଃ—
ବିରକ୍ତି ପ୍ରକାଶ ତୋର ଆହୁରି ସୁନ୍ଦର ।
ଆରକ୍ତ ଆନନ ଭରି
ଫୁଟି ଉଠେ ଅପରୂପ ଆଭା—

ନୟନ-ତାରକା ତଳେ କଟାକ୍ଷ ଖେଳଇ,
ସ୍ଫୁରିତ ଅଧରେ ଜାଗେ
ଚୁମ୍ବନର ଶୁଭ ନିମନ୍ତ୍ରଣ ।।
ଆସ—ଆସ ରସବତି ।
ସ୍ଫୀତମାନ ରଖିଛ ସମ୍ବଳ ଯାର—
କାହିଁ ଦୃଂଷ୍ଟ୍ର ଗୌରବ ସୁନ୍ଦର,
କି ହେବ ତା ପୂଜାଲାଗି
ଅକାରଣ ଯୁଗ ଯୁଗ ଜାଗି ?
ସମ୍ମୁଖେ ରହିଛି ଉଭା
ତ୍ରିଭୁବନ-ବିଜୟୀ କବଚ
ପ୍ରେମସିକ୍ତ ପୂଜା ଫୁଲ ଧରି—
ଘେନ ସଖି । ନ ହୁଅ ବିମୁଖ ।।

ଶଚୀ—ଯାନ୍ତ ହୁଅ, ଯାନ୍ତ ହୁଅ
ବର୍ବର ଦାନବ ।—
ଇନ୍ଦ୍ରାଣୀର ଅଙ୍ଗ ସ୍ପର୍ଶେ ନ କର ସାହସ ।
ଧ୍ୱଂସ ହେବୁ—ଜଳିଯିବୁ—
ଭସ୍ମ ହେବୁ ପରିଣତ ଶେଷେ ।

କବଚ—ହାଃ ହାଃ ହାଃ ହାଃ—
ଶୁଣିଲେ ଦାମ୍ଭିକା ନାରୀ,
ସମ୍ମୁଖେ ରହିଛି ତୋର
ରୁଦ୍ରସମ ଶକ୍ତିଶାଳୀ ନିବାତ କବଚ—
ରୁଦ୍ରଶୂଳ ଗରଜିଲେ ଯାର
ସୃଷ୍ଟିରେ ଘୋଟିବ କ୍ଷଣେ ପ୍ରଳୟ-ପାବକ ।
ଅସ୍ଫାଳନ ରଖି ଏବେ—

କବଚ-କାମନା-କ୍ଷୁଧା କର ନିବାରଣ !
ନ ସହେ ବିଳମ୍ବ !!—

( ଅଗ୍ରସର ହେଲେ )

ଶଚୀ—ଓଃ ! ଏ କି, ଏ କି ବିଡ଼ମ୍ବନା !!
ଦେବରାଜ ! ଦେବରାଜ !!
କାହିଁ ଅଛ ସ୍ୱାମୀ ମୋର, ପ୍ରାଣପ୍ରିୟତମ !!
ସ୍ୱାମୀ ! ପ୍ରଭୁ !!—

( ଇନ୍ଦ୍ର ଓ କାର୍ତ୍ତିକଙ୍କର ଡାକ ଡାକ ପ୍ରବେଶ )

ଇନ୍ଦ୍ର—ଶଚୀ ! ଶଚୀ !! ପ୍ରାଣପ୍ରିୟତମା !
କାର୍ତ୍ତିକ—ଦେବେନ୍ଦ୍ରାଣି !!—
ଶଚୀ—ଆସିଛ, ଆସିଛ ପ୍ରିୟତମ !
କୁମାର କାର୍ତ୍ତିକ—ଦେବ ସେନାପତି !!
କବଚ—ହାଃ ହାଃ ହାଃ ହାଃ ହାଃ !!—
ଶଚୀ—କହ ପୁରନ୍ଦର ! କହ ତ କୁମାର !
ନୁହଁକି ସକ୍ଷମ ତୁମେ
ରଖିବାକୁ ଶଚୀର ସମ୍ମାନ,—
ଦେବନାରୀ ମହତ୍ତ୍ୱ ମର୍ଯ୍ୟାଦା,
କହ, କହ ପ୍ରିୟତମ !
ନୀରବ କି- ହେତୁ ?

( ଇନ୍ଦ୍ରଙ୍କ ଆଡ଼କୁ ଅଗ୍ରସର ହେଲେ )

କବଚ—ସାବଧାନ ! ସାବଧାନ ଇନ୍ଦ୍ରାଣି !
ଛୁଅଁ ନା ତାହାରେ !
ସନ୍ଦେହ ଜାଗଇ ମନେ
ନୁହନ୍ତି ଦେବତା ସେହେଁ !

ଅଙ୍ଗେ ଅଙ୍ଗେ ବିଜଡ଼ିତ
ଉଦ୍‌ଫଣ ଭୁଜଙ୍ଗ-ବଲ୍ଲୀ—
ନିଃଶ୍ୱାସେ ପ୍ରସରେ ଯାର ପ୍ରଳୟ-ଝଟିକା !!
ବିଷତାପେ ବିବର୍ଣ୍ଣ ଦିଶଇ ଦେଖ
ଦେବ-କଳେବର !
ନା—ନା, ଏ ନୁହେଁ ଦେବତା ଇନ୍ଦ୍ର !
ଅଥବା କାର୍ତ୍ତିକ ଏହୁ—
ଛଦ୍ମବେଶୀ କେହି ଅବା ମାୟାବୀ ରାକ୍ଷସ !
(ହଠାତ୍ ଅନ୍ଧକାର)

ଇନ୍ଦ୍ର—ଶଚୀ ! ଶଚୀ ! ପ୍ରିୟତମା !!—

ଶଚୀ—ପ୍ରଭୁ ! ପ୍ରଭୁ ! ପ୍ରିୟତମ !!—

କବଚ—ହାଃ ହାଃ ହାଃ ହାଃ ହାଃ !!—

(ହଠାତ୍ ଆଲୋକ ମଧ୍ୟରେ ଦେଖାଗଲା ଇନ୍ଦ୍ର ଓ କାର୍ତ୍ତିକଙ୍କ ଶରୀରମୟ ଅସଂଖ୍ୟ ନାଗ ଲତାୟିତ ହୋଇ ଫଣା ବିସ୍ତାର କରି ଗର୍ଜନ କରୁଛନ୍ତି— ଆତଙ୍କରେ ଶିହରି ଉଠୁଛନ୍ତି ଦୁହେଁ ।)

ଶଚୀ—(ଭୟରେ ଆର୍ତ୍ତନାଦ କରି ଉଠିଲେ)

କବଚ—ହାଃ ହାଃ ହାଃ ହାଃ !!
କହିଥିଲି କେହି ଛଦ୍ମବେଶୀ
ଅବା ମାୟାବୀ ରାକ୍ଷସ !
ଭୟ ନାହିଁ, ଆସ ମୋର ବାହୁପାଶେ
ନିର୍ଭୟେ ରହିବ ଲୁଚି
ସଂଗୋପନେ, ପରମ ଆଦରେ !
ଆସଲୋ ରୂପସୀ ଏବେ—
ଅଧୀର ଅନ୍ତରେ ଆଜି

କେତେକ୍ଷଣ କରିବ ପ୍ରତୀକ୍ଷା ?
ପ୍ରାଣ ମୋର ଧନ୍ୟ କର
ତୃପ୍ତକର କାମନା—ପିପାସା ।
ଶଚୀ—ହେ ବାସବ ! ହେ ବାସବ ! ସ୍ୱାମୀ !!—
ଇନ୍ଦ୍ର—ଓଃ ଓଃ—ନାହିଁ, ନାହିଁ ଗୋ ଇନ୍ଦ୍ରାଣି—
ନାହିଁ ସେ ବାସବ ।
ମରିଛି ସେ ବଜ୍ରଧର, ମରିଛି ଅମର—
କେତ—ହାଃ ହାଃ ହାଃ ହାଃ—
ଶୁଣିଲ ତ ଦେବ-ସୋହାଗିନି !
ଦେବତା ମରିଛି, ମରିଛି ବାସବ ।
ତୁଟିଛି ବନ୍ଧନ ତବ !
କମ୍ପା ଅଉ୍ ଦେବତାରେ ବଳାଇଛ ଅଟା ?
କହୁଛି ମୁଁ ଭଲେ—
ହୃଦୟ-ମନ୍ଦରେ ମୋର
କର ଗୋ ବସତି,
କଥା ରଖି ଧରିଦଅ ବାହୁର ବନ୍ଧନେ ।
( ଧ ଇବାକୁ ଗୋଡ଼ାଇଲେ )
ଶଚୀ—ଓଃ ! କାଳପୂର୍ଣ୍ଣ ହେଲା ତୋର
ମଦାନ୍ଧ ଦାନବ ?
ହେ ବାସବ ! କାହିଁ—କାହିଁ ତବ ବଜ୍ର
ଅଦଶକ୍ତ ପ୍ରହରଣ; ନିର୍ବେଦ କା ଲଗି ?
କାହିଁ ତବ ଆୟୁଧ କାର୍ତ୍ତିକ—
ନିତ୍ୟ ଯାର ଗର୍ବକର ଦେବ ସେନାପତି ?

ଇନ୍ଦ୍ର ଓ କାର୍ତ୍ତିକ—ଓଃ, ଓଃ !

( ସର୍ପ ଛନ୍ଦରେ ବାନ୍ଧହୋଇ ମୂର୍ଚ୍ଛିତ ହୋଇ ପଡ଼ିଗଲେ )

କବଚ—ହାଃ ହାଃ ହାଃ ହାଃ ।

ଦେବତାର ମୃତ୍ୟୁ ସାଥେ

ଲୁପ୍ତ ତାର ଆୟୁଧ-ସମ୍ଭାର ।

ନାହିଁ ଚନ୍ଦ୍ରା ଧନ ! ସକଳ ଆୟୁଧ ସାର

ଶିବଶକ୍ତି ତ୍ରିଶୂଳ ମୋ ହାତେ !

କାହା ଭୟ ତବ ।

ଓଃ ! ନ ସହେ ବିଳମ୍ବ !

କେତେ କ୍ଷଣ ନିରୋଧିବି କାମନାର ବେଗ ?

ଧରାଦିଅ ବାହୁପାଶେ ମୋର,

କେତେ ଆଉ କରୁଥିବ ବ୍ୟର୍ଥ ଅଭିନୟ ?

ଆସ ! ଆସଗୋ ସୁନ୍ଦରୀ !

( ଗୋଡ଼ାଇ ଗୋଡ଼ାଇ ଶଚୀଙ୍କୁ ଧରି ଆକର୍ଷଣ କଲେ )

ଶଚୀ—ଛାଡ଼୍ ଛାଡ଼୍, ଦୁରାଚାରୀ !

ଓଃ—ସତେ କି—

ସତେ କି ଲୁଟିବ ଏବେ ସତୀତ୍ୱ ଗୌରବ,

ଇନ୍ଦ୍ରାଣୀର ମହତ୍ତ୍ୱ-ଗରିମା ?

ପୁଣ୍ୟ ଧର୍ମ କରି ଗ୍ରାସ

ସୃଷ୍ଟି ଭରି ଭାସିବ କଳୁଷଧାରା ?

କବଚ—ହାଃ ହାଃ ହାଃ ହାଃ—

ଶଚୀ—ଓଃ ଓଃ—କିଏ ଅଛୁ,

ଉଦ୍ଧାରିବ ରମଣୀର ମାନ,

ସତୀନାରୀ-ଗୌରବ-ମହିମା ?

କବଚ — କିବା ପ୍ରୟୋଜନ ତାର ?
ଏହି ବକ୍ଷେ ଘେନ ଗୋ ଆଶ୍ରୟ
( **ନିଜର ବକ୍ଷ ଉପରକୁ ଶଚୀଙ୍କୁ ଭିଡ଼ି ନେଲେ** )
ଶଚୀ — ( **ବହୁ କଷ୍ଟରେ ନିଜକୁ ମୁକ୍ତ କରି** ) ଓଃ !
କେହି ନାହିଁ — କେହି ନାହିଁ ତେବେ !
ରଖିବ ସତୀର ମାନ
ଇନ୍ଦ୍ରାଣୀ — ମହତ୍ତ୍ୱ ?
( **କହୁ କହୁ ବେଗେ ଅସ୍ତ୍ରଧାରୀ ଅର୍ଜ୍ଜୁନଙ୍କର ପ୍ରବେଶ** )
ଅର୍ଜ୍ଜୁନ — ଅଛି, ଅଛି ଗୋ ଜନନି !
ଏ ଯାଏ ଗାଣ୍ଡୀବଧାରୀ ଜୀବିତ ଧରାରେ !
ଶଚୀ — ଆସିଛ, ଆସିଛ କି ପୁତ୍ର ମୋର
ବୀରଶ୍ରେଷ୍ଠ ପାଣ୍ଡବ ଫାଲ୍‌ଗୁନୀ !!
ପ୍ରତିଶ୍ରୁତି ଦେଇଥିଲ ଜନନୀରେ ତବ —
ଅର୍ଜ୍ଜୁନ — ମନେ ଅଛି — ଭୁଲିନି ଅର୍ଜ୍ଜୁନ
ମାତାର କରୁଣ ଡାକେ ଆସିଅଛି ଧାଇଁ—
ଦିବ୍ୟ ଅସ୍ତ୍ର କରେ ଘେନି
ଅସୁର ବିନାଶ ଲାଗି !
କବଚ — ଏଁ ! ଅସୁର-ବିନାଶ !!
ହାସ୍ୟକର ଅଭିନୟ !
ରେ ମାନବ ଅର୍ଜ୍ଜୁନ ! —
ଜାଣୁ ଜାଣୁ ପ୍ରବେଶିଲୁ କେଶରୀ-ପଞ୍ଜରେ ?
ଅକାରଣ ଦାନବ-ଉଦରେ କାହିଁ
ଘେନିବୁ ଆଶ୍ରୟ ସିନା !
ମାତା ତୋର କୁନ୍ତୀ ଦେବୀ

ଲୋଟିବେ ବସୁଧେ,
ନା, ନା, ଫେର ଯା ତୁ ଆପଣାର ଘରେ;
ଦେବ-ଦାନବର ମଧ୍ୟେ
ଅଭାଗା ମାନବ ତୁହ
ଅକାରଣେ କାହିଁ ଦେଉ ହାସ ?
ଅର୍ଜୁନ—ସ୍ତବ୍ଧ ହୁଅ, ରଖି ଦେ ବଦ୍ରୁପ—
ମରଣ ନିକଟ ତୋର,
ଅସ୍ତ୍ର ଧର ସଜହୁଅ ବେଗେ—
କବଚ—ଅସ୍ତ୍ର !! ହାଃ ହାଃ ହାଃ ହାଃ—
ଜୀବନେ ଦେଖିଛୁ କରେ
ସେ ଅସ୍ତ୍ର ନୟନେ ?
ଆତଙ୍କେ ଉଠିବୁ ଥର,
ମୂରଛି ଉଠିବ ହାଅ ଦୁର୍ବଳ ମାନବ—
ଶିବ ଶକ୍ତି ତ୍ରିଶୂଳ-ଦର୍ଶନେ !!
ଫେରଯା ରେ—
ଫେର ଯା ସେ ପୈତୃକ ଶରୀର ଘେନି !
ଅର୍ଜୁନ—ଆସିନି ମୁଁ ଫେରଯିବା ଲଗି,
ଶିବଶକ୍ତି ଗର୍ବ କରୁ ଦୁର୍ମତି ଦାନବ ?
ଯୋଗସିଦ୍ଧ ଫାଲ୍‌ଗୁନୀର କରେ ଆଜ
ଅଜେୟ ଶଙ୍କର ଶକ୍ତି—
ଦିବ୍ୟ ଅସ୍ତ୍ର ପାଶୁପତ କାଳାନ୍ତକ ସମ !!
ଶଚୀ—ହେ ଶଙ୍କର ! ହେ ଶଙ୍କର !!—
( **ଶଙ୍କରଙ୍କ ଉଦ୍ଦେଶ୍ୟରେ ନମସ୍କାର କରି କରି ଚାଲି ଯାଉଥିଲେ** )

( ପାଶୁପତ ଗ୍ରହିଲେ, ସହସା ବିଦ୍ୟୁତ୍ ସ୍ଫୁରଣ ହେଲା, ସେହି ବିଦ୍ୟୁତ୍ ଶିଖା ଚମକି ଯାଇ କବଚ ଦେହରେ ମିଳାଇ ଗଲା )

କବଚ—ଓଁ !! ( ପତନ ) ଶିବ—ଶିବ—ଶି—ବ— !!

( ମୃତ୍ୟୁ )

( ଶଙ୍ଖ ଓ ହୁଲହୁଲି ଶବ୍ଦ, ଉପରୁ ପୁଷ୍ପ ବୃଷ୍ଟି )

ଶଚୀ—ଅର୍ଜୁନ ! ପୁତ୍ର ମୋର !!—

( ହଠାତ୍ ଇନ୍ଦ୍ର ଓ କାର୍ତ୍ତିକ ଭୂମିଶଯ୍ୟାରୁ ଉଠି ପଡ଼ିଲେ )

ଇନ୍ଦ୍ର କାର୍ତ୍ତିକ—ଧନ୍ୟ, ଧନ୍ୟ ବୀର ସବ୍ୟସାଚୀ !

( ଶ୍ରୀକୃଷ୍ଣଙ୍କର ପ୍ରବେଶ )

ଶ୍ରୀକୃଷ୍ଣ—ଦିଅ, ଦିଅ ବାରେ ଆଲିଙ୍ଗନ ସଖା !
ଧରାରେ ଅଜେୟ ବୀର ନର-ଦେବ ପାର୍ଥ !

( ଅର୍ଜୁନଙ୍କୁ ଆଲିଙ୍ଗନ କଲେ )

ସକଳେ—ଶାନ୍ତି ! ଶାନ୍ତି ! ଶାନ୍ତି !!!

—ଯବନିକା—